# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ମଙ୍ଗଳବାର, ମେ ୧୪/୨୦୨୪ (୧୮ ପୃଷ୍ଠା) Bhubaneswar, Tuesday, May 14/2024 Page 18 ₹ 7.00

୫୦ଶ ଭାଗ ୧୬୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 169 ମୂଲ୍ୟ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
KP GROUP
Quality Since 1965
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ମଙ୍ଗଳବାର, ମେ ୧୪/୨୦୨୪
Bhubaneswar, Tuesday, May 14/2024

**ଆଜିର ସମ୍ପାଦକୀୟ** | ଶିକ୍ଷା ନାହିଁ ଇସ୍ତାହାରରେ

# ଓଡ଼ିଶାରେ ଦଶମ ପାସ୍‌ହାର ୯୧.୫୩%



ସୋମବାର ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷାଫଳ ପ୍ରକାଶ ପାଇବା ପରେ ଭୁବନେଶ୍ୱରସ୍ଥିତ ଓଡିଏମ୍ ସ୍କୁଲର ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି। **(ଫଟୋ: ବିକାଶ ନାୟକ)**

## ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷାଫଳ ପ୍ରକାଶ

### ୧୩ତମ ସ୍ଥାନରେ ଭୁବନେଶ୍ୱର ରିଜିଅନ

**ଭୁବନେଶ୍ୱର, ୧୩।୫**
**(ଅସମାପିକା ସାହୁ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଉଭୟ ପରୀକ୍ଷାରେ ଝିଅମାନେ ଆଗରେ ରହିଛନ୍ତି। ଦେଶରେ ଦଶମ ପାସ୍‌ହାର ୯୩.୬୦% ଥିବା ବେଳେ ଦ୍ୱାଦଶରେ ୮୭.୯୮% ରହିଛି। ଓଡ଼ିଶାରେ ଦଶମ ପାସ୍‌ହାର ୯୧.୫୩% ଓ ଦ୍ୱାଦଶ ପାସ୍‌ହାର ୮୦.୮୫% ରହିଛି। ଚଳିତ ବର୍ଷ ଦଶମରେ ପାସ୍‌ହାର ଗତବର୍ଷ ତୁଳନାରେ ୦.୪୮% ଅଧିକ ରହିଛି। ଛାତ୍ରୀଙ୍କ ପାସ୍ ହାର ୯୪.୭୫% ଥିବାବେଳେ ଛାତ୍ର ୯୨.୭୧% ଓ ଟ୍ରାନ୍ସଜେଣ୍ଡରଙ୍କ ପାସ୍‌ହାର ୯୧.୩୦% ରହିଛି। ଦଶମରେ ୪୭ ହଜାର ପରୀକ୍ଷାର୍ଥୀ ୯୫%ରୁ ଅଧିକ ନମ୍ବର ରଖିଛନ୍ତି। ସେହିପରି ୨ଲକ୍ଷ ୧୨ହଜାର ପରୀକ୍ଷାର୍ଥୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଦଶମରେ କେରଳର ତ୍ରିଭେନ୍ଦ୍ରମ୍ ରିଜିଅନ୍‌ରେ ସର୍ବାଧିକ ପାସ୍‌ହାର ୯୯.୭୫% ରହିଛି। ସେହିପରି ୯୯.୬୦% ସହ ଦ୍ୱିତୀୟ ସ୍ଥାନରେ ବିଜୟୱାଡ଼ା, ୯୯.୩୦% ସହ ଚେନ୍ନାଇ ତୃତୀୟ, ୯୯.୨୬% ସହ ଚତୁର୍ଥରେ ବେଙ୍ଗାଲୁରୁ ରହିଛି। ତେବେ ୧୩ତମ ସ୍ଥାନରେ ଭୁବନେଶ୍ୱର ରିଜିଅନ ଥିବାବେଳେ ଏଠାରେ ପାସ୍‌ହାର ୯୨.୦୩% ରହିଛି। ଭୁବନେଶ୍ୱର ରିଜିଅନରେ ଓଡ଼ିଶା ସମେତ ଛତିଶଗଡ଼ ଏବଂ ପଶ୍ଚିମବଙ୍ଗ ଅନ୍ତର୍ଭୁକ୍ତ ରହିଛି। ଅନ୍ୟପକ୍ଷରେ ସିବିଏସ୍‌ଇ ଦ୍ୱାଦଶରେ ପାସ୍‌ହାର ୮୭.୯୮% ରହିଥିବାବେଳେ ଗତବର୍ଷ ଅପେକ୍ଷା ଚଳିତବର୍ଷ ୦.୬୫ ପ୍ରତିଶତ ବୃଦ୍ଧି ପାଇଛି। ଦଶମ ଭଳି ଏଥିରେ ମଧ୍ୟ ଛାତ୍ରଙ୍କ ତୁଳନାରେ ଛାତ୍ରୀ ବାଜି ମାରିଛନ୍ତି। ଛାତ୍ରୀଙ୍କ ପାସ୍‌ହାର ୯୧.୫୨% ଥିବା ବେଳେ ଛାତ୍ରଙ୍କ ପାସ୍‌ହାର ୮୫.୧୨% ରହିଛି। ଦ୍ୱାଦଶରେ ୨୪,୦୬୮ ପରୀକ୍ଷାର୍ଥୀ ୯୫%ରୁ ଅଧିକ ନମ୍ବର ରଖିଛନ୍ତି। ୧ ଲକ୍ଷ ୧୬ ହଜାର ପରୀକ୍ଷାର୍ଥୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଦ୍ୱାଦଶ ପାସ୍‌ହାରରେ ମଧ୍ୟ କେରଳ ତ୍ରିଭେନ୍ଦ୍ରମ ରିଜିଅନ ଆଗରେ ରହିଛି। ଏଠାରେ ୯୯.୯୧% ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଏହା ତଳକୁ ୯୯.୦୪% ସହ ବିଜୟୱାଡ଼ା ଦ୍ୱିତୀୟ, ୯୮.୪୭% ସହ ଚେନ୍ନାଇ ତୃତୀୟ ସ୍ଥାନରେ ଥିବାବେଳେ ୯୬.୯୫% ସହ ବେଙ୍ଗାଲୁରୁ ରିଜିଅନ ଚତୁର୍ଥ ସ୍ଥାନରେ ରହିଛି। ଏଥିରେ ମଧ୍ୟ ଭୁବନେଶ୍ୱର ରିଜିଅନ ୮୩.୩୪% ପାସ୍‌ହାର ସହ ୧୩ତମ ସ୍ଥାନରେ ରହିଛି।






**ଆଜିର ମନ୍ତବ୍ୟ**

“ଦେଶର ସମ୍ବିଧାନ ଓ ଗଣତନ୍ତ୍ର ବିପଦରେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୪ ଲୋକ ସଭା ନିର୍ବାଚନ ଜିତିଲେ ଭବିଷ୍ୟତରେ ଆଉ ନିର୍ବାଚନ ହେବନାହିଁ।

– ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ

# ଆଜି କ’ଣ କେଉଁଠି

## ଭୁବନେଶ୍ୱର

- କୋକିଳ ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ୍ ଏକାଡେମୀର ୩ୟ ପ୍ରତିଷ୍ଠା ଦିବସ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ଅନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ଉତ୍ସବ, ସ୍ଥାନ: ବକୁଳ ଲାଇବ୍ରେରୀ ,୧୬, ସତ୍ୟନଗର, ସମୟ: ଅପରାହ୍ନ ୫ଟା।
- ପଦ୍ମଶ୍ରୀ ଡ. ରଜତ କୁମାର କରଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ସ୍ମୃତି ସଭା ଓ ପୁସ୍ତକ ଉନ୍ମୋଚନ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୩, ସମୟ: ସନ୍ଧ୍ୟା ୬ଟା।
- ଫେଡେରେଶନ କପ୍ ସିନିୟର ଆଥ୍ଲେଟିକ୍ସ ଚାମ୍ପିୟନଶିପ୍, ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ସକାଳ ୫ଟା ୪୫ରୁ ୯ଟା। ଅପରାହ୍ନ ୫ଟା ୩୦ରୁ ରାତି ୯ଟା।
- ମା’ ଜାଗୁଳାଇ ରାମଲୀଳା ସମିତି ଆନୁକୂଲ୍ୟରେ ବାର୍ଷିକ ରାମଲୀଳାର ନାଟକ, ‘ସୀତା ଚୋରି’, ସ୍ଥାନ: ଜଗନ୍ନାଥପୁର ଗ୍ରାମର ରାମଲୀଳା ମଣ୍ଡପ, ବାଲିଅନ୍ତା, ସମୟ: ରାତି ୧୧ଟା।

## କଟକ

- ବରିଷ୍ଠ ବିଜେଡି ନେତା କାର୍ତ୍ତିକ. ପାଣ୍ଡିଆନଙ୍କ ତିଗିରିଆ ଗସ୍ତ ଓ ସାଧାରଣ ସଭା, ସ୍ଥାନ: ପୁରୁଣା ତିଗିରିଆ ଖେଳ ପଡ଼ିଆ, ସମୟ: ଅପରାହ୍ନ ୧ଟା।
- ସାମାଜିକ କର୍ମୀ ମମତା ଦାସଙ୍କ ଦ୍ୱିତୀୟ ସ୍ମୃତି ଉତ୍ସବ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ୩୩ ନମ୍ବର ଜିଲା ପରିଷଦ ଜୋନରେ କେନ୍ଦ୍ରମନ୍ତ୍ରୀ ପ୍ରତିମା ଭୌମିକଙ୍କ ନିର୍ବାଚନୀ ପ୍ରଚାର, ସ୍ଥାନ: ରାୟଖଣ୍ଡି ପଞ୍ଚାୟତ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।
- ବାବା ଆଖଣ୍ଡଳମଣି ଅଟୋ ଚାଳକ ସଂଘ ପକ୍ଷରୁ ଅନ୍ନଛତ୍ର ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଶରଧାବାଲି, ପୁରୀ, ସମୟ: ମଧ୍ୟାହ୍ନ ୧୨ଟା।
- ପୁରୀ ଜିଲ୍ଲା ଲେଖକ ସାମୁଖ୍ୟ ପକ୍ଷରୁ ପୁସ୍ତକ ଲୋକାର୍ପଣ, ସ୍ଥାନ: ନାୟକ ପ୍ଲାଜା ସମ୍ମିଳନୀ କକ୍ଷ, ପୁରୀ, ସମୟ: ଅପରାହ୍ନ ୪ଟା।

## ଖୋର୍ଦ୍ଧା

- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ. ସ୍ଥାନ: ପୋଡ଼ାଡ଼ିହ ଗ୍ରାମ ହନୁମାନ ମନ୍ଦିର, ବେଗୁନିଆ, ସମୟ: ଅପରାହ୍ନ ୫ଟା।
- ମଦନମୋହନ ନାଟ୍ୟକଳା ସଂସଦ ପକ୍ଷରୁ ପୂର୍ବ ଓଡ଼ିଶା ଧନୁଯାତ୍ରା ମହୋତ୍ସବର ପଞ୍ଚମ ସନ୍ଧ୍ୟା, ସ୍ଥାନ: ପାତ୍ରପଡ଼ା, ଜଟଣୀ, ସମୟ: ସନ୍ଧ୍ୟା ୬ଟା।
- ଭଗବତୀ ମା’ଙ୍କ ସାହିଯାତ୍ରା ଉଦ୍‌ଯାପନୀ, ସ୍ଥାନ:ଲୋକକଲୋନୀ, ଜଟଣୀ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଭାଜପାର ବାଲେଶ୍ୱର ଏମ୍‌ପି ପ୍ରାର୍ଥୀ ପ୍ରତାପ ଷଡଙ୍ଗୀଙ୍କ ନାମାଙ୍କନ ଦାଖଲ, ସ୍ଥାନ: ଜିଲାପାଳଙ୍କ ଅଫିସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାଲେଶ୍ୱର ଭାଜପା ବିଧାୟକ ପ୍ରାର୍ଥୀ ମାନସ ଦତ୍ତଙ୍କ ନାମାଙ୍କନପତ୍ର ଦାଖଲ, ସ୍ଥାନ: ଅତିରିକ୍ତ ଜିଲାପାଳ ଅଫିସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରେମୁଣା ଭାଜପା ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଦାସଙ୍କ ନାମାଙ୍କନ ଦାଖଲ, ସ୍ଥାନ: ଉପଜିଲାପାଳ ଅଫିସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବସ୍ତା ଭାଜପା ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆଙ୍କ ନାମାଙ୍କନ ଦାଖଲ, ସ୍ଥାନ: ଉପଜିଲାପାଳ ଅଫିସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଭୋଗରାଇ ଭାଜପା ବିଧାୟକ ପ୍ରାର୍ଥୀ ଆଶିଷ ପାତ୍ରଙ୍କ ନାମାଙ୍କନ ଦାଖଲ, ସ୍ଥାନ: ଉପଜିଲାପାଳ ଅଫିସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜଳେଶ୍ୱର ଭାଜପା ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନଙ୍କ ନାମାଙ୍କନ ଦାଖଲ, ସ୍ଥାନ: ଉପଜିଲାପାଳ ଅଫିସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାଲେଶ୍ୱର ବିଜେଡି ବିଧାୟକ ପ୍ରାର୍ଥୀ ସ୍ୱରୂପ ଦାସଙ୍କ ନାମାଙ୍କନପତ୍ର ଦାଖଲ, ସ୍ଥାନ: ଅତିରିକ୍ତ ଜିଲାପାଳ ଅଫିସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଭଦ୍ରକ

- ଭଦ୍ରକ ଲୋକ ସଭା ଆସନ ପାଇଁ ନାମାଙ୍କନ ଦାଖଲର ଶେଷ ଦିନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ୫ ବିଧାନସଭା ଆସନ ପାଇଁ ପ୍ରାର୍ଥିପତ୍ର ଦାଖଲର ଶେଷ ଦିନ, ସ୍ଥାନ: ଜିଲାପାଳ, ଉପଜିଲାପାଳ ଓ ଜିଲା ପରିଷଦ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ମହିଳା ସମାବେଶ, ସ୍ଥାନ: ଜଗଦଳପୁର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର କର୍ମୀ ସମାବେଶ, ସ୍ଥାନ: ହରିପୁର, ସାହାଡ଼ା, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ବୋଡ଼କ, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।
- ବିଜେଡିର ଜନସମ୍ପର୍କ ଯାତ୍ରା, ସ୍ଥାନ: ଭାଟପଡ଼ା, ଚାନ୍ଦବାଲି, ସମୟ: ସନ୍ଧ୍ୟା ୭ଟା।
- ଭାଜପା ପକ୍ଷରୁ ମିଶ୍ରଣ ପର୍ବ, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ଉତ୍ତୁକୁଡ଼ା, ଚାନ୍ଦବାଲି, ସମୟ: ରାତି ୮ଟା।
- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ଧାମରା, ଚାନ୍ଦବାଲି, ସମୟ: ରାତି ୮ଟା।
- କଂଗ୍ରେସର ମିଶ୍ରଣ ପର୍ବ, ସ୍ଥାନ: ନୂଆଗାଁ, ଚାନ୍ଦବାଲି, ସମୟ: ରାତି ୯ଟା।
- ଭାଜପା କର୍ମୀ ସମ୍ମିଳନୀ, ସ୍ଥାନ: ମତୋ, ଚାନ୍ଦବାଲି, ସମୟ: ରାତି ୯ଟା।

## କେନ୍ଦୁଝର

- ଜଗନ୍ନାଥ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ବାର୍ଷିକ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଢେଙ୍କା, ହାଟଡିହୀ, ସମୟ: ପ୍ରାତଃ ୫ ଟା।
- ମା’ ଗଡ଼ଚଣ୍ଡୀଙ୍କ ପୀଠରେ ମଙ୍ଗଳ ସଂକ୍ରାନ୍ତି ପାଳନ ଏବଂ ପୂଜାର୍ଚ୍ଚନା, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ: ପ୍ରାତଃ ୫ ଟା।
- ମା’ ରାମଚଣ୍ଡୀଙ୍କ ପୀଠରେ ସଂକ୍ରାନ୍ତି ଉତ୍ସବ ଏବଂ ପୂଜାର୍ଚ୍ଚନା, ସ୍ଥାନ: ପୋଡାସିଙ୍ଗିଡ଼ି, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ହାଟଡ଼ିହୀରେ ବିଜେଡିର ନିର୍ବାଚନ ପ୍ରଚାର, ସ୍ଥାନ : ୩୬ ନଂ. ଜୋନ, ହାଟଡିହୀ, ଆନନ୍ଦପୁର, ସମୟ : ପୂର୍ବାହ୍ନ ୧୦ ଟା।
- କଂଗ୍ରେସ ପକ୍ଷରୁ ନିର୍ବାଚନୀ ପ୍ରଚାର, ସ୍ଥାନ: ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୦ ଟା।
- ୩୭ ନଂ. ଜୋନ୍‌ରେ ବିଜେଡିର ନିର୍ବାଚନୀ ପ୍ରଚାର, ସ୍ଥାନ: ଶାଳନିଆଁ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଟା।
- କାଠିଆସେରାରେ ସତ୍ୟନାରାୟଣ ପାଲା, ସ୍ଥାନ: କାଠିଆସେରା, ଅକରୁଆ, ହାଟଡିହୀ, ଆନନ୍ଦପୁର, ସମୟ : ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ୪୦ନଂ. ଜୋନ୍‌ରେ ବିଜେଡିର ବାଇକ୍ ରାଲି, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା, ବାରମାଇଲ୍, ଗଡିଗାଁ ଓ ବରକନ୍ଦ, ସମୟ: ପୂର୍ବାହ୍ନ ୧୦ଟା।
- ଆମେ– ୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହର ନାମଯଜ୍ଞ ଓ ପ୍ରସାଦ ସେବନ, ସ୍ଥାନ:ବଡ଼ସାହି ବ୍ଲକ ଚେଙ୍ଗୁଆ, ସମୟ: ପୂର୍ବାହ୍ନ ୧୧ଟା।
- ବୈଶାଖୀ ଉଡ଼ାପର୍ବ, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ଶିବ ମନ୍ଦିର ପଡ଼ିଆ, ସମୟ: ଅପରାହ୍ନ ୪ଟା।

## ଅନୁଗୋଳ

- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ସଭାଘର, ସମୟ: ସକାଳ ୮ଟା।
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପୋଲିଂ ଅଧିକାରୀଙ୍କ ପ୍ରଶିକ୍ଷଣ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ ଟା।
- କଣିହାଁ ବ୍ଲକ ଡେରେଙ୍ଗ ଗ୍ରାମରେ ବାର୍ଷିକ ଦିବାରାତ୍ର ଚନ୍ଦନ ଯାତ୍ରା ଉତ୍ସବ, ସ୍ଥାନ: ମଝିସାହି ଯାତ୍ରା ପଡିଆ, ସମୟ: ପୂର୍ବାହ୍ନ ୧୦ ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ:ଦିନ ପୂର୍ବାହ୍ନ ୧୦ଟା୩୦।
- ପର୍ଯ୍ୟବେକ୍ଷକଙ୍କ ଦ୍ୱାର ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ଶ୍ରୀ ଜଗନ୍ନାଥ ମହାଦାରୁଙ୍କ ଜନ୍ମୋତ୍ସବ ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ରଘୁନାଥପୁର ବ୍ଲକ ଖରିପଡ଼ିଆସ୍ଥିତ ମହାଦାରୁ ସ୍ଥଳ, ସମୟ: ସକାଳ ୬ଟା।
- ଅସହାୟମାନଙ୍କୁ ସହାୟକ ଉପକରଣ ବଣ୍ଟନ, ସ୍ଥାନ: ଦୁର୍ଗା ମନ୍ଦିର ପରିସର, ବଡ଼ପଡ଼ିଆ, ପାରାଦୀପ ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା

- ଚିତ୍ରୋତ୍ପଳା ସାଂସ୍କୃତିକ ପରିଷଦ ପକ୍ଷରୁ ଶନିଶ୍ଚର ମହାଯଜ୍ଞ ଓ ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ହରିଦାସପୁର, ପାଟକୁରା, ଗରଦପୁର, ସମୟ: ସନ୍ଧ୍ୟା ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମା’ କନ୍ତେଇ ଠାକୁରାଣୀ ପୀଠ, ବାଙ୍କିମୁଣ୍ଡାଇ, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୭ଟା।
- ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ଯାଜପୁର ବିଧାନସଭା ଆସନ ନିମନ୍ତେ ବିଜେଡି ପକ୍ଷରୁ ନାମାଙ୍କନପତ୍ର ଦାଖଲ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର କାଳୀମେଘା ଛକ, ସମୟ: ପୂର୍ବାହ୍ନ ୯ଟା।
- ବ୍ୟାସନଗର ପୌର ପରିଷଦ ଝାଟିଆସାହି ଶନିଶ୍ଚର ମନ୍ଦିର କମିଟି ପକ୍ଷରୁ ବାଦି ପାଲା କାର୍ଯ୍ୟକ୍ରମର ୩ୟ ଦିବସ, ସ୍ଥାନ: ଶନିଶ୍ଚର ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- କଣ୍ଟିଲୋ ନୀଳମାଧବ ଜୀଉଙ୍କର ଚନ୍ଦନ ଯାତ୍ରାର ୫ମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ନୟାଗଡ଼ର ଶ୍ରୀଜଗନ୍ନାଥଙ୍କ ଭଉଁରୀ ଯାତ୍ରାର ୫ମ ଦିବସ, ସ୍ଥାନ: ନୟାଗଡ଼ ସାଗର ପୋଖରୀ, ସମୟ: ସନ୍ଧ୍ୟା ୫ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ୫ମ ଦିବସ, ସ୍ଥାନ: ଶ୍ରୀରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ ଓଡ଼ଗାଁ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରଘୁନାଥ ଜୀଉଙ୍କ ଭଉଁରୀ ଯାତ୍ରାର ୫ମ ଦିବସ, ସ୍ଥାନ: ଓଡ଼ଗାଁ ଶ୍ରୀରାମ ସାଗର, ସମୟ: ସନ୍ଧ୍ୟା ୭ଟା।
- ଶରଣକୁଳ ଲଡୁବାବାଙ୍କ ଭଉଁରୀ ଯାତ୍ରାର ୫ମ ଦିବସ, ସ୍ଥାନ: ଶରଣକୁଳ ମନ୍ଦିର କୁଣ୍ଡରେ ଚାପଖେଳ, ସମୟ: ସନ୍ଧ୍ୟା ୭ଟା।
- ରାମଲୀଳାର ୫ମ ଦିବସ, ସ୍ଥାନ: କଣ୍ଟିଲୋ ବାପୁଜୀ ନଗରସ୍ଥିତ ରଘୁନାଥ ଜୀଉ ପୀଠ, ସମୟ: ରାତି ୧୧ଟା।

## ରାୟଗଡ଼ା

- ବୃଷ ସଂକ୍ରାନ୍ତି ଅବସରରେ ମା’ ମଝିଘରିଆଣୀଙ୍କ ପୀଠରେ ହୋମ ଯଜ୍ଞ, ସ୍ଥାନ: ମଝି ଘରିଆଣୀ ମନ୍ଦିର, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ଟାରୁ ଆରମ୍ଭ।
- ପଣା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ମଝି ଘରିଆଣୀ ମନ୍ଦିର, ରାୟଗଡ଼ା, ସମୟ: ସନ୍ଧ୍ୟା ୭ଟା।

## କୋରାପୁଟ

- ଶନିମନ୍ଦିରର ବାର୍ଷିକଉତ୍ସବ, ସ୍ଥାନ: ଭେଜାପୁଟ ଶିବମନ୍ଦିର ପରିସର, ଦାମନଯୋଡି ସମୟ: ସକାଳ ୬ଟାରୁ ଆରମ୍ଭ।

## ସମ୍ବଲପୁର

- ଜିଲା କଂଗ୍ରେସର ନିର୍ବାଚନୀ ପଦଯାତ୍ରା ଓ ସଂକଳ୍ପ ସଭା, ସ୍ଥାନ : ବୁର୍ଲା ପେଟ୍ରୋଲ ପମ୍ପ ଛକ, ସମୟ : ପୂର୍ବାହ୍ନ ୧୦ଟା।
- ସାଓଲିନ କୁଙ୍ଗ୍ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସୋନପୁର ପଦ୍ମିନୀ ଦେବୀ କଲେଜ, ସମୟ: ସକାଳ ୯ଟା।
- ବିଜେଡି ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର, ସ୍ଥାନ: ଡୁଙ୍ଗୁରିପାଲି ପଞ୍ଚାୟତ, ସମୟ: ସକାଳ ୯ଟା।

## ରାଉରକେଲା

- କଳ୍ପତରୁ ଆଶ୍ରମରେ ଭାଗବତ ପରାୟଣରେ ହରିନାମ ଯଜ୍ଞ, ସ୍ଥାନ: କଳ୍ପତରୁ ଆଶ୍ରମ, ବାସନ୍ତୀ କଲୋନୀ, ସମୟ: ସନ୍ଧ୍ୟା ସାଢେ ୭ଟା।
- ରଘୁନାଥପାଲି ନିର୍ବାଚନ ମଣ୍ଡଳୀରେ ଦଳୀୟ ପ୍ରଚାର,ସ୍ଥାନ:ଆମ୍ବଗାନ,ସମୟ: ସନ୍ଧ୍ୟା ସାଢେ ୭ଟା।

## ବରଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସ୍ୱୟଂସିଦ୍ଧା ଭବନ, ବରଗଡ଼, ସମୟ: ସକାଳ ୯ଟା।

## ବୌଦ୍ଧ

- ଘଣ୍ଟାପଡାସ୍ଥିତ ମା’ ସମଲେଶ୍ୱରୀ ମନ୍ଦିରରେ ମହାଆଳତି, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ବାଉଁଶୁଣୀ ପଞ୍ଚାୟତର ଟିକରାପଡ଼ାଠାରେ କୃଷ୍ଣଲୀଳାର ପଞ୍ଚମ ସନ୍ଧ୍ୟା, ସ୍ଥାନ: ଟିକରାପଡା, ସମୟ: ରାତି ୯ଟା।

## ଦେବଗଡ଼

- ଅଷ୍ଟ ପହର ନାମଯଜ୍ଞ ଉଦ୍‌ଯାପିତ, ସ୍ଥାନ: ବଣିଆ ସାହି, ଦେବଗଡ, ସମୟ: ମଧ୍ୟାହ୍ନ ୧୨ଟା।
- ଭାଜପା ଲୋକ ସଭା ପ୍ରାର୍ଥୀଙ୍କ ବିଜୟ ସଂକଳ୍ପ ସମାବେଶ, ସ୍ଥାନ: ବାରକୋଟ ବ୍ଲକ, କଣ୍ଡଳ, ସମୟ: ଅପରାହ୍ନ ୪ଟା।
- କଳା ଚନ୍ଦନି ଯାତ୍ରା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାରକୋଟ ବ୍ଲକ, କଲା ଗ୍ରାମ, ସମୟ: ସନ୍ଧ୍ୟା ୭ଟା।
- କଳା ଚନ୍ଦନି ଯାତ୍ରାରେ ସମ୍ବଲପୁର ଲୋକ ସଭା ପ୍ରାର୍ଥୀଙ୍କ ଯୋଗଦାନ, ସ୍ଥାନ: ବାରକୋଟ ବ୍ଲକ, କଲା ଗ୍ରାମ, ସମୟ: ରାତି ୮ଟା।

## ଝାରସୁଗୁଡ଼ା

- ବିଜେଡିର ରୋଡ୍ ଶୋ’ କାର୍ଯ୍ୟକ୍ରମ, ସ୍ଥାନ ଝାରସୁଗୁଡା ସହର ଏବଂ ଏଚ କଟାପାଲି ଗ୍ରାମ, ସମୟ: ଅପରାହ୍ନ ୩ଟା।
- ଭାଜପାର ପ୍ରଚାର, ସ୍ଥାନ: ସହରସ୍ଥିତ ୧୧ ନମ୍ବର ୱାର୍ଡ ଭୁଲିଆ ଟିକ୍ରା ଗ୍ରାମ, ସମୟ: ସନ୍ଧ୍ୟା ୭ ଟା।
- ଭାଜପାର ପ୍ରଚାର, ସ୍ଥାନ: ଦେବାଡିହି ଗ୍ରାମ, ସମୟ: ରାତି ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦ୍ୱିଜା ନକ୍ଷତ୍ର ସାହାଯ୍ୟ, ସହଯୋଗ ଲାଭକରି ହାତକୁ ନେଇଥିବା କାମ ସମ୍ପନ୍ନ କରିପାରିବେ। ବନ୍ଧୁଙ୍କ ପରାମର୍ଶରେ ପରିବାରର ସହମତି ନେଇ କୌଣସି ଦୀର୍ଘମିଆଦୀ ଯୋଜନା ଶୁଭାରମ୍ଭ କରିପାରନ୍ତି। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। କର୍ମକ୍ଷେତ୍ରର କଅଁଳ କଥା କହି ପରିସ୍ଥିତିକୁ ସୁଧାରିନେବେ।

**ବୃଷ**
ସ୍ୱଗୃହୀ ଶନି ଦଶମ କେନ୍ଦ୍ରସ୍ଥ ଯୋଗୁ କର୍ମକ୍ଷେତ୍ରରେ ଦାୟିତ୍ୱବୋଧ ଅସୁସ୍ଥ ମାନସିକତାକୁ ନିମନ୍ତ୍ରଣ କରିବ। କର୍ମାରମ୍ଭ କ୍ଷେତ୍ରରେ ନିଷ୍ପତ୍ତିର ପରିବର୍ତ୍ତନ ସାଙ୍ଗକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ପଡ଼ିପାରେ। ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ। ବନ୍ଧୁଙ୍କ ପକ୍ଷପାତିତାକୁ କେନ୍ଦ୍ରକରି ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିପାରେ।

**ମିଥୁନ**
ଆଜିର ଗ୍ରହ ସ୍ଥିତି ପ୍ରଭାବରୁ କୌଣସି କାମ ଅଟକି ରହିବ ନାହିଁ। ବନ୍ଧୁଙ୍କ ସାହାଯ୍ୟରୁ ଅର୍ଥନୈତିକ ସ୍ଥିତିରେ ମଧ୍ୟ ଉନ୍ନତି ପରିଲକ୍ଷିତ ହେବ। ମୃଗଶିରା ନକ୍ଷତ୍ର ସକାଶେ ଶତ୍ରୁତାର ସାମ୍ନା ସାମ୍ନିର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ, କିନ୍ତୁ ତରବରିଆ ଭାବେ କୌଣସି କାମ କରନ୍ତୁ ନାହିଁ।

**କର୍କଟ**
ପାପଗ୍ରହ ଦୃଷ୍ଟିବର୍ଜିତ କର୍ମସ୍ଥ ଚନ୍ଦ୍ରଙ୍କ ଯୋଗୁ ଅର୍ଥ, ସମ୍ମାନ, ପ୍ରତିଷ୍ଠା ଓ ପ୍ରଶଂସା ପାଇପାରିବେ। ସାମାଜିକ ସ୍ତରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ସକାଳୁଆ ଯାତ୍ରା ଓ ମଙ୍ଗଳଜନକ କାମ ଆହ୍ଲାଦଦାୟକ ହେବ। ପାରିବାରିକ, ବ୍ୟବସାୟିକ, ଆନୁଷ୍ଠାନିକ କାର୍ଯ୍ୟକ୍ରମ ସହ ବନ୍ଧୁସମ୍ପର୍କରୁ ଆଶାନୁଯାୟୀ ସୁଫଳ ପାଇବେ।

**ସିଂହ**
ଆଜି ଦୁଃସ୍ଥାନସ୍ଥ ମଙ୍ଗଳ ଯୋଗୁ ସାମାଜିକ ଓ ପାରିବାରିକ କ୍ଷେତ୍ରର ସ୍ଥିତି ଭଲ ରହିବ ନାହିଁ। ବୁଧଙ୍କ ପ୍ରଭାବରୁ ସାଙ୍ଗସାଥୀଙ୍କ ସାହଚର୍ଯ୍ୟରେ ବକେୟା ଅର୍ଥ ଆଦାୟ କରିପାରିବେ। ଉଚ୍ଚବର୍ଗର ବ୍ୟକ୍ତିଙ୍କ ସହଯୋଗ ପାଇ ସ୍ଥଗିତ କାମର ପୁନଃ ଆରମ୍ଭ କରିପାରନ୍ତି। ବହୁ ଦିନରୁ ହଜିଯାଇଥିବା ଜିନିଷଟିର ଖୋଜଖବର ଆଜି ପାଇଯିବେ।

**କନ୍ୟା**
ସପ୍ତମ କେନ୍ଦ୍ରର ପାପଗ୍ରହଜନିତ ସାମୟିକ ପ୍ରତିବାଦର ସ୍ୱର ଏବଂ ପ୍ରତିରୋଧର ଆଶଙ୍କାରେ ମନ ହଲଚଲ ହୋଇପାରେ। ବନ୍ଧୁଙ୍କ ସହ ବାକ୍ ଅସଂଯମ ଯୋଗୁ ସୁସମ୍ପର୍କ ବ୍ୟାହତ ହେବା ସୂଚନା ରହିଛି। ଚିତ୍ରା ନକ୍ଷତ୍ର ସମସ୍ୟାମୂଳକ କ୍ଷେତ୍ରରେ ନୀରବ ରହିବାକୁ ବାଧ୍ୟ ହେବେ। ଯେସାକୁ ତେସା ନୀତିରେ କାମକରି ସମାଲୋଚିତ ହେବେ।

**ତୁଳା**
ତୃତୀୟ ଷଷ୍ଠାଧିପ ଧନ ସ୍ଥାନକୁ ଭାଇ, ବନ୍ଧୁ କିମ୍ବା ସହକର୍ମୀଙ୍କ ସହ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ସମସ୍ୟା ସୃଷ୍ଟିହୋଇପାରେ। ବିଶାଖା ନକ୍ଷତ୍ରର ମାନସିକ ଦ୍ୱନ୍ଦ୍ୱଜନିତ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ।

**ବିଛା**
ଆପଣଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ହେତୁ ମାନସିକ ଅସ୍ଥିରତା ଲାଗି ରହିବ। ଦୀର୍ଘଦିନରୁ ଲାଗିରହିଥିବା ସମସ୍ୟାର ସମାଧାନ ହେବା କାରଣରୁ ବ୍ୟସ୍ତତା ଦୂରହୋଇଯିବ। ଅନୁରାଧା ନକ୍ଷତ୍ର ସକାଶେ ଖଳଲୋକମାନେ ଅପପ୍ରଚାର କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ**
ସମସ୍ୟାର ଆଶୁ ସମାଧାନପୂର୍ବକ କାମ ହାସଲ ପାଇଁ ଅନୁକୂଳ ସୁଯୋଗ ସୃଷ୍ଟି ଆଶା ରହିଛି। ମୂଳା ନକ୍ଷତ୍ରର ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେବ। କର୍ମକ୍ଷେତ୍ରରେ, ରପ୍ତାନି ବାଣିଜ୍ୟରେ, ପରିବହନରେ ଅସଫଳ ହୋଇପାରନ୍ତି। ବିଶିଷ୍ଟ ବ୍ୟକ୍ତିଙ୍କ ପୃଷ୍ଠପୋଷକତାରେ ରାଜନୀତିରେ ପ୍ରଶଂସିତ ହେବା ସୂଚନା ରହିଛି।

**ମକର**
ପୂର୍ବ ନିର୍ଦ୍ଧାରିତ ଯୋଜନା ବଦଳାଇବା କଷ୍ଟକର ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟ ଧରି କାର୍ଯ୍ୟ କଲେ ଉପକୃତ ହେବେ। ଇଚ୍ଛା ନ ଥିଲେ ମଧ୍ୟ ବନ୍ଧୁଦ୍ୱାରକୁ ଗମନ କରିବାକୁ ପଡ଼ିପାରେ। ଶ୍ରବଣା ନକ୍ଷତ୍ର ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ ଏବଂ ଆକସ୍ମିକ ଭାବରେ ଦୂରଯାତ୍ରାର ସୁଯୋଗ ପାଇବେ।

**କୁମ୍ଭ**
କଠିନ ଶ୍ରମ ସାଙ୍ଗକୁ ଖାଦ୍ୟରେ ବ୍ୟତିକ୍ରମ ହେତୁ ଅଜୀର୍ଣ୍ଣ ଓ ଆମାଶୟ ଦେଖାଦେଇପାରେ। ଶତଭିଷା ନକ୍ଷତ୍ର ପାଇଁ ବେଖାତିର ମନୋଭାବ ନେଇ ବନ୍ଧୁମାନେ ଅସହଯୋଗ କରିପାରନ୍ତି। ତର୍କବିତର୍କ ଶେଷରେ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ଆଶଙ୍କା ଦେଖାଦେଇପାରେ।

**ମୀନ**
ଆପଣଙ୍କ କଥା ଓ କାମରେ ଫରକ ନ ଥିବା କାରଣରୁ ସଫଳତା ଅବଶ୍ୟମ୍ଭାବୀ। ଦିନଟିରେ ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ରେବତୀ ନକ୍ଷତ୍ର ମୁହଁରେ ମଧୁର କଥା କହୁଥିଲେ ମଧ୍ୟ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

ଆଜି ବୃଷ ସଂକ୍ରାନ୍ତି, ଗଙ୍ଗୋତ୍ପତି, ମେ ୧୪ ତାରିଖ, ବିଶ୍ୱ ଶ୍ୱାସରୋଗ ଦିବସ(ମେ ୨ୟ ମଙ୍ଗଳବାର), ବୈଶାଖ ଶୁକ୍ଳ ସପ୍ତମୀ ମଙ୍ଗଳବାର। ରାଶି ନକ୍ଷତ୍ର–ଦିବା ଘ.୦୧।୦୬ ମି. ପର୍ଯ୍ୟନ୍ତ ପୁଷ୍ୟା/କର୍କଟ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୧୫ ଗତେ, ଘ.୦୬।୫୨ ମଧ୍ୟେ, ଘ.୦୯।୩୩ ଗତେ, ଘ.୧୨।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨। ୫୭ ଗତେ, ଘ.୦୪।୩୪ ମଧ୍ୟେ ରାହୁକାଳ।

# ନେପାଳ ଉପପ୍ରଧାନମନ୍ତ୍ରୀଙ୍କ ଇସ୍ତଫା

**କାଠମାଣ୍ଡୁ, ୧୩।୫(ପି.ଟି.)**



ଉପେନ୍ଦ୍ର ଯାଦବ

ନେପାଳର ଉପପ୍ରଧାନମନ୍ତ୍ରୀ ତଥା ବରିଷ୍ଠ ମାଧେସୀ ନେତା ଉପେନ୍ଦ୍ର ଯାଦବ ସୋମବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଦଳ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇଥିବାରୁ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ-ପ୍ରଚଣ୍ଡଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାରକୁ ଝଟ୍‌କା ଲାଗିଛି। ସ୍ୱାସ୍ଥ୍ୟ ଓ ଜନସଂଖ୍ୟା ମନ୍ତ୍ରଣାଳୟ ଦାୟିତ୍ୱରେ ଥିବା ଯାଦବ ସୋମବାର ସକାଳେ ତାଙ୍କ ଇସ୍ତଫାପତ୍ର ପ୍ରଧାନମନ୍ତ୍ରୀଙ୍କୁ ଦେଇଥିଲେ। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଦୀପକ କାର୍କି ମଧ୍ୟ ଇସ୍ତଫା ଦେଇଛନ୍ତି। ଯାଦବଙ୍କ ଦଳ ଜନତା ସମାଜବାଦୀ ପାର୍ଟି-ନେପାଳରେ ଗତ ମାସରେ ବିଭାଜନ ଦେଖାଦେଇଥିଲା। ବରିଷ୍ଠ ନେତା ଅଶୋକ ରାୟ ଦଳରୁ ଅଲଗା ହୋଇ ଜନତା ସମାଜବାଦୀ ପାର୍ଟି ନାମରେ ନୂଆ ଦଳ ଗଢ଼ିଥିଲେ। ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସରେ ଜେଏସପି-ନେପାଳର ୧୨ ସଦସ୍ୟ ଥିବାବେଳେ ଏବେ ତାହା ୫କୁ ହ୍ରାସ ପାଇଛି। ରାୟଙ୍କ ସହ ୬ ଏମ୍‌ପି ଏବଂ ୩୦ ଜଣ କେନ୍ଦ୍ରୀୟ କମିଟି ସଦସ୍ୟ ନୂଆ ଦଳରେ ସାମିଲ ହୋଇଛନ୍ତି। ଯାଦବଙ୍କ ଦଳର ସମର୍ଥନ ପ୍ରତ୍ୟାହାର ସତ୍ତ୍ୱେ ପ୍ରଧାନମନ୍ତ୍ରୀ ପ୍ରଚଣ୍ଡଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାରର ସଂଖ୍ୟାଗରିଷ୍ଠତା ବଜାୟ ରହିଛି।

# ପଦ ଛାଡ଼ିଲେ ନେପାଳ ରାଷ୍ଟ୍ରପତିଙ୍କ ଆର୍ଥିକ ଉପଦେଷ୍ଟା

## ୧୦୦ ଟଙ୍କିଆ ନୋଟ୍‌ରେ ଭାରତୀୟ ଅଞ୍ଚଳକୁ ସମାଲୋଚନା

**କାଠମାଣ୍ଡୁ, ୧୩।୫(ପି.ଟି.)**



ଚିରଞ୍ଜୀବୀ ନେପାଳ

ନେପାଳର କେନ୍ଦ୍ରୀୟ ବ୍ୟାଙ୍କ ନିକଟରେ ଜାରି କରିଥିବା ନୂଆ ୧୦୦ ଟଙ୍କିଆ ନୋଟ୍‌ରେ ଥିବା ନେପାଳ ମାନଚିତ୍ରରେ ୩ ଭାରତୀୟ ଅଞ୍ଚଳ ରହିଥିବାରୁ ଏହାର ପ୍ରତିବାଦରେ ଏହାର ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ୍‌ଙ୍କ ଆର୍ଥିକ ଉପଦେଷ୍ଟା ଇସ୍ତଫା ଦେଇଛନ୍ତି। ପୂର୍ବରୁ ସେ ସରକାରଙ୍କ ନିଷ୍ପତ୍ତି ଉପରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଉପଦେଷ୍ଟା ଚିରଞ୍ଜୀବୀ ନେପାଳଙ୍କ ଇସ୍ତଫାକୁ ରାଷ୍ଟ୍ରପତି ଗ୍ରହଣ କରିଛନ୍ତି। ସେ କହିଛନ୍ତି, ଜଣେ ଅର୍ଥନୀତିଜ୍ଞ ଏବଂ କେନ୍ଦ୍ରୀୟ ବ୍ୟାଙ୍କର ପୂର୍ବତନ ଗଭର୍ନର ଭାବେ ସେ ମନ୍ତବ୍ୟ ଦେଇଥିଲେ। କିନ୍ତୁ କେତେକ ଗଣମାଧ୍ୟମ ଏହି ବିବାଦ ମଧ୍ୟକୁ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟକୁ ଟାଣିବାର ଅନୁଚିତ ଉଦ୍ୟମ କରିଥିଲେ। ଏହା ତାଙ୍କୁ ଦୁଃଖ ଦେଇଥିବା ଚିରଞ୍ଜୀବୀ କହିଛନ୍ତି। ନେପାଳର ନୂଆ ମାନଚିତ୍ରରେ ଭାରତର କାଲାପାନି, ଲିପୁଲେଖ ଏବଂ ଲିମ୍ପିୟାଧୁରା ଅଞ୍ଚଳ ରହିଥିବାରୁ ନୂଆଦିଲ୍ଲୀ ଏହାର ପ୍ରତିବାଦ କରିଥିଲା।

# ସୁଶୀଲ ମୋଦିଙ୍କ ପରଲୋକ

**ନୂଆଦିଲ୍ଲୀ, ୧୩।୫**



ବରିଷ୍ଠ ଭାଜପା ନେତା, ରାଜ୍ୟ ସଭା ସଦସ୍ୟ ତଥା ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଶୀଲ ମୋଦିଙ୍କର ସୋମବାର ସନ୍ଧ୍ୟାରେ ଦିଲ୍ଲୀ ଏମ୍ସରେ ପରଲୋକ ହୋଇଯାଇଛି। ତାଙ୍କୁ ୭୨ ବର୍ଷ ହୋଇଥିଲା। ସେ ୬ ମାସ ହେଲା କ୍ୟାନ୍‌ସରରେ ପୀଡ଼ିତ ଥିବାବେଳେ ଗତ ମାସରୁ ଏମ୍ସର ଇଣ୍ଟେନ୍‌ସିଭ କେୟାର ୟୁନିଟରେ ଚିକିତ୍ସାଧୀନ ଥିଲେ। ସ୍ୱାସ୍ଥ୍ୟଗତ କାରଣରୁ ଗତ ମାସରେ ସେ ଲୋକ ସଭା ନିର୍ବାଚନରେ ଭାଗନେବାକୁ ଅସାମର୍ଥ୍ୟ ପ୍ରକାଶ କରିଥିଲେ। ମଙ୍ଗଳବାର ତାଙ୍କ ମରଶରୀର ନିଜ ଗ୍ରାମ ପାଟନାର ରାଜେନ୍ଦ୍ର ନଗରକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯିବ। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସମେତ ବହୁ ନେତା ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ପରଲୋକରେ ବିହାର ରାଜନୀତିର ଜଣେ ମହାନ ପୁରୋଧାଙ୍କୁ ହରାଇଲା। ସେ ଦଳୀୟ ସଂଗଠନ ଓ ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ। ତାଙ୍କ ପରଲୋକ ବିହାର ରାଜନୀତିରେ ଅପୂରଣୀୟ କ୍ଷତି ବୋଲି ଶାହା କହିଛନ୍ତି। ୧୯୫୨ ଜାନୁଆରୀ ୫ରେ ଜନ୍ମିତ ସୁଶୀଲ ୨୦୦୫ରୁ ୨୦୧୩ ଏବଂ ୨୦୧୭ରୁ ୨୦୨୦ ବିହାରର ଉପମୁଖ୍ୟମନ୍ତ୍ରୀ ରହିବା ସହ ଅର୍ଥମନ୍ତ୍ରୀ ଥିଲେ। ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଆଜୀବନ ସଦସ୍ୟ। ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ଲାଗୁ କରିବା ପାଇଁ ୨୦୧୧ ଜୁଲାଇରେ ଗଠିତ କ୍ଷମତାସମ୍ପନ୍ନ ରାଜ୍ୟ ଅର୍ଥମନ୍ତ୍ରୀମାନଙ୍କ କମିଟିର ସେ ଅଧ୍ୟକ୍ଷ ରହିଥିଲେ। ୧୯୮୬ରେ ସେ ଜେସି ଜର୍ଜଙ୍କୁ ବିବାହ କରିଥିଲେ। ଜେସି ଜଣେ ପ୍ରଫେସର। ସେମାନଙ୍କର ଦୁଇ ପୁଅ ଉତ୍କର୍ଷ ତଥାଗତ ଏବଂ ଅକ୍ଷୟ ଅମ୍ରିତାଂଶୁ ରହିଛନ୍ତି।

# ପିଏମ୍‌ଏଲ୍(ଏନ୍) ଅଧ୍ୟକ୍ଷ ପଦରୁ ଶେହବାଜଙ୍କ ଇସ୍ତଫା

**ଇସ୍‌ଲାମାବାଦ, ୧୩।୫**



ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ସୋମବାର ପାକିସ୍ତାନ ମୁସ୍‌ଲିମ ଲିଗ୍-ନୱାଜ (ପିଏମ୍‌ଏଲ୍-ଏନ୍)ର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି। କିଛିଦିନ ଧରି ଦଳରେ ଚାଲିଥିବା ଆଭ୍ୟନ୍ତରୀଣ କନ୍ଦଳ ମଧ୍ୟରେ ସେ ନିଜ ଭାଇ ନୱାଜ ସରିଫଙ୍କ ପାଇଁ ଏହି ପଦ ଛାଡ଼ିଥିବା ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ୨୦୧୭ରେ ବିଦେଶରେ ଜମା ବେଆଇନ ସମ୍ପତ୍ତି ଏବଂ ପାନାମା ପେପର୍ସ ପ୍ରଘଟ ମାମଲାରେ ଦୁର୍ନୀତି ନେଇ ପାକିସ୍ତାନ ସୁପ୍ରିମକୋର୍ଟ ନୱାଜଙ୍କୁ ପ୍ରଧାନମନ୍ତ୍ରୀ ଓ ପାର୍ଟି ଅଧ୍ୟକ୍ଷ ଭାବେ ଅଯୋଗ୍ୟ ଘୋଷିତ କରିଥିଲେ। ଏହା ପରଠାରୁ ଶେହବାଜ ପିଏମ୍‌ଏଲ୍-ଏନ୍ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଆସୁଥିଲେ।

# ମାଳଦ୍ୱୀପକୁ ଭାରତର ୫୦ ନିୟୁତ ଡଲାର ସହାୟତା

**ମାଲେ, ୧୩।୫**

ଭାରତ ପକ୍ଷରୁ ପଡ଼ୋଶୀ ଦେଶ ମାଳଦ୍ୱୀପକୁ ୫୦ ନିୟୁତ ଡଲାରର ସହାୟତା ଯୋଗାଇ ଦିଆଯାଇଛି। ଆଗାମୀ ବର୍ଷେ ପାଇଁ ଏହି ସହାୟତା ମିଳିଥିବା ମାଳଦ୍ୱୀପରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ଘୋଷଣା କରାଯାଇଛି। ସହାୟତା ପାଇଁ ମାଳଦ୍ୱୀପ ବହିର୍ବ୍ୟାପାର ମନ୍ତ୍ରୀ ମୁସା ଜମିର ଭାରତକୁ ଧନ୍ୟବାଦ ଦେଇଛନ୍ତି। ଭାରତର ଏହି ସହାୟତା ୨ ଦେଶ ମଧ୍ୟରେ ରହିଥିବା ଦୀର୍ଘକାଳୀନ ମିତ୍ରତାକୁ ଦର୍ଶାଉଥିବା ସେ ନିଜ ଏକ୍ସ’ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ଭାରତର ଲଗାତାର ସହାୟତାରେ ମାଳଦ୍ୱୀପରେ ଅନେକ ବିକାଶମୂଳକ ପ୍ରକଳ୍ପର ଅଗ୍ରଗତି ହେଉଥିବା ମୁସା ସ୍ୱୀକାର କରିଛନ୍ତି। ସୂଚନାଯୋଗ୍ୟ, ଗତ ସପ୍ତାହରେ ମୁସା ଭାରତ ଗସ୍ତରେ ଆସି ଆର୍ଥିକ ସହାୟତା ନିମନ୍ତେ ବହିର୍ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କରଙ୍କୁ ଅନୁରୋଧ କରିଥିଲେ।

# ୟୁକ୍ରେନ ସେଲ୍ ମାଡ଼ରେ ରୁଷିଆର କୋଠା ଭୁଶୁଡ଼ି ୧୮ ମୃତ

**ବେଲ୍‌ଗୋରୋଡ, ୧୩।୫**

ରୁଷିଆର ସୀମାବର୍ତ୍ତୀ ବେଲ୍‌ଗୋରୋଡ ସହରରେ ସୋମବାର ଏକ କୋଠା ଭୁଶୁଡ଼ି ୧୮ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ୟୁକ୍ରେନ ଦ୍ୱାରା ହୋଇଥିବା ସେଲ୍ ମାଡ଼ରେ ୧୦ ମହଲା ବିଶିଷ୍ଟ ଏହି ବିଲ୍ଡିଂଟି ଧ୍ୱଂସ ହୋଇଯାଇଛି। ରୁଷୀୟ ବାୟୁସେନା ପକ୍ଷରୁ ବେଲ୍‌ଗୋରୋଡରେ ଅନେକ ରକେଟ୍ ଓ ଡ୍ରୋନ୍‌କୁ ସୋମବାର ବିଫଳ କରାଯାଇଥିବା ରୁଷୀୟ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ସେହିପରି ବେଲ୍‌ଗୋରୋଡରେ ଏୟାର ଷ୍ଟ୍ରାଇକ ନେଇ ମଧ ଚେତାବନୀ ଜାରିହୋଇଛି।

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ମଙ୍ଗଳବାର, ମେ ୧୪/୨୦୨୪ | Bhubaneswar, Tuesday, May 14/2024 | ପୃଷ୍ଠା-୧



## ପରିବାର ସହ ଧାର୍ମିକ ଯାତ୍ରାରେ ଶିଳ୍ପା

ବଲିଉଡ୍ ଅଭିନେତ୍ରୀ ଶିଳ୍ପା ଶେଟ୍ଟି ସପରିବାର ବିଭିନ୍ନ ମନ୍ଦିର ପରିଦର୍ଶନ କରି ଆଶୀର୍ବାଦ ଲୋଡୁଛନ୍ତି। ସେ କାମାକ୍ଷା, କେଦାରନାଥ ଓ ବୈଷ୍ଣୋଦେବୀ ମନ୍ଦିର ପରିଦର୍ଶନ କରିଛନ୍ତି।

୧୦

୧୪

## କଳିଙ୍ଗରେ ପ୍ରଜ୍ଞାଙ୍କ କୀର୍ତ୍ତି

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଫେଡେରେଶନ କପ୍ ସିନିୟର ଆଥ୍‌ଲେଟିକ୍ସର ମହିଳା ୧୦୦ ମିଟର ହର୍ଡଲ୍ସରେ ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତି ସାହୁ ରୌପ୍ୟ ପଦକ ହାସଲ କରିଛନ୍ତି।



# ମୁମ୍ବାଇରେ ଭୟାବହ ଧୂଳିଝଡ଼

## ■ ବିଲ୍‌ବୋର୍ଡ ଖସି ୮ ମୃତ, ୫୯ ଆହତ ■ ବିମାନ ଚଳାଚଳ ସ୍ଥଗିତ



ବିଲ୍‌ବୋର୍ଡ ଖସିବା ସମୟର ଦୃଶ୍ୟ



ମୁମ୍ବାଇର ଘାଟକୋପର ଅଞ୍ଚଳରେ ଥିବା ଏକ ପେଟ୍ରୋଲ ପମ୍ପ ଉପରେ ବିଲ୍‌ବୋର୍ଡ ଖସିପଡ଼ିଛି।

**ମୁମ୍ବାଇ, ୧୩।୫**

ମୁମ୍ବାଇରେ ସୋମବାର ଅପରାହ୍ନରେ ଭୟାବହ ଧୂଳିଝଡ଼ରେ ୯ ଜଣଙ୍କ ମୃତ୍ୟୁ ଘଟିବା ସହ ୭୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘାଟକୋପର ଅଞ୍ଚଳରେ ଏକ ପେଟ୍ରୋଲ ପମ୍ପ ନିକଟରେ ଲାଗିଥିବା ୧୦୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଏକ ବିଲ୍‌ବୋର୍ଡ ଭୁଶୁଡ଼ି ପଡ଼ିବାରୁ ୮ ଜଣଙ୍କ ମୃତ୍ୟୁ ଘଟିବା ସହ ୫୯ ଜଣ ଆହତ ହୋଇଥିଲେ। ୬୨ ଜଣଙ୍କୁ ଉଦ୍ଧାର କରାଯାଇଥିବା ପୋଲିସ କହିଛି। ପୋଲିସ ସହ ଏନ୍‌ଡିଆର୍‌ଏଫ୍ ଟିମ୍ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି। ବିଲ୍‌ବୋର୍ଡଟି ପେଟ୍ରୋଲ ପମ୍ପର ମଧ୍ୟଭାଗରେ ଖସିପଡ଼ିବାରୁ ବହୁ ଲୋକ ଏହା ତଳେ ଚାପିହୋଇ ଯାଇଥିଲେ। ବିଲ୍‌ବୋର୍ଡର ଧାତବ ଫ୍ରେମ୍ ସେଠାରେ ଥିବା କେତେକ କାର୍‌ର ଛାତକୁ କ୍ଷତିଗ୍ରସ୍ତ କରିଛି। ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିବା ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ କହିଛନ୍ତି। ବିଲ୍‌ବୋର୍ଡ ଲଗାଇଥିବା ଇଗୋ ମିଡିଆର ମାଲିକ ଭବେଶ ଭିଣ୍ଡେ ଓ ଅନ୍ୟମାନଙ୍କ ବିରୋଧରେ ମୁମ୍ବାଇ ପୋଲିସ ମାମଲା ରୁଜୁ କରିଛି। ବେଆଇନ ଭାବେ ଓ ବିନା ଅନୁମତିରେ ଉକ୍ତ ବିଲ୍‌ବୋର୍ଡ ଲଗାଯାଇଥିଲା ବୋଲି ପ୍ରଶାସନ କହିଛି। ଘଟଣାସ୍ଥଳରେ ଲାଗିଥିବା ଅନ୍ୟ ୩ଟି ବିଲ୍‌ବୋର୍ଡ ତୁରନ୍ତ ହଟାଇବା ପାଇଁ ବ୍ରିହନମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି) ବିଜ୍ଞାପନ ସଂସ୍ଥାକୁ ନୋଟିସ୍ ଜାରି କରିଛି।

ସେହିପରି ୱାଡଲା ଅଞ୍ଚଳରେ ଧୂଳିଝଡ଼ ବେଳେ ଏକ ନିର୍ମାଣାଧୀନ ମେଟାଲ ପାର୍କିଂ ଟାୱାର ଭୁଶୁଡ଼ି ପଡ଼ିବାରୁ ୩ ଜଣ ଆହତ ହେବା ସହ କେତେକ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ବାନ୍ଦ୍ରାରେ ଗଛ ଡାଳ ପଡ଼ି ଜଣେ ପ୍ରାଣ ହରାଇବା ସହ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଧୂଳିଝଡ଼ ଯୋଗୁ ପରିବହନ ବାଧାପ୍ରାପ୍ତ ହେବା ସହ ବିମାନ ଚଳାଚଳ ☞ପୃଷ୍ଠା-୧୧

# ୧୯ରେ ଆଣ୍ଡାମାନ ଛୁଇଁବ ମୌସୁମୀ

### ଓଡ଼ିଶାକୁ ଆଗୁଆ ଆସିବା ସମ୍ଭାବନା

**ଭୁବନେଶ୍ୱର, ୧୩।୫ (ଅସମାପିକା ସାହୁ)**

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୧୯ ତାରିଖ ସୁଦ୍ଧା ଦକ୍ଷିଣ ଆଣ୍ଡାମାନ ସାଗର, ନିକୋବର ଦ୍ୱୀପ ଏବଂ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଛୁଇଁବ। ଏଥିପାଇଁ ପାଗ ଅନୁକୂଳ ରହିଛି। ଗତବର୍ଷ ମଧ୍ୟ ଏହି ସମୟରେ ଏସବୁ ଅଞ୍ଚଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ସ୍ୱାଭାବିକ ତାରିଖ ଅନୁସାରେ ଅଗ୍ରସର ହୋଇଥିଲା ବୋଲି ସୋମବାର ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି। ବିଭାଗର ସୂଚନାନୁସାରେ, ଗତବର୍ଷ ଜୁନ୍ ୮ରେ ଭାରତର ମୁଖ୍ୟ ଭୂଖଣ୍ଡ କେରଳ ଉପକୂଳକୁ ୭ଦିନ ବିଳମ୍ବରେ ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରବେଶ କରିଥିଲା। ସେହିପରି ଓଡ଼ିଶାକୁ ସ୍ୱାଭାବିକ ସମୟଠାରୁ ପାଖାପାଖି ୧୦ ଦିନ ବିଳମ୍ବରେ ଅର୍ଥାତ୍ ଜୁନ ୨୨ବେଳକୁ ଅଗ୍ରସର ହୋଇଥିଲା। ଗତବର୍ଷ ଗୁଜରାଟ ଉପକୂଳ ଛୁଇଁଥିବା ବିପର୍ଯ୍ୟୟ ବାତ୍ୟା ପ୍ରଭାବରେ ଉତ୍ତରପଶ୍ଚିମ ☞ପୃଷ୍ଠା-୧୧






# ଅନିମେଶଙ୍କୁ ସ୍ୱର୍ଣ୍ଣ ପଦକ

### ଫେଡେରେଶନ କପ୍ ସିନିୟର ଆଥ୍‌ଲେଟିକ୍ସ

**ଭୁବନେଶ୍ୱର, ୧୩।୫ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨୭ତମ ଜାତୀୟ ଫେଡେରେଶନ କପ୍ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ଓଡ଼ିଶା ପାଇଁ ସ୍ୱର୍ଣ୍ଣିମ ସଫଳତା ଆଣିଛନ୍ତି ଅନିମେଶ କୁଜୁର। ପୁରୁଷ ୨୦୦ ମିଟର ରେସ୍‌ରେ ପ୍ରଥମସ୍ଥାନ ଅଧିକାର କରି ସେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ସେହିପରି ମହିଳା ୨୦୦ ମିଟରରେ ଶ୍ରାବଣୀ ନନ୍ଦ ଏବଂ ମହିଳା ୧୦୦ ମିଟର ହର୍ଡଲ୍ସରେ ପ୍ରଜ୍ଞା ପ୍ରଶାନ୍ତି ସାହୁ ରୌପ୍ୟ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ଭୁବନେଶ୍ୱରସ୍ଥିତ ଓଡ଼ିଶା ଏଚ୍‌ପିସିରେ ଟ୍ରେନିଂ ନେଉଥିବାରୁ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଛତିଶଗଡ଼ର ଅନିମେଶ ୨୦.୬୨ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଆନ୍ଧ୍ର ପ୍ରଦେଶର ନାଲୁବୋଥୁ ଶନ୍ମୁଗା ଏସ. ୨୦.୯୭ ସେକେଣ୍ଡ ସହ ରୌପ୍ୟ ଓ ମହାରାଷ୍ଟ୍ରର ଜୟ ଶାହା ୨୧.୩୧ ସେକେଣ୍ଡ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି। ଚଳିତ ଫେଡେରେଶନ୍ କପ୍‌ରେ ଓଡ଼ିଶାର ଏହା ପ୍ରଥମ ସ୍ୱର୍ଣ୍ଣ ପଦକ। ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଅନ୍ୟତମ ପ୍ରତିଯୋଗୀ ଦଣ୍ଡପତି ମୃତ୍ୟମ ଜୟରାମ ରେସ୍ ଫିନିଶ୍ କରିପାରି ନ ଥିଲେ।




ଅନିମେଶ କୁଜୁର

# ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ୭୩.୯୭% ମତଦାନ



ମାଲକାନଗିରି ଜିଲା ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀ ଖଇରପୁଟ ବ୍ଲକ ଅଣ୍ଡ୍ରାହଲ ଗାଁରେ ହୋଇଥିବା ମତଦାନ କେନ୍ଦ୍ରରେ ଜନଜାତି ବଣ୍ଡାମାନେ ଭୋଟ ଦେବା ଲାଗି ଧାଡିରେ ଛିଡ଼ା ହୋଇଛନ୍ତି। (ଫଟୋ: ଦୁର୍ଯ୍ୟୋଧନ, ମାଲକାନଗିରି)

**ଭୁବନେଶ୍ୱର, ୧୩।୫ (ଅନିଲ ଦାସ)**

ଓଡ଼ିଶାରେ ୨୦୨୪ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ସୋମବାର ଶେଷ ହୋଇଛି। ବ୍ରହ୍ମପୁର, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଲୋକ ସଭା ଆସନ ଏବଂ ଏହା ଅନ୍ତର୍ଗତ ୨୮ଟି ବିଧାନସଭା ଆସନରେ ରାତି ସାଢ଼େ ୧୧ଟା ସୁଦ୍ଧା ୭୩.୯୭% ମତଦାନ ହୋଇଥିବା ଭାରତର ନିର୍ବାଚନ କମିଶନରଙ୍କ ଟର୍ନଆଉଟ୍ ଆପ୍ ସୂତ୍ରରୁ ଜଣାପଡ଼ିଛି। କେତେକ ସ୍ଥାନରେ ନିର୍ବାଚନ ପରିଚାଳନାରେ ଅବହେଳା ହୋଇଥିବା ଜଣାପଡ଼ିଛି। ଫଳରେ ୨ ପ୍ରିଜାଇଡିଂ ଅଫିସରଙ୍କୁ ଗିରଫ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ୩ ପୋଲିଂ ଅଫିସରଙ୍କୁ ନିଲମ୍ବନ କରାଯାଇଛି।

### ଗିରଫ ହେବେ ୨ ପ୍ରିଜାଇଡିଂ ଅଫିସର, ୩ ନିଲମ୍ବିତ

ଜନପ୍ରତିନିଧି ଆଇନ ୧୯୫୨ର ଧାରା ୧୩୪ ଅନୁଯାୟୀ ଗଞ୍ଜାମ ଜିଲା ଛତ୍ରପୁର ନିର୍ବାଚନମଣ୍ଡଳୀର ୨୭ ଓ ୧୬୩ ନମ୍ବର ବୁଥ୍‌ର ୨ ପ୍ରିଜାଇଡିଂ ଅଫିସରଙ୍କୁ ନିଲମ୍ବନ ସହିତ ଗିରଫ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ନିକୁଞ୍ଜ ବିହାରୀ ଧଳ କହିଛନ୍ତି। ସେମାନେ କର୍ତ୍ତବ୍ୟ ପାଳନରେ ଗୁରୁତର ଅବହେଳା କରିଥିବା ୱେବ୍ କାଷ୍ଟିଂ ଜରିଆରେ ଜଣାପଡ଼ିଥିବା ସିଇଓ ସୂଚନା ଦେଇଛନ୍ତି। ସେହିପରି କଳାହାଣ୍ଡି ଜିଲା ନର୍ଲାର ପୋଲିଂ ଅଫିସର ତେଜାଂଶୁ ସାହା, ଗଞ୍ଜାମ ଜିଲା ଚିକିଟି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୭୪ ନମ୍ବର ବୁଥ୍‌ର ପ୍ରିଜାଇଡିଂ ଅଫିସର ମାନସ ରଞ୍ଜନ ସେଠୀ ଏବଂ ଗୋପାଳପୁରର ୧୯୩ ନମ୍ବର ବୁଥ୍ ପ୍ରିଜାଇଡିଂ ଅଫିସରଙ୍କୁ କର୍ତ୍ତବ୍ୟରେ ଅବହେଳା ପାଇଁ ନିଲମ୍ବନ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସିଇଓ କହିଛନ୍ତି।

ସୂଚନା ଅନୁଯାୟୀ କଳାହାଣ୍ଡି ଲୋକ ସଭା ନିର୍ବାଚନମଣ୍ଡଳୀରେ ୭୫.୭୧% ମତଦାନ ହୋଇଥିବା ଜଣାପଡ଼ିଛି। ଜୁନାଗଡ ବିଧାନସଭା ଆସନରେ ସର୍ବାଧିକ ୭୮.୯୦% ଏବଂ ଲାଞ୍ଜିଗଡ଼ ଆସନରେ ସର୍ବନିମ୍ନ ୭୩% ମତଦାନ ହୋଇଛି। ନବରଙ୍ଗପୁର ଲୋକ ସଭା ନିର୍ବାଚନମଣ୍ଡଳୀରେ ୮୦.୦୨% ମତଦାନ ହୋଇଥିବା ଜଣାପଡ଼ିଛି। ସକାଳ ୭ଟାରୁ କଡ଼ା ସୁରକ୍ଷା ମଧ୍ୟରେ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା। ମତଦାତାଙ୍କ ମଧ୍ୟରେ ନାହିଁନ ଥିବା ଉତ୍ସାହ ଦେଖିବାକୁ ମିଳିଛି। ପାଗ ଅନୁକୂଳ ଥିବାରୁ ମତଦାତାଙ୍କ ପାଇଁ କୌଣସି ସମସ୍ୟା ନ ଥିଲା। ସକାଳ ଓ ଅପରାହ୍ନରେ ବୁଥ୍‌ରେ ଅଧିକ ଭିଡ଼ ଦେଖିବାକୁ ମିଳିଥିଲା। ଭୋଟରଙ୍କୁ ଉତ୍ସାହିତ କରିବାକୁ ବିଭିନ୍ନ ସ୍ଥାନରେ ଅଭିନବ ପ୍ରୟାସ ହୋଇଥିଲା। ଜୟପୁର ଚନ୍ଦନବାଡ଼ ବୁଥ୍‌ରେ ମତଦାତାଙ୍କ ପାଇଁ ମାଣ୍ଡିଆ ଜାଉର ବ୍ୟବସ୍ଥା ହୋଇଥିଲା। ଗ୍ରୀଷ୍ମ ପ୍ରବାହ ସୁରକ୍ଷା ଦୃଷ୍ଟିରୁ ସ୍ଥାନୀୟ ଅଙ୍ଗନୱାଡି କର୍ମୀଙ୍କ ପକ୍ଷରୁ ମାଣ୍ଡିଆ ଜାଉ ବଣ୍ଟନ କରାଯାଇଥିଲା। ତେବେ ନିର୍ବାଚନରେ କେତେକ ସ୍ଥାନରେ ହିଂସାକାଣ୍ଡ ଘଟିଥିବା ଦେଖିବାକୁ ମିଳିଛି। ଗଞ୍ଜାମ ଜିଲା ଚିକିଟି ଏନ୍‌ଏସି ଅନ୍ତର୍ଗତ କରବାଲୁଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬୪ ଓ ୬୫ ନମ୍ବର ବୁଥ୍ ଟିଗିଂକୁ ନେଇ ଗଣ୍ଡଗୋଳ ହୋଇଥିଲା। ଭୋଟ୍ ଗ୍ରହଣ ଚାଲିଥିବା ବେଳେ ଅପରାହ୍ନରେ ୬୫ ନମ୍ବର ବୁଥ୍ ଭିତରେ ମାରପିଟ ଆରମ୍ଭ ହୋଇଥିଲା। ପ୍ରବଳ ପାଟିତୁଣ୍ଡ ସହିତ ଗୋଟିଏ ଗୋଷ୍ଠୀ ଅନ୍ୟ ଏକ ଗୋଷ୍ଠୀ ଉପରେ ଆକ୍ରମଣ କରିଥିଲେ। ପୋଲିସ ପହଞ୍ଚିବା ପରେ ଗଣ୍ଡଗୋଳକାରୀ ଫେରାର ହୋଇଯାଇଥିଲେ।

# ପ୍ରଦୀପ ପାଣିଗ୍ରାହୀଙ୍କୁ ଆକ୍ରମଣ

### ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଅଟକ

**ବ୍ରହ୍ମପୁର, ୧୩।୫ (ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ସହରରେ ସୋମବାର ମତଦାନ ଶେଷ ହେବା ବେଳକୁ ଭାଜପା ଏମ୍‌ପି ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କୁ ଆକ୍ରମଣ କରାଯାଇଛି। ବ୍ରହ୍ମପୁର ବିଧାନସଭା ଆସନ ଲାଗି ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସ୍ୱାଧୀନ ପ୍ରାର୍ଥୀ ଶିବ ଶଙ୍କର ଦାସ (ପିଣ୍ଟୁ) ତାଙ୍କୁ ଆକ୍ରମଣ କରିଛନ୍ତି। ପୋଲିସ ଉପସ୍ଥିତିରେ ଏହି ଘଟଣା ଘଟିଛି। ପ୍ରଦୀପ ଚିକିତ୍ସା ପାଇଁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଆକ୍ରମଣକାରୀ ପିଣ୍ଟୁ ଦାସଙ୍କୁ ଗୋଷାଣିନୂଆଗାଁ ଥାନା ପୋଲିସ ଅଟକ ରଖିଛି। ଗୋଷାଣିନୂଆଗାଁ ଥାନା ସମ୍ମୁଖରେ ଥିବା ଏକ ବୁଥରେ ସନ୍ଧ୍ୟା ୭ଟା ପରେ ମଧ୍ୟ ମତଦାନ ଚାଲିଥିଲା। ଏହା ଜାଣିବା ପରେ ପ୍ରଦୀପ ସେଠାରେ ପହଞ୍ଚି ଥାନାଧିକାରୀ ଓ ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ☞ପୃଷ୍ଠା-୧୧

## ଝରିଗାଁ ଭାଜପା ପ୍ରାର୍ଥୀଙ୍କୁ ଆକ୍ରମଣ

**ଝରିଗାଁ, ୧୩।୫ (କିଶୋର ଚନ୍ଦ୍ର ମଣ୍ଡଳ)**

ନବରଙ୍ଗପୁର ଜିଲା ଝରିଗାଁ ବିଧାନସଭା ନିର୍ବାଚନମଣ୍ଡଳୀ ଭାଜପା ପ୍ରାର୍ଥୀ ନରସିଂହ ଭତ୍ରାଙ୍କୁ ଏକ ବୁଥ୍‌ରେ ଆକ୍ରମଣ କରାଯାଇଛି। ଏହାର ଏକ ଭିଡିଓ ଭାଇରାଲ ହେଉଛି। ଏନେଇ ସେ ଝରିଗାଁ ଥାନାରେ ଏତଲା ଦେଇଛନ୍ତି। ଏତଲା ଅନୁଯାୟୀ, ଦେଉଳକୋନା ଗାଁର ୨୦୪ ନମ୍ବର ବୁଥ୍‌ରେ ମତଦାନ କିପରି ଚାଲିଛି ତାହା ବୁଝିବାକୁ ସୋମବାର ଅପରାହ୍ନ ୧ଟା ୪୫ରେ ନରସିଂହ ତାଙ୍କର ଜଣେ ସହକର୍ମୀଙ୍କୁ ନେଇ ସେଠାକୁ ଯାଇଥିଲେ। ଏହି ସମୟରେ ସ୍ଥାନୀୟ ଗ୍ରାମର କେତେଜଣ ଯୁବକ ତାଙ୍କୁ ବିରୋଧ କରି ବୁଥ୍‌ରୁ ବାହାରିବା ପରେ ଆକ୍ରମଣ କରିଥିଲେ। ଦୁର୍ବୃତ୍ତମାନେ ତାଙ୍କ ବିଧାନସଭା ପ୍ରାର୍ଥୀ ପରିଚୟ ପତ୍ର ଓ ସେ ପିନ୍ଧିଥିବା ☞ପୃଷ୍ଠା-୧୧

# କୋଟିଆରେ ରେକର୍ଡ ମତଦାନ

**ଭୁବନେଶ୍ୱର, ୧୩।୫ (ଅନିଲ ଦାସ)**

ରାଜ୍ୟର କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର ଓ ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ଏବଂ ଏହା ଅଧୀନ ୨୮ଟି ବିଧାନସଭା କ୍ଷେତ୍ର ପାଇଁ ଅନୁଷ୍ଠିତ ମତଦାନ ପ୍ରାୟତଃ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ସବୁ ଅଞ୍ଚଳର ସମସ୍ତ ବର୍ଗର ମତଦାତାମାନେ ସାମିଲ ହୋଇଥିଲେ। ଆଦିମ ଜନଜାତି ଗୋଷ୍ଠୀର ମତଦାତାମାନେ ମଧ୍ୟ ଅତ୍ୟନ୍ତ ଉତ୍ସାହର ସହ ମତଦାନ କରିଛନ୍ତି। କୋରାପୁଟ ଜିଲାର କୋଟିଆ ଅଞ୍ଚଳରେ ରେକର୍ଡ ମତଦାନ ହୋଇଛି। ଏଠାକାର ୯ଟି ବୁଥ୍‌ରେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ୭୬ ପ୍ରତିଶତ ମତଦାନ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ କିଶୋର ଧଳ କହିଛନ୍ତି। ମାଲକାନଗିରିର ସ୍ୱାଭିମାନ ଅଞ୍ଚଳରେ ମଧ୍ୟ ଉତ୍ସାହର ସହ ଲୋକେ ମତଦାନ କରିଛନ୍ତି। ଏଠାରେ ଥିବା ୨୩ ବୁଥ୍‌ରେ ସନ୍ଧ୍ୟା ୫ଟା ସୁଦ୍ଧା ମତଦାନ ହାର ୬୫.୪୬ ପ୍ରତିଶତ ରହିଥିଲା। ସକାଳୁ ମକ୍‌ପୋଲ ସମୟରେ ଅଳ୍ପକିଛି ସ୍ଥାନରେ ଇଭିଏମ୍ କଣ୍ଟ୍ରୋଲ୍ ୟୁନିଟ୍, ବାଲଟ ୟୁନିଟ୍ ଓ ଭିଭିପାଟ୍‌ରେ ତ୍ରୁଟି ଦେଖାଦେଇଥିଲା। ସେ ସମସ୍ତ ୟୁନିଟ୍‌କୁ ତୁରନ୍ତ ବଦଳାଯାଇଥିଲା ଓ ମତଦାନ ସ୍ୱାଭାବିକ ଭାବେ ☞ପୃଷ୍ଠା-୧୧

# ଶିକ୍ଷା ନାହିଁ ଇସ୍ତାହାରରେ

ଆର୍ଥିକ, ସାମାଜିକ, ବୌଦ୍ଧିକ ତଥା ବିଜ୍ଞାନ ଆଧାରିତ ଏକ ସଶକ୍ତ ସମାଜ ଗଠନରେ ଶିକ୍ଷାର ଭୂମିକା ମହତ୍ତ୍ୱପୂର୍ଣ୍ଣ। ଏହାକୁ ଲକ୍ଷ୍ୟକରି ଛାତ୍ରୀଛାତ୍ରମାନଙ୍କ ଶିକ୍ଷାର ମୂଳଦୁଆ ସ୍କୁଲରୁ ପକାଯାଏ। ପରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ବିଭିନ୍ନ ବିଷୟରେ ସେମାନେ ସ୍ନାତକ ତଥା ସ୍ନାତକୋତ୍ତର ଡିଗ୍ରୀ ହାସଲକରି ନିଜ ଜୀବନରେ ଉନ୍ନତି କରିବାକୁ ଚେଷ୍ଟା କରିଥାନ୍ତି। କିନ୍ତୁ ଏବେ ସେମାନଙ୍କ ଉଚ୍ଚଶିକ୍ଷା ଧାରାରେ କିଛି ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ବିଶେଷକରି ଓଡ଼ିଶାର କେତୋଟି ଡିଗ୍ରୀ କଲେଜରେ କିଛି ନିର୍ଦ୍ଦିଷ୍ଟ ବିଷୟରେ ଛାତ୍ରୀଛାତ୍ରମାନେ ନାମ ଲେଖାଇ ନ ଥିବା ଘଟଣା ସାମ୍ନାକୁ ଆସିଛି, ଯାହା ଅତ୍ୟନ୍ତ ଚିନ୍ତାଜନକ। ଚଳିତ ବର୍ଷ ମେ ପ୍ରଥମ ସପ୍ତାହରେ ଓଡ଼ିଶାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟକୁ ଏ ସମ୍ପର୍କରେ ସବିଶେଷ ତଥ୍ୟ ଦେବା ଲାଗି ଚିଠି ଜାରି କରାଯାଇଥିଲା । ପରେ ମେ ଦ୍ୱିତୀୟ ସପ୍ତାହରେ ଏହିସବୁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନରେ ଥିବା ପାଖାପାଖି ୫୦ଟି ଅନୁଦାନପ୍ରାପ୍ତ, ଅଣଅନୁଦାନପ୍ରାପ୍ତ, ସରକାରୀ ଏବଂ ସେଲ୍‌ଫ ଫାଇନାନ୍ସିଂ ଡିଗ୍ରୀ କଲେଜରେ ୨୦୨୩-୨୪ ଶିକ୍ଷାବର୍ଷରେ କଳା, ବିଜ୍ଞାନ ଓ ସାହିତ୍ୟର କେତେକ ନିର୍ଦ୍ଦିଷ୍ଟ ବିଷୟରେ ଛାତ୍ରୀଛାତ୍ର ନାମ ଲେଖାଇ ନ ଥିବା ଜଣାପଡ଼ିଛି। ଏହିସବୁ ବିଷୟ ମଧ୍ୟରେ ରହିଛି ଗଣିତ, ଇଂଲିଶ, ରସାୟନ ବିଜ୍ଞାନ, ଅର୍ଥନୀତି, ସାହିତ୍ୟ ଓ ଅଦ୍ୱୈତ ବେଦାନ୍ତ। ଅବଶ୍ୟ ଅଦ୍ୱୈତ ବେଦାନ୍ତରେ ପିଲା ନାମ ନ ଲେଖାଇବାର କାରଣ ବୁଝିବା କଷ୍ଟକର ନୁହେଁ। ସେହି ପାଠ ପଢ଼ିଥିବା ପିଲାଙ୍କର ଭବିଷ୍ୟତ ନିଶ୍ଚିତ ଭାବେ ଅନ୍ଧକାରମୟ ହେବ, କାରଣ ସେହି ବିଷୟକୁ ନେଇ ନିଯୁକ୍ତି ପାଇବା କିମ୍ବା ଅନ୍ୟ କୌଣସି ବାଟରେ ରୋଜଗାର କରିବା ଅସମ୍ଭବ ବୋଲି ସମସ୍ତେ ଜାଣନ୍ତି। ତେବେ ଇଂଲିଶ ଓ ଗଣିତରେ ଭବିଷ୍ୟତ ଉଜ୍ଜ୍ୱଳ ହେବାର ସବୁ ସମ୍ଭାବନା ଥିବା ସତ୍ତ୍ୱେ ପିଲାଙ୍କ ମଧ୍ୟରେ ସେହିସବୁ ବିଷୟ ପ୍ରତି ଆଗ୍ରହ ଆସୁନାହିଁ, କାରଣ ସ୍କୁଲ ସ୍ତରରୁ ଏହିସବୁ ବିଷୟକୁ ଓଡ଼ିଶାରେ ଗୁରୁତ୍ୱ ଦିଆଯାଉ ନାହିଁ।

ଉଲ୍ଲେଖନୀୟ ଯେ, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ (ଆର୍‌ଡିଇ), ଭୁବନେଶ୍ୱର ଅଧୀନରେ ଥିବା ପାଖାପାଖି ୩୫ଟି କଲେଜରେ ନିର୍ଦ୍ଦିଷ୍ଟ ଭାବେ ୩୯ଟି ବିଷୟରେ ଛାତ୍ରୀଛାତ୍ର ନାମ ଲେଖାଇ ନ ଥିବା ସ୍ପଷ୍ଟ କରାଯାଇଛି । ଏଥି ମଧ୍ୟରୁ ୯ଟି କଲେଜରେ କୌଣସି ଛାତ୍ରୀଛାତ୍ର ଗଣିତରେ ଏବଂ ୫ଟି କଲେଜରେ ଇଂଲିଶରେ ନାମଲେଖାଇ ନ ଥିବା କୁହାଯାଇଛି। ଅତୀତରେ ବିଭିନ୍ନ କଲେଜରେ ଓଡ଼ିଆ ସାହିତ୍ୟ (ସମ୍ମାନ) ବିଷୟ ଖାଲି ପଡ଼ିଥିବା ଖବର ପ୍ରକାଶ ପାଇଥିଲା ଓ ଏବେ ମଧ୍ୟ ଏହା ସେହି ପରିସ୍ଥିତିରେ ରହିଛି। ତେବେ ୨୦୨୪-୨୫ ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ ଏଭଳି ଏକ ପ୍ରସଙ୍ଗକୁ ନେଇ ଉଚ୍ଚ ଶିକ୍ଷା ବିଭାଗ ସକ୍ରିୟତା ପ୍ରକାଶ କରିଥିଲେ ମଧ୍ୟ ଲଗାତର ଦୁଇଟି ଶିକ୍ଷା ବର୍ଷରେ ୬ଟି ସେଲ୍‌ଫ ଫାଇନାନ୍ସିଂ ଡିଗ୍ରୀ କଲେଜରେ ଆଦୌ ନାମ ଲେଖାଯାଇ ନ ଥିବା ଘଟଣା ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାର ଅଧୋଗତିର ସଙ୍କେତ ଦେଉଛି। ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ଉପୁଜୁଥିବା ସମସ୍ୟା ଅତ୍ୟନ୍ତ ବିଚିତ୍ର। ଶିକ୍ଷୟିତ୍ରୀ ଓ ଶିକ୍ଷକ ଚାକିରି ଖୋଜିବା ପାଇଁ ଅନେକ ଲକ୍ଷ ଆବେଦନକାରୀ ବାହାରୁଛନ୍ତି। କିନ୍ତୁ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା କେବଳ ମାତ୍ର ଡିଗ୍ରୀରେ ସୀମିତ ରହିଯାଉଛି। ଏହା ଫଳରେ ସର୍ବନିମ୍ନସ୍ତରରୁ ପିଲାଙ୍କୁ ଉଚିତ ଶିକ୍ଷା ଦେବାର ବାତାବରଣ ସୃଷ୍ଟି କରାଯାଇପାରୁ ନାହିଁ। ଏହାର ଦୀର୍ଘମିଆଦୀ କୁଫଳ ରାଜ୍ୟକୁ ଭୋଗିବାକୁ ପଡ଼ିବ। ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷାକୁ ଆକର୍ଷଣୀୟ କରିବା ଦାୟିତ୍ୱ ସେହି ଶିକ୍ଷକଙ୍କର। ଅଧିକ ସଂଖ୍ୟାରେ ସରକାରୀ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟକରୁଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କର ପାଠପଢ଼ାଇବାରେ ସାଧାରଣ ରୁଚି ଥିବା ଭଳି ମନେହେଉ ନାହିଁ। ଅରୁଚିକର କାର୍ଯ୍ୟ କରୁଥିବା ଶିକ୍ଷୟିତ୍ରୀଶିକ୍ଷକ ତାଙ୍କ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରତି ଘୃଣା କିମ୍ବା ଭୟ କରିବାର ସୂତ୍ର ଦେଉଥିବା ଭଳି ମନେହୁଏ। ସେଥିପାଇଁ ପରବର୍ତ୍ତୀ ସମୟରେ ଯେତେବେଳେ ସେହି ପିଲାମାନେ କଲେଜ କିମ୍ବା ଉଚ୍ଚଶିକ୍ଷା ହାସଲ କରିବାକୁ ଚେଷ୍ଟା କରନ୍ତି, ତାଙ୍କ ଭିତରେ ଭୟ କାମ କରିବା ସ୍ୱାଭାବିକ। ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ନେଇ ଯେଉଁ ସଂଗଠନଗୁଡ଼ିକ ଆନ୍ଦୋଳନ କରି ଦରମା ବଢ଼ାଇବା ପାଇଁ ଦାବି କରୁଛନ୍ତି ଏବଂ ସ୍କୁଲ କଲେଜ ଆନ୍ଦୋଳନ ଯୋଗୁ ବନ୍ଦ ଖଟାଉଛନ୍ତି, ସେହି ସଂଗଠନଗୁଡ଼ିକର ନେତାମାନେ ଶିକ୍ଷାର ମାନ ବୃଦ୍ଧି କରାଇବାର ଦାୟିତ୍ୱ ନେବା କଥା। ଓଡ଼ିଶାର ସମାଜ ସେହି ନେତାମାନଙ୍କୁ ଉତ୍ତରଦାୟୀ କରାଇବା ଉଚିତ ହେବ। ସେହି ସଂଗଠନଗୁଡ଼ିକ ଓଡ଼ିଶାବାସୀଙ୍କୁ ଜଣାଇବା ଦରକାର କାହିଁକି ଇଂଲିଶ ଏବଂ ଗଣିତ ଭଳି ବିଷୟଗୁଡ଼ିକରେ ନାମ ଲେଖାଇବା ପାଇଁ କେହି ଛାତ୍ରୀଛାତ୍ର ନାହାନ୍ତି। ଯେଉଁ ସମାଜରେ ଶିକ୍ଷା ଭୁଶୁଡ଼ି ପଡ଼ିବ ସେଠାରେ ସାମାଜିକ ନ୍ୟାୟ ଏବଂ ଅର୍ଥନୈତିକ ଉନ୍ନତି ବନ୍ଦ ହୋଇଯିବ।

ଆଶ୍ଚର୍ଯ୍ୟର ବିଷୟ ହେଉଛି ପାଣି, ପବନ ଏବଂ ବିଜୁଳି ଭଳି ସବୁ କଥାରେ ସବୁ ନେତା ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ଦେଉଥିବାବେଳେ ଶିକ୍ଷାର ଅବନତି ରୋକିବା ପାଇଁ କୌଣସି ଦଳ ପକ୍ଷରୁ ନିର୍ବାଚନ ଇସ୍ତାହାର ବା ମାନିଫେଷ୍ଟୋରେ ଉଲ୍ଲେଖ କରାଯାଇନାହିଁ। ଏହାର କୁଫଳ ଭବିଷ୍ୟତ ପିଢ଼ି ଭୋଗିବାକୁ ବାଧ୍ୟ ହେବ।

# ଶାସ୍ତ୍ର ଦୃଷ୍ଟିରେ ନେତା ଓ ଜନତା



ଡ. ଭାରତ ଭୂଷଣ ରଥ

ଆସିଛି ନିର୍ବାଚନ। ଆମେ ଯେମିତି ନେତା ଚୟନ କରିବା, ସେମିତି ଆମର ଶାସନ ବ୍ୟବସ୍ଥା ପରିଚାଳିତ ହେବ। କେହିକେହି କୁହନ୍ତି, କଳେବଳେ କୌଶଳେ ନେତାମାନେ ଭୋଟ ପାଇ ଶାସନ କରିବେ। ଏହା ମଧ୍ୟ ଦୃଷ୍ଟିଗୋଚର ହୁଏ, ରାଜନୀତିକୁ ଉତ୍ତମ ବ୍ୟକ୍ତି ବିଶେଷ ଭାବରେ ଆସୁନାହାନ୍ତି। ନୀତିଜ୍ଞ ବ୍ୟକ୍ତି ଅଭାବରୁ ଅନେକ ଜନତା ଭୋଟଦାନରୁ ବିରତ ରୁହନ୍ତି। କହିବାକୁ ଗଲେ ବର୍ତ୍ତମାନ ପରିପ୍ରେକ୍ଷୀରେ ରାଜନୀତି ଏକପ୍ରକାର ବ୍ୟବସାୟ ହୋଇଯାଇଛି। ଏହି ବ୍ୟବସାୟରେ ଅସାଧୁତା ବୃଦ୍ଧି ପାଇଛି। ତଥାପି ଅନେକ ଉଚ୍ଚମନା ବ୍ୟକ୍ତି ଆଜି ରାଜନୀତିରେ ଅଛନ୍ତି। ଅନେକ ପୁରୁଣା ରାଜନେତା ଜନସେବାମୂଳକ ଭାବଧାରାରେ ଅକ୍ଷୁର୍ଣ୍ଣ ଅଛନ୍ତି। ଯୁବବର୍ଗ ସମାଜସେବା ଉଦ୍ଦେଶ୍ୟରେ ରାଜନୀତି କରୁଛନ୍ତି। ଉଚ୍ଚ ଶିକ୍ଷିତ ତଥା ପ୍ରଭାବଶାଳୀ ଅଧିକାରୀ ନିଜର ଅନୁଭବକୁ ପାଥେୟ କରି ଦେଶର ଉନ୍ନତି କରିବା ଉଦ୍ଦେଶ୍ୟରେ ରାଜନୀତି କରୁଛନ୍ତି। ଏ କ୍ଷେତ୍ରରେ ଜନତା ସଚେତନ ରହି ନିଜର ଜନପ୍ରତିନିଧି ଚୟନ କରିବା ଆବଶ୍ୟକ।

ଭାରତ ଗାଣତାନ୍ତ୍ରିକ ପଦ୍ଧତିରେ ପରିଚାଳିତ ହୁଏ। ଏକ ଗାଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ଆମେ ଯଦି ଭଲ ରାଜନେତାଙ୍କୁ ଲୋକପ୍ରତିନିଧି ଭାବରେ ନିର୍ବାଚିତ କରିବା, ତେବେ ନିଶ୍ଚୟ ଦେଶର ବିକାଶ ସମ୍ଭବ ହୋଇପାରିବ। ତେବେ ଜନତାଙ୍କ ଅପେକ୍ଷା ରାଜନେତା ବିଶେଷ ଭାବରେ ସଚେତନ ହେବାର ବେଳ ଆସିଛି। ଶାସ୍ତ୍ର କହେ, ପଦପଦବୀ ମାୟାରେ ମାନବର ଅହଂକାର ବୃଦ୍ଧି ହୁଏ ଏବଂ ସେ ଭ୍ରଷ୍ଟାଚାରରେ ଲିପ୍ତ ହୋଇଯାଏ। ଯଦ୍ଦ୍ୱାରା ଦେଶର ବିକାଶରେ ବାଧା ସୃଷ୍ଟି ହୁଏ ଏବଂ ଅନ୍ୟାୟୀ ରାଜନେତା ଭବିଷ୍ୟତରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୁଏ। ନିଜର ପ୍ରଭାବ ବଳରେ ସରକାରୀ କଳରୁ ସେ ଖସିଯାଇପାରନ୍ତି, କିନ୍ତୁ ନ୍ୟାୟିକ ଦୃଷ୍ଟିରୁ ଖସିବା ଅସମ୍ଭବ। ତେଣୁ ଲୋକ ପ୍ରତିନିଧି ସମୁଚିତ ସ୍ୱଭାବ ପ୍ରଦର୍ଶନ କରି ଦେଶପ୍ରେମର ଭାବନାକୁ ଉଦ୍ରେକ କରିବା ଏକାନ୍ତ ଆବଶ୍ୟକ। ଲୋକପ୍ରତିନିଧିଙ୍କର ଲକ୍ଷଣ ଏବଂ ଜୀବନଶୈଳୀକୁ ଉପସ୍ଥାପନ କରି ଶାସ୍ତ୍ରଗୁଡ଼ିକ ସମାଜକୁ ସୁନ୍ଦର ଉପଦେଶ ଦେଇଛନ୍ତି।

ନେତାଙ୍କ ପାଖରେ ଯଦି ନିମ୍ନୋକ୍ତ ଦଶଗୋଟି ଗୁଣ ରହିଥିବ, ସେ ଜଣେ ଉଚ୍ଚକୋଟୀର ଲୋକପ୍ରତିନିଧି ପଦମର୍ଯ୍ୟାଦାକୁ ମଣ୍ଡନ କରିପାରିବେ। ସେଗୁଡ଼ିକ ହେଲା: ବିନୟୀ, ପ୍ରିୟଦର୍ଶୀ, ତ୍ୟାଗୀ, ଦକ୍ଷ, ପ୍ରିୟଭାଷୀ, ଲୋକପ୍ରିୟ, ପବିତ୍ର, ବାଗ୍ମୀ, ପ୍ରସିଦ୍ଧ ବଂଶୋଦ୍ଭବ ଏବଂ ସ୍ଥିର । ରାମାୟଣ, ମହାଭାରତ, ମନୁସ୍ମୃତି ତଥା ଅନେକ ଶାସ୍ତ୍ରୀୟ ଗ୍ରନ୍ଥରେ ଦେଶ ଶାସନ ପ୍ରକ୍ରିୟା ତଥା ଶାସକଙ୍କର ସ୍ୱଭାବ ବିଷୟରେ ଉପଦେଶ ଦିଆଯାଇଛି।



ଦଶରୂପକ ଗ୍ରନ୍ଥକାର ଧନଞ୍ଜୟ କହିଛନ୍ତି, ନେତା ବିନୀତୋ ମଧୁରସ୍ତ୍ୟାଗୀ ଦକ୍ଷଃ ପ୍ରିୟଂବଦଃ। ରକ୍ତଲୋକଃ ଶୁଚିର୍ବାଗ୍ମୀ ରୂଢବଂଶଃ ସ୍ଥିରୋ ଯୁବା॥ ବୁଦ୍ଧ୍ୟୁତ୍ସାହସ୍ମୃତିପ୍ରଜ୍ଞାକଳାମାନସମନ୍ୱିତଃ। ଶୂରୋ ଦୃଢ଼ଶ୍ଚ ତେଜସ୍ୱୀ ଶାସ୍ତ୍ରଚକ୍ଷୁଶ୍ଚ ଧାର୍ମିକଃ॥ ଏହି ଅମୃତ ତତ୍ତ୍ୱଗୁଡ଼ିକୁ ଯେଉଁ ରାଜନୈତିକ ବ୍ୟକ୍ତି ଏବଂ ଦଳ ନିଜର ଲକ୍ଷ୍ୟ ରୂପରେ ଗ୍ରହଣ କରିବେ, ସେମାନେ ସଫଳତାର ଶିଖର ସ୍ପର୍ଶ କରିବେ। ଜଣେ ନେତା ବିନୟୀଗୁଣ ସମ୍ପନ୍ନ ହେବା ଆବଶ୍ୟକ। ଯେଉଁ ଜନସାଧାରଣଙ୍କର ପରମ କୃପା ଭିକ୍ଷା ପାଇ ଜଣେ ବ୍ୟକ୍ତି ରାଜନୈତିକ ପଦ ମଣ୍ଡନ କରନ୍ତି, ସେ ଜୀବନର ଅନ୍ତିମ କ୍ଷଣ ପର୍ଯ୍ୟନ୍ତ ଜନସାଧାରଣଙ୍କ ପାଖରେ ବିନୟୀ ରହିବା ଆବଶ୍ୟକ। ମଧୁର ଅର୍ଥାତ୍ ପ୍ରିୟଦର୍ଶନ ସ୍ୱଭାବଯୁକ୍ତ ନେତା ନିଜର ବୁଦ୍ଧି ବଳରେ ସମାଜର ଉତ୍ତମ ସାଧନ କରୁଥିବା ବିଷୟକୁ ହିଁ ଚିନ୍ତା କରିବା ଆବଶ୍ୟକ। ନେତାଙ୍କ ମନରେ ଯେଉଁଦିନଠାରୁ ସମାଜ ଅହିତକର ତତ୍ତ୍ୱ ବସାବାନ୍ଧିବ, ସେହିଦିନଠାରୁ ରାଜନେତା ପତନୋନ୍ମୁଖୀ ହେବେ। ତ୍ୟାଗ ରୂପକ ସଦ୍ ଗୁଣଟି ନେତାଙ୍କୁ ଜୀବିତ କାଳରେ ଯେତିକି ସମ୍ମାନ ଦିଏ, ମୃତ୍ୟୁ ପରେ ବି ସେତିକି ସମ୍ମାନ ଦିଏ। ଜଣେ ପ୍ରକୃତ ନେତା ସିଏ, ଯିଏ ସମାଜ ମଙ୍ଗଳ ପାଇଁ ରାଜନୀତି କରନ୍ତି। ଦେଶ ଏବଂ ରାଜ୍ୟକୁ ଶାସନ କରିବା ପାଇଁ ନେତା ଖୁବ୍ ଦକ୍ଷତାସମ୍ପନ୍ନ ହେବା ଆବଶ୍ୟକ। ଦେଶର ଜନସାଧାରଣଙ୍କର ଦୈନନ୍ଦିନ ସମସ୍ୟା, ଅର୍ଥନୀତି, ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ବହୁବିଧ ଜାତୀୟ ତଥା ଅନ୍ତର୍ଜାତୀୟ ତଥ୍ୟକୁ ବିଚକ୍ଷଣ ବୁଦ୍ଧି ପ୍ରୟୋଗ ପୂର୍ବକ ସମାଧାନ କରିବା ଦକ୍ଷ ନେତାଙ୍କର କର୍ତ୍ତବ୍ୟ।

ପ୍ରିୟଭାଷୀ ନେତାଙ୍କର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଗୁଣ। ନେତା ତାଙ୍କର ଦୈନନ୍ଦିନ ଜୀବନରେ ଅନେକ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ସମାଜ ବିରୋଧୀ ବ୍ୟକ୍ତିମାନଙ୍କୁ ନେତାଙ୍କ ଜୀବନରେ ସମ୍ମୁଖୀନ ହେବାକୁ ପଡ଼େ। ତେବେ ଏ ସମୟରେ ପ୍ରତ୍ୟେକ ନେତା ନିଜର ବାଣୀ ଉପରେ ନିୟନ୍ତ୍ରଣ ରଖିବା ଆବଶ୍ୟକ। କୌଣସି ପରିସ୍ଥିତିରେ ନେତା ନିଜର ବାଣୀର ଦୁରୁପଯୋଗ ନ କରିବା ଦରକାର। ନେତାଙ୍କ ପାଖରେ ଲୋକପ୍ରିୟ ଗୁଣ ରହିବା ଉଚିତ। ଲୋକପ୍ରିୟ ନେତା ହିଁ ବାରମ୍ବାର ରାଜଗାଦିରେ ଅଭିଷିକ୍ତ ହୁଅନ୍ତି। ତେବେ ଲୋକପ୍ରିୟ ହେବା ପାଇଁ ନେତା ଯଦି ତାଙ୍କର ନୈତିକତାକୁ ଜଳାଞ୍ଜଳି ଦିଅନ୍ତି, ତେବେ ସେ ହାସ୍ୟାସ୍ପଦ ଏବଂ ନିନ୍ଦିତ ହୁଅନ୍ତି। ପବିତ୍ର ଶବ୍ଦଟିରେ ଅନେକ ଗୂଢ଼ ଅର୍ଥ ନିହିତ ଅଛି। ଏହା ମନ ଏବଂ ହୃଦୟର ନିର୍ମଳତାକୁ ପ୍ରତିପାଦନ କରେ। ନେତାଙ୍କର ମନ ସର୍ବଦା କାମନା ଏବଂ ବାସନାଠାରୁ ଦୂରେଇ ରହିବା ଦରକାର। ତେଣୁ ବିଶିଷ୍ଟ ଅର୍ଥଶାସ୍ତ୍ରକାର କୌଟିଲ୍ୟ କହିଛନ୍ତି, ଅର୍ଥ ସୂଚୀ ହିଁ ସମସ୍ତ ପବିତ୍ରତାର ଶ୍ରେଷ୍ଠ। ଠିକ ସେହିପରି ସମାଜରେ ଦେଖାଯାଉଥିବା ଅସାମାଜିକ ତତ୍ତ୍ୱଠାରୁ ନେତା ନିଜକୁ ଦୂରେଇ ରଖିବା ଆବଶ୍ୟକ।

ବାଗ୍ମୀତା ପ୍ରତ୍ୟେକ ନେତାଙ୍କର ଏକ ବିଶିଷ୍ଟ ଗୁଣ ହେବା ଆବଶ୍ୟକ। ବାଗ୍ମୀର ଅର୍ଥ ହେଲା ବୁଦ୍ଧି ଏବଂ ଭାଷଣରେ ନିପୁଣତା। ଜଣେ ବ୍ୟକ୍ତି ସେତେବେଳେ ଭାଷଣ ଦେବାରେ ନିପୁଣ ହୋଇପାରିବ, ଯେତେବେଳେ ସେ ଅନେକ କିଛି ଅଧ୍ୟୟନ କରିବେ। ବିଦ୍ୟା, ବୁଦ୍ଧି ଏବଂ ଅନୁଭବକୁ ପାଥେୟ କରି ଜଣେ ବ୍ୟକ୍ତି ବାଗ୍ମୀ ହୋଇପାରିବେ। ବିଶେଷକରି ଯେଉଁ ନେତା ମନ୍ତ୍ରୀ ଆସନରେ ଅଭିଷିକ୍ତ ହୁଅନ୍ତି ସେମାନଙ୍କ ଅଧୀନରେ ଅନେକ ଉଚ୍ଚପଦସ୍ଥ ଶିକ୍ଷିତ ଅଧିକାରୀ କାର୍ଯ୍ୟରତ ଥା'ନ୍ତି। ତେଣୁ ସେଭଳି କ୍ଷେତ୍ରରେ ନେତା ଯଦି ସ୍ୱୟଂ ଜ୍ଞାନୀ ନ ହୋଇଥା'ନ୍ତି, ତେବେ ଶାସନ କ୍ଷେତ୍ରରେ ଅନେକ ପ୍ରତିବନ୍ଧକ ଦୃଷ୍ଟିଗୋଚର ହୁଏ। ଯେଉଁ ରାଜ୍ୟର ଏବଂ ଦେଶର ନେତା ଯେତେ ବାଗ୍ମୀ ସେ ଦେଶ ବିଶ୍ୱରେ ସେତେ ପ୍ରଭାବଶାଳୀ।

ନିଜର ମତକୁ ପ୍ରଭାବୀ ଭାବରେ ଉପସ୍ଥାପନା କରିବାର କଳା ପ୍ରତ୍ୟେକଟି ରାଜନେତାଙ୍କ ପାଖରେ ରହିବା ଆବଶ୍ୟକ। ପ୍ରସିଦ୍ଧ ବଂଶର ନେତା ଯଦି ରାଜନୀତିରେ ପ୍ରବେଶ କରନ୍ତି, ଜନସାଧାରଣ ଖୁବ୍‌ଶୀଘ୍ର ତାଙ୍କୁ ଗ୍ରହଣ କରିନିଅନ୍ତି। ତେବେ ପ୍ରସିଦ୍ଧ ବଂଶର ବ୍ୟକ୍ତି ଜଣକ ରାଜନୀତିରେ ପ୍ରବେଶ କରି ନିଜର ବଂଶ ମର୍ଯ୍ୟାଦାକୁ ଦ୍ୱିଗୁଣିତ କରିବା ଆବଶ୍ୟକ। ବଂଶ ମର୍ଯ୍ୟାଦାକୁ ବିକାଶ କରିବା ସ୍ଥାନରେ ଯଦି ତାକୁ ନିମ୍ନଗାମୀ କରନ୍ତି, ତେବେ ରାଜନେତା ଜଣକ ବିଚାର କରିବା ଆବଶ୍ୟକ ଯେ, ପିତୃପୁରୁଷମାନେ ଅନେକ ସାଧନା କରି ସଞ୍ଚୟ କରିଥିବା କୀର୍ତ୍ତିପତାକାକୁ ତାଙ୍କର ଦାୟାଦ ଅତି ଅଳ୍ପ ସମୟରେ ନଷ୍ଟଭ୍ରଷ୍ଟ କରିଦେବା କେତେଦୂର ଯଥାର୍ଥ୍ୟ। ସ୍ଥିରତା ପ୍ରତ୍ୟେକଟି ରାଜନୈତିକ ବ୍ୟକ୍ତିବିଶେଷଙ୍କର ଏକ ବିଶିଷ୍ଟ ଗୁଣ। ସ୍ଥିର ଗୁଣସମ୍ପନ୍ନ ବ୍ୟକ୍ତି ହିଁ ଦେଶରେ ସ୍ଥିର ଶାସନ ଦେବାରେ ସମର୍ଥ ହୁଅନ୍ତି। ନିଜର ବାଣୀ, ମନ ଏବଂ କାର୍ଯ୍ୟକଳାପରେ ସଚ୍ଚୋଟତା ପ୍ରତ୍ୟେକଟି ରାଜନୈତିକ ବ୍ୟକ୍ତିଙ୍କର ଆୟୁଧ ହେବା ଆବଶ୍ୟକ।

ଉପନିର୍ଦ୍ଦେଶକ, ଦୂରସ୍ଥ ଶିକ୍ଷା ବିଭାଗ
କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି
ମୋ: ୮୮୯୭୪୨୬୨୪୩

# ଦାର୍ଶନିକ ଭାଷଣ



ହରେକୃଷ୍ଣ ଦାସ

ପରମ ଜ୍ଞାନୀ ରାଜା ଭର୍ତ୍ତୃହରି ମାନବ ଜୀବନ ତଥା ସଂସାରର ଅଳୀକତା ବିଷୟରେ ଯଥେଷ୍ଟ ସଚେତନ ଥିଲେ ମଧ୍ୟ ସନ୍ନ୍ୟାସୀ ଗୋରେଖନାଥଙ୍କ ସହ ସାକ୍ଷାତ ହେବା ପରେ ହିଁ ତାଙ୍କ ଜ୍ଞାନଚକ୍ଷୁ ଉନ୍ମିଳିତ ହୋଇଥିଲା ଏବଂ ସମୟକ୍ରମେ ସେ ବୈରାଗ୍ୟ ଆଦରି ନେଇଥିଲେ। ସନ୍ନ୍ୟାସୀଙ୍କଠାରୁ ନିଜ ପାଇଁ ପାଇଥିବା ଅମୃତଫଳକୁ ନିଜେ ନ ଖାଇ ତାଙ୍କ ପାଇଁ ସର୍ବଶ୍ରେଷ୍ଠ ସାଂସାରିକ ମୋହମାୟାର କାରଣ ତାଙ୍କର ପ୍ରିୟ ରାଣୀ ପିଙ୍ଗଳାଙ୍କୁ ଦେଇଥିଲେ ମଧ୍ୟ ଶଠତାର ଚକ୍ରରେ ଫଳଟି ତାଙ୍କ ପାଖକୁ ଫେରିଆସିବା ପରେ ସେ ଯେତେବେଳେ ଅନୁଭବ କଲେ ଯେ ତାଙ୍କ ଭଲପାଇବା ପ୍ରତି ରାଣୀ ବିଶ୍ୱାସଘାତକତା କରିଛନ୍ତି ସେ ଦୁଃଖରେ ମ୍ରିୟମାଣ ହେଇପଡ଼ିଥିଲେ। ଏଇଭଳି ସମୟରେ ସନ୍ନ୍ୟାସୀ ମହାଭାଗଙ୍କର ଆବିର୍ଭାବ ଭର୍ତ୍ତୃହରିଙ୍କ ଜୀବନର ଗତିପଥ ଓ ଉଦ୍ଦେଶ୍ୟ ବଦଳାଇଦେଇଥିଲା। ଏହି ପରିବର୍ତ୍ତିତ ଜୀବନର ଅନବଦ୍ୟ କୃତି ଭାବରେ 'ବୈରାଗ୍ୟ ଶତକ' ଏ ସଂସାରକୁ ପ୍ରାପ୍ତ ହେଲା ଯେଉଁଥିରେ ଏକ ଶ୍ଳୋକ ମାଧ୍ୟମରେ ସେ ପରାମର୍ଶ ଦେଇଛନ୍ତି ଯେ ଏ କ୍ଷଣଭଙ୍ଗୁର ଜଗତ, ନଶ୍ୱର ଅସ୍ଥି ମାଂସ ରକ୍ତର ଦେହ ତଥା ସ୍ତ୍ରୀ ସନ୍ତାନ ଆଦିଙ୍କ ପ୍ରତି ଥିବା ଆସକ୍ତି ତ୍ୟାଗକରି ବୈରାଗ୍ୟ ଆଚରଣ କରିବା ଉଚିତ।

ଭର୍ତ୍ତୃହରିଙ୍କ ସମ୍ପର୍କରେ ଅନେକ ରୋଚକ କଥା ଧୈର୍ଯ୍ୟର ସହ ଶୁଣିସାରି ବନ୍ଧୁ କହିଲେ, ''ସମ୍ପୂର୍ଣ୍ଣ ଆସକ୍ତି ସହ ଜୀବନକୁ ଭରପୂର ଉପଭୋଗ କରିସାରିଲା ପରେ ରାଜାଙ୍କର ଚୈତନ୍ୟ ଉଦୟ ହେଲା, ଆଉ ସେ ଆମକୁ ଉପଦେଶ ଦେଲେ ଯେ ସ୍ତ୍ରୀ ସନ୍ତାନ ଇତ୍ୟାଦିଙ୍କଠାରୁ ମୋହ ତୁଟାଇ ବୈରାଗୀଙ୍କ ଭଳି ବଞ୍ଚିବା ଉଚିତ। କୋଉ ନୂଆ କଥାଟେ କହିଲେ କି? ଯୁଗ ଯୁଗ ଧରି ଅନେକ ଶାସ୍ତ୍ରରେ ଏ କଥା କୁହାଯାଇଛି ବୋଲି ଆମେ ଜାଣୁ। ଅନେକ ଜ୍ଞାନୀ ଗୁଣୀ ବିଦ୍ୱାନ ଏକଥା ଜାଣି ମଧ୍ୟ ନିଜ ଜୀବନରେ ପ୍ରୟୋଗ କରିପାରିନାହାନ୍ତି। କିଏ କ'ଣ ଲେଖିଦେଲା ବୋଲି ସେଇ କଥାକୁ ଧରି ରହିଲେ କ'ଣ ବଞ୍ଚିହେବ? ଦଶରଥଙ୍କର କ'ଣ ଏ ଜ୍ଞାନ ନ ଥିଲା କି? ଭାଷଣ ମାରିବା ଯେମିତି ସହଜ, ମୋହ ତୁଟାଇବା ସେମିତି ସହଜ ହୋଇଥିଲେ ସେ କାହିଁକି ରାମଙ୍କୁ ଝୁରି ଝୁରି ପ୍ରାଣ ତ୍ୟାଗ କରିଥାଆନ୍ତେ? ସମସ୍ତେ ଜାଣନ୍ତି ଯେ ମଲା ବେଳେ ସମ୍ପତ୍ତି କି ସ୍ତ୍ରୀ ପିଲା ସାଙ୍ଗରେ ଯାଆନ୍ତି ନାହିଁ; ତଥାପି କେମିତି ଲୋକେ ଚୋରି ଟାଉଟରି ଠକେଇକରି ହେଉ କି ନିଜେ ସାରା ଜୀବନ ଦୁଃଖକଷ୍ଟରେ ବଞ୍ଚି ବ୍ୟକ୍ତିଗତ ସୁଖ ତ୍ୟାଗକରି ହେଉ ସେଇ ପିଲାମାନଙ୍କ ପାଇଁ ଧନ ଠୁଳ କରିଚାଲନ୍ତି ,ଯୋଉ ପିଲାମାନେ ବେଳ ପଡ଼ିଲେ ଏମାନଙ୍କୁ ଗୋଡ଼ରେ ଆଡ଼େଇଦେବାକୁ ମଧ୍ୟ କୁଣ୍ଠିତ ହୁଅନ୍ତି ନାହିଁ। କେବଳ ବଂଶବୃଦ୍ଧି ହେବାର ମୋହରେ



ତୁଚ୍ଛା କୁଳାଙ୍ଗାର ହୋଇଥିଲେ ବି ନିଜ ପିଲାଙ୍କ ଉପରେ ଲୋକେ ନିଜର ଧନ,ସମ୍ପତ୍ତି,ମାନ,ଇଜ୍ଜତ ସବୁ କିଛି ଲୁଟେଇ ଦିଅନ୍ତି ନା ନାହିଁ?''

ବନ୍ଧୁଙ୍କ ପ୍ରଗଳ୍ଭତାରେ ହସ୍ତକ୍ଷେପ କରି ମୁଁ କହିଲି,''ଦଶରଥଙ୍କ ଆସକ୍ତିକୁ ଆଦର୍ଶ ଭାବରେ କାହିଁକି ଦେଖୁଛ? ନିଜ ଅପରାଧୀ ସନ୍ତାନଠାରୁ ମୋହ ତୁଟାଇ, ନିଜ ବଂଶ ରହିବା ନ ରହିବାକୁ ଖାତିର ନ କରି, ତାକୁ ମୃତ୍ୟୁଦଣ୍ଡ ଦେବାକୁ ସ୍ୱର ଉଠାଉଥିବା କିମ୍ବା ତାକୁ ବହିଷ୍କାର କରୁଥିବା ଅନେକ ମହାନ୍ ବାପାମାଆଙ୍କୁ ଆଦର୍ଶ ବୋଲି ଗ୍ରହଣ କରିବାଟା ବର୍ତ୍ତମାନ ସମୟ ପାଇଁ ବେଶି ଉପଯୋଗୀ ସାବ୍ୟସ୍ତ ହୋଇପାରେ। ବିଡ଼ମ୍ବନା ହେଉଛି ଯେ ସମସ୍ତେ ସବୁଦିନ ଅନେକ ଅପ୍ରିୟ, ଅସତ୍ୟ ସ୍ୱପ୍ନ ଦେଖୁଥିଲେ ମଧ୍ୟ ସେସବୁ ନିଜ ସହ କେବେ ଘଟିବନି ବୋଲି ମନକୁ ବୋଧ ଦେଉଥା'ନ୍ତି; ଗୋଟେ ଠୋକର ଖାଇଲା ପରେ ଚୈତନ୍ୟ ଉଦୟ ହୁଏ, କିନ୍ତୁ ଲୋକଲଜ୍ଜା ଭୟରେ ଭିତରେ ମରୁଥିଲେ ବି ଉପରକୁ ସବୁ ଠିକ୍ ଥିବାର ଦେଖେଇ ହୁଅନ୍ତି ଏବଂ ଅବଶିଷ୍ଟ ଜୀବନ ସେଇ ମିଛ ଚେହେରା ଧରି ବଞ୍ଚିରହନ୍ତି। କେତେଜଣ ଲୋକ ସବୁ ମୁହୂର୍ତ୍ତରେ ସବୁ ସମ୍ପର୍କରେ ଠୋକର ଖାଉଥିଲେ ମଧ୍ୟ ଦଶରଥଙ୍କର ସ୍ତ୍ରୀ-ପୁତ୍ର ମୋହର ଦୃଷ୍ଟାନ୍ତ ପାଳଟିଯାଆନ୍ତି ପଛେ ଭର୍ତ୍ତୃହରି ହୋଇପାରନ୍ତିନାହିଁ।''

ମୋ ଭାଷଣ ଶୁଣି ବନ୍ଧୁଙ୍କର ଶୁଖିଆସୁଥିବା ମୁହଁ ଦେଖି ମୁଁ ଅଟକିଗଲି ତ ସେ କହିଲେ, ''ପୂରା ଠିକ୍ କଥା। ମିଛ ଚେହେରା ଧରି ଆମେ ବଞ୍ଚୁଛୁ ସିନା, ଭିତରେ ଆମେ ସମସ୍ତେ କିନ୍ତୁ ଦୁଃଖ, ହତାଶା ଆଉ ଅସହାୟତାରେ ଶଢ଼ୁଛୁ। ପରିବାରର ମୋହ ଏମିତି ଜାବୁଡ଼ି ଧରିଛି ଯେ ପ୍ରତି ମୁହୂର୍ତ୍ତରେ ମରି ମରି ବଞ୍ଚୁଥିଲେ ମଧ୍ୟ ଆମେ ସଂସାର ଛାଡ଼ିପାରୁନାହୁଁ। ସମସ୍ତେ ଏୟା ଭାବନ୍ତି ଯେ ତମ ପାଇଁ କେହି କିଛି କରିବା ଆବଶ୍ୟକ ନାହିଁ, ସେମାନଙ୍କ ପାଇଁ କେବଳ ତମର ହିଁ ଯାହା କର୍ତ୍ତବ୍ୟ ଅଛି। ଆଉ ସେଥିରେ ସାମାନ୍ୟ ଊଣା ହେଲେ ତୁମ ସ୍ତ୍ରୀ ପିଲା ଭାଇ ବନ୍ଧୁ ସମସ୍ତେ ତୁମକୁ ବିଷଦୃଷ୍ଟିରେ ଦେଖିବେ। ଏସବୁ ଅନୁଭବକରି ମଧ୍ୟ ସେ ମୋହ ତୁଟାଇହେଉନାହିଁ। ଏମିତି ଦେଖିଲେ ଆମେ ସମସ୍ତେ ଜଣେ ଜଣେ ଭର୍ତ୍ତୃହରି। ସେ ନିଜକୁ ମୁକାଳିପାରିଲେ, ଆମେ କିନ୍ତୁ ଚିରକାଳ ବନ୍ଦୀ।''

ବନ୍ଧୁଙ୍କର ଦାର୍ଶନିକ ଭାଷଣ ସରିଛି କି ନାହିଁ, ତାଙ୍କ ସ୍ତ୍ରୀ ଓ ୨ ପିଲା ଆସି ହାଜର ହୋଇଗଲେ। ରାଗ ତମତମ ହୋଇ ବନ୍ଧୁଙ୍କ ସ୍ତ୍ରୀ କହିଲେ, ''ତୁମର ଏତେ ବେଖାତିର ଭାବ! ଆମେ ମଲ୍ ବୁଲିଯିବା ପାଇଁ ଅପେକ୍ଷା କରିଛୁ ଅଥଚ ତମେ ଏଠି ଆସି ଖଟି କରୁଛ?'' ଝିଅ ବି ଯୋଡ଼ିଦେଲା,''ଓଃ, ତମେ ଏତେ ସେଲ୍‌ଫିସ୍!'' କିଛି ଉତ୍ତର ନ ଦେଇ ବନ୍ଧୁ ଖାଲି କରୁଣ ଚାହାଣିଟେ ଫିଙ୍ଗିଦେଇ ସ୍ତ୍ରୀଙ୍କ ପଛେ ପଛେ ଗଲାବେଳେ ବନ୍ଧୁଙ୍କ ଭିତରେ ମୁଁ ଅନେକଙ୍କୁ ଦେଖିପାରୁଥିଲି; ସମସ୍ତେ ଠିକ୍ ତାଙ୍କ ପରି– ବନ୍ଦୀ ଭର୍ତ୍ତୃହରି।

ଅଧ୍ୟାପକ, ଇଂଲିଶ ବିଭାଗ
ନିଆଳି କଲେଜ, ନିଆଳି, କଟକ
ମୋ: ୯୮୬୧୩୪୫୬୫୮

## ଏଇ ଭାରତରେ

ଇସ୍ରାଏଲର ମୂଳ ବାସିନ୍ଦା ମିଚେଲ ହାରିସନ ୧୯୮୪ରେ କୋଲକାତାକୁ ଆସିବା ପରେ ଜଣେ ଅସହାୟ ଝିଅକୁ ପୋଷ୍ୟ ଭାବେ ଗ୍ରହଣ କରିଥିଲେ। ତାଙ୍କର ଜଣେ ଜନ୍ମିତ କନ୍ୟା ଥିଲେ ବି କୋଲକାତାରେ ଅସହାୟ ଝିଅମାନଙ୍କ ଅବସ୍ଥା ଦେଖି ସେ ଏଭଳି ଝିଅମାନଙ୍କୁ ସାହାଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ। ପରେ ମିଚେଲ ଏକାଧିକ ଝିଅଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ସେମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟସେବା ଯୋଗାଇବା ସହ ସଶକ୍ତ କରୁଛନ୍ତି। ସ୍ତନକର୍କଟରେ ପୀଡ଼ିତ ହେବା ସତ୍ତ୍ୱେ ମିଚେଲ ତାଙ୍କ ଲକ୍ଷ୍ୟପଥରୁ ଓହରି ନ ଥିଲେ। ତାଙ୍କୁ ଏବେ ୮୧ବର୍ଷ ବୟସ। କର୍କଟରୁ ମୁକ୍ତ ହୋଇ ୨୦୦୬ରେ 'ଚାଇଲ୍ଡଲାଇଫ ପ୍ରିଜର୍ଭ ଶିଶୁର ସେବୟ' ସଂସ୍ଥା ଗଠନ କରି ଏହି ସେବା କାର୍ଯ୍ୟ ଚଳାଉଛନ୍ତି। ଏବେ ତାଙ୍କ ଘର ସେବାଶ୍ରମରେ ପରିଣତ ହୋଇଯାଇଛି। ସେଠାରେ ୨୦ଜଣ ଅସହାୟ ଝିଅ ରହୁଛନ୍ତି। ଏମାନଙ୍କ ମଧ୍ୟରେ ଚାରିଜଣ ଦିବ୍ୟାଙ୍ଗ ଅଛନ୍ତି। ୧୪ ଝିଅ ବିଭିନ୍ନ ଭୋକେଶନାଲ କୋର୍ସରେ ନାମ ଲେଖାଇଛନ୍ତି। ସେମାନେ ମୁଖ୍ୟତଃ ଟେଲରିଂ ଓ ଗହଣା ତିଆରି ଶିକ୍ଷା କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୪ ମେ ୧୯୭୫

- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଯମୁନାଦାସ ତଲୱାରଙ୍କ ୭୧ ବର୍ଷ ବୟସରେ ପରଲୋକ।
- ଅରୁଣାଚଳ ପ୍ରଦେଶରେ ବିଧାନସଭା ଏବଂ ମନ୍ତ୍ରିପରିଷଦ ଗଠନ ସଂକ୍ରାନ୍ତୀୟ ବିଲ୍ ରାଜ୍ୟସଭାରେ ଗୃହୀତ।
- ଇରାନର କେରମାନସାହ ଓ ଲୁରୀଷ୍ଟାନ ପ୍ରଦେଶରେ ପ୍ରବଳ ବନ୍ୟା ଯୋଗୁ ୭୫ ଜଣଙ୍କର ମୃତ୍ୟୁ।

## ଚିରନ୍ତନୀ

ମୁଗ୍ଧ ଲୀଟ କୁସୁମେ କରେ
ଗୁଞ୍ଜନ ହେ ଗୁଞ୍ଜନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ!

–(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 2 | | | | | | 5 |
| | 6 | 7 | | | | 4 | | 1 |
| | 8 | 5 | 6 | | | | | |
| | | | 5 | 6 | 9 | 3 | | |
| | | 8 | | | | | | |
| | 4 | | | | | 7 | | |
| | | | | | 2 | | 3 | |
| 3 | | | 9 | | | | | 2 |
| | 2 | | | | 4 | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 9 | 1 | 4 | 2 | 6 | 8 | 7 |
| 7 | 1 | 6 | 8 | 9 | 5 | 4 | 2 | 3 |
| 4 | 8 | 2 | 6 | 7 | 3 | 5 | 1 | 9 |
| 8 | 4 | 1 | 5 | 3 | 6 | 7 | 9 | 2 |
| 9 | 3 | 7 | 4 | 2 | 8 | 1 | 5 | 6 |
| 6 | 2 | 5 | 7 | 1 | 9 | 3 | 4 | 8 |
| 2 | 7 | 3 | 9 | 5 | 4 | 8 | 6 | 1 |
| 1 | 6 | 4 | 2 | 8 | 7 | 9 | 3 | 5 |
| 5 | 9 | 8 | 3 | 6 | 1 | 2 | 7 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ପରିବାରବାଦ ରାଜନୀତିକୁ ରୋକାଯାଉ

ମହାଶୟ,

ରାଜନୈତିକ ଦଳଗୁଡ଼ିକ ନିର୍ବାଚନ ଆସିଲେ କ୍ଷମତା ଲୋଭକୁ ସମ୍ଭାଳି ନ ପାରି ଜ୍ଞାତିକୁଟୁମ୍ବରୁ ଯାହାକୁ ପାଇଲେ ତାକୁ ନିର୍ବାଚନରେ ପ୍ରାର୍ଥୀ କରୁଛନ୍ତି। ଫଳରେ ଏହା ସୁସ୍ଥ ଗଣତନ୍ତ୍ରରେ ଅସୁସ୍ଥ ପରମ୍ପରା ସୃଷ୍ଟି କରୁଛି। ଏପରିକି ରାଜନୀତିକୁ ପୈତୃକ ସମ୍ପତ୍ତି ବୋଲି ଭାବି ନେଇ ପରିବାର ସଦସ୍ୟଙ୍କୁ ଉତ୍ତରାଧିକାରୀ ସୂତ୍ରରେ ରାଜନୀତିକୁ ଧରାଇ ଦେଉଛନ୍ତି। ଫଳରେ ଗଣତନ୍ତ୍ରର ସଂଜ୍ଞା ବଦଳିଯିବା ସହିତ ଦେଶ ତଥା ରାଜ୍ୟରେ ସ୍ୱଚ୍ଛ ଓ ନିର୍ମଳ ନେତାଙ୍କ ଅଭାବ ପରିଲକ୍ଷିତ ହେଉଛି। କେବଳ ସେତିକି ନୁହେଁ, ଗୋଟିଏ ଗୋଟିଏ ରାଜନେତାଙ୍କ ପରିବାରରୁ ଏକାଧିକ ସଦସ୍ୟାସଦସ୍ୟଙ୍କୁ ରାଜନୈତିକ ମୈଦାନରେ ଦେଖିବାକୁ ମିଳୁଛି। ବିଶେଷକରି ଦୀର୍ଘବର୍ଷ ଧରି ଏହି ପରିବାରବାଦ ରାଜନୀତି ଆରମ୍ଭ ହୋଇଥିଲେ ମଧ୍ୟ ଏହାକୁ ବନ୍ଦ କରାଯାଇ ପାରୁନାହିଁ। ପରିବାରବାଦ ରାଜନୀତିକୁ ବିରୋଧ କରୁଥିବା ଶିକ୍ଷିତ ନାଗରିକମାନେ ଭୋଟ ଦେବାକୁ ନାପସନ୍ଦ କରୁଛନ୍ତି। ଅବଶ୍ୟ ଇଭିଏମ୍‌ରେ ବର୍ତ୍ତମାନ ନୋଟା ବଟନ ଥିବାରୁ ଶିକ୍ଷିତ ତଥା ସଚେତନ ଭୋଟରମାନେ ତାହାକୁ ବ୍ୟବହାର କରି ନିଜର ଅସନ୍ତୋଷ ପ୍ରକାଶ କରୁଛନ୍ତି। ଅର୍ଥାତ୍ ସେମାନେ ଏଭଳି ଏକ ରାଜନୈତିକ ଧାରାର ବିରୋଧୀ ବୋଲି ପ୍ରତିପାଦିତ କରୁଛନ୍ତି। ଅନ୍ୟପକ୍ଷେ, ଦଳରେ ଦୀର୍ଘବର୍ଷ କାର୍ଯ୍ୟ କରି ଆସୁଥିବା ଦଳୀୟ କର୍ମୀଙ୍କ ମଧ୍ୟରୁ ଜଣେ ନିର୍ବାଚନ ଲଢ଼ି ନ ପାରି ନିରାଶ ହେବା ପରେ ଦଳବିରୋଧୀ ଭାବେ ନିର୍ବାଚନରେ କାର୍ଯ୍ୟ କରିବାକୁ ପଛାଉ ନାହାନ୍ତି। ଏଣୁ ଏଭଳି ପରିବାରବାଦ ରାଜନୀତିରେ ରୋକ ଲଗାଯିବା ଦରକାର। ଏହାସହିତ ଉତ୍ତରାଧିକାରୀ ସୂତ୍ରରେ ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନଙ୍କୁ ଉଚିତ୍ ଜବାବ ଦେଲେ ଏହି ଧାରାକୁ ରାଜନୈତିକ ଦଳଗୁଡ଼ିକ ଆପଣାଇବାକୁ ପଛାଇବେ।

–ବିଷ୍ଣୁ ପ୍ରସାଦ ମହାରଣା,ବାଜିଚୌକ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ଅନୁଭବଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ

## ବର୍ଷାଙ୍କୁ ନିର୍ଯାତନା ମାମଲା

**କଟକ, ୧୩ା୫ (କାର୍ତ୍ତିକ ସାହୁ)**

କଟକ ଜେଏମ୍ଏଫ୍‌ସି ସ୍ୱତନ୍ତ୍ର କୋର୍ଟରେ ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତି ହାଜର ନ ହେବାରୁ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ଜାରି ହୋଇଛି। ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ନିର୍ଯାତନା ଦେବା ନେଇ ରୁଜୁ ମାମଲାର ଶୁଣାଣି ସୋମବାର ହେବାର ଥିଲା। ମାତ୍ର ଅନୁଭବ କୋର୍ଟରେ ହାଜର ନ ହୋଇ ତାଙ୍କ ଓକିଲଙ୍କ ଜରିଆରେ ଏକ ପିଟିଶନ ଦାଖଲ କରି ପୁଣି ଅଧିକ ସମୟ ମାଗିଥିଲେ। ବାରମ୍ବାର ଏପରି ସମୟ ମାଗିବା ଦ୍ୱାରା ଶୁଣାଣି ବିଳମ୍ବ ହେଉଥିବାରୁ କୋର୍ଟ ଅନୁଭବଙ୍କ ପିଟିଶନ ଖାରଜ କରିବା ସହ ତାଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି କରିଛନ୍ତି। ଏଥିସହ ଆସନ୍ତା ୨୩ ତାରିଖ ସୁଦ୍ଧା ୱାରେଣ୍ଟ କାର୍ଯ୍ୟକାରୀ କରିବାକୁ କୋର୍ଟ ପୁରୀଘାଟ ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

ସୂଚନାଯୋଗ୍ୟ, ବର୍ଷାଙ୍କୁ ଅନୁଭବ ମାନସିକ, ଶାରୀରିକ ନିର୍ଯାତନା ଦେବା ସହ ବିଭିନ୍ନ ସମୟରେ ଧମକ ଦେଉଥିଲେ। ଏ ନେଇ ସେ ୨୦୨୦ରେ ପୁରୀଘାଟ ଥାନାରେ ଏତଲା ଦେଇଥିଲେ। ଏପରିକି ଉକ୍ତ ଘଟଣାରେ ଅନୁଭବଙ୍କ ଦୁଇ ସହଯୋଗୀ ସୁଜିତ୍ ଦଳାଇ ଓ ଖଗେନ୍ଦ୍ର ପ୍ରସାଦ ସାହୁଙ୍କ ବିରୋଧରେ ମଧ୍ୟ ଅଭିଯୋଗ ହୋଇଥିଲା। ତେବେ ଏହି ମାମଲାକୁ ରଦ୍ଦ କରିବା ପାଇଁ ଅନୁଭବ କୋର୍ଟରେ ଡିସ୍‌ଚାର୍ଜ ପିଟିଶନ ଦାଏର କରିଥିଲେ। ବର୍ଷାଙ୍କ ପକ୍ଷରୁ ରୁଜୁ ନିର୍ଯାତନା ଅଭିଯୋଗ ମାମଲାର କୌଣସି ଆଧାର ନାହିଁ। ଏହାକୁ ରଦ୍ଦ କରାଯାଉ ବୋଲି ଅନୁଭବଙ୍କ ପକ୍ଷରୁ ଆବେଦନରେ ଦର୍ଶାଯାଇଥିଲା। ହେଲେ ବର୍ଷାଙ୍କ ପକ୍ଷରୁ ଏହାକୁ ବିରୋଧ କରାଯିବା ସହ ଏହି ମାମଲାରେ ଚାର୍ଜଫ୍ରେମ୍ ପାଇଁ ଯୁକ୍ତି ରଖାଯାଇଥିଲା। କଟକ ଜେଏମ୍ଏଫ୍‌ସି କୋର୍ଟ ଅନୁଭବ ମହାନ୍ତି କରିଥିବା ଆବେଦନକୁ ବୁଧବାର ଖାରଜ କରିବା ସହ ଚାର୍ଜଫ୍ରେମ୍ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗତ ଶୁକ୍ରବାର ଚାର୍ଜଫ୍ରେମ୍ କରାଯିବ ବୋଲି କୋର୍ଟ କହିବା ସହ ଉକ୍ତ ଦିନ ଅନୁଭବଙ୍କୁ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଅନୁଭବ କୋର୍ଟରେ ହାଜର ହୋଇ ନ ଥିଲେ। ବରଂ ତାଙ୍କ ଓକିଲଙ୍କ ମାଧ୍ୟମରେ କୋର୍ଟରେ ହାଜର ହେବା ପାଇଁ ଅଧିକ ସମୟ ମାଗିଥିଲେ। କୋର୍ଟ ଏହାକୁ ମଞ୍ଜୁର କରିବା ସହ ସୋମବାର ଶୁଣାଣି ପାଇଁ ଧାର୍ଯ୍ୟ କରିଥିଲେ।

# ବୌଦ୍ଧ, ବାଙ୍ଗିରିପୋଷିରୁ ୧୪ଲକ୍ଷ ୨୯ ହଜାର ଟଙ୍କା ଜବତ

## ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତ୍ରୀ, ଯୁବଛାତ୍ର ନେତାଙ୍କ ଗାଡ଼ି ଯାଞ୍ଚବେଳେ ଧରାପଡ଼ିଲା

**ବୌଦ୍ଧ/ବାରିପଦା, ୧୩ା୫ (ଅଜିତ କୁମାର ବାରିକ/ ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଭୋଟରଙ୍କୁ ଅର୍ଥ ଦେଇ ପ୍ରଭାବିତ କରିବାକୁ ଅପଚେଷ୍ଟା ଓ ଦୁର୍ନୀତି ରୋକିବା ନିମନ୍ତେ କଡ଼ା ସୁରକ୍ଷା ଗ୍ରହଣ କରାଯାଇଛି। ପ୍ରତ୍ୟେକ ଦିନ ବିଭିନ୍ନ ସ୍ଥାନରୁ ଟଙ୍କା ଜବତ କରାଯାଉଛି। ଏହି କ୍ରମରେ ବୌଦ୍ଧ ଏବଂ ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ ଅଞ୍ଚଳରୁ ୧୪ଲକ୍ଷ ୨୯ହଜାର ଟଙ୍କା ଜବତ ହୋଇଛି। ବୌଦ୍ଧରୁ ୧୧ ଲକ୍ଷ ୬୪ହଜାର ୫୦୦ଟଙ୍କା ଜବତ ହୋଇଥିବାବେଳେ ବାଙ୍ଗିରପୋଷିରୁ ୨ଲକ୍ଷ ୬୪ହଜାର ୫୦୦ଟଙ୍କା ଜବତ ହୋଇଛି। ଜବତ ଟଙ୍କା ନେଇ କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଉକ୍ତ ଟଙ୍କାକୁ ଜିଲା କୋଷାଗାରରେ ରଖାଯାଇଛି। ତେବେ ଉକ୍ତ ଟଙ୍କା ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ସହ ସମ୍ପୃକ୍ତ ଜଣେ ନେତ୍ରୀ ଏବଂ ଯୁବଛାତ୍ର ନେତାଙ୍କ ଠାରୁ ଜବତ ହୋଇଥିବାରୁ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି।

ମିଳିଥିବା ସୂଚନା ଅନୁସାରେ ବୌଦ୍ଧ ଜିଲାରେ ଆସନ୍ତା ୨୦ ତାରିଖରେ ଭୋଟ ଗ୍ରହଣ ହେବ। ସୋମବାର ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଜିଲାର ହରଭଙ୍ଗା ବ୍ଲକ ବୌଦ୍ଧ ନିର୍ବାଚନମଣ୍ଡଳୀ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର କରଡାକୋଠାଠାରେ ଯାନବାହନ ଯାଞ୍ଚ କରାଯାଉଥିଲା। ଦିନ ଗୋଟାଏ ସମୟରେ ଏକ କଳା ରଙ୍ଗର କାର (ଓଡି୦୨-ବିଏମ୍-୧୫୧୭) ଚାରିଛକ ପଟୁ ଭୁବନେଶ୍ୱର ଆଡ଼କୁ ଯାଉଥିବାବେଳେ ଗାଡିକୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ଗାଡିରୁ ୧୧ଲକ୍ଷ ୬୪ ହଜାର ୫୦୦ଟଙ୍କା ମିଳିଥିଲା। ଫ୍ଲାଇଙ୍ଗ ସ୍କ୍ୱାଡ୍ ପକ୍ଷରୁ ଗାଡି ସହ ଦୁଇ ଯୁବତୀଙ୍କୁ ପୁରୁଣାକଟକ ଥାନାକୁ ନିଆଯାଇଥିଲା। ଗାଡିରେ ନାରୀ ନେତ୍ରୀ ଅପୂର୍ବା ଦାଶ ଓ ଅନ୍ୟ ଜଣେ ଯୁବତୀ ଥିଲେ। ରବିବାର ଅପୂର୍ବା କଣ୍ଟାମାଳ ନିର୍ବାଚନମଣ୍ଡଳୀରେ ହୋଇଥିବା ଏକ ମହିଳା ସମାବେଶରେ ଯୋଗଦେଇ ଫେରିବାବେଳେ ଯାଞ୍ଚର ସମ୍ମୁଖୀନ ହୋଇଥିଲେ। ତେବେ ଉକ୍ତ ଟଙ୍କାକୁ ଜିଲା କୋଷାଗାରରେ ରଖାଯାଇଥିବାବେଳେ ଅପୂର୍ବାଙ୍କୁ ପୋଲିସ ପଚରାଉଚରା ପରେ ଛାଡ଼ି ଦେଇଛି।

ସେହିପରି ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ଶାମାଖୁଣ୍ଟା ବ୍ଲକ ରଙ୍ଗମାଟିଆଛକରୁ ସୋମବାର ସକାଳେ ଫ୍ଲାଇଂ ସ୍କ୍ୱାଡ୍ ଅଧିକାରୀମାନେ ଏକ ବୋଲେରୋ ଗାଡ଼ି(ଓଡି୧୧-ଏସ୍-୯୫୬୫)କୁ ଯାଞ୍ଚ କରିବା ସମୟରେ ଏକ କଳାବ୍ୟାଗରୁ ୨ଲକ୍ଷ ୬୪ହଜାର ୫ଶହ ଟଙ୍କା ଜବତ କରିଛନ୍ତି। ଜବତ ଟଙ୍କା ସମ୍ପର୍କରେ ସନ୍ତୋଷଜନକ ପ୍ରମାଣ ମିଳି ନ ଥିବାରୁ ଉକ୍ତ ଟଙ୍କାକୁ ଜିଲା ଟ୍ରେଜେରି କାର୍ଯ୍ୟାଳୟରେ ଗଚ୍ଛିତ କରାଯାଇଛି। ଉକ୍ତ ଟଙ୍କା ବାରିପଦା ସଦର ଥାନା ଅଧୀନ ସିନ୍ଦୂରଗୌରା ଗ୍ରାମର ରଜନୀକାନ୍ତ ମହାନ୍ତଙ୍କ ଠାରୁ ଜବତ ହୋଇଛି। ତେବେ ରଜନୀକାନ୍ତଙ୍କଠାରୁ ଜବତ ହୋଇଥିବା ଟଙ୍କାକୁ ନେଇ ଜିଲାରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ରଜନୀକାନ୍ତ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଯୁବଛାତ୍ର ନେତା ଭାବେ ପରିଚିତ। ଟଙ୍କା ଜବତପରେ ଦଳୀୟ ନେତାଙ୍କ ସହ ତାଙ୍କ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଟଙ୍କା ସମ୍ପର୍କରେ ଉପଯୁକ୍ତ ପ୍ରମାଣ ଦେଇପାରି ନ ଥିବାରୁ ଏହା ନିର୍ବାଚନରେ ଖର୍ଚ୍ଚ କରିବାକୁ ନିଆଯାଉଥିଲା ବୋଲି ସନ୍ଦେହ କରାଯାଉଛି।


ପୁରୁଣାକଟକ ଥାନାରେ ଅଟକ ଥିବା କାର।

# ମାନସ ରଞ୍ଜନ ସାହୁ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ କୁଳପତି ନିଯୁକ୍ତ

**ଭୁବନେଶ୍ୱର, ୧୩ା୫ (ଅସମାପିକା ସାହୁ)**

ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ପ୍ରଫେସର ମାନସ ରଞ୍ଜନ ସାହୁ ନିଯୁକ୍ତ ହୋଇଛନ୍ତି। ରାଜ୍ୟପାଳ ତଥା କୁଳାଧିପତି ରଘୁବର ଦାସ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଆଇନ୍ ୨୦୨୧ର ଧାରା(୯) ଅନ୍ତର୍ଗତ ଉପଧାରା (୧)ରେ ପ୍ରଦତ୍ତ କ୍ଷମତା ଅନୁଯାୟୀ ପ୍ରଫେସର ସାହୁଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। କୁଳପତି ପଦରେ ପ୍ରଫେସର ସାହୁ ଯୋଗଦାନ ଦିନଠାରୁ ୪ବର୍ଷ ପର୍ଯ୍ୟନ୍ତ ଅଥବା ବିଶ୍ୱବିଦ୍ୟାଳୟ ଆଇନ ୨୦୨୧ର ଧାରା(୯)ର ଉପଧାରା(୬) ଅଧୀନରେ ୭୦ ବର୍ଷ ହେବା ପର୍ଯ୍ୟନ୍ତ ଅଥବା ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ କାର୍ଯ୍ୟ କରିବେ।

ପ୍ରଫେସର ସାହୁ ବର୍ତ୍ତମାନ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ) ଭୁବନେଶ୍ୱରର ଜେନେରାଲ ସର୍ଜରି ବିଭାଗର ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟରତ ଅଛନ୍ତି। ସର୍ଜରିରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତି ପରେ ସେ ଚେନ୍ନାଇସ୍ଥିତ ଏସ୍.ଆର୍.ସି.ଏମ୍.ସି.ଆର୍.ଆଇ ପ୍ରତିଷ୍ଠାନରୁ ସର୍ଜିକାଲ ଗାଷ୍ଟ୍ରୋଏଣ୍ଟେରୋଲୋଜିରେ ଫେଲୋଶିପ୍ କରିଛନ୍ତି। ପ୍ରଫେସର ସାହୁଙ୍କର ଶିକ୍ଷାଦାନ କ୍ଷେତ୍ରରେ ୨୬ବର୍ଷରୁ ଊର୍ଦ୍ଧ୍ୱ ଦିନର ଅଭିଜ୍ଞତା ଥିବାବେଳେ ଏମ୍ସ ଭୁବନେଶ୍ୱର ଜେନେରାଲ ସର୍ଜରି ବିଭାଗର ବିଭାଗୀୟ ମୁଖ୍ୟ ସହିତ ଏମ୍ସ ଭୁବନେଶ୍ୱର ମେଡିକାଲ ବୋର୍ଡର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବାର ପ୍ରଶାସନିକ ଦକ୍ଷତା ରହିଛି। ତିନୋଟି ପୁସ୍ତକରେ ଅଧ୍ୟାୟ ପ୍ରକାଶନ, ତିନୋଟି ପୁସ୍ତକର ସମ୍ପାଦନା ଓ ବିଭିନ୍ନ ସଂଗଠନରୁ ସେ ୧୫ଟି ପୁରସ୍କାର/ସମ୍ମାନ ପାଇଛନ୍ତି। ୬୫ଟି ଜର୍ନାଲରେ ସନ୍ଦର୍ଭ ପ୍ରକାଶନ ସହିତ ବିଭିନ୍ନ ଖବରକାଗଜ ଓ ପତ୍ରିକାରେ ୧୨ଟି ଲେଖା ଏବଂ ୩୬ଟି ଏସ୍‌ସିଆଇ ଇଣ୍ଡେକ୍ସ ଜର୍ନାଲରେ ତାଙ୍କର ଲେଖା ପ୍ରକାଶ ପାଇଛି। ଏଥିସହ ପ୍ରଫେସର ସାହୁ ୧୮ଜଣ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କୁ ସଫଳତାର ସହ ପିଏଚ୍‌ଡି ଡିଗ୍ରୀ ପାଇଁ ଗାଇଡ୍ କରିଛନ୍ତି।



# ଖାତା ଖତିୟାନ ନ ଥିବା ଲୋକ ଟିପ୍ପଣୀ ଦେଉଛନ୍ତି: କାଳନ୍ଦୀ

**ତାଳଚେର, ୧୩ା୫ (ମନୋଜ ନନ୍ଦ)**

ଖାତା ଖତିୟାନ ନ ଥିବା ଲୋକ ଧର୍ମେନ୍ଦ୍ର ପ୍ରଧାନଙ୍କ ବିଷୟରେ ଟିପ୍ପଣୀ ଦେଉଛନ୍ତି ବୋଲି ଭାଜପାର ତାଳଚେର ବିଧାୟକ ପ୍ରାର୍ଥୀ କାଳନ୍ଦୀ ସାମଲ ପ୍ରକାଶ କରିଛନ୍ତି। ସୋମବାର ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ତାଳଚେର ଆସି ଏକ ସଭାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ଉପରେ ବିଭିନ୍ନ ଟିପ୍ପଣୀ ଦେଇଥିଲେ। ଏ ପ୍ରସଙ୍ଗରେ କାଳନ୍ଦୀ କହିଛନ୍ତି, ବାହାରୁ ଆସିଥିବା ଲୋକ ଧର୍ମେନ୍ଦ୍ରଙ୍କ ବିଷୟରେ କହୁଛନ୍ତି। ସତ୍‌ସାହସ ଥିଲେ ମୁଖ୍ୟମନ୍ତ୍ରୀ କୁହନ୍ତୁ। ପ୍ରଶ୍ନ ପଚାରନ୍ତୁ। ତାର ଉତ୍ତର ଦିଆଯିବ। ପାଣ୍ଡିଆନ କିଏ ବୋଲି କାଳନ୍ଦୀ ପ୍ରଶ୍ନ କରିଛନ୍ତି। ତାଳଚେରର ବିକାଶ ପାଇଁ ମୋଦି ସରକାର ସହସ୍ରାଧିକ କୋଟି ଟଙ୍କା ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ପ୍ରୟାସରେ ବିକଶିତ ତାଳଚେରର କାର୍ଯ୍ୟ ଚାଲିଛି। କିନ୍ତୁ ବିଜୁ ଜନତା ଦଳ ଏଠାରେ କୌଣସି କାର୍ଯ୍ୟ କରାଇ ଦେଉନାହିଁ। ହିଙ୍ଗୁଳା ମନ୍ଦିର ପାଇଁ କେନ୍ଦ୍ରମନ୍ତ୍ରୀ ୧୦ କୋଟି ଟଙ୍କା ଦେଇଥିବା ବେଳେ ୨୦୧୭ ରୁ ୨୦୨୨ ପର୍ଯ୍ୟନ୍ତ ଟ୍ରଷ୍ଟ ଗଠନ ନ କରିବାର ରହସ୍ୟ କ'ଣ ତାହା ପାଣ୍ଡିଆନ ପ୍ରକାଶ କରନ୍ତୁ ବୋଲି କାଳନ୍ଦୀ ଦାବି କରିଛନ୍ତି।

# ଲ୍ୟାଣ୍ଡମାଇନ୍ ସଂସ୍ପର୍ଶରେ ଆସି ୨ ନାବାଳକଙ୍କ ମୃତ୍ୟୁ

**ମାଲକାନଗିରି, ୧୩ା୫ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ ବିଜାପୁର ଜିଲାରେ କ୍ଷେତରେ ଖଞ୍ଜା ଯାଇଥିବା ଯୁଜିବି ଲ୍ୟାଣ୍ଡମାଇନ୍ ସଂସ୍ପର୍ଶରେ ଆସି ସୋମବାର ୨ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୋଡଗା ଗ୍ରାମର ଲକ୍ଷ୍ମଣ ଓୟାମ (୧୩) ଓ ବେଟି ଓୟାମ (୧୧)।

ସୂଚନା ଅନୁଯାୟୀ, ବିଜାପୁର ଜିଲା ଇନ୍ଦ୍ରାବତୀ ନଦୀ ଅପର ପାର୍ଶ୍ୱରେ ଥିବା ବୋଡଗା ଗ୍ରାମର ଗୋଟିଏ କ୍ଷେତରେ ଯୁଜିବି ବିସ୍ଫୋରଣ ହେବା ଫଳରେ ଘଟଣାସ୍ଥଳରେ ୨ ନାବାଳକଙ୍କ ମୃତ୍ୟୁ ଘଟିଛି। ଗ୍ରାମ ପାଖ କ୍ଷେତ ନିକଟରେ ନାବାଳକ ଦ୍ୱୟ ଖେଳୁଥିବା ବେଳେ ହଠାତ୍ ଲଞ୍ଚର ଫାଟି ଯାଇଥିଲା। ଫଳରେ ଉକ୍ତ ଲଞ୍ଚର ସଂସ୍ପର୍ଶରେ ଆସି ଦୁହିଁଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଖବର ଜଣାପଡିବା ପରେ ଘଟଣାର ତଦନ୍ତ ଚାଲିଥିବା ବିଜାପୁର ଏସ୍‌ପି ଜିତେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି।

# ବାରବାଙ୍କି ଘାଟିରେ ଓଲଟିଲା ବସ୍

## ୧୨ ଆହତ, ୨ ଗୁରୁତର

**କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ତେଲକୋଇ (ରଞ୍ଜିତ ବିଶ୍ୱାଳ), ୧୩ା୫**

କେନ୍ଦୁଝରରୁ ତେଲକୋଇ ଦେଇ ରାଉରକେଲା ଫେରୁଥିବା ମା' ନାମକ ଘରୋଇ ବସ୍ ସୋମବାର ଅପରାହ୍ନରେ ବାରବାଙ୍କି ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୧୨ଜଣ ଆହତ ହୋଇଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ଆହତମାନେ ହେଲେ କଳା ମଧୁପୁର ଗ୍ରାମର ତ୍ରିବେଣୀ ମହାନ୍ତ(୪୪), ଜୟକୃଷ୍ଣ ମହାନ୍ତ(୬), ପୁରବୀ ମହାନ୍ତ (୧୦), ଚମ୍ପୁଆ ଥାନା ବଡ଼ନଇ ଗ୍ରାମର ଜେମି ମହାନ୍ତ (୧୮), ହିମାଦ୍ରି ମହାନ୍ତ(୪୫), ସାକ୍ଷୀ ମହାନ୍ତ, ଶିବାନୀ ମହାନ୍ତ(୧୨), ଅମରେଶ ମହାନ୍ତ(୧୩), ଛତିଶଗଡ଼ ରାଜ୍ୟର ଅଭିଷେକ ଲାଲ (୩୨), ତେଲକୋଇ ଥାନା ଓରିଆ ଗ୍ରାମର ମୁରଲୀ ଫୁନ୍ଦକାର (୭୫) ହୋଇଥିବା ବେଳେ ୨ ଜଣଙ୍କ ପରିଚୟ ମିଳିପାରିନାହିଁ। ଗୁରୁତର ଯାତ୍ରୀ ହେଲେ ଚମ୍ପୁଆ ଅଞ୍ଚଳର ରୁନି ମହାନ୍ତ ଓ ଚମ୍ପୁଆ ଥାନା ବଡନଇ ଗ୍ରାମର କଳ୍ପନା ମହାନ୍ତ (୪୦)। ଗୁରୁତର ଦ୍ୱୟଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

ସୂଚନା ଅନୁଯାୟୀ, ବସ (ନଂ. ଓଆର ୦୯ପି ୦୭୨୮)ଟି ସବୁଦିନ ଭଳି ପ୍ରାୟ ୪୦ ଜଣ ଯାତ୍ରୀଙ୍କୁ ନେଇ କେନ୍ଦୁଝରରୁ ରାଉରକେଲା ଅଭିମୁଖେ ଯାଉଥିଲା। କାଞ୍ଜିପାଣିରୁ ତେଲକୋଇକୁ ବାରବାଙ୍କି ଘାଟିରେ ଯାଉଥିବା ବେଳେ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ଗାଡ଼ିଚାଳକ ଓ ଅନ୍ୟ କର୍ମଚାରୀ ଫେରାର ହୋଇଯାଇଥିଲେ। ଆହତମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାରକରି ଚିକିତ୍ସା ପାଇଁ ତେଲକୋଇ ଡାକ୍ତରଖାନା ପଠାଇଥିଲେ। ଆହତ ଓ ଗୁରୁତରଙ୍କ ମଧ୍ୟରୁ ୬ ଜଣ ଗୋଟିଏ ପରିବାରର ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ରାସ୍ତାରେ ଯାତାୟାତ ବ୍ୟାହତ ହୋଇଥିଲା। ପୋଲିସ ବସ୍‌କୁ ରାସ୍ତାରୁ ହଟାଇବାକୁ ଉଦ୍ୟମ କରିବା ସହ ଘଟଣାର ତଦନ୍ତ କରୁଛି। ତେଲକୋଇ ଥାନା ଅଧିକାରୀ ଅଞ୍ଜନ କୁମାର ପାତ୍ର କହିଛନ୍ତି, ଆହତମାନେ ସବୁ ସୁରକ୍ଷିତ ଅଛନ୍ତି। ବସ୍ କର୍ମଚାରୀ ଫେରାର ରହିଥିବା ବେଳେ ବସ୍‌କୁ ଜବତକରି ଘଟଣାର ତଦନ୍ତ କରାଯାଇଛି।


ଦୁର୍ଘଟଣାଗ୍ରସ୍ତ ବସ୍।

# ରେଳ ଧାରଣାରୁ ଏବିଡିଓଙ୍କ ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ସ୍ତ୍ରୀ

**କେନ୍ଦୁଝର, ୧୩ା୫(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)/ବଡଲା (ଦୁର୍ଗା ପ୍ରସାଦ ଆୟଚ)**

କେନ୍ଦୁଝର ଜିଲା ହରିଚନ୍ଦନପୁର ରେଳ ଷ୍ଟେଶନ ନିକଟ ରେଳ ଧାରଣାରୁ ପୋଲିସ ହରିଚନ୍ଦନପୁର ଏବିଡିଓଙ୍କ ମୃତଦେହ ଜବତ କରିଛି। ମୃତକ ହାଟଡ଼ିହୀ ବ୍ଲକ୍ ନିଶଙ୍ଖପୁର ଗ୍ରାମର ବିଦ୍ୟୁଭୂଷଣ ଜେନା (୫୦)ବୋଲି ଜଣାପଡ଼ିଛି। ସେ ଦୀର୍ଘଦିନରୁ ହରିଚନ୍ଦନପୁର ବ୍ଲକ୍‌ରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ତାଙ୍କୁ କେହି ହତ୍ୟା କରି ଫିଙ୍ଗି ଦେଇଥିବା ଏବିଡିଓଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନା ରାଣି ଜେନା ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ହରିଚନ୍ଦନପୁର ବିଡିଓ ତାଙ୍କୁ କେନ୍ଦୁଝର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରୁ କୌଣସି ଜରୁରୀ କାଗଜପତ୍ର ଆଣିବାକୁ ରବିବାର ରାତିରେ କହିଥିଲେ। ହରିଚନ୍ଦନପୁର ବ୍ଲକ୍‌ର ଜଣେ କର୍ମଚାରୀ ତାଙ୍କୁ ଟିକେଟ କାଟି ରେଳ ଷ୍ଟେଶନରେ ଛାଡ଼ିଥିଲେ। ସେଠାରୁ ସେ ବିଶାଖାପାଟଣା-ଟାଟା ଟ୍ରେନ୍‌ରେ ରାତି ୧ଟା ୨୫ରେ ଉଠି କେନ୍ଦୁଝର ଆସୁଥିଲେ। ତେବେ ସୋମବାର ସକାଳେ ରେଳ ଷ୍ଟେଶନଠାରୁ ୧ କି.ମି. ଦୂର ରେଲୱେ ଓଭର ବ୍ରିଜ୍ ନିକଟ ରେଳ ଧାରଣାରେ ତାଙ୍କ ମୃତଦେହ ପଡ଼ିଥିବା ଦେଖି ଲୋକେ ହରିଚନ୍ଦନପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ରେଳବାଇ ପୋଲିସକୁ ସୂଚନା ଦେଇଥିଲା। ରେଳବାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ମୃତଦେହ ନିକଟରେ ପଡ଼ିଥିବା ମୋବାଇଲ ଓ ଚପଲ ପଡ଼ିଥିଲା। ପୋଲିସ ଅନୁଧ୍ୟାନ ପରେ ମୃତକ ହରିଚନ୍ଦନପୁର ବ୍ଲକ୍‌ର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୋଲି ଜଣାପଡ଼ିଥିଲା। ତାଙ୍କର ମୁହଁ ଓ ଦେହ କ୍ଷତବିକ୍ଷତ ହୋଇ ପଡ଼ିଥିଲା। ସ୍ଥାନୀୟ ତହସିଲଦାରଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ ନିମନ୍ତେ ମୃତଦେହ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଯାଇଥିବା ଭଦ୍ରକ ରେଳବାଇ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି। ଭଦ୍ରକ ରେଳବାଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୩୨/୨୦୨୪) ରୁଜୁ ହୋଇଥିବା ବେଳେ ଅଦ୍ୟାବଧି ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।


ବିଦ୍ୟୁଭୂଷଣ ଜେନା।



## ସଂକ୍ଷେପରେ

### ଚୋରି ଭୟରେ ବୃଷଭ ଶିଙ୍ଗରୁ କଢ଼ାଗଲା ରୁପା ଛାଉଣି



ବାରଙ୍ଗ,୧୩।୫(ଲିଙ୍ଗରାଜ ରାଉତ)

ଚୋରି ଭୟରେ ମନ୍ଦିରରେ ଅବସ୍ଥାପିତ ହୋଇଥିବା ବୃଷଭର ଶିଙ୍ଗରେ ଲାଗିଥିବା ରୁପାଛାଉଣିକୁ ରବିବାର ଗ୍ରାମବାସୀ ବାହାର କରିଛନ୍ତି। ଏହି ଘଟଣା ବାରଙ୍ଗ ଥାନା ଅଧୀନ ପଞ୍ଚୁପାଳ ଗ୍ରାମରେ ଦେଖିବାକୁ ମିଳିଛି। ଶନିବାର ରାତିରେ ଦୁର୍ବୃତ୍ତମାନେ ଗ୍ରାମର ୨ ଜଣଙ୍କ ଘରୁ ଚୋରି ଉଦ୍ୟମ କରିଥିଲେ। ହେଲେ କିଛି ନ ପାଇ ଫେରିଥିଲେ। ତେବେ ଚୋରି ଭୟରେ ଗ୍ରାମବାସୀ ଗ୍ରାମର ଆରାଧ୍ୟ ତଥା ପୁରାତନ ଶୈବପୀଠ ଐଶାନେଶ୍ୱର ମହାଦେବଙ୍କ ବିଜେସ୍ଥଳୀରେ ଅବସ୍ଥାପିତ ହୋଇଥିବା ବୃଷଭର ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଛନ୍ତି। ୨ ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମିତ ବୃଷଭ ଓ ରୁପା ଶିଙ୍ଗ, ରୁପା ଆଖିକୁ ଦୁର୍ବୃତ୍ତଙ୍କ କବଳରୁ ବଞ୍ଚାଇବାକୁ ବୃଷଭ ଶିଙ୍ଗରେ ଲାଗିଥିବା ରୁପା ଛାଉଣିକୁ କଢ଼ାଯାଇଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ୯ ଦିନ ମଧ୍ୟରେ ନନ୍ଦନକାନନ ଥାନା ଅଧୀନରେ ଜଣଙ୍କ ଘରୁ ଲକ୍ଷାଧିକ ଟଙ୍କା ଓ ସୁନାଗହଣା ଚୋରି, ମନ୍ଦିରରୁ ଦାନବାକ୍ସ ପୂଜା ସାମଗ୍ରୀରୁ ଚୋରି ଏବଂ ଶନିବାର ରାତିରେ ଚୋରି ଉଦ୍ୟମରୁ ଲୋକେ ଭୟରେ ଅଛନ୍ତି।

### ତତ୍କାଳଭିତ୍ତିରେ ଭୋଟର ପଞ୍ଜୀକରଣ କରାଯାଉ

ପୁରୁଣା ଭୁବନେଶ୍ୱର,୧୩।୫
(ସୁବାସ ଚନ୍ଦ୍ର ପ୍ରଧାନ)

ତତ୍କାଳଭିତ୍ତିରେ ଭୋଟର ପଞ୍ଜୀକରଣ କରାଯାଉ ବୋଲି ସୋମବାର ଏକାମ୍ର ଜନଜାଗରଣ ମଞ୍ଚ ଭୁବନେଶର ଉପଜିଲାପାଳଙ୍କ ନିକଟରେ ଦାବି କରିଛି। ଚଳିତ ସାଧାରଣ ନିର୍ବାଚନ ପାଇଁ ପ୍ରକ୍ରିୟା ଚାଲିଥିବା ବେଳେ ବହୁ ସ୍ଥାନୀୟ ନାଗରିକଙ୍କ ନାମ ଭୋଟର ତାଲିକାରେ ନ ଥିବା ଦେଖିବାକୁ ମିଳୁଛି। ଏପରିକି ଭୋଟରଙ୍କ ନିକଟବର୍ତ୍ତୀ ମତଦାନକେନ୍ଦ୍ରରେ ନାମ ନ ଥାଇ ଅନ୍ୟ ଦୂର ମତଦାନକେନ୍ଦ୍ରରେ ନାମ ଥିବାରୁ ଭୋଟରମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିସହ ବହୁ ଯୁବ ଭୋଟରଙ୍କ ନାମ ଏବେଯାଏ ମଧ୍ୟ ପଞ୍ଜୀକରଣ ହୋଇ ନ ଥିବା ନଜରକୁ ଆସିଛି। ଫଳରେ ଏମାନେ ନିଜର ମୌଳିକ ଅଧିକାର ଭୋଟ ଦେବାରୁ ବଞ୍ଚିତ ହେବେ। ତେଣୁ ତତ୍କାଳ ଭୋଟର ପଞ୍ଜୀକରଣ କରାଯାଇ ଏହି ନିର୍ବାଚନରେ ସମସ୍ତ ନାଗରିକଙ୍କୁ ମତଦାନ କରିବାର ସୁଯୋଗ ପ୍ରଦାନ କରାଯାଉ ବୋଲି ମଞ୍ଚ ଦାବି କରିଛି।

# ମାଠିଆ, ବାଲ୍‌ଟି ରଖି ରାସ୍ତାରୋକୋ

**ରାଜଧାନୀରେ ପାଣି ସମସ୍ୟା**

**ପଥଚାରୀ-ବସ୍ତିବାସିନ୍ଦା ମୁହାଁମୁହିଁ**

ଭୁବନେଶ୍ୱର,୧୩।୫ (ସୂର୍ଯ୍ୟକାନ୍ତ ବେହେରା)



ସୈନିକ ସ୍କୁଲ-ଆଚାର୍ଯ୍ୟବିହାର ରାସ୍ତାକୁ ସ୍ଥାନୀୟ ବାସିନ୍ଦା ଅବରୋଧ କରିଛନ୍ତି।

୫ଦିନ ହେବ ପାଇପ୍ ପାଣି ଆସୁ ନାହିଁ। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖୋଦ୍ ରାଜଧାନୀ ଭୁବନେଶ୍ୱରରେ ପିଇବା ପାଣିକୁ ନେଇ ଏପରି ସଙ୍କଟ ଦେଖାଦେଇଛି। ଫଳରେ ୧୭ ନମ୍ବର ୱାର୍ଡ ଅନ୍ତର୍ଗତ ଆପୋଲୋ ହସ୍ପିଟାଲ ସାମ୍ନା ବିଶ୍ୱେଶ୍ୱର ବସ୍ତିର ଉତ୍ତ୍ୟକ୍ତ ଲୋକେ ସୋମବାର ମାଠିଆ,ବାଲ୍‌ଟି ଧରି ରାସ୍ତାରୋକୋ କରିଥିଲେ। ଆନ୍ଦୋଳନକାରୀମାନେ କୌଣସି ଗାଡି ନ ଛାଡିବାରୁ ଦୀର୍ଘ ସମୟ ଧରି ରାସ୍ତା ଜାମ ହୋଇଥିଲା। ତେବେ ବାଟ ଛାଡିବାକୁ କହିବାରୁ କେତେଜଣ ପଥଚାରୀ ଓ ବସ୍ତିବାସିନ୍ଦାଙ୍କ ମଧ୍ୟରେ ବଚସାରୁ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଉତ୍ତେଜନା ଖବର ପାଇ ଶହୀଦନଗର ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ପାଣି ନ ଆସିବା ଯାଏ ରାସ୍ତାରୁ ହଟିବେନି ବୋଲି ବସ୍ତିବାସିନ୍ଦା ଅଡି ବସିଥିଲେ। ପୋଲିସ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରି ସମସ୍ୟାର ସମାଧାନ ପାଇଁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେଇଥିଲା। ଏହାପରେ ଉତ୍ତ୍ୟକ୍ତ ଲୋକେ ଧାରଣାରୁ ହଟିଥିଲେ। ବସ୍ତିବାସିନ୍ଦା ଅଭିଯୋଗ କରିଛନ୍ତି ଯେ, ୫ ଦିନ ହେବ ପାଣି ଠିକ୍ ଭାବେ ଆସୁନି। ଯେଉଁ ସମୟରେ ପାଣି ଆସିବା କଥା ସେହି ସମୟରେ ପାଣି ଛାଡୁ ନାହାନ୍ତି, ତାହା ପୁଣି ସମୁଦ୍ରକୁ ଶଙ୍ଖେ। ଲୋକେ ଶୋଇଯିବା ପରେ ରାତି ୧ ଟାରେ ପାଣି ଆସୁଛି, ଯାହା କୌଣସି କାମରେ ଆସୁନି। ଗାଧୋଇବା, ଶୌଚ ହେବାତ ଦୂରର କଥା ରୋଷେଇ ମଧ କରିପାରୁନାହାନ୍ତି। ତେଣୁ ରାସ୍ତାକୁ ଓହ୍ଲାଇବାକୁ ବାଧ ହେଲୁ ବୋଲି ସେମାନେ କହିଛନ୍ତି। ସ୍ଥାନୀୟ କର୍ପୋରେଟର ପୂଜା ମହାରଣା କହିଛନ୍ତି, ଆଚର୍ଯ୍ୟ ବିହାର ରାସ୍ତାରେ କିଛିଦିନ ତଳେ ପାଣି ପାଇପ୍ କାମ ଚାଲିଥିଲା। କାମ ପରେ କୌଣସି କାରଣରୁ ପାଣି ଅଳ୍ପ ପରିମାଣରେ ଆସୁଛି। କିନ୍ତୁ ଲୋକେ ଜଣାଇ ନ ଥିଲେ। ଏଥର ପାଣି ଆସିବା ପାଇଁ ଆମେ ୱାଟ୍‌କୋ ଅଧିକାରୀଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ଯେଉଁ ସମସ୍ୟା ରହିଛି ସମାଧାନ କରିବୁ ବୋଲି ସେ କହିଛନ୍ତି। ଏନେଇ ୱାଟ୍‌କୋ ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ।

## ପଳାଶୁଣୀରେ ସିରିଜ୍ ଦୁର୍ଘଟଣା

ଭୁବନେଶ୍ୱର,୧୩।୫ (ସୂର୍ଯ୍ୟକାନ୍ତ ବେହେରା)

ମଞ୍ଚେଶ୍ୱର ଥାନା ଅଧୀନ ପଳାଶୁଣୀ ଓଭରବ୍ରିଜ ଉପରେ ସୋମବାର ସନ୍ଧ୍ୟା ସାଢ଼େ ୬ଟାରେ ସିରିଜ୍ ଦୁର୍ଘଟଣା ଘଟିଛି। ୪ଟି ଗାଡି ପଛକୁ ପଛ ଧକ୍କା ହୋଇଥିଲା। ଏଥିରେ କାର ଚାଳକ ସାମାନ୍ୟ ଆହତ ହୋଇଥିବା ବେଳେ ଦୁଇଟି କାର ପଛଭାଗ କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣା ପରେ ଦୀର୍ଘସମୟ ଧରି ରାସ୍ତାରେ ପ୍ରବଳ ଜାମ୍ ହୋଇଥିଲା। ପୋଲିସ ପହଞ୍ଚି ଜାମ୍ ହଟାଇବା ପରେ ଗାଡି ଚଳାଚଳ ସ୍ୱାଭାବିକ କରିଥିଲା। ସୂଚନାନୁସାରେ, ସନ୍ଧ୍ୟାରେ ଓଭରବ୍ରିଜ ଉପରେ ଗାଡି ଭିଡ଼ ରହିଥିଲା। ପ୍ରଥମେ ଏକ କାର ହଠାତ ବ୍ରେକ ମାରିବାରୁ ପଛରୁ ଆସୁଥିବା ଆଉଏକ କାର ତାକୁ ଧକ୍କା ଦେଇଥିଲା। ତା' ପଛକୁ ଏକ ପିକ୍‌ଅପ ଭ୍ୟାନ ଧକ୍କା ଦେଇଥିଲା। ତା'ପଛରେ ଆସୁଥିବା ଏକ ଟ୍ରକ୍ ପିକ୍‌ଅପ ଭ୍ୟାନକୁ ଧକ୍କା ଦେଇଥିଲା।

## ବୃଦ୍ଧ ଦମ୍ପତିଙ୍କ ଉପରେ ଟ୍ରକ୍ ଚଢ଼ାଇଥିବା ଡ୍ରାଇଭର ଗିରଫ

ଭୁବନେଶ୍ୱର,୧୩।୫(ସତ୍ୟଜିତ୍ ରାଉତ)



ଗିରଫ ଡ୍ରାଇଭର ତୋଷମନ୍ତ ସ୍ୱାଇଁ।

ଭୁବନେଶ୍ୱର ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ପଳାଶୁଣି ଛକରେ ଟ୍ରକ୍ ଧକ୍କାରେ ବୃଦ୍ଧ ଦମ୍ପତିଙ୍କ ମୃତ୍ୟୁ ଘଟଣାରେ ମଞ୍ଚେଶ୍ୱର ଥାନା ପୋଲିସ ୫ ଦିନ ପରେ ସୋମବାର ଅଭିଯୁକ୍ତ ଡ୍ରାଇଭରଙ୍କୁ ଗିରଫ କରିଛି। ସେ ହେଲେ ବୌଦ୍ଧ ଜିଲା ସଦର ଥାନା ଅନ୍ତର୍ଗତ ବଡ଼ୀଗାଁର ତୋଷମନ୍ତ ସ୍ୱାଇଁ (୨୬)। ଦୁର୍ଘଟଣା ଘଟାଇଥିବା ଟ୍ରକକୁ (ଓଡ଼ି୧୬ଏବି୧୯୦୯) ତାଙ୍କ ନିକଟରୁ ପୋଲିସ ଜବତ କରିଛି। କୋର୍ଟଚାଲାଣ ପରେ ଅଭିଯୁକ୍ତ ତୋଷମନ୍ତଙ୍କୁ ଜେଲକୁ ପଠାଇ ଦିଆଯାଇଛି। ମେ' ୮ ଭୋର୍ ସମୟରେ ଏହି ଦୁଃଖଦ ଘଟଣା ଘଟିଥିଲା। ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଆନନ୍ଦପୁର ଗାଁର ଉମେଶ ପ୍ରସାଦ ପାଣିଗ୍ରାହୀ (୬୬) ଓ ସ୍ତ୍ରୀ ନଳିନୀ ପାଣିଗ୍ରାହୀ (୬୨) ସେମାନଙ୍କ ୩୯ତମ ବିବାହ ବାର୍ଷିକୀରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ ମନସ୍ଥ କରିଥିଲେ। ଉମେଶ ଓ ନଳିନୀ ମେ' ୭ ରାତିରେ ଉଲୁଣ୍ଡାରୁ ବସ୍‌ଯୋଗେ ପୁରୀ ବାହାରିଥିଲେ। ବୁଧବାର ଭୋର୍ ପ୍ରାୟ ୫ଟା ୧୫ରେ ଭୁବନେଶ୍ୱର ପଳାଶୁଣି ଛକରେ ସେମାନେ ଓହ୍ଲାଇ ପୁରୀ ବସ୍ ଧରିବାକୁ ଅପରପାର୍ଶ୍ୱ (ରସୁଲଗଡ଼ ପାର୍ଶ୍ୱ)କୁ ଯାଉଥିଲେ। ଏହି ସମୟରେ ଓଭରବ୍ରିଜ୍‌ରୁ କଟକ ଆଡକୁ ଦ୍ରୁତଗତିରେ ଯାଉଥିବା ଟ୍ରକ ନଳିନୀଙ୍କୁ ଧକ୍କା ଦେଇ ଚଢ଼ିଯାଇଥିଲା। ଉମେଶ ଟ୍ରକ୍‌କୁ ଅଟକାଇବାକୁ ଚେଷ୍ଟା କରୁଥିବାବେଳେ ତାଙ୍କୁ ମଧ ଧକ୍କାଦେଇ ପ୍ରାୟ ଅଧା କି.ମି. ପର୍ଯ୍ୟନ୍ତ ଘୋଷାରି ନେଇଥିଲା। ଫଳରେ ଉଭୟଙ୍କର ହିଁ ଜୀବନ ଚାଲିଯାଇଥିଲା। ଏନେଇ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୨୩୩/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ତୋଷମନ୍ତଙ୍କୁ ପୋଲିସ ଟିମ୍ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରୁ କାବୁ କରିଥିଲା।

# ବାଇକ୍ ଶୋଭାଯାତ୍ରା, ପଦଯାତ୍ରା କଲେ ଅନନ୍ତ



ଭୁବନେଶ୍ୱର,୧୩।୫ (ଅନୁରାଧା ମହାରଣା)

ଭୋଟ ତାରିଖ ଯେତେ ପାଖେଇ ଆସୁଛି, ପ୍ରଚାର ସେତେ ଜମୁଛି। ଭୁବନେଶ୍ୱର ମଧ ବିଜେଡି ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା ସୋମବାର ଅପରାହ୍ନରେ ୟୁନିଟ ୧ ଅଞ୍ଚଳରେ ସ୍ଥାନୀୟ କର୍ପୋରେଟର ଆସିଆ ବେଗମ୍‌ଙ୍କ ସହିତ ବାଇକ୍ ଶୋଭାଯାତ୍ରା କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଥିବା ସମସ୍ତ ବିଜୁ ଆଦର୍ଶ କଲୋନୀ ପରିକ୍ରମା କରି ଜନସାଧାରଣଙ୍କୁ ବିକାଶର ଚିହ୍ନ ଶଙ୍ଖ ଚିହ୍ନରେ ଭୋଟ ଦେଇ ଆଶୀର୍ବାଦ କରିବାକୁ ନିବେଦନ କରିଥିବା ଦେଖିବାକୁ ମିଳିଥିଲା। ସେହିପରି ସନ୍ଧ୍ୟାରେ ୱାର୍ଡ ନଂ.୪୬ ଅନ୍ତର୍ଗତ ୟୁନିଟ ୬ ଅଞ୍ଚଳରେ ସ୍ଥାନୀୟ କର୍ପୋରେଟର ପୁଷ୍ପା ରାଉତଙ୍କ ସହିତ ପଦଯାତ୍ରା କରି ୱାର୍ଡ ପରିକ୍ରମାରେ ଜନସାଧାରଣଙ୍କ ସମର୍ଥନ ଲୋଡିଥିଲେ।

## ଝରକା ପଟେ ନେଇଗଲେ ୩ ମୋବାଇଲ ଫୋନ

ଯାଁଳା,୧୩।୫(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଯାଁଳା ପଞ୍ଚାୟତ ଗ୍ରାମେଶ୍ୱର ନଗରରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ରାତିରେ ଶୋଇଥିବା ବେଳେ ଝରକା ପଟୁ ଏକ ବାଉଁଶ ସାହାଯ୍ୟରେ ଦୁର୍ବୃତ୍ତମାନେ ୩ଟି ମୋବାଇଲ ଫୋନ ନେଇଯାଇଛନ୍ତି। ଗ୍ରାମର ଇତିଶ୍ରୀ ମହାନ୍ତି ରବିବାର ରାତିରେ ଘର ଝରକା ଖୋଲାରଖି ଶୋଇଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ତାଙ୍କ ପାଚେରି ଡେଇଁ ପଶିଥିଲେ। ଖୋଲାଥିବା ଝରକା ପଟେ ଏକ ବାଉଁଶରେ ଟେବୁଲ ଉପରେ ଥିବା ୩ଟି ମୋବାଇଲ, ଚାର୍ଜର ନେଇଯାଇଥିଲେ। ହଠାତ୍ ଇତିଶ୍ରୀ ନିଦ ଭାଙ୍ଗିବା ସହ ପାଟି କରିବାରୁ ଦୁର୍ବୃତ୍ତମାନେ ଆଣିଥିବା ଖଣ୍ଡା ଓ ଉକ୍ତ ବାଉଁଶ ଛାଡି ପଳାଇଥିଲେ। ଏନେଇ ଇତିଶ୍ରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ମହିଳାଙ୍କ ଘରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର,୧୩।୫(ସତ୍ୟଜିତ୍ ରାଉତ)

**ତମାଣ୍ଡୋ ଥାନାରେ ହତ୍ୟା ମାମଲା ରୁଜୁ**



ପପୁ ମହାରଣା

ତମାଣ୍ଡୋ ଥାନା ଅନ୍ତର୍ଗତ ଭଗବାନପୁର ଅଞ୍ଚଳରେ ଜଣେ ମହିଳାଙ୍କ ଘରେ ଜନୈକ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ଖଣ୍ଡଗିରି ବାରି ବସ୍ତିରେ ରହୁଥିବା ଗଞ୍ଜାମ ଅଞ୍ଚଳର ପପୁ ମହାରଣା (୨୬)। ରବିବାର ରାତିରେ ଏହି ଘଟଣା ଘଟିଥିବା ବେଳେ ସୋମବାର ପପୁଙ୍କ ମା' ସୁଜାତା ଏ ସଂକ୍ରାନ୍ତରେ ତମାଣ୍ଡୋ ଥାନାରେ ଏତଲା ଦେଇଛନ୍ତି। ଉକ୍ତ ମହିଳା ଜଣଙ୍କୁ ୨ ଲକ୍ଷ ଉଦ୍ଧାର ଟଙ୍କା ଫେରାଇବାକୁ କହିବାରୁ ପୁଅ ପପୁଙ୍କୁ ସେଠାରେ ହତ୍ୟା କରାଯାଇଥିବା ସୁଜାତା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏତଲାକୁ ଆଧାର କରି ପୋଲିସ ଏକ ହତ୍ୟା ମାମଲା (ନଂ.୧୮୩/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ ଏମ୍‌ସରେ ପପୁଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଛି। ପ୍ରାଥମିକ ବ୍ୟବଚ୍ଛେଦରୁ ପପୁଙ୍କ ଝୁଲନ୍ତା ଅବସ୍ଥାରେ ମୃତ୍ୟୁ ହୋଇଥିବା ଡାକ୍ତର ପୋଲିସକୁ ସୂଚନା ଦେଇଛନ୍ତି। ତେବେ ମୃତ୍ୟୁର ପ୍ରକୃତ କାରଣ ଜାଣିବାକୁ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଥିବା ପୋଲିସ ସୂଚନା ଦେଇଛି। ସୂଚନା ଅନୁଯାୟୀ, ପପୁ ବିବାହିତ ହୋଇଥିବା ବେଳେ ପରିବାର ସହ ଖଣ୍ଡଗିରି ବାରିରେ ରହି କାଠ କାମ କରନ୍ତି। ଭଗବାନପୁରରେ ରହୁଥିବା ଉକ୍ତ ମହିଳା ଜଣଙ୍କ ପପୁଙ୍କ ଗାଁ ପାଖର। ରବିବାର ରାତିରେ ପପୁ ତାଙ୍କ ଘରକୁ ଯାଇଥିଲେ। ସେଠାରେ କୌଣସି କାରଣକୁ ନେଇ ପପୁ ଫ୍ୟାନ୍‌ରେ ଦୌଡ଼ି ଦ୍ୱାରା ଝୁଲି ଆତ୍ମହତ୍ୟା କରିଥିବା ଉକ୍ତ ମହିଳା ଜଣଙ୍କ ପୋଲିସକୁ ବୟାନ ଦେଇଛନ୍ତି। ବିଳମ୍ବିତ ରାତିରେ ପପୁଙ୍କ ଝୁଲନ୍ତା ମୃତଦେହକୁ ସେମାନେ ଆମ୍ବୁଲାନ୍ସ ଯୋଗେ ଏମ୍‌ସ ନେଇଯାଇଥିଲେ। ପୋଲିସ ଖବରପାଇ ମୃତଦେହ ଜବତ କରିଥିଲା। ଏହି ମାମଲାରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

# ରାଜଧାନୀରେ ନିର୍ବାଚନୀ ହିଂସା

ଭୁବନେଶ୍ୱର,୧୩।୫
(ସୂର୍ଯ୍ୟକାନ୍ତ ବେହେରା)

**■ଭାଜପା କର୍ମୀଙ୍କୁ ଆକ୍ରମଣ ଅଭିଯୋଗ**

**■ଦୁଇଟି ମାମଲା ରୁଜୁ କରି ପୋଲିସର ତଦନ୍ତ**

ରାଜଧାନୀରେ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ପ୍ରଚାର ଚାଲିଥିବାବେଳେ ୟୁନିଟ୍-୮ ତ୍ରିନାଥ ବସ୍ତିରେ ଭାଜପା ଓ ବିଜେଡି କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଜଣେ ଭାଜପା କର୍ମୀଙ୍କୁ ଗାଳିଗୁଲଜ ଓ ନାନା ଧମକ ସହ ସଂଘବଦ୍ଧ ଆକ୍ରମଣ ହୋଇଥିବା ନୟାପଲ୍ଲୀ ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ବ୍ୟକ୍ତିଜଣକ ହେଲେ ଲକ୍ଷଣ ମହାପାତ୍ର। ସେ ୩୮ ନମ୍ବର ୱାର୍ଡର କର୍ପୋରେଟଙ୍କ ସ୍ୱାମୀ ଓ ତାଙ୍କ ସହଯୋଗୀ ତାଙ୍କୁ ଆକ୍ରମଣ କରିଥିବା ନେଇ ତାଙ୍କ ଏତଲାରେ ଦର୍ଶାଇଛନ୍ତି। ଲକ୍ଷଣ ପୂର୍ବରୁ ବିଜେଡିରେ ଥିଲେ, ଏବେ ଭାଜପାରେ ଅଛନ୍ତି। ତେଣୁ ରାଜନୈତିକ ଆକ୍ରୋଶ ରଖି ଏଭଳି ଆକ୍ରମଣ ହୋଇଥିବା ଗଣମାଧ୍ୟମ ଆଗରେ ଲକ୍ଷଣ କହିଛନ୍ତି। ପୋଲିସ ସୂଚନାନୁସାରେ, ତ୍ରିନାଥ ବସ୍ତିରେ ଦଳୀୟ ସମର୍ଥକଙ୍କ ସହ ବିଜେଡି ପ୍ରାର୍ଥୀଙ୍କ ପ୍ରଚାର ସମୟରେ କର୍ପୋରେଟର ଗୋଷ୍ଠୀର କେତେଜଣ ଲୋକ ଅଭିଯୋଗକାରୀ ଲକ୍ଷଣ ମହାପାତ୍ରଙ୍କୁ ଏପରି ଆକ୍ରମଣ କରିଥିଲେ। ଏପରିକି ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ କିଛି ସମୟ ଧରି ଗଣ୍ଡଗୋଳ ହୋଇଥିଲା। ଅପରପକ୍ଷେ ବିଜେଡିର ଜଣେ କର୍ମୀ ମଧ ଲକ୍ଷଣଙ୍କ ନାଁରେ ପାଲଟା ଅଭିଯୋଗ କରିଛନ୍ତି। ପ୍ରଚାରବେଳେ ଲକ୍ଷଣ ତାଙ୍କୁ ଗାଳିଗୁଲଜ କରିଥିବା ସେ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।

## ରେଳଲାଇନ ନିକଟରୁ ଯୁବକଙ୍କ ମୃତଦେହ ଜବତ

ସାକ୍ଷୀଗୋପାଳ,୧୩।୫
(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)

ଜାନକାଦେଈପୁର ରେଳଲାଇନ ପାଖରୁ ସୋମବାର ପୂର୍ବାହ୍ନରେ ଜଣେ ଯୁବକଙ୍କ ମୃତଦେହ ସାକ୍ଷୀଗୋପାଳ ଜିଆର୍‌ପି ପୋଲିସ ଜବତ କରିଛି। ଏନେଇ ପୋଲିସ ୧୬/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଯୁବକଙ୍କ ବୟସ ପାଖାପାଖି ୪୦ ବର୍ଷ ହେବ। ତାଙ୍କ ସ୍ୱାସ୍ଥ୍ୟ ମଧ୍ୟମ ଧରଣର ହୋଇଥିବାବେଳେ ସେ ଗୋଟିଏ ନୀଳ, ଆକାଶୀ ରଙ୍ଗ ଶାର୍ଟ ଏବଂ ବେକରେ ନାଲି ସୂତାରେ ରୁପା ପରି ଦେଖାଯାଉଥିବା ଏକ ହନୁମାନ ଲକେଟ ପିନ୍ଧିଛନ୍ତି। ତେବେ ଯୁବକଙ୍କ ପରିଚୟ ମିଳିପାରି ନାହିଁ। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପୁରୀ ମେଡ଼ିକାଲକୁ ପଠାଯାଇଥିବା ସ୍ଥାନୀୟ ଜିଆର୍‌ପି ପୋଲିସ ଅଧିକାରୀ ଇନ୍ଦୁମତି ସୁକ୍କା ପ୍ରକାଶ କରିଛନ୍ତି।

## ନାବାଳିକା ମୁଣ୍ଡରେ ଚଢ଼ିଗଲା ପିକ୍‌ଅପ୍ ଭ୍ୟାନ

ବାରଙ୍ଗ,୧୩।୫(ଲିଙ୍ଗରାଜ ରାଉତ)

**ଘଟଣାସ୍ଥଳରେ ଉତ୍ତେଜନା**

ଏକ ପିକ୍‌ଅପ୍ ଭ୍ୟାନ ସୋମବାର ଜଣେ ନାବାଳିକାଙ୍କ ମୁଣ୍ଡ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଘଟଣାକୁ ନେଇ ଉକ୍ତ ସ୍ଥାନରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଗ୍ରାମବାସୀ ରାସ୍ତାରୋକୋ କରିବାକୁ ପ୍ରୟାସ କରିଥିଲେ। ଖବରପାଇ ମଞ୍ଚେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା। ଏହି ଘଟଣା ମଞ୍ଚେଶ୍ୱର ଥାନା ଅଧୀନ ପଦ୍ମକେଶରୀପୁର ଗ୍ରାମରେ ଘଟିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ପଦ୍ମକେଶରୀପୁର ଗ୍ରାମର ରୁନି ଦାସଙ୍କ ନାବାଳିକା ଝିଅ ଭୂମିସୁତା ଦାସ(୮) ଅପରାହ୍ନ ୪ଟା ସମୟରେ ପଦ୍ମକେଶରୀପୁର ତଳସାହିସ୍ଥିତ ଦୟାୱେଷ୍ଟ କେନାଲ ବନ୍ଧରେ ସାଇକେଲ ଧରି ଖେଳୁଥିଲେ। ଏହି ସମୟରେ ଇଞ୍ଜଣା ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଭୂମିସୁତା ତଳେ ପଡ଼ିଯାଇଥିଲେ। ପରେ ଭ୍ୟାନ୍‌ଟି ତାଙ୍କ ମୁଣ୍ଡ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଭ୍ୟାନ୍‌ଟି ସେଠାରୁ ପଳାଇ ଯାଇଥିଲା।




ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

# କାଳବୈଶାଖୀ, ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି

ଭୁବନେଶ୍ୱର,୧୩।୫
(ଅନୁରାଧା ମହାରଣା)




**ଚେତିଲା ବିଏମ୍‌ସି**

**■ପାନୀୟ ଜଳ, ବିଦ୍ୟୁତ୍, ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ**

**■୩ ଜୋନ୍‌ରେ ବାତ୍ୟା ଆଶ୍ରୟସ୍ଥଳ ଚିହ୍ନଟ**

କାଳବୈଶାଖୀ ବର୍ଷାରେ ରାଜଧାନୀ ଉବୁଟୁବୁ ହେବା ପରେ ଭୁବନେଶ୍ୱର ମହାନଗର ନିଗମ(ବିଏମସି)ର ଚେତା ପଶିଛି। କାଳ ବୈଶାଖୀ ସହ ବାତ୍ୟା ମୁକାବିଲା ପାଇଁ ବିଏମ୍‌ସି ପକ୍ଷରୁ ସୋମବାର ପ୍ରସ୍ତୁତି ବୈଠକ ବସିଥିଲା। ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ଅଧ୍ୟକ୍ଷତା କହିଛନ୍ତି, ପାଣିପାଗ ବିଭାଗ ପକ୍ଷରୁ ବାତ୍ୟା ସମ୍ପର୍କିତ ସତର୍କ ସୂଚନା ପୂର୍ବରୁ ଜାରି କରାଯାଉଛି। ହେଲେ ଏବେ ଅଞ୍ଚଳରେ କାଳବୈଶାଖୀଜନିତ ବାତ୍ୟା ହେଲେ ଆମକୁ ଆଗୁଆ କୌଣସି ସୂଚନା ମିଳୁନାହିଁ। ବର୍ଷା ସମୟରେ ସମସ୍ତ ବିଭାଗ ସହ ଉପଯୁକ୍ତ ସମନ୍ୱୟ ରକ୍ଷା କରିବା ଏବଂ ସଂସାଧନ ପ୍ରସ୍ତୁତ କରି ରଖିବା ଉପରେ କମିଶନର ପାଟିଲ ଗୁରୁତ୍ୱାରୋପ କରିଛନ୍ତି। ବାତ୍ୟା ପୂର୍ବରୁ ଆଶ୍ରୟସ୍ଥଳଗୁଡ଼ିକ ଚିହ୍ନଟ କରିବା ସହ ପାନୀୟ ଜଳ, ଶୌଚାଳୟ, ବିଦ୍ୟୁତ୍ ଆଲୋକ, ଡିଜି ଆଦି ବ୍ୟବସ୍ଥାର ତଦାରଖ କରିବାକୁ କୁହାଯାଇଛି। ଯୋଗାଣ ବିଭାଗ ପକ୍ଷରୁ ଶୁଖିଲା ଖାଦ୍ୟ ଓ ପାନୀୟ ଜଳ ମହଜୁଦ୍ ରଖିବା ଦରକାର। ଟିପିସିଓଡିଏଲ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଓ ଲାଇଟ୍ ତଦାରଖ ସହ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଖୁଣ୍ଟଗୁଡ଼ିକୁ ଚିହ୍ନଟ କରାଯିବ ବୋଲି ଅଧିକାରୀମାନେ ସୂଚନା ଦେଇଥିଲେ। ବାତ୍ୟା ମୁକାବିଲା ପାଇଁ ୯ଟି ମୋବାଇଲ୍ ସବ୍‌ଷ୍ଟେଶନ ମହଜୁଦ୍ ରଖାଯାଇଛି। ଆବଶ୍ୟକସ୍ଥଳେ ଏଜେନ୍ସି ଜରିଆରେ ୩ ହଜାର ଲୋକଙ୍କୁ କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି ଟିପିସିଓଡିଏଲ୍ ପକ୍ଷରୁ କୁହାଯାଇଛି। ୱାଟ୍‌କୋ ମଧ ପ୍ରସ୍ତୁତ ରହିବାକୁ କୁହାଯାଇଛି। ୱାଟ୍‌କୋ ପକ୍ଷରୁ ସହରକୁ ୨ଟି ଡିଭିଜନରେ ବିଭକ୍ତ କରାଯାଇଛି। ପୁରୁଣା ନଳକୂପଗୁଡ଼ିକୁ ମରାମତି କରାଯିବା ସହ ଆଉ କିଛି ନୂଆ ନଳକୂପ ଖନନ କରାଯାଇଛି। ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସହ ମୋଟର ଚଳାଇବା ପାଇଁ ୧୨୦ଟି ଡିଜି ସେଟ୍ ପ୍ରସ୍ତୁତ ରଖାଯାଇଛି। ବିଏମ୍‌ସି ଅଞ୍ଚଳରେ ଥିବା ସହରାଞ୍ଚଳ ସ୍ୱାସ୍ଥ୍ୟ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ଶଯ୍ୟା ସହ ଓଆର୍‌ଏସ୍, ହାଲୋଜିନ୍ ଟାବଲେଟ୍, ସାପକାମୁଡ଼ା ଇଞ୍ଜେକଶନ ଆଦି ମହଜୁଦ ରହିଥିବା କୁହାଯାଇଛି। ପ୍ରତି ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ ଘଣ୍ଟିଆ ରୋଗୀ ସେବା ସହ ବିଦ୍ୟୁତ୍ ପାଇଁ ଡିଜି, ଇନ୍‌ଭର୍ଟର, ପାନୀୟ ଜଳ ଆଦି ବ୍ୟବସ୍ଥା ମଧ ରହିଛି। କେତେକ ସ୍ଥାନରେ ପାଣି ଜମି ଡେଙ୍ଗୁ ମଶା ଅଣ୍ଡା ଦେଇପାରନ୍ତି। ତେଣୁ ସ୍ୱାସ୍ଥ୍ୟ ବିଭାଗ (ସିଟି ହେଲ୍‌ଥ ସୋସାଇଟି) ପକ୍ଷରୁ ଜନସଚେତନତା ସୃଷ୍ଟି କରିବାକୁ କମିଶନର ପାଟିଲ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ୩ଟି ଜୋନ୍‌ର ଜୋନାଲ ଡେପୁଟି କମିଶନରମାନେ ଜଳ ବନ୍ଦୀ ଅଞ୍ଚଳ ଓ ବାତ୍ୟା ଆଶ୍ରୟସ୍ଥଳ ଚିହ୍ନଟ କରିଛନ୍ତି। କେଉଁ ଅଞ୍ଚଳର ଲୋକେ କେଉଁ ବାତ୍ୟା ଆଶ୍ରୟସ୍ଥଳକୁ ଯିବେ ସେନେଇ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯାଇଛି।

ସୂଚନା ଥାଉକି, ଶନିବାର କାଳବୈଶାଖୀ ବର୍ଷାରେ ଘଣ୍ଟାକ ମଧ୍ୟରେ ରାଜଧାନୀ ଜଳବନ୍ଦୀ ହୋଇଥିଲା। ଡ୍ରେନ୍ ଓ ରାସ୍ତା ଏକାକାର ହୋଇଯାଇଥିଲା। ଅନେକଙ୍କ ଘରେ ପାଣି ପଶିଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଥିଲା। ବିଭିନ୍ନ ରାସ୍ତାରେ ଗଛ ଉପୁଡ଼ି ଦୀର୍ଘ ସମୟ ଯାଏ ପଡ଼ି ରହିବା କାରଣରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଅନ୍ୟପକ୍ଷେ ମୌସୁମୀ ଆସିବା ପୂର୍ବରୁ ମେ' ୨୪ ତାରିଖ ସୁଦ୍ଧା ସହରରୁ ଡ୍ରେନ୍ ସଫେଇ ତଥା କଠିନ ବର୍ଜ୍ୟ ନିଷ୍କାସନ ପାଇଁ ପୂର୍ବ ବୈଠକରେ ନିଷ୍ପତ୍ତି ହୋଇଥିଲେ ମଧ ସଫେଇ କାର୍ଯ୍ୟ ଅଧାପନ୍ତରିଆର ରହିଛି।

## ସଂକ୍ଷେପରେ

### ଝରକା ପଟେ ନେଇଗଲେ ୩ ମୋବାଇଲ ଫୋନ

ଯାଁଳା, ୧୩।୫(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଯାଁଳା ପଞ୍ଚାୟତ ଗ୍ରାମେଶ୍ୱର ନଗରରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ରାତିରେ ଶୋଇଥିବା ବେଳେ ଝରକା ପଟୁ ଏକ ବାଉଁଶ ସାହାଯ୍ୟରେ ଦୁର୍ବୃତ୍ତମାନେ ୩ଟି ମୋବାଇଲ ଫୋନ ନେଇଯାଇଛନ୍ତି। ଗ୍ରାମର ଇତିଶ୍ରୀ ମହାନ୍ତି ରବିବାର ରାତିରେ ଘର ଝରକା ଖୋଲାରଖି ଶୋଇଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ତାଙ୍କ ପାଚେରି ଡେଇଁ ପଶିଥିଲେ। ଖୋଲାଥିବା ଝରକା ପଟେ ଏକ ବାଉଁଶରେ ଟେବୁଲ ଉପରେ ଥିବା ୩ଟି ମୋବାଇଲ, ଚାର୍ଜର ନେଇଯାଇଥିଲେ। ହଠାତ୍ ଇତିଶ୍ରୀ ନିଦ ଭାଙ୍ଗିବା ସହ ପାଟି କରିବାରୁ ଦୁର୍ବୃତ୍ତମାନେ ଆଣିଥିବା ଖଣ୍ଡା ଓ ଉକ୍ତ ବାଉଁଶ ଛାଡି ପଳାଇଥିଲେ। ଏନେଇ ଇତିଶ୍ରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ପୂର୍ବତନ ସରପଞ୍ଚ ଶଙ୍କର ବଳବନ୍ତରାୟଙ୍କ ପରଲୋକ

ନିରାକାରପୁର, ୧୩।୫ (ମାନସ ଚନ୍ଦ୍ର ପଟ୍ଟନାୟକ)

ରାମେଶ୍ୱର ପଞ୍ଚାୟତର ପୂର୍ବତନ ସରପଞ୍ଚ ଶଙ୍କର ବଳବନ୍ତରାୟଙ୍କ ସୋମବାର ତାଳପଡ଼ା ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୯୨ବର୍ଷ ହୋଇଥିଲା। ସେ ୧୯୭୪-୭୫ ମସିହାରେ ସରପଞ୍ଚ ଥିଲେ। ଅନେକ ଗଠନମୂଳକ କାର୍ଯ୍ୟ ହାତକୁ ନେଇ ସମ୍ପାଦନା କରିଥିଲେ। ଏଥିସହ ସେ ଜଣେ ପରୋପକାରୀ, ମେଳାପୀ ଓ ବଦାନ୍ୟ ବ୍ୟକ୍ତିଭାବେ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ରାମେଶ୍ୱରର ପୂର୍ବତନ ସରପଞ୍ଚ ପ୍ରମୋଦ ତ୍ରିପାଠୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ସାମାଜିକକର୍ମୀ ଏବଂ ବିଭିନ୍ନ ରାଜନୈତିକ ଦଳର ନେତାମାନେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ସୁଧାଂଶୁ ମୁଖାଗ୍ନି ଦେଇଥିଲେ।

### ତତ୍କାଳଭିତ୍ତିରେ ଭୋଟର ପଞ୍ଜୀକରଣ କରାଯାଉ

ପୁରୁଣା ଭୁବନେଶ୍ୱର, ୧୩।୫ (ସୁବାସ ଚନ୍ଦ୍ର ପ୍ରଧାନ)

ତତ୍କାଳଭିତ୍ତିରେ ଭୋଟର ପଞ୍ଜୀକରଣ କରାଯାଉ ବୋଲି ସୋମବାର ଏକାମ୍ର ଜନଜାଗରଣ ମଞ୍ଚ ଭୁବନେଶ୍ୱର ଉପଜିଲାପାଳଙ୍କ ନିକଟରେ ଦାବି କରିଛି। ଚଳିତ ସାଧାରଣ ନିର୍ବାଚନ ପାଇଁ ପ୍ରକ୍ରିୟା ଚାଲିଥିବା ବେଳେ ବହୁ ସ୍ଥାନୀୟ ନାଗରିକଙ୍କ ନାମ ଭୋଟର ତାଲିକାରେ ନ ଥିବା ଦେଖିବାକୁ ମିଳୁଛି। ଏପରିକି ଭୋଟରଙ୍କ ନିକଟବର୍ତ୍ତୀ ମତଦାନକେନ୍ଦ୍ରରେ ନାମ ନ ଥାଇ ଅନ୍ୟ ଦୂର ମତଦାନକେନ୍ଦ୍ରରେ ନାମ ଥିବାରୁ ଭୋଟରମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିସହ ବହୁ ଯୁବ ଭୋଟରଙ୍କ ନାମ ଏବେଯାଏ ମଧ୍ୟ ପଞ୍ଜୀକରଣ ହୋଇ ନ ଥିବା ନଜରକୁ ଆସିଛି। ଫଳରେ ଏମାନେ ନିଜର ମୌଳିକ ଅଧିକାର ଭୋଟ ଦେବାରୁ ବଞ୍ଚିତ ହେବେ। ତେଣୁ ତତ୍କାଳ ଭୋଟର ପଞ୍ଜୀକରଣ କରାଯାଇ ଏହି ନିର୍ବାଚନରେ ସମସ୍ତ ନାଗରିକଙ୍କୁ ମତଦାନ କରିବାର ସୁଯୋଗ ପ୍ରଦାନ କରାଯାଉ ବୋଲି ମଞ୍ଚ ଦାବି କରିଛି।

### ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ସମ୍ପନ୍ନ

ନିରାକାରପୁର, ୧୩।୫ (ମାନସ ଚନ୍ଦ୍ର ପଟ୍ଟନାୟକ)

ସରପାରି ପଞ୍ଚାୟତ ଅନ୍ତର୍ଗତ ବଘେଇପୁଟ ଗ୍ରାମର ଶ୍ରୀଅନନ୍ତେଶ୍ୱରଙ୍କ ପୀଠରେ ୪ଦିନ ବ୍ୟାପୀ ଚାଲିଥିବା ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ସୋମବାର ସମ୍ପନ୍ନ ହୋଇଛି। ପୂର୍ଣ୍ଣାହୁତି ଦିବସରେ ସକାଳେ ସୂର୍ଯ୍ୟପୂଜା, ଗୋ-ପୂଜା ଆଦି ବିଭିନ୍ନ କାର୍ଯ୍ୟ ହୋଇଥିଲା। ଚଣ୍ଡୀପାଠ, ମହା ମୃତ୍ୟୁଞ୍ଜୟ ମନ୍ତ୍ର ଷ୍ଟକ ତଥା ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଆହୁତ ପ୍ରଦାନ କରାଯାଇଥିଲା। ହରିବୋଲ, ହୁଳହୁଳି ସହ କୀର୍ତ୍ତନରେ ପୀଠରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଯଜ୍ଞ ଦେବ ରଥଙ୍କ ପୌରୋହିତ୍ୟରେ ଚାଲିଥିବା ବେଳେ କର୍ତ୍ତାଭାବେ ଲିଙ୍ଗରାଜ ମାର୍ଥା ଓ ତାଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା ଦାୟିତ୍ୱ ତୁଲାଇଥିଲେ। ଅନୁଷ୍ଠାନର ରମେଶ ମଙ୍ଗରାଜ, ଶଙ୍କର ବେହେରା, ରଙ୍କନାଥ ମଙ୍ଗରାଜ, ଗୋପୀନାଥ ବଳିୟାର ସିଂହ, ନାରାୟଣ ଶତପଥୀ, ଗୌରାଙ୍ଗ ଶ୍ରୀଚନ୍ଦନ, ସୁକାନ୍ତ ମଙ୍ଗରାଜଙ୍କ ସହ କମିଟିର କର୍ମକର୍ତ୍ତା ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମିଳୁନି ଧାନ ବିହନ, ଚିନ୍ତାରେ ଚାଷୀ

ବେଗୁନିଆ, ୧୩।୫(ହର ପ୍ରସନ୍ନ ପଣ୍ଡା)



**ବେଗୁନିଆ ବ୍ଲକ**
- ନିର୍ଦ୍ଧାରିତ ସମୟଠାରୁ ୪ଦିନ ଗଡ଼ିଗଲାଣି
- ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାକୁ ଦାବି

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକରେ ଖରିଫ ଚାଷକୁ ନେଇ ଚାଷୀମାନେ ଆଶଙ୍କାରେ ରହିଛନ୍ତି। ଚଳିତ ବର୍ଷ ବ୍ଲକ କୃଷି ବିଭାଗ ପରିଚାଳନାରେ ୧୩ଟି କୋ-ଅପରେଟିଭ ସୋସାଇଟି ଏବଂ ୩ଟି ଘରୋଇ ସଂସ୍ଥା ଜରିଆରେ ଚାଷୀମାନଙ୍କୁ ଧାନ ଓ ଧନିଚା ବିହନ ଯୋଗାଇଦେବାକୁ ଧାର୍ଯ୍ୟ କରାଯାଇଛି। ଅକ୍ଷୟ ତୃତୀୟାଠାରୁ ପ୍ରତିବର୍ଷ ଚାଷୀମାନଙ୍କୁ ବିହନ ଯୋଗାଇ ଦିଆଯାଉଥିବା ବେଳେ ଚଳିତ ବର୍ଷ ନିର୍ଦ୍ଧାରିତ ସମୟଠାରୁ ୪ଦିନ ଗଡ଼ିଗଲାଣି। ଏପର୍ଯ୍ୟନ୍ତ ବିହନ ଯୋଗାଇ ଦିଆଯାଇ ନ ଥିବାରୁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେବା ଆଶଙ୍କା ଦେଖାଦେଇଛି। ଏହାର ପ୍ରଭାବ ଚାଷ ବେଉସା ଉପରେ ପଡିବ ବୋଲି ଚାଷୀ ସଙ୍ଗଠନର ମୁଖ୍ୟ ମଦନମୋହନ ସାହୁ, ଚାଷୀ ମାୟାଧର ବେହେରା ଏବଂ ଜନ କଲ୍ୟାଣ ପ୍ରତିଷ୍ଠାନର ମୁଖ୍ୟ ଅକ୍ଷୟ କୁମାର ରଥ କହିଛନ୍ତି। ସେହିପରି ଚାଷୀ ରବୀନ୍ଦ୍ର ପରିଡା କହିଛନ୍ତି, ଖରିଫ ଋତୁରେ ଗତ କିଛିବର୍ଷ ହେବ ଜଳ ସଙ୍କଟ ଦେଖାଦେଉଛି। ସଅଳ କିସମ ଏବଂ ଅଧିକ ଅମଳ କ୍ଷମ ଧାନ ଚାଷ ଏବେ ମାଧମ ହୋଇଛି। ତେବେ ବର୍ତ୍ତମାନ ଏକମାତ୍ର ଭରସା ସରକାରୀ ବିହନ ଉପରେ ନିର୍ଭର କରିବାକୁ ପଡିଥାଏ। ମାତ୍ର ଏପର୍ଯ୍ୟନ୍ତ ବିହନ ନ ମିଳିବା ବ୍ୟଥିତ କରିଛି। ଅନ୍ୟପକ୍ଷରେ ୨୦୨୪-୨୫ ଖରିଫ ଋତୁରେ ଧାନ ଚାଷ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ଜମିର ଉର୍ବରତା ବଢ଼ାଇବା ପାଇଁ ଚାଷୀ ମେ' ପ୍ରଥମ ସପ୍ତାହରେ ଧନିଚା ବିହନ କ୍ଷେତରେ ବୁଣିଥାନ୍ତି। ହେଲେ ଏପର୍ଯ୍ୟନ୍ତ ବିହନ ମିଳୁ ନ ଥିବାରୁ ଚାଷୀ ଫସଲ ଉତ୍ପାଦନ ନେଇ ଚିନ୍ତାରେ ପଡିଛି।

ବିଭାଗୀୟ ତଥ୍ୟ ଅନୁସାରେ, ଏହି ବ୍ଲକ ଅଞ୍ଚଳରେ ୮୦ ପ୍ରତିଶତ ଲୋକେ ଚାଷ ଉପରେ ନିର୍ଭର କରିଥାନ୍ତି। ୬୦ପ୍ରତିଶତ ଧାନ ଏବଂ ୨୦ପ୍ରତିଶତ ଅନ୍ୟାନ୍ୟ ଚାଷ କରନ୍ତି। ମୋଟ୍ ୧୬,୫୬୦ ହେକ୍ଟର ଚାଷଜମି ରହିଥିବା ବେଳେ ସେଥିରୁ ପ୍ରାୟ ୧୩,୯୬୦ ହେକ୍ଟର ଜମିରେ ଧାନଚାଷ କରାଯାଉଛି। ୫ହଜାର ୮୪୦ ହେକ୍ଟର ଜମିରେ ସଅଳ, ୫୨୦୫ ହେକ୍ଟର ଜମିରେ ମଧମ ଏବଂ ୧୯୨୫ ହେକ୍ଟର ଖାଲୁଆ ଜମିରେ ବଡ଼ ଧାନଚାଷ କରାଯିବ ବୋଲି ବ୍ୟବସ୍ଥା କରାଯାଇଛି। ତୁରନ୍ତ ବିହନ ଯୋଗାଇ ଦେବାକୁ ବ୍ଲକ କୃଷି ବିଭାଗ ପକ୍ଷରୁ ସମସ୍ତ ସମବାୟ ସମିତିର ଅଧିକାରୀମାନଙ୍କୁ ନେଇ ବୈଠକ କରାଯାଇଛି। ଚାଷୀମାନଙ୍କୁ ରିହାତି ଦରରେ ଯୋଗାଇ ଦେବା ସହ ନିଗମରୁ ବିହନ ଉଠାଣ ପାଇଁ ଅନୁମତିପତ୍ର ସମବାୟ ଅଧିକାରୀମାନଙ୍କୁ ବଣ୍ଟନ ହୋଇଛି। ହେଲେ ସେତିକିରେ ସୀମିତ ରହିଛି। କେବେ ଚାଷୀଙ୍କୁ ବିହନ ମିଳିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଗଣେଶ୍ୱର ରଥ କହିଛନ୍ତି, ସମସ୍ତ ସମବାୟ ସମିତିକୁ ବିହନ ଉଠାଣ ପାଇଁ ଅନୁମତି ମିଳିଛି। ସେମାନେ ନିଗମକୁ ଟଙ୍କା ଡ୍ରାଫ୍ଟ କରିବା ପାଇଁ ପ୍ରକ୍ରିୟା ଜାରି ରଖିଛନ୍ତି। ଏକ ସପ୍ତାହ ମଧ୍ୟରେ ଚାଷୀଙ୍କୁ ବିହନ ଯୋଗାଇ ଦେବାକୁ ଚେଷ୍ଟା କରାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି।



ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ କାଶୀପୁର ବଡ଼ପାଟଣା ଗ୍ରାମରେ ସୀତାରାମ ନାଟ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ ରାମଲୀଳା ନାଟକର ଏକ ଦୃଶ୍ୟ। (ଫଟୋ: ମାନସ ଚନ୍ଦ୍ର ପଟ୍ଟନାୟକ)

## ବିଜେଡି ମହିଳା କର୍ମୀ ସମାବେଶ




ସମାବେଶରେ ବିଜେଡି ପ୍ରାର୍ଥୀ ଏବଂ ଅନ୍ୟମାନେ।

ବାଲୁଗାଁ, ୧୩।୫(ସଂଗ୍ରାମ ପାଇକରାୟ)

ବାଲୁଗାଁ ସ୍ଥିତ ବିଜେଡି କାର୍ଯ୍ୟାଳୟ ପରିସରରେ ମହିଳା କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଜୁ ଜନତା ଦଳ ମହିଳା ସଭାନେତ୍ରୀ ସୁଜାତା ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପୁରୀ ଲୋକ ସଭା ବିଜେଡି ପ୍ରାର୍ଥୀ ଅରୂପ ପଟ୍ଟନାୟକ ଏବଂ ଚିଲିକା ବିଧାନସଭା ବିଜେଡି ପ୍ରାର୍ଥୀ ରଘୁନାଥ ସାହୁ ଯୋଗଦେଇ ମା'ମାନଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିବା ସହ ରାଜ୍ୟ ସରକାରଙ୍କ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ସମ୍ବନ୍ଧରେ ଆଲୋଚନା କରିଥିଲେ। ମହିଳାଙ୍କୁ ସ୍ୱାବଲମ୍ବୀ ପାଇଁ ମୁଖ୍ୟମନ୍ତ୍ରୀ ସଦାସର୍ବଦା ପ୍ରୟାସ ଜାରି ରଖିଛନ୍ତି। ଆଗାମୀ ଦିନରେ ଆହୁରି ଅନେକ ଯୋଜନା ଉପଲବ୍ଧ ହେବ ବୋଲି ପ୍ରତିଶ୍ରୁତି ଦେଇ ଉଭୟ ପ୍ରାର୍ଥୀ ଯୋଡ଼ିଶଙ୍ଖରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ର ନାଥ ମାନସିଂହ, ବାଲୁଗାଁ ଏନ୍ଏସି ଅଧକ୍ଷା ସୁକାନ୍ତି ପାଇକରାୟ, ବାଣପୁର ଏନ୍ଏସି ଅଧକ୍ଷ ମିଟୁ ନାୟକ, ଏନ୍ଏସି ବିଜେଡି ସଭାପତି ଜୟନ୍ତ ସ୍ୱାଇଁ, ବିଜେଡି ସାଧାରଣ ସମ୍ପାଦକ ସନ୍ତୋଷ ପାଇକରାୟ ଏବଂ କାଉନ୍ସିଲରମାନେ ଉପସ୍ଥିତ ଥିଲେ।



ଜଟଣୀ ଥାନା ପୋଲିସ ପକ୍ଷରୁ ସୋମବାର ସହରରେ ଅନୁଷ୍ଠିତ ଫ୍ଲାଗ୍‌ମାର୍ଚ୍ଚ।

## ନିର୍ବାଚନ ପ୍ରକ୍ରିୟାକୁ ଭୟମୁକ୍ତ କରିବ ଫ୍ଲାଗ୍‌ମାର୍ଚ୍ଚ

ଖୋର୍ଦ୍ଧା/ ବୋଲଗଡ଼/ଜଟଣୀ/ କଳାପଥର/ ବେଗୁନିଆ, ୧୩।୫ (ପ୍ରଭାତ ପାଣିଗ୍ରାହୀ/ ଦେବବ୍ରତ ହୋତା/ ରବୀନ୍ଦ୍ରନାଥ ମହାକୁଡ଼/ ଗଙ୍ଗାଧର ସାହୁ/ ହରପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)

ସାଧାରଣ ନିର୍ବାଚନରେ ମତଦାତାଙ୍କ ମନରେ ଆତ୍ମବିଶ୍ୱାସ ବଢ଼ାଇବା ସହ ଭୟମୁକ୍ତ ନିର୍ବାଚନ ବାତାବରଣ ସୃଷ୍ଟି ପାଇଁ ଖୋର୍ଦ୍ଧା ଆଦର୍ଶ(ଟାଉନ) ଥାନା ପକ୍ଷରୁ ସୋମବାର ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଟାଉନ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ନେତୃତ୍ୱରେ ହୋଇଥିବା ଏହି ଫ୍ଲାଗମାର୍ଚ୍ଚ କଣ୍ଟାଛକ, ନୂଆବସ୍‌ଷ୍ଟାଣ୍ଡ, ବିଡିଏ କଲୋନୀ ଛକ, କୋର୍ଟ ଛକ, ବ୍ୟାଙ୍କ ଛକ, ସମବାୟ ଛକ, ପୁରୁଣା ବସଷ୍ଟାଣ୍ଡ, ମାରୱାଡି ପଟି, ରାଧାବଲ୍ଲଭ ସାହି, ବାସେଳି ସାହି, ପୌର ପରିଷଦ କାର୍ଯ୍ୟାଳୟ ସମେତ ଏହି ଥାନା ଅଞ୍ଚଳରେ କରାଯାଇଥିଲା। ଅତିରିକ୍ତ ଥାନାଧିକାରୀ ସୁଚିତ୍ରା ଜେନା, ଏସ୍ଆଇ ସ୍ୱାଗତିକା ଦାସ, ବସନ୍ତ କୁମାର ପଟ୍ଟନାୟକ, ଚନ୍ଦ୍ରମଣି ଜେନାଙ୍କ ସମେତ ସମସ୍ତ ଥାନା ଅଧିକାରୀ ଏବଂ ହିମାଚଳ ପୋଲିସର ଏକ ପ୍ଲାଟୁନ ଫୋର୍ସ ସାମିଲ ହୋଇଥିଲେ। ସେହିପରି ବୋଲଗଡ଼ ଥାନା ଅଞ୍ଚଳର ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଡିପିଓ ଦିଲ୍ଲୀପ ଦାସଙ୍କ ତତ୍ତ୍ୱାବଧାନରେ ବୋଲଗଡ଼ ଥାନା ଆଇଆଇସି ସ୍ନିଗ୍ଧାମୟୀ ବରାଳଙ୍କ ନେତୃତ୍ୱରେ ଦୁଇ ପ୍ଲାଟୁନ ସିଆର୍‌ପିଏଫ୍ ଯବାନ ଓ ପୋଲିସ କର୍ମଚାରୀମାନେ ମିଳିତଭାବେ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। ଜଟଣୀ ସହରରେ ହିମାଞ୍ଚଳ ପ୍ରଦେଶ ସୁରକ୍ଷା ବଳ ଏବଂ ଜଟଣୀ ପୋଲିସ ପକ୍ଷରୁ ମିଳିତଭାବେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ହରିଭାଇନା ଛକଠାରୁ ଫ୍ଲାଗ୍‌ମାର୍ଚ୍ଚ ଆରମ୍ଭ ହୋଇ ସହରର ମୁଖ୍ୟ ରାସ୍ତା ମହୁଲଗୁଡ଼ିଆ ଛକ, ଥାନା ଛକ, ସୀତାରାମ ଛକ ଦେଇ କୁଦିଆରୀ ବଜାର, କୁଦିଆରୀ ଗ୍ରାମର ବିଭିନ୍ନ ସାହି ଦେଇ ଜଟଣୀ ରେଲୱେ ଷ୍ଟେଶନ ଅଞ୍ଚଳ, ହାଟବଜାର, ବାଛରା ଆଦି ଅଞ୍ଚଳ ଦେଇ ହରିଭାଇନା ଛକଠାରେ ଶେଷ ହୋଇଥିଲା। ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂଙ୍କ ନେତୃତ୍ୱରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ସେହିପରି ବେଗୁନିଆ ନିର୍ବାଚନମଣ୍ଡଳୀରେ ବେଗୁନିଆ ଥାନା ପୋଲିସ ପକ୍ଷରୁ ବଡନୟାପଲ୍ଲୀ, ବାଙ୍କପଲ୍ଲୀ, ମାଣିବନ୍ଧ, ଗେଡିଆପଲ୍ଲୀ, ଧଳାପଥର ଆଦି ଅଞ୍ଚଳରେ ଫ୍ଲାଗମାର୍ଚ୍ଚ ହୋଇଯାଇଛି। ସ୍ଥାନୀୟ ପୋଲିସ ଓ ଗୋଟିଏ ପ୍ଲାଟୁନ କେନ୍ଦ୍ରୀୟ ପୋଲିସ ଫୋର୍ସ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା, ମହିଳା ଉପନିରୀକ୍ଷକ ପ୍ରଦୀପ୍ତା ରାଉତରାୟ, ଉପନିରୀକ୍ଷକ ଭୁବନ ବେହେରା ଓ ଧଳାପଥର ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ମଲ୍ଲିକ ପ୍ରମୁଖ ଫ୍ଲାଗ୍‌ମାର୍ଚ୍ଚ ବେଳେ ଉପସ୍ଥିତ ଥିଲେ।

### ପୁରୁଣା ସ୍ମୃତି ମନେପକାଇଲେ

ବୋଲଗଡ, ୧୩।୫(ଦେବବ୍ରତ ହୋତା)

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ଟାଙ୍ଗୀସାହିସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟ ୧୯୯୬ ମସିହା ମାଟ୍ରିକ ବ୍ୟାଚର ଛାତ୍ରୀଛାତ୍ରମାନଙ୍କ ଏକ ବନ୍ଧୁମିଳନ ଉତ୍ସବ ବୋଲଗଡ ସ୍ଥିତ ମା' ଭୂଇଆଣିଙ୍କ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଦୈତାରୀ ରାଉତରାୟଙ୍କ ଆବାହକତ୍ୱରେ ଓ ପୂର୍ବତନ ପ୍ରଧାନଶିକ୍ଷକ ବାସୁଦେବ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଗୋପାଳ ଚରଣ ସାହୁ, ମଦନ ମୋହନ ପୃଷ୍ଟି, ଦୁର୍ଯ୍ୟୋଧନ ସୁବୁଦ୍ଧି, ଶ୍ରୀଧର ନାୟକ, ସନ୍ତୋଷ ସାହୁ, ଜୟରାମ ଦାଶ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲଛମନ ପରିଡ଼ା, ବୁଦ୍ଧି ବାମନ ଭୋଳ, ପ୍ରଫୁଲ୍ଲ ପାଇକରାୟ, ମାୟାଧର ରାଉଳ, ସେବତୀ ପରିଡା ପ୍ରମୁଖ ଯୋଗଦେଇଥିଲେ। ପୁରାତନ ଛାତ୍ରୀଛାତ୍ର ଭାବର ଆଦାନ ପ୍ରଦାନ କରିବା ସହ ପୁରୁଣା ସ୍ମୃତିକୁ ମନେପକାଇଥିଲେ। ଧନେଶ୍ୱର ମୁଣ୍ଡେଇ, ଅନାମ ସାହୁ, ସୂର୍ଯ୍ୟକାନ୍ତ ବଳିୟାରସିଂହ, ଜୟନ୍ତ ମହାନ୍ତି, ବାବୁଲି ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସୁଶାନ୍ତ କୁମାର ମୁଣ୍ଡେଇ ଧନ୍ୟବାଦ ଦେଇଥିଲେ।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ବୋଲଗଡ଼, ୧୩।୫(ଦେବବ୍ରତ ହୋତା)

ବୋଲଗଡ଼ ନିକଟ ଗ୍ରାମେଶ୍ୱର ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ତଥା ବୋଲଗଡ଼ ବାମନ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଦ୍ୟାଧର ଷଡ଼ଙ୍ଗୀଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୮୦ ବର୍ଷ ହୋଇଥିଲା। ସେ ଜଣେ ଛାତ୍ରବତ୍ସଳ, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ପହଞ୍ଚି ତାଙ୍କର ଶେଷଦର୍ଶନ କରିଥିଲେ। ଗ୍ରାମେଶ୍ୱର ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁତୁରା ଲୋକନାଥ ଷଡ଼ଙ୍ଗୀ ମୁଖାଗ୍ନି ଦେଇଥିଲେ।

## ମନ୍ମଥ, ପ୍ରଦୀପଙ୍କ ପ୍ରଚାର



ବେଗୁନିଆ, ୧୩।୫(ସନ୍ଧ୍ୟାରାଣୀ ମିଶ୍ର)

ନିର୍ବାଚନ ଯେତିକି ପାଖଉଛି ନେତାଙ୍କ ପ୍ରଚାର ସେତିକି ଜମୁଛି। ଲୋକଙ୍କ ଆସ୍ଥା ଭାଜନ ହେବା ପାଇଁ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଉଛନ୍ତି ବିଭିନ୍ନ ଦଳର ପ୍ରାର୍ଥୀ। ସୋମବାର ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ବେଗୁନିଆ ବିଧାନସଭା କ୍ଷେତ୍ରର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ ବେଗୁନିଆ ଅଞ୍ଚଳରେ ପ୍ରଚାର କରିଥିଲେ। ଜନସାଧାରଣଙ୍କୁ ଭେଟିବା ସହ ଯୋଡ଼ିଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ। ସାରୁଅ, ବାଘମାରୀ, ସିମୋର, ବଡ଼ବେରଣା, ପୋଡ଼ାଡିହ, ପଙ୍ଗାରସିଂହ ଓ କଣ୍ଟାବାଡ ଆଦି ପଞ୍ଚାୟତର ପ୍ରତ୍ୟେକ ଗ୍ରାମରେ ବିଜେଡିର ସମର୍ଥକ ଓ କର୍ମୀମାନେ ଉଭୟ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟଙ୍କ ସହିତ ପଞ୍ଚାୟତ କର୍ମୀମାନେ ସାମିଲ ହୋଇଥିଲେ।

## ଯୋଡ଼ିଶଙ୍ଖରେ ଭୋଟ ଦେବାକୁ ନିବେଦନ



ପଦଯାତ୍ରାରେ ବିଜେଡି ନେତା ଓ କର୍ମୀମାନେ।

ଟାଙ୍ଗୀ, ୧୩।୫(ରଘୁନାଥ ସାହୁ)

ନିର୍ବାଚନ ଯେତିକି ପାଖେଇ ଆସୁଛି କର୍ମୀମାନଙ୍କ ମଧ୍ୟରେ ସେତିକି ଉତ୍ସାହ ଦେଖାଦେଇଛି। ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଟାଙ୍ଗୀରେ ଅଧିକ ଭୋଟ ପାଇବା ଆଶାରେ ବିଜେଡି କର୍ମୀମାନେ ଘର ଘର ବୁଲି ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଏବଂ ନବୀନ ପଟ୍ଟନାୟକଙ୍କ ଗ୍ୟାରେଣ୍ଟି ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଉଛନ୍ତି। ଯୋଡି ଶଙ୍ଖରେ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ପଦରେ ବସାଇବାକୁ ଭୋଟରଙ୍କୁ ନିବେଦନ କରୁଛନ୍ତି। ଅଶୋକ କୁମାର ମହାପାତ୍ର, ମହେନ୍ଦ୍ର କୁମାର ସାହୁ, ଆଇନଜୀବୀ ଅଜୟ କୁମାର ରାୟ, ଅଶ୍ୱିନୀ କୁମାର ଦାସ, ପର୍ଣ୍ଣଚନ୍ଦ୍ର ପାତ୍ର, ଉପେନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଇସ୍ତାହାରରେ କ୍ୟାବିନ ମୁକ୍ତ ସହର ଉପରେ ଗୁରୁତ୍ୱ

ଖୋର୍ଦ୍ଧା, ୧୩।୫(ପ୍ରଭାତ ପାଣିଗ୍ରାହୀ)

**ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ**

ଭୁବନେଶ୍ୱର ଲୋକ ସଭା ଏବଂ ୭ଟି ବିଧାନସଭା ଆସନ ପାଇଁ ଆସନ୍ତା ୨୫ତାରିଖରେ ମତଦାନ ହେବ। ଖୋର୍ଦ୍ଧା ବିଧାନସଭା ଆସନ ପାଇଁ ୧୦ଜଣ ପ୍ରାର୍ଥୀ ଲଢୁଛନ୍ତି। ତେବେ ସମସ୍ତ ପ୍ରାର୍ଥୀଙ୍କ ଇସ୍ତାହାରରେ ରହିଛି କ୍ୟାବିନ ମୁକ୍ତ ସହର। ଖୋର୍ଦ୍ଧା ସହରକୁ କ୍ୟାବିନ ମୁକ୍ତ ଲାଗି ଦୀର୍ଘଦିନ ବାଦବିବାଦ ଲାଗି ରହିଥିବା ବେଳେ ଚଳିତ ନିର୍ବାଚନରେ ପୁଣି ଥରେ ପ୍ରାର୍ଥୀମାନେ ଏହାକୁ ମୁଦ୍ଦା କରିଛନ୍ତି। ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ସାହୁ, ଭାଜପା ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବ ଏବଂ ସ୍ୱାଧୀନ ପ୍ରାର୍ଥୀ କାଳୁଚରଣ ଖଣ୍ଡାୟତରାୟ, ରଣଜିତ ମହାପାତ୍ରଙ୍କ ସମେତ ଅନ୍ୟ ପ୍ରାର୍ଥୀମାନେ କ୍ୟାବିନ ମୁକ୍ତ ସହର ଉପରେ ଗୁରୁତ୍ୱ ଦେଇଛନ୍ତି। ଯାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଖୋର୍ଦ୍ଧାରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢ଼ିଚାଲିଛି। ରାସ୍ତାକଡ଼ ଉଠାଦୋକାନୀ, ଅବରୋଧ ଡ୍ରେନେଜ ଏବଂ ରାସ୍ତାକୁ ଲାଗିରହିଥିବା କ୍ୟାବିନ ଏହାର ପ୍ରମୁଖ କାରଣ। ମାରୱାଡିପଟି, ପୁରୁଣା ବସ୍‌ଷ୍ଟାଣ୍ଡ, ସମବାୟ ଛକଠାରୁ ଏସ୍‌ବିଆଇ ଛକ ପର୍ଯ୍ୟନ୍ତ ପ୍ରାୟ ୫୪୦ କ୍ୟାବିନ ରହିଛି। ଖୋର୍ଦ୍ଧା ସମେତ ଆଖପାଖ ଗ୍ରାମର ଲୋକେ ଦୀର୍ଘ ବର୍ଷ ଧରି ବ୍ୟବସାୟ କରିଆସୁଛନ୍ତି। ଅଧିକାଂଶ କ୍ୟାବିନ ଡ୍ରେନ୍ ଉପରେ ରହିଛି। ଡ୍ରେନକୁ ଅବରୋଧ ମୁକ୍ତ କରିବାକୁ ହେଲେ କ୍ୟାବିନଗୁଡ଼ିକୁ ଉଚ୍ଛେଦ କରିବାକୁ ପଡିବ। କ୍ୟାବିନ ଉଚ୍ଛେଦ ହେଲେ ବେପାର କେଉଁଠି କରିବେ, ତାହାକୁ ନେଇ ବେପାରୀଙ୍କ ମଧ୍ୟରେ ଭାଲେଣି ପଡିଛି। ଦୀର୍ଘ ବର୍ଷ ଧରି କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ପ୍ରଶାସନ ପକ୍ଷରୁ ଯୋଜନା ଚାଲିଛି। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ଏହାର କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ସହର ସୌନ୍ଦର୍ଯ୍ୟକରଣରେ କ୍ୟାବିନ ବାଧକ ସାଜିଛି ବୋଲି ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି। ଏପରିକି ରାସ୍ତା ଉପରେ ଦୋକାନ ଗଢି ଉଠିଥିବାରୁ ସାମଗ୍ରୀ କିଣିବା ଲାଗି ଆସୁଥିବା ଲୋକେ ଗାଡ଼ି ରାସ୍ତା ଉପରେ ପାର୍କ କରୁଛନ୍ତି। ଫଳରେ ପୁରୁଣା ବସଷ୍ଟାଣ୍ଡଠାରୁ ଗୋଡି ପୋଖରୀ ଛକ ଏବଂ ଟ୍ରାଫିକ ଛକ ଠାରୁ ନୂଆବସଷ୍ଟାଣ୍ଡ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ସହରର ସୌନ୍ଦର୍ଯ୍ୟକରଣ ସହ କ୍ୟାବିନ ମୁକ୍ତ ଲାଗି ସାଧାରଣରେ ଦାବି ହେଉଛି।

ପ୍ରକାଶ ଯେ, ୨୦୦୩ ମସିହାରେ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ଜିଲା ପ୍ରଶାସନ ସ୍ତରରେ ନିଷ୍ପତ୍ତି ହୋଇଥିଲା। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ତତ୍କାଳୀନ ଜିଲାପାଳ, ପୌର କାର୍ଯ୍ୟନିର୍ବାହୀ, ବ୍ୟବସାୟୀ ସଂଘ ସହ ଆଲୋଚନା କରାଯାଇଥିଲା। ହାବେଳି ପଡିଆଠାରେ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ନିଷ୍ପତ୍ତି ହୋଇଥିଲା। ଏଥିଲାଗି ପ୍ରତି ବ୍ୟବସାୟୀଙ୍କଠାରୁ ୩ହଜାର ଟଙ୍କା ସଂଗ୍ରହ କରାଯାଇଥିଲା। ପ୍ରାୟ ୧୫ଲକ୍ଷ ଟଙ୍କା ପୌର ପ୍ରଶାସନ ପକ୍ଷରୁ ସଂଗ୍ରହ ହୋଇଥିଲା। ଆଦାୟ ଅର୍ଥରେ ଚାରିପଟ ପାଚେରି ଏବଂ ପଡିଆକୁ ସମତୁଲ କରିବାରେ ବ୍ୟାପକ ଅର୍ଥ ଖର୍ଚ୍ଚ ହୋଇଥିବା ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି। କ୍ୟାବିନ ସମସ୍ୟା ସମାଧାନ ଲାଗି ବିଧାନସଭାରେ ପ୍ରଶ୍ନ ହେଲା। ୫୪୦ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ପୌର ପ୍ରଶାସନ ପକ୍ଷରୁ ୩୪କୋଟି ଟଙ୍କା ଟେଣ୍ଡର ଆହ୍ୱାନ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଏହାକୁ ରଦ୍ଦ କରିଦିଆଗଲା।

# ଅବାଧ, ମୁକ୍ତ, ନିରପେକ୍ଷ ମତଦାନ ଉପରେ ଗୁରୁତ୍ୱ

## ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା

ପୁରୀ,୧୩।୫(ଅଜିତ୍ କୁମାର ମହାନ୍ତି):

ନିର୍ବାଚନ କାର୍ଯ୍ୟ ଏକ ସାମୂହିକ କାର୍ଯ୍ୟ। ଏହାକୁ ଭାରତର ନିର୍ବାଚନ କମିଶନଙ୍କ ମାର୍ଗଦର୍ଶିକା ଆଧାରରେ ପରିଚାଳନା କରିବା ପାଇଁ ନିର୍ବାଚନର ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଯୋଗେନ୍ଦ୍ର ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଅପରାହ୍ଣରେ ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଆଗାମୀ ନିର୍ବାଚନ ପାଇଁ ଜିଲା ପ୍ରଶାସନର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ତ୍ରିପାଠୀଙ୍କ ସହ ଅନ୍ୟତମ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ରଜନୀକାନ୍ତ ମିଶ୍ର, ହିମାଳିନୀ କାଶ୍ୟପ, ବିବେକ କୁମାର ଓ ପୋଲିସ ପର୍ଯ୍ୟବେକ୍ଷକ ୟାରାମ ନାଗି ରେଡ୍ଡୀ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ପ୍ରାରମ୍ଭରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ ସହ ନିର୍ବାଚନ ପାଇଁ ଜିଲାର ପ୍ରସ୍ତୁତି ସମ୍ପର୍କରେ ବିଶଦ୍ ତଥ୍ୟ ପ୍ରଦାନ କରିଥିଲେ। ପୁରୀ ଲୋକ ସଭା ଆସନରେ ୭ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପୁରୀ ଲୋକ ସଭା ଅନ୍ତର୍ଗତ ୭ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀ ପୁରୀ ଜିଲାରେ ଥିବାବେଳେ ନୟାଗଡ଼ ଓ ରଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ନୟାଗଡ଼ ଜିଲା ଓ ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀ ଖୋର୍ଦ୍ଧା ଜିଲା ଅନ୍ତର୍ଗତ ଅଟେ। ଏହି ନିର୍ବାଚନମଣ୍ଡଳୀଗୁଡ଼ିକରେ ଚଳିତ ମାସ ୨୫ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି କାକଟପୁର ଓ ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଜଗତ୍‌ସିଂହପୁର ଲୋକ ସଭା ଆସନ ଅଧୀନରେ ଆସୁଛି। ସେଠାରେ ଜୁନ ୧ରେ ନିର୍ବାଚନ ଅନୁଷ୍ଠିତ ହେବ। ଜିଲାର ୧୪ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ୧୫୯୮ ବୁଥରେ ମତଦାନ କରିବେ। ମତଦାନ ହାର ବୃଦ୍ଧି ଲକ୍ଷ୍ୟରେ ସମସ୍ତ ମତଦାତାଙ୍କୁ ସୁଇପ୍ କାର୍ଯ୍ୟକ୍ରମ ମାଧ୍ୟମରେ ଅନୁରୋଧ କରାଯାଇଛି। ଅପରପକ୍ଷରେ ଆଇନ ଶୃଙ୍ଖଳା ରକ୍ଷା, ନିର୍ବାଚନକୁ ନିରପେକ୍ଷ ଭାବେ ପରିଚାଳନା ପାଇଁ ଏଫ୍ଏସ୍‌ଟି, ଏସ୍ଏସ୍‌ଟି, ଭିଏସ୍‌ଟି ଭଳି ଟିମ୍ ଦାୟିତ୍ୱରେ ରହିଛନ୍ତି। ଚେକ୍‌ପୋଷ୍ଟରେ ଧରପଗଡ଼ ସହ ନିରନ୍ତର ଚେକିଂ ମଧ୍ୟ ଜାରି ରହିଛି। ଆକାଉଣ୍ଟ ଟିମ୍ ମଧ୍ୟ ସମସ୍ତ ପ୍ରାର୍ଥୀଙ୍କ ଟିକିନିଖି ଖର୍ଚ୍ଚର ହିସାବ ରଖୁଛନ୍ତି ବୋଲି ଜିଲାପାଳ ଅବଗତ କରାଇଥିଲେ। ସେହିପରି ଏସ୍‌ପି ପିନାକ ମିଶ୍ର ଆଇନ ଶୃଙ୍ଖଳା ରକ୍ଷା, ଧରପଗଡ଼, ପ୍ରାର୍ଥୀମାନଙ୍କ ସୁରକ୍ଷା ଓ ନିରପେକ୍ଷ ନିର୍ବାଚନ ପାଇଁ ବିବିଧ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକମାନେ ପ୍ରସ୍ତୁତିକୁ ଅଧିକ କ୍ରିୟାଶୀଳ କରିବା, ଭୋଟରମାନଙ୍କ ମନରେ ମୁକ୍ତ ଅବାଧ ନିର୍ବାଚନ ପାଇଁ ଆଦର୍ଶ ସୃଷ୍ଟି କରିବା ଓ ପ୍ରାର୍ଥୀମାନଙ୍କ ଆଦର୍ଶ ଆଚରଣ ବିଧି ଅନୁପାଳନ ଓ ଖର୍ଚ୍ଚର ଠିକ୍ ହିସାବ ଲିପିବଦ୍ଧ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ କୁନାଲ ପ୍ରକାଶ ଖେମ୍‌ନର, ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୁଧାଂଶୁ ଧର ମିଶ୍ର, ମଦନପାଲ ସିଂ, ସରୋଜ କୁମାର, ଅତିରିକ୍ତ ଜିଲାପାଳ(ପ୍ରଶାସନ) ତଥା ରିଟର୍ଣ୍ଣିଂ ଅଫିସର ଶରତ ଚନ୍ଦ୍ର ବେହେରା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ରିଟର୍ଣ୍ଣିଂ ଅଫିସର ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲାପାଳ ତଥା ରିଟର୍ଣ୍ଣିଂ ଅଫିସର ଗୋପୀନାଥ କୁଅଁର, ଅତିରିକ୍ତ ଉପ ଜିଲାପାଳ ତଥା ରିଟର୍ଣ୍ଣିଂ ଅଫିସର ନୀଳମାଧବ ମାଝି, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ମନୀଷା ଷଡ଼ଙ୍ଗୀ, ଅନ୍ୟାନ୍ୟ ନୋଡାଲ ଅଫିସର ଓ ପର୍ଯ୍ୟବେକ୍ଷକଙ୍କ ଲିଆଇଶନିଂ ଅଫିସରମାନେ ଯୋଗ ଦେଇଥିଲେ।



ପୁରୀ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ସୋମବାର ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀ ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୩।୫।୨୦୨୪

| | |
|---|---|
| ୪,୧୪,୭୭୯ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୬୨.୩୦୦ଗ୍ରାମ୍ |

## ସଂକ୍ଷେପରେ

### ନରେନ୍ଦ୍ର ପୁଷ୍କରିଣୀରୁ ମୃତଦେହ ଜବତ

ପୁରୀ,୧୩।୫(ଅଜିତ୍ କୁମାର ମହାନ୍ତି)

ନରେନ୍ଦ୍ର ପୁଷ୍କରିଣୀରୁ ସୋମବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତଯୁବକ ଜଣଙ୍କ ସଦର ଥାନା ଅନ୍ତର୍ଗତ ଗୋପିନାଥପୁର ନୂଆ ସାହିର ଗୋପାଳ ମିଶ୍ର (୩୫)। ମିଳିଥିବା ସୂଚନାନୁଯାୟୀ ନରେନ୍ଦ୍ର ପୋଖରୀରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ନେଇ ସ୍ଥାନୀୟ ଲୋକେ କୁମ୍ଭାରପଡ଼ା ଥାନାକୁ ଖବର ଦେଇଥିଲେ। ଖବରପାଇ କୁମ୍ଭାରପଡା ଥାନା ପୋଲିସ ଓ ଅଗ୍ନିଶମ ବାହୀନି ଘଟଣାସ୍ଥଳରେ ପହଞ୍ଚି ପୋଖରିରୁ ମୃତଦେହ ଉଦ୍ଧାର କରିଥିଲେ। ପରେ ସଦରମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇ ବ୍ୟବଚ୍ଛେଦ କରାଯାଇଥିଲା। ତେବେ ଗୋପାଳଙ୍କ ପାଣିରେ କିପରି ମୃତ୍ୟୁ ହେଲା ସେନେଇ ପୋଲିସ ତଦନ୍ତ କରୁଛି।

### ରେଳଲାଇନ ନିକଟରୁ ଯୁବକଙ୍କ ମୃତଦେହ ଜବତ

ସାକ୍ଷୀଗୋପାଳ,୧୩।୫
(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)

ଜାନକାଦେଈପୁର ରେଳଲାଇନ ପାଖରୁ ସୋମବାର ପୂର୍ବାହ୍ଣରେ ଜଣେ ଯୁବକଙ୍କ ମୃତଦେହ ସାକ୍ଷୀଗୋପାଳ ଜିଆର୍‌ପି ପୋଲିସ ଜବତ କରିଛି। ଏନେଇ ପୋଲିସ ୧୬/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଯୁବକଙ୍କ ବୟସ ପାଖାପାଖି ୪୦ ବର୍ଷ ହେବ। ତାଙ୍କ ସ୍ୱାସ୍ଥ୍ୟ ମଧ୍ୟମ ଧରଣର ହୋଇଥିବାବେଳେ ସେ ଗୋଟିଏ ନୀଳ, ଆକାଶୀ ରଙ୍ଗ ଶାର୍ଟ ଏବଂ ବେକରେ ନାଲି ସୂତାରେ ରୁପା ପରି ଦେଖାଯାଉଥିବା ଏକ ହନୁମାନ ଲକେଟ ପିନ୍ଧିଛନ୍ତି। ତେବେ ଯୁବକଙ୍କ ପରିଚୟ ମିଳିପାରି ନାହିଁ। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପୁରୀ ମେଡ଼ିକାଲକୁ ପଠାଯାଇଥିବା ସ୍ଥାନୀୟ ଜିଆର୍‌ପି ପୋଲିସ ଅଧିକାରୀ ଇନ୍ଦୁମତି ସୁଙ୍କା ପ୍ରକାଶ କରିଛନ୍ତି।

## ରଥଖଳାରୁ...

### ୩ ରଥର ୧୧ଟୁମ୍ବର ଗୋଲେଇ କାର୍ଯ୍ୟ ଶେଷ

ପୁରୀ,୧୩।୫(ଅଜିତ୍ କୁମାର ମହାନ୍ତି)

ଶ୍ରୀନହର ସମ୍ମୁଖସ୍ଥ ଅସ୍ଥାୟୀ ରଥ ଖଳାରେ ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ପବିତ୍ର ଅକ୍ଷୟ ତୃତୀୟାଠାରୁ ତିନି ରଥର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ରଥ ନିର୍ମାଣର ତୃତୀୟ ଦିନ ସୋମବାର ସନ୍ଧ୍ୟା ସୁଦ୍ଧା ୩ ରଥର ୪୨ ଗୋଟି ଟୁମ୍ବ ମଧ୍ୟରୁ ୧୧ଗୋଟି ଟୁମ୍ବର ଗୋଲେଇ କାର୍ଯ୍ୟ ସହ ମଠା କାର୍ଯ୍ୟ ଶେଷ ହୋଇଛି। ୧୧ଗୋଟି ମଧ୍ୟରୁ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥର ୧୪ ଗୋଟି ଟୁମ୍ବରୁ ୪ଗୋଟି ଟୁମ୍ବର କାର୍ଯ୍ୟ ଶେଷ ହୋଇଛି। ସେହିପରି ମା' ସୁଭଦ୍ରାଙ୍କ ଦେବୀଦଳନ ରଥର ୧୨ଗୋଟି ଟୁମ୍ବ ମଧ୍ୟରୁ ୩ଗୋଟି ଟୁମ୍ବର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ୧୬ ଗୋଟି ଟୁମ୍ବ ମଧ୍ୟରୁ ୪ଗୋଟି ଟୁମ୍ବର କାର୍ଯ୍ୟ ଶେଷ ହୋଇଛି। ଏହିପରି ମୋଟ ୧୧ଟୁମ୍ବର ଗୋଲେଇ ସହ ମଠା କାର୍ଯ୍ୟ ଶେଷ ହୋଇଛି। ରଥଖଳାରେ କରତି ସେବକମାନେ ୨୦ଗୋଟି ଟୁମ୍ବ ଗଡ଼ ଚିରଟ କରି ୩ ରଥଚାଳିକୁ ଯୋଗାଉଛନ୍ତି। ସେଥିମଧ୍ୟରୁ ତାଳଧ୍ୱଜ ରଥ ଚାଳିକୁ ୭, ଦେବୀରଥଚାଳିକୁ ୬ ଏବଂ ନନ୍ଦିଘୋଷ ରଥଚାଳିକୁ ୭ ଟୁମ୍ବ ଗଡ଼ କରତି ସେବକ ଚିରଟ କରି ଯୋଗାଇଛନ୍ତି। ଅପରପକ୍ଷରେ ବାକି ଟୁମ୍ବଗଡ଼କୁ ଚିରଟ ପାଇଁ ୩ ରଥର ମୁଖ୍ୟ ମହାରଣା ସେବକମାନେ ଉଦ୍ଦିଷ୍ଟ ଫାଶୀ କାଠଗୁଡ଼ିକରେ ମାପ ଚିହ୍ନ ଦେବା ପରେ ଭୋଇ ସର୍ଦ୍ଦାରଙ୍କ ତତ୍ତ୍ୱାବଧାନରେ ଭୋଇ ସେବକମାନେ ଟୁମ୍ବ ଚିରଟ ପାଇଁ କାଠଗଡ଼ଗୁଡ଼ିକୁ ସାଇଜ୍ କରି ରଖିଛନ୍ତି। ସେହିପରି ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନିରଥ ପାଇଁ ଅରକଣ୍ଟା ପ୍ରସ୍ତୁତି ଜାରି ରଖିଛନ୍ତି।



କମାର ଶିଳ୍ପୀମାନେ ରଥର ଅରକଣ୍ଟା ପ୍ରସ୍ତୁତି କରୁଛନ୍ତି ।



ପୁରୀ ଚନ୍ଦନ ପୁଷ୍କରିଣୀରେ ନନ୍ଦା ଓ ଭଦ୍ରାରେ ମଦନମୋହନଙ୍କ ସହ ରାମକୃଷ୍ଣ ଓ ପଞ୍ଚୁପାଣ୍ଡବ ଚାପ ଖେଳୁଛନ୍ତି ।

## ବାଲିଘାଟରେ ଘରେ ଘରେ ଭାଗବତ

ପୁରୀ,୧୩।୫(ଅଜିତ୍ କୁମାର ମହାନ୍ତି)

କାଳୀୟ ବିଷଧରକୁ ଦମନ କରି ଶ୍ରୀକୃଷ୍ଣ ଯେପରି ଶହ ଶହ ନରନାରୀ ଓ ପଶୁପକ୍ଷୀଙ୍କୁ ବିଷଜ୍ୱାଳାରୁ ରକ୍ଷା କରିଥିଲେ, ସେହିପରି ମଣିଷ ସମାଜକୁ ଈର୍ଷା –ପରଶ୍ରୀକାତରତାରୁ ରକ୍ଷା କରି ଏକ ଶୃଙ୍ଖଳିତ ଓ ବିକଶିତ ସମାଜ ଗଠନ କରିବାକୁ ଘରେ ଘରେ ଭାଗବତ ପାଠ ଆବଶ୍ୟକ ବୋଲି କହିଛନ୍ତି ଭାଗବତକାର ବଦ୍ରି ମିଶ୍ର। ବାଲିଘାଟ–ଗୋପାଳପୁର ନିକଟସ୍ଥ ଶ୍ରୀରାମ ନଗରରେ କାଞ୍ଚନବାଳା ଦଳେଇ ଓ ପ୍ରଭାକର ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଭାଗବତ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରବଚିକା ନିର୍ମଳା ଫତେସିଂହ ଭାଗବତ ଦଶମ ସ୍କନ୍ଧରେ ବର୍ଣ୍ଣିତ କାଳୀୟଦଳନ ଲୀଳାର ବ୍ୟାଖ୍ୟା କରିଥିଲେ। ଏହି କାର୍ଯ୍ୟକ୍ରମରେ ମାନଗୋବିନ୍ଦ ଦଳେଇ, ସୁନନ୍ଦା ପଟ୍ଟନାୟକ, ସୁଲୋଚନା ମିଶ୍ର, ମମତା ପଟ୍ଟନାୟକ, ଏ.ମିନା, ରାଜଲକ୍ଷ୍ମୀ ମିଶ୍ର, କୃଷ୍ଣପ୍ରିୟା ମହାପାତ୍ର, କୈଳାସ ମହାପାତ୍ର, ପ୍ରଦ୍ୟୁମ୍ନ ପଟ୍ଟନାୟକ, ସୁଧୀର ଦଳାଇ, ସବିତା ମିଶ୍ର, ନିକଟସ୍ଥ ଗ୍ରାମବାସୀ, ସ୍ଥାନୀୟ ମହିଳା ଯୋଗ ଦେଇଥିଲେ। କଣ୍ଠଶିଳ୍ପୀ ରାଜେନ୍ଦ୍ର ମିଶ୍ର ଓ କବିତା ରଥ ଜୟଦେବଙ୍କ ଗୀତଗୋବିନ୍ଦ ଓ ସାଲବେଗଙ୍କ ଆହେ ନୀଳଶୈଳ ଭଜନ ଗାଇବା ପରେ ଭାଗବତ ବନ୍ଦନା ସହ ଭାଗବତ ଉଠିଥିଲା। ଝିମିଲି ପଟ୍ଟନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ଗ୍ରୀଷ୍ମକାଳୀନ ଟେବୁଲ୍ ଟେନିସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ପୁରୀ,୧୩।୫(ଅଜିତ୍ କୁମାର ମହାନ୍ତି):

ଶ୍ରୀକ୍ଷେତ୍ର କଲୋନୀସ୍ଥିତ ନୀଳକଣ୍ଠ ଟେବୁଲ ଟେନିସ ଏକାଡେମୀ ଆନୁକୂଲ୍ୟରେ ୮ବର୍ଷ ବୟସରୁ ୧୩ବର୍ଷ ବୟସର ବାଳିକାବାଳକଙ୍କ ଗ୍ରୀଷ୍ମକାଳୀନ ଟେବୁଲ ଟେନିସ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଗତ ୫ରୁ ୧୨ତାରିଖ ପର୍ଯ୍ୟନ୍ତ ୭ଦିନ ବ୍ୟାପୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ରାଜ୍ୟର ଖ୍ୟାତନାମା ଖେଳାଳିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉନ୍ନତମାନର କ୍ରୀଡ଼ାକୌଶଳ ପିଲାମାନଙ୍କ ଦକ୍ଷତା ବୃଦ୍ଧିରେ ବେଶ୍ ସହାୟକ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିଯୋଗିତାରେ ପୁରୀ ଓ ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟର ୧୧ଜଣ ବଛାବଛା ଖେଳାଳି ଭାଗ ନେଇଥିଲେ। ଏକାଡେମୀର ପ୍ରତିଷ୍ଠାତା ସଂଗ୍ରାମ ରଥ ଓ ବିଶ୍ୱବିଦ୍ୟାଳୟର ପ୍ରତିନିଧିତ୍ୱ କରିଥିବା ପ୍ରକାଶ ମିଶ୍ର, ରାଜ୍ୟସ୍ତରୀୟ ଖେଳାଳି ଡାକ୍ତର କୁମାର ଅରୋଜ୍ୟୋତିଙ୍କ ସହଯୋଗିତାରେ ଶିବିରାର୍ଥୀମାନେ ଉନ୍ନତମାନର କ୍ରୀଡ଼ାକୌଶଳ ଆହରଣ କରିବାରେ ସକ୍ଷମ ହୋଇଥିଲେ। ପୂର୍ବ ବର୍ଷରେ ଏହି ଏକାଡେମୀର ପ୍ରଶିକ୍ଷାର୍ଥୀ କୁମାରୀ ଶ୍ରୀତିଜା ଚୌଧୁରୀ ଆନ୍ତଃରାଜ୍ୟ ଟେବୁଲ୍ ଟେନିସ୍ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଆଗକୁ ଏହି ଏକାଡେମୀ ଖେଳାଳିମାନଙ୍କୁ ରାଷ୍ଟ୍ରୀୟ ତଥା ଅନ୍ତଃରାଷ୍ଟ୍ରୀୟସ୍ତରରେ ଖେଳିବା ପାଇଁ ପ୍ରୋତ୍ସାହନ ଦେବାର ଲକ୍ଷ୍ୟ ଓ ସାମର୍ଥ୍ୟ ରଖିଛି ବୋଲି ଉଦ୍‌ଯାପନୀ ଦିବସର ଅତିଥି ସୁଦର୍ଶନ କ୍ରାଫ୍ଟ ଆଣ୍ଡ ମ୍ୟୁଜିୟମର ପାର୍ଟନର ରବିନାରାୟଣ ସାହୁ ମତପ୍ରକାଶ କରି କହିଥିଲେ। ପୁରୀ ଟେବୁଲ ଟେନିସ ଆସୋସିଏଶନର ସମ୍ପାଦକ ବିମଳ ପ୍ରସାଦ ମହାନ୍ତି, ଶିଳ୍ପପତି ଆର୍ଯ୍ୟକାନ୍ତ ପଟ୍ଟନାୟକ, ବ୍ୟାଙ୍କ ପରିଚାଳକ ତ୍ରିଦୀପ ଦାସ, କ୍ରୀଡ଼ା ସଂଗଠକ ତଥା ଆଡ୍‌ଭୋକେଟ ସତ୍ୟବ୍ରତ ଷଡ଼ଙ୍ଗୀ ସମସ୍ତ ପ୍ରକାର ସହଯୋଗର ହାତ ବଢାଇବାର ସମ୍ମତି ଦେବା ସଙ୍ଗେ ସୁଚିନ୍ତିତ ମତାମତ ଦେଇଥିଲେ। ସେହିପରି ଶିବିର ଉଦ୍‌ଘାଟନ ଅବସରରେ ପୁରୀ ଫାର୍ମାସୀ କଲେଜର ମୁଖ୍ୟ ଅନିମା ଦାସ ଏବଂ ସାଇ ସ୍ମାର୍ଟ ସ୍କୁଲ ଓ ଗ୍ଲୋବାଲ କିଡ୍ ସ୍କୁଲର ପ୍ରତିଷ୍ଠାତା ରୋଜା ପ୍ରିୟଦର୍ଶୀ ମିଶ୍ର ଅତିଥିଭାବେ ଯୋଗ ଦେଇଥିଲେ ।

## ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ପକ୍ଷରୁ ସାରସ୍ୱତ ଆସର

ପୁରୀ,୧୩।୫(ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ଆନୁକୂଲ୍ୟରେ ରବିବାର ଭକ୍ତ ସାଲବେଗ ପୀଠରେ ଏକ ସାରସ୍ୱତ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଉପସଭାପତି ଅଧ୍ୟାପକ ଅଶୋକ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜୟଲକ୍ଷ୍ମୀ ଦାଶ ଯୋଗଦେଇଥିବା ବେଳେ ସାଧାରଣ ସମ୍ପାଦକ କବି କୃଷ୍ଣଚନ୍ଦ୍ର ରଥ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସଭାପତି ସଦାଶିବ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଲେଖକ ରବୀନ୍ଦ୍ରନାଥ ପଟ୍ଟନାୟକ ସେ କାହିଁକି ଲେଖନ୍ତି ସମ୍ପର୍କରେ ନିଜର ଅନୁଭୂତି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ଆବାହକ ତଥା ସଙ୍ଗଠନ ସମ୍ପାଦକ ସୁରେଶ କୁମାର ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ମନୋରମା ଆଚାର୍ଯ୍ୟ ଏବଂ ଆଶାଲତା ପ୍ରଧାନଙ୍କ ସଂଯୋଜନା କ୍ରମେ କବି ଓ କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ପର୍ଶୁରାମ ପାତ୍ର ଧନ୍ୟବାଦ ଦେଇଥିଲେ।



ଭକ୍ତ ସାଲବେଗ ପୀଠରେ ଅନୁଷ୍ଠିତ ସାରସ୍ୱତ ଆସରରେ ଉପସ୍ଥିତ ଅତିଥି।

## ୩ ଶିଶୁ–କିଶୋର ଉପନ୍ୟାସ ଲୋକାର୍ପଣ

ପୁରୀ,୧୩।୫(ଅଜିତ୍ କୁମାର ମହାନ୍ତି):

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଧାମାଧବ ରଥଙ୍କ ରଚିତ ତିନିଗୋଟି ଶିଶୁ–କିଶୋର ଉପନ୍ୟାସ 'ମୋ ପାପା', 'ରାଜାବାବୁଙ୍କ ଫାର୍ମ ହାଉସ୍' ଏବଂ 'ଗଛ କହୁଛି କଥା' ର ଶୁଭ ଲୋକାର୍ପଣ ଉତ୍ସବ ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ନବପଲ୍ଲବର ସମ୍ପାଦକ ତଥା ବିଶିଷ୍ଟ ଶିଶୁ ସାହିତ୍ୟିକ ବଙ୍କିମ୍ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ସାହିତ୍ୟ ରଚନାବେଳେ କେଉଁ ବୟସର ପିଲାମାନଙ୍କ ପାଇଁ ଲେଖିବାକୁ ଯାଉଛନ୍ତି, ସେ ସମ୍ପର୍କରେ ପ୍ରଥମେ ଲେଖକମାନେ ଧ୍ୟାନ ଦେବା ଆବଶ୍ୟକ। ପୁରସ୍କାର ପାଇଁ ନୁହେଁ ପିଲାମାନଙ୍କ ମନୋରଞ୍ଜନ ତଥା ସାମଗ୍ରିକ ବିକାଶ ପାଇଁ ଲେଖକମାନେ ଶିଶୁସାହିତ୍ୟ ରଚନା କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥିଭାବେ ଶିଶୁ ସାହିତ୍ୟିକ ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, କେନ୍ଦ୍ରସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ନାଟ୍ୟକାର ହେମନ୍ତ କୁମାର ଛୋଟରାୟ, ଶିଶୁ ସାହିତ୍ୟିକ ସତ୍ୟନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଶିଷ୍ଟ ଶିଶୁ ସାହିତ୍ୟିକ ପ୍ରଭାତ ଚନ୍ଦ୍ର ରଥ, ଲକ୍ଷ୍ମୀକାନ୍ତ ଦଳେଇ ଓ ପ୍ରଶାନ୍ତ କୁମାର ମଙ୍ଗରାଜ ତିନୋଟି ପୁସ୍ତକର ସମୀକ୍ଷା କରିଥିଲେ। କବି ଦାମୋଦର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଲେଖକ ରଥ ପୁସ୍ତକ ସମ୍ପର୍କରେ ମତ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂସ୍କୃତିଗବେଷକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କାଳୀ ପ୍ରସାଦ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ତାରାନନ୍ଦିନୀ ରଥ ଓ ସୁଦୀପ୍ତା ମିଶ୍ର ପରିଚାଳନାରେ ସହଯୋଗ କରିଥିଲେ।



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଧାମାଧବ ରଥଙ୍କ ୩ଟି ଉପନ୍ୟାସ ଲୋକାର୍ପିତ କରାଯାଉଛି ।

## କାକଟପୁର, ନିମାପଡ଼ା ବିଧାନସଭା ଆସନ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ

ପୁରୀ,୧୩।୫(ଅଜିତ୍ କୁମାର ମହାନ୍ତି)

୨୦୨୪ ନିର୍ବାଚନର ଅନ୍ତିମ ତଥା ସପ୍ତମ ପର୍ଯ୍ୟାୟ ଜୁନ ୧ତାରିଖରେ ଜଗତ୍‌ସିଂହପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ପୁରୀ ଜିଲାର କାକଟପୁର ଓ ନିମାପଡ଼ା ନିର୍ବାଚନମଣ୍ଡଳୀରେ ମତଦାନ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ସୋମବାର କାକଟପୁର ବିଧାନସଭା ଆସନ ନିମନ୍ତେ ବିଜୁ ଜନତା ଦଳ ପକ୍ଷରୁ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତୁଷାରକାନ୍ତି ପ୍ରଥମେ ନିଜ ଗ୍ରାମ ବାଲିଡିହର ଗ୍ରାମ୍ୟ ଦେବତୀଙ୍କ ଆଶିଷ ନେଇ କାକଟପୁର ମା' ମଙ୍ଗଳାଙ୍କ ପୀଠକୁ ଯାଇ ମା'ଙ୍କ ଦର୍ଶନ କରି ଆଶିଷ ନେଇଥିଲେ। ପରେ ନିଜ ସମର୍ଥକଙ୍କ ସହ ଏକ ବଡ଼ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ଜିଲାପାଳ(ରାଜସ୍ୱ) ତଥା ରିଟର୍ଣ୍ଣିଂ ଅଧିକାରୀ କୈଳାସ ଚନ୍ଦ୍ର ନାୟକଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ମୁଖ୍ୟମନ୍ତ୍ରୀ ଦ୍ୱିତୀୟ ଥର ପାଇଁ କାକଟପୁର ବାସୀଙ୍କ ସେବା ଲାଗି ତାଙ୍କୁ ପ୍ରାର୍ଥୀ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛନ୍ତି ବୋଲି ତୁଷାରକାନ୍ତି କହିଛନ୍ତି। ଆସନ୍ତା ୨୦ତାରିଖରେ ପୁରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରୋଡ୍ ଶୋ'ର କୌଣସି ପ୍ରଭାବ ବିଜେଡି ଉପରେ ପଡ଼ିବ ନାହିଁ ବୋଲି କହିବା ସହ ନିର୍ବାଚନରେ ବିପୁଳ ପରିମାଣରେ ବିଜୟୀ ହୋଇ ଷଷ୍ଠଥର ପାଇଁ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବେ ବୋଲି କହିଥିଲେ। ସେହିପରି ଆମ୍ବେଡକର ପାର୍ଟି ଅଫ ଇଣ୍ଡିଆ ପକ୍ଷରୁ କାକଟପୁର ବିଧାନସଭା ନିମନ୍ତେ ଗୀତାଞ୍ଜଳି ମଲ୍ଲିକ ସମର୍ଥକମାନଙ୍କ ସହ ଆସି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। କଂଗ୍ରେସ ପକ୍ଷରୁ ବିଶ୍ୱଭୂଷଣ ଦାସ ମଧ୍ୟ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ଓଜେପିର ବାମଦେବ ବେହେରା ପୂର୍ବରୁ ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ସୋମବାର ଆଉ ଗୋଟିଏ ପ୍ରାର୍ଥୀପତ୍ର ସେଟ୍ ଅଧିକାରୀଙ୍କ ନିକଟରେ ଦାଖଲ କରିଛନ୍ତି। ଅପରପକ୍ଷରେ ନିମାପଡ଼ା ବିଧାନସଭା ଆସନ ନିମନ୍ତେ ସୋମବାର ୫ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ମାନସ ଲୋକଶକ୍ତି ଦଳ ପକ୍ଷରୁ ମାମିନା ନାୟକ, ସ୍ୱାଧୀନ ପ୍ରାର୍ଥୀ ଭାବରେ ରୋଜାଲିନ୍ ନାୟକ, ଓଡିଶା ପ୍ରଗତି ଦଳ ପକ୍ଷରୁ ପ୍ରଦୀପ୍ତ କୁମାର ଚାନ୍ଦ, ସ୍ୱାଧୀନ ଭାବରେ ରୋଜାଲିନ୍ ପ୍ରଧାନ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ପକ୍ଷରୁ ଜିତେନ୍ଦ୍ରିୟ ବେହେରା ପୂର୍ବରୁ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ସୋମବାର ଆଉ ଗୋଟିଏ ପ୍ରାର୍ଥୀପତ୍ର ସେଟ୍ ଦାଖଲ କରିଛନ୍ତି।





କାକଟପୁର ନିର୍ବାଚନମଣ୍ଡଳୀ ପାଇଁ ବିଧାୟକ ପ୍ରାର୍ଥୀ ତୁଷାରକାନ୍ତି ବେହେରା ନାମାଙ୍କନ ପତ୍ର ଦାଖଲ କରୁଛନ୍ତି । ସ୍ୱାଧୀନ ଭାବରେ ରୋଜାଲିନ୍ ପ୍ରଧାନ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

## ସଂକ୍ଷେପରେ

### ଆଜି କଟକରେ ନିର୍ବାଚନ ପ୍ରଚାର କରିବେ କାର୍ତ୍ତିକ ପାଣ୍ଡିଆନ୍

**କଟକ,୧୩ା୫(ଶିଳ୍ପା ପ୍ରିୟଦର୍ଶିନୀ)**

ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପଣ୍ଡିଆନ୍ ମଙ୍ଗଳବାର କଟକ ଗସ୍ତ କରି ନିର୍ବାଚନ ପ୍ରଚାର କରିବା କାର୍ଯ୍ୟକ୍ରମ ରହିଛି। ଅପରାହ୍ଣରେ ବାରବାଟୀ-କଟକ ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରାଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରାଯାଇଛି। ସନ୍ଧ୍ୟା ୬ଟାରେ ମାତାମଠ ନିକଟ ଏଲ୍ଆଇସି କାର୍ଯ୍ୟାଳୟଠାରୁ ନିର୍ବାଚନ ପ୍ରଚାର ଆରମ୍ଭ ହେବ। ପରେ ବକ୍ସିବଜାର, ନିମଚୌଡି ଛକ, କନିକା ଛକଠାରେ ସାଧାରଣ ସଭା ଅନୁଷ୍ଠିତ ହେବ। ଏହାପରେ ଶେଲ୍ଟର ଛକଠାରୁ ନିର୍ବାଚନ ପ୍ରଚାର ଆରମ୍ଭ ହୋଇ ବିଡାନାସୀସ୍ଥିତ ବନ୍ଧ ଛକଠାରେ ଶେଷ ହେବ। ଏଥିସହ ବିଡାନାସୀ ବଉଳ ଛକଠାରେ ସାଧାରଣ ସଭା ଅନୁଷ୍ଠିତ ହେବ। ଏହି ସମସ୍ତ ନିର୍ବାଚନ ପ୍ରଚାର ଓ ସାଧାରଣ ସଭାରେ ପାଣ୍ଡିଆନ୍ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ବୋଲି ବିଜେଡି ପକ୍ଷରୁ ସୂଚନା ମିଳିଛି।

### ୩ କିଲୋ ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

**କଟକ ସଦର,୧୩ା୫(ସୁଶାନ୍ତ କୁମାର ଜେନା)**

ଚୋରା ଗଞ୍ଜେଇ ଚାଲାଣ ଅଭିଯୋଗରେ ୪୨ ମୌଜା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଶ୍ରୀରାମ ଗ୍ରାମର ବିଜୟ ବେହେରା। ତାଙ୍କଠାରୁ ବସ୍ତାରେ ଥିବା ୩ କିଲୋ ୧୪୦ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଛି। ରବିବାର ଅଭିଯୁକ୍ତ ଜଣଙ୍କ ୪୨ ମୌଜା ଅଞ୍ଚଳରୁ ଗଞ୍ଜେଇ ନେଇ କଟକ ଯାଉଥିବାବେଳେ ବାଟରେ ପୋଲିସ ହାତରେ ଧରାପଡିଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୧୬୯/୨୪) ରୁଜୁ ହୋଇଛି।

### ସଂତୃପ୍ତ, ସୌଭିକଙ୍କ ବାଇକ୍ ଶୋଭାଯାତ୍ରା

**କଟକ/ଚୌଦ୍ୱାର,୧୩ା୫**
**(ଶିଳ୍ପା ପ୍ରିୟଦର୍ଶିନୀ/ଆଶୁତୋଷ ଦାସ)**

କଟକ ମହାନଗର ନିଗମ ଅଧୀନ ୪ ନମ୍ବର ୱାର୍ଡ ଅଞ୍ଚଳରେ ବିଜେଡି ପକ୍ଷରୁ ବାଇକ୍ ଶୋଭାଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚୌଦ୍ୱାର-କଟକ ବିଜେଡି ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ ଓ କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଯୋଗଦେଇ ଦଳୀୟ ଚିହ୍ନରେ ଭୋଟ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏନେଇ ସୌଭିକ୍ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚୌଦ୍ୱାର-କଟକରେ ବହୁ ବିକାଶମୂଳକ କାର୍ଯ୍ୟ କରିଛନ୍ତି। ଅଧା ଥିବା କାର୍ଯ୍ୟ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ନିର୍ବାଚନ ପରେ ତାହାକୁ କରାଯିବ ବୋଲି ସେ କହିଛନ୍ତି।

ସେହିପରି ଚୌଦ୍ୱାର ଅଞ୍ଚଳରେ ବିଜେଡି ପକ୍ଷରୁ ରୋଡ୍ ଶୋ' କରାଯାଇଛି। ବିରୂପା ବ୍ୟାରେଜ ନିକଟରେ ଉଭୟ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ବାଇକ୍ ଶୋଭାଯାତ୍ରାରେ ଉଭୟ ପ୍ରାର୍ଥୀ ଯୋଗଦେଇ ବିଭିନ୍ନ ପଞ୍ଚାୟତ ପରିକ୍ରମା କରିଥିଲେ। ଅପରାହ୍ଣରେ ଚୌଦ୍ୱାର ପୌରପାଳିକାର ୯, ୧୦, ୧୭ ଓ ୧୯ ନମ୍ବର ୱାର୍ଡରେ ଶୋଭାଯାତ୍ରା କରାଯାଇଥିଲା। ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସ୍ଥାନୀୟ ନେତା ପ୍ରେମ୍ଚାନ୍ଦ ନାୟକ, ବିଷ୍ଣୁ ଚରଣ ପରିଡ଼ା, ନାରୀନେତ୍ରୀ କବିତାରାଣୀ ଲେଙ୍କା, କଳ୍ପନା ଜେନା ଶୋଭାଯାତ୍ରା ପରିଚାଳନା କରିଥିଲେ।






ସିବିଏସ୍ଇ ଦଶମ, ଦ୍ୱାଦଶ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇବା ପରେ ସିଡିଏ ସେକ୍ଟର-୬ସ୍ଥିତ ଡିଏଭି ପବ୍ଲିକ ସ୍କୁଲ ଏବଂ ଓଏମ୍ପିସ୍ଥିତ ଡିଏଭି ଏସ୍ସିବି ମେଡିକାଲ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି।

# ଦ୍ୱାଦଶରେ ସନତ, ଦଶମରେ ଆୟୁଷ, ସୁନୀତା ଟପ୍ପର

**ସିବିଏସ୍ଇ ଦଶମ, ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ପ୍ରକାଶ**

**କଟକ,୧୩ା୫ (କାର୍ତ୍ତିକ ସାହୁ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀର ବାର୍ଷିକ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। କଟକ ସହରର ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଅଭୂତପୂର୍ବ ସଫଳତା ସମସ୍ତଙ୍କ ମନରେ ଆନନ୍ଦ ଭରିଦେଇଛି। ଦ୍ୱାଦଶ ଶ୍ରେଣୀରେ କଟକ ଗଣ୍ଡରପୁରସ୍ଥିତ ଲଜପତ ରାୟ ଡିଏଭି ପବ୍ଲିକ ସ୍କୁଲର ଛାତ୍ର ସନତ କୁମାର ମିଶ୍ର ସର୍ବାଧିକ ୯୯.୨୦ % ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି। ସେହିପରି ଦଶମ ଶ୍ରେଣୀରେ ସିଡିଏସ୍ଥିତ ଡିଏଭି ପବ୍ଲିକ ସ୍କୁଲର ଛାତ୍ରୀ ସୁନୀତା ପରିଜା ଓ ଗଣ୍ଡରପୁରସ୍ଥିତ ଲଜପତ ରାୟ ଡିଏଭି ପବ୍ଲିକ ସ୍କୁଲର ଛାତ୍ର ଆୟୁଷ ଅଂଶୁମାନ ଦାସ ସର୍ବାଧିକ ୯୯% ନମ୍ବର ରଖି କଟକର ଯୁଗ୍ମ ଟପ୍ପର ହେବାର ସୌଭାଗ୍ୟ ଲାଭ କରିଛନ୍ତି।

ସିଡିଏସ୍ଥିତ ଡିଏଭି ପବ୍ଲିକ ସ୍କୁଲ ଦ୍ୱାଦଶ ଶ୍ରେଣୀର ସମସ୍ତ ୨୮୩ ଜଣ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ବିଜ୍ଞାନରେ ପାରିଜାତ ସାହୁ ୯୬.୮% ନମ୍ବର ରଖି ଟପ୍ପର, ଅରିନ୍ଦମ ପାଇକରାୟ ୯୬.୪%ରେ ଦ୍ୱିତୀୟ ଓ ସଏଦ୍ ହଡିକ ଅହମ୍ମଦ ୯୬.୨%ରେ ତୃତୀୟ ହୋଇଛନ୍ତି। ବାଣିଜ୍ୟରେ ଶ୍ରୀୟାଶିଷ ନାୟକ ୯୪.୪% ପ୍ରଥମ, ଜିଗନେସ ଗୁପ୍ତା ୯୨.୪% ଦ୍ୱିତୀୟ ଓ ଭବତୋଷ ପଣ୍ଡା ୯୨.୨% ରଖି ତୃତୀୟ ହୋଇଛନ୍ତି। କଳାରେ କ୍ଷିତି ଆରୁଷି ୯୫.୨% ରଖି ପ୍ରଥମ ସ୍ଥାନ, ମନଶ୍ୱେତା ଚାନ୍ଦ ୯୧.୨% ରଖି ଦ୍ୱିତୀୟ ଓ ରେବେକା ମହାନ୍ତି ୮୯% ରଖି ତୃତୀୟ ହୋଇଛନ୍ତି। ସେହିପରି ଦଶମ ଶ୍ରେଣୀର ସମସ୍ତ ୬୦୦ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ସୁନୀତା ପରିଜା ୯୯% ରଖି ଟପ୍ପର, ସାନ୍ୱି ସାହୁ ଓ ସ୍ୱର୍ଯ୍ୟସ୍ନାତ ନନ୍ଦ ୯୮.୮% ରଖି ଯୁଗ୍ମ ଦ୍ୱିତୀୟ ଏବଂ ଆୟୁଷ ମିଶ୍ର, କୌସ୍ତୁଭ ବେହେରା ଓ ମୋନାଲି ମହାନ୍ତି ୯୮.୬ % ରଖି ତୃତୀୟ ହୋଇଛନ୍ତି। ୧୭ଜଣ ୯୮%ରୁ ଅଧିକ ଓ ୧୭୭ଜଣ ୯୦%ରୁ ଅଧିକ ନମ୍ବର ରଖିଛନ୍ତି।

ଗଣ୍ଡରପୁରସ୍ଥିତ ଲଜପତ ରାୟ ଡିଏଭି ପବ୍ଲିକ ସ୍କୁଲ ଦ୍ୱାଦଶ ଶ୍ରେଣୀରେ ପରୀକ୍ଷା ଦେଇଥିବା ୧୭୩ ଜଣଙ୍କ ମଧ୍ୟରୁ ୧୭୧ ଜଣ ପାସ୍ କରିଛନ୍ତି। ସନତ କୁମାର ମିଶ୍ର ୯୯.୨୦ % ନମ୍ବର ରଖି ଟପ୍ପର, ସଙ୍କଳ୍ପିକା ଭୂୟାଁ ୯୭.୮୦% ରଖି ଦ୍ୱିତୀୟ ଓ ସ୍ୱସ୍ତିକ ବୈଭବ ଦାସ ୯୭.୨୦% ନମ୍ବର ରଖି ତୃତୀୟ ହୋଇଛନ୍ତି। ୧୩ଜଣ ୯୫%ରୁ ଅଧିକ ଓ ୫୨ଜଣ ୯୦%ରୁ ଅଧିକ ନମ୍ବର ରଖିଛନ୍ତି। ସେହିପରି ଦଶମରେ ସମସ୍ତ ୨୪୭ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ୩୯ଜଣ ୯୫%ରୁ ଅଧିକ, ୯୦ଜଣ ୯୦%ରୁ ଅଧିକ ରଖିଛନ୍ତି। ଆୟୁଷ


ସନତ କୁମାର ମିଶ୍ର


ଆୟୁଷ ଅଂଶୁମାନ ଦାସ


ସୁନୀତା ପରିଜା

ଅଂଶୁମାନ ଦାସ ସର୍ବାଧିକ ୯୯% ନମ୍ବର ରଖି ବିଦ୍ୟାଳୟ ଟପ୍ପର, ସୂର୍ଯ୍ୟସ୍ନାତା ଗିରି ଓ ଆଶୁତୋଷ ପଣ୍ଡା ୯୮.୮% ନମ୍ବର ରଖି ଯୁଗ୍ମ ଦ୍ୱିତୀୟ ଏବଂ ବିଜ୍ଞାନ ଷଡ଼ଙ୍ଗୀ ୯୮%ରେ ତୃତୀୟ ହୋଇଛନ୍ତି।

ଅଢାଳିଆସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ କଳିଙ୍ଗର ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ଆୟୁଷ ଆୟୁଷ୍ମାନ ଓ ସ୍ୱସ୍ତିକ କୁମାର ରାଉତ ୯୮.୪% ନମ୍ବର ରଖି ଯୁଗ୍ମ ପ୍ରଥମ, ମହମ୍ମଦ ଆସିଫ୍ ୯୭.୪% ରଖି ଦ୍ୱିତୀୟ ଓ ପ୍ରତୀକ ଚୌରାସିଆ ୯୫.୪% ନମ୍ବର ରଖି ତୃତୀୟ ହୋଇଛନ୍ତି। ବାଣିଜ୍ୟରେ ନିୟତି ଅଗ୍ରୱାଲ ୯୬.୪% ନମ୍ବର ରଖି ପ୍ରଥମ, ନନ୍ଦିକା ଅଗ୍ରୱାଲ ୯୫% ରଖି ଦ୍ୱିତୀୟ ଓ ଦିବ୍ୟା ଅଗ୍ରୱାଲ ୯୪.୬% ନମ୍ବର ରଖି ତୃତୀୟ ହୋଇଛନ୍ତି। ହ୍ୟୁମାନିଟିଜ୍ରେ ଶୀତଲ ମହେକ ରାଉତରାୟ ୯୬.୮% ରଖି ପ୍ରଥମ, ଆର୍ଯ୍ୟାନ୍ ଭଟ୍ଟାଚାର୍ଯ୍ୟ ଓ ପରିତୋଷ ମୋଦି ୯୬.୪% ରଖି ଯୁଗ୍ମ ଦ୍ୱିତୀୟ ଏବଂ ଅମ୍ରିତା ଷଡ଼ଙ୍ଗୀ ଓ ପ୍ରମୋଦ ସ୍ମରଣିକା ରାଣୀ ୯୬.୨% ନମ୍ବର ରଖି ଯୁଗ୍ମ ତୃତୀୟ ହୋଇଛନ୍ତି। ଦଶମରେ ପ୍ରିୟାନୀ ରଥ ୯୮.୬% ରଖି ଟପ୍ପର, ଦିବନିଥ କଉର ଓ ସ୍ମୃତି ଖୁଣ୍ଟିଆ ୯୮.୪% ରଖି ଯୁଗ୍ମ ଦ୍ୱିତୀୟ ଏବଂ ଶ୍ରେଷ୍ଠା ୯୮.୨% ରଖି ତୃତୀୟ ହୋଇଛନ୍ତି।

ନୂଆବଜାରସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ପରୀକ୍ଷା ଦେଇଥିବା ଦଶମ ଶ୍ରେଣୀର ୨୧୫ ଓ ଦ୍ୱାଦଶ ଶ୍ରେଣୀର ୧୪୨ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ଦଶମ ଶ୍ରେଣୀ ଛାତ୍ରୀ ପ୍ରତୀପ୍ସା ପି. ସ୍ୱାଇଁ ୯୮.୬% ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀ ଶୀତଳ ସ୍ୱାଇଁ ୯୨.୪% ନମ୍ବର ରଖି ଟପ୍ପର ହୋଇଛନ୍ତି।

ବାରବାଟୀ ଷ୍ଟାଡିୟମସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ଶତପ୍ରତିଶତ ହୋଇଛି। ଦଶମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ସୁମନ ଦାସ ୯୮.୪% ଓ ଦ୍ୱାଦଶ ଶ୍ରେଣୀ ଛାତ୍ର ପୁଷ୍କର ଅଗ୍ରୱାଲ ୯୬.୨% ନମ୍ବର ରଖି ଟପ୍ପର ହୋଇଛନ୍ତି।

ଖପୁରିଆସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୨ରେ ଦଶମ ପରୀକ୍ଷା ଦେଇଥିବା ୪୯ଜଣଙ୍କ ମଧ୍ୟରୁ ୪୮ଜଣ ପାସ୍ କରିଛନ୍ତି। ଦିବ୍ୟମ ଦଳେଇ ୯୬.୮% ନମ୍ବର ରଖି ବିଦ୍ୟାଳୟ ଟପ୍ପର, ଅଶ୍ଳେଷ ମହାନ୍ତି ୯୬.୬% ରଖି ଦ୍ୱିତୀୟ ଓ ଅନ୍ୱେଷା ଭାରତୀ ୯୬.୨% ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

କଳା ବିକାଶ କେନ୍ଦ୍ର ରୋଡ୍ସ୍ଥିତ ସତ୍ୟସାଇ ବିଦ୍ୟାଳୟର ଦଶମ ଶ୍ରେଣୀରେ ପରିତୋଷ ଉଦ୍ଗାତା ସର୍ବାଧିକ ୯୫% ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ମୋଟ ୪୮ ଜଣଙ୍କ ମଧ୍ୟରୁ ୩ଜଣ ୯୦%ରୁ ଅଧିକ ନମ୍ବର ରଖିଛନ୍ତି।

ବିଡାନାସୀସ୍ଥିତ ମଡର୍ନ ପବ୍ଲିକ ସ୍କୁଲରେ ଦଶମ ପରୀକ୍ଷା ଦେଇଥିବା ୭୨ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୭୧ଜଣ ପାସ୍ କରିଛନ୍ତି। ସୋମନାଥ ସାହୁ ୯୫.୬% ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ୮ଜଣ ୯୦%ରୁ ଅଧିକ ଓ ୩୫ଜଣ ୬୦%ରୁ ଅଧିକ ନମ୍ବର ରଖିଛନ୍ତି।

ଓଏମ୍ପିସ୍ଥିତ ଡିଏଭି ଏସ୍ସିବି ମେଡିକାଲ ପବ୍ଲିକ ସ୍କୁଲରେ ଦଶମ ଶ୍ରେଣୀର ସମସ୍ତ ୧୧୧ଜଣ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ୧୦ଜଣ ୯୫%ରୁ ଅଧିକ, ୩୨ଜଣ ୯୦%ରୁ ଅଧିକ ନମ୍ବର ରଖିଛନ୍ତି। ଲିପ୍ସା ମିଶ୍ର ୯୮% ନମ୍ବର ରଖି ବିଦ୍ୟାଳୟ ଟପ୍ପର, ଶ୍ରେୟା ମିଶ୍ର ୯୭.୮% ରଖି ଦ୍ୱିତୀୟ ଓ ସ୍ୱୟଂଲିପ୍ସା ବସ୍ତିଆ ୯୭% ମାର୍କ ରଖି ତୃତୀୟ ହୋଇଛନ୍ତି।

ବିଦ୍ୟାଧରପୁରସ୍ଥିତ ଗ୍ଲୋବାଲ ଇଣ୍ଡିଆନ ମଡେଲ ସ୍କୁଲର ସମସ୍ତ ୪୦ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮ଜଣ ୯୦%ରୁ ଅଧିକ ଏବଂ ୯ଜଣ ୮୫%ରୁ ଅଧିକ ନମ୍ବର ରଖିଛନ୍ତି। ଓମ୍ ପ୍ରକାଶ ପଣ୍ଡା ୯୪% ରଖି ବିଦ୍ୟାଳୟ ଟପ୍ପର, ସତ୍ୟରାଜ ରାଉତ ୯୩% ରଖି ଦ୍ୱିତୀୟ ଓ ନିତ୍ୟାନନ୍ଦ ସାହୁ ୯୨% ରଖି ତୃତୀୟ ହୋଇଛନ୍ତି।

ନାଳନ୍ଦା ପବ୍ଲିକ୍ ସ୍କୁଲରେ ଦ୍ୱାଦଶ ଓ ଦଶମ ଶ୍ରେଣୀ ପରୀକ୍ଷାର୍ଥୀ ଶତପ୍ରତିଶତ ପାସ୍ କରିଛନ୍ତି। ଦ୍ୱାଦଶ ବିଜ୍ଞାନରେ ପୟୋସିନୀ ସାହୁ ୯୬% ଓ ବାଣିଜ୍ୟରେ ନେହାଲ ଅଗ୍ରୱାଲ ୯୫% ରଖି ଟପ୍ପର ହୋଇଛନ୍ତି। ସେହିପରି ଦଶମ ଶ୍ରେଣୀରେ ସ୍ମରଣିକା ସାହୁ ୯୬% ରଖି ପ୍ରଥମ ହୋଇଛନ୍ତି।




ହାଇକୋର୍ଟ ବାର୍ ଆସୋସିଏଶନ କନ୍ଭେନ୍ସନ୍ ହଲ୍ରେ ସୋମବାର ଆଇନଜୀବୀ ବ୍ରଜବନ୍ଧୁ ବିଶ୍ୱାଳଙ୍କ ଶ୍ରାଦ୍ଧ ବାର୍ଷିକୀରେ ଯୋଗଦେଇଥିବା ଅତିଥିବୃନ୍ଦ।

## ସିଡିଏ ପ୍ଲାନିଂ ସେକ୍ସନରେ ଦୁର୍ନୀତି ଅଭିଯୋଗ ଆଣିଲା କଂଗ୍ରେସ

**କଟକ,୧୩ା୫ (ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡ଼ିଏ) ପ୍ଲାନିଂ ସେକ୍ସନରେ ଦୁର୍ନୀତି ହୋଇଥିବା ନେଇ କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ସରକାରୀ ଯୋଜନାରେ ଆସୁଥିବା ବହୁ କୋଟି ଟଙ୍କାକୁ ଉକ୍ତ ସେକ୍ସନର ଜଣେ କର୍ମଚାରୀ ହଡ଼ପ କରିଥିବା ନେଇ ସିଏମ୍ସି ବିରୋଧୀ ଦଳର ନେତା ତଥା କର୍ପୋରେଟର ସନ୍ତୋଷ ଭୋଳ କହିଛନ୍ତି। ଏପରି କି ସମ୍ପୃକ୍ତ କର୍ମଚାରୀ ଜଣଙ୍କ ବିଭିନ୍ନ କାମ ପାଇଁ ଲୋକଙ୍କଠାରୁ ଲାଞ୍ଚ ନେଉଛନ୍ତି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପୂର୍ବରୁ ବାରମ୍ବାର ଦାବି ହୋଇଛି। ହେଲେ ସୁଫଳ ମିଳିପାରିନାହିଁ। ତେଣୁ ଆସନ୍ତା ୭ ଦିନ ମଧ୍ୟରେ ଉକ୍ତ କର୍ମଚାରୀଙ୍କୁ ବଦଳି କରା ନ ଗଲେ ଦୁର୍ନୀତି ପ୍ରସଙ୍ଗ ନେଇ ଭିଜିଲାନ୍ସର ଦ୍ୱାରସ୍ଥ ହେବୁ ବୋଲି ଭୋଳ କହିଛନ୍ତି । ଏଥିସହ ଭୋଳଙ୍କ ନେତୃତ୍ୱରେ କଂଗ୍ରେସର ଏକ ଟିମ୍ ସୋମବାର ସିଡିଏ ଉପାଧ୍ୟକ୍ଷ ବିଜୟ କୁମାର ଦାସଙ୍କୁ ଭେଟି ଏ ନେଇ ଦାବିପତ୍ର ପ୍ରଦାନ କରିଛି। ଏ ସମ୍ପର୍କରେ ଉପାଧ୍ୟକ୍ଷ ଦାସ କହିଛନ୍ତି, ଘଟଣାର ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡିବ।


ସିଡିଏ ଉପାଧ୍ୟକ୍ଷ ବିଜୟ କୁମାର ଦାସଙ୍କୁ ଦାବିପତ୍ର ଦିଆଯାଉଛି।

### ଆଇନଜୀବୀଙ୍କ ସହ ଆଲୋଚନା କଲେ ସୋଫିଆ

**କଟକ,୧୩ା୫(ଶିଳ୍ପା ପ୍ରିୟଦର୍ଶିନୀ)**

ବାରବାଟୀ-କଟକ କଂଗ୍ରେସ ପ୍ରାର୍ଥୀ ସୋଫିଆ ଫିର୍ଦ୍ଦୋଶ ବିଭିନ୍ନ ବାର୍ ଆସୋସିଏଶନରେ ଆଇନଜୀବୀଙ୍କୁ ଭେଟି ଅନେକ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି, ଆଗାମୀ ନିର୍ବାଚନରେ କଂଗ୍ରେସକୁ ଭୋଟ ଦେଇ ବିଜୟୀ କଲେ ଆଇନଜୀବୀଙ୍କ ପାଇଁ ସମସ୍ତ ସୁବିଧା ସହ ଭିତ୍ତିଭୂମିର ବିକାଶ କରାଯିବ। କୋର୍ଟ ପରିସରରେ ଥିବା ପାର୍କିଂ ଓ ଅନ୍ୟ ସମସ୍ୟାକୁ ଗୁରୁତ୍ୱ ଦିଆଯାଇ ସମାଧାନ କରାଯିବ ବୋଲି ସେ କହିଛନ୍ତି। ଏହି ଆଲୋଚନା ସମୟରେ ବାର୍ ଆସୋସିଏଶନ ସଦସ୍ୟଙ୍କ ସମେତ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

### ବୀମା କର୍ମଚାରୀ ସଂଘର ପୂର୍ବତନ ସାଧାରଣ ସମ୍ପାଦକଙ୍କ ପରଲୋକ

**କଟକ, ୧୩ା୫ (ଦିବାକର ସାହୁ)**

ବୀମା କର୍ମଚାରୀ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ଓ ଅବିଭକ୍ତ ପୂର୍ବାଞ୍ଚଳ ବୀମା କର୍ମଚାରୀ ସଂଘର ଉପସଭାପତି କାଶୀନାଥ ମହାନ୍ତି(୮୬)ଙ୍କ ସୋମବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ହୋଇ କଟକ ଅପର୍ଣ୍ଣାନଗରସ୍ଥିତ ବାସଭବନରେ ଥିଲେ।

## ସମ୍ବାଦପତ୍ର ବିକ୍ରେତା ସଂଘର ନିର୍ବାଚନ


ସମ୍ବାଦପତ୍ର ବିକ୍ରେତା ସଂଘର ନବ ନିର୍ବାଚିତ କର୍ମକର୍ତ୍ତା।

**କଟକ, ୧୩ା୫ (କାର୍ତ୍ତିକ ସାହୁ)**

ସମ୍ବାଦପତ୍ର ବିକ୍ରେତା ସଂଘର ନିର୍ବାଚନ କଟକ ବାରବାଟୀ ଷ୍ଟାଡିୟମଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ବିଜୟ କୁମାର ପଢ଼ିହାରୀ ପୁନଃ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏଥିସହ ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହସମ୍ପାଦକ ପ୍ରଶାନ୍ତ କୁମାର ସାହୁ ଓ କୋଷାଧକ୍ଷ ଅକ୍ଷୟ ମହାନ୍ତି ନିର୍ବାଚିତ ହୋଇଛନ୍ତି। ଏହି କର୍ମକର୍ତ୍ତାମାନେ ଆସନ୍ତା ୩ ବର୍ଷ ଯାଏ କାର୍ଯ୍ୟ କରିବେ ବୋଲି ସଂଘ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

## ମଦ ଜବତ, ଅଭିଯୁକ୍ତ ଗିରଫ

**କଟକ ସଦର,୧୩ା୫(ସୁଶାନ୍ତ କୁମାର ଜେନା)**

ଚୋରା ମଦ ବିକ୍ରି ଅଭିଯୋଗରେ ୪୨ ମୌଜା ପୋଲିସ ସୋମବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ତାଡପଡା ଗ୍ରାମର ବୁଦ୍ଧେଶ୍ୱର ଭୋଇ। ତାଙ୍କଠାରୁ ୧୨୦ ବୋତଲ ଆସ୍କାର୍ଫଟି ମଦ ଜବତ କରାଯାଇଛି। ତାଡପଡା ଛକରେ ଅଭିଯୁକ୍ତ ଜଣଙ୍କ ମଦ ବିକ୍ରି କରୁଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୧୭୨/୨୪) ରୁଜୁ ହୋଇଛି।

## ଚାଲାଣବେଳେ ୨୫ ଗୋରୁ ଉଦ୍ଧାର, ୭ ମୃତ

**ଖୁଣ୍ଟୁଣୀ, ୧୩ା୫(ସଚ୍ଚିଦାନନ୍ଦ ପଣ୍ଡା)**

ଖୁଣ୍ଟୁଣୀ-ନରସିଂହପୁର ରାସ୍ତାର ତୋଟାପଡା ଗ୍ରାମ ନିକଟରୁ ରବିବାର ବିଳମ୍ବିତ ରାତିରେ ଖୁଣ୍ଟୁଣୀ ପୋଲିସ ଏକ ଗୋରୁ ବୋଝେଇ ଟ୍ରକ୍ ଜବତ କରିଛି। ସେଥିମଧ୍ୟରେ ଥିବା ୭ଟି ଗୋରୁଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଗୋରୁମାନଙ୍କୁ ଜଗତ୍ପୁରସ୍ଥିତ ଅନ୍ନପୂର୍ଣ୍ଣା ଗୋଶାଳାରେ ଛଡାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ତିଗିରିଆ ଅଞ୍ଚଳରୁ ଏକ ଗୋରୁ ବୋଝେଇ ଟ୍ରକ (ନଂ.ଓଡ଼ି୦୫ ବିଏଫ୍-୩୫୬୫) କୋଲକାତା ଯାଉଥିଲା। ଏ ସମ୍ପର୍କରେ ଖବର ପାଇବା ପରେ ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ ଓ ଏସ୍ଆଇ ଶେଷଦେବ ରାଜ ତୋଟାପଡା ଗ୍ରାମ ନିକଟରେ ଜଗି ରହିଥିଲେ। ଟ୍ରକ୍ଟି ସେଠାରେ ପହଞ୍ଚିବା ପରେ ପୋଲିସ ଅଟକାଇଥିଲା। ଏହି ସମୟରେ ଗୋଚାଲାଣକାରୀ ଓ ଚାଳକ ଟ୍ରକ୍ରୁ ଡେଇଁ ଫେରାର ହୋଇଯାଇଥିଲେ। ପୋଲିସ ଉକ୍ତ ଟ୍ରକ୍କୁ ଥାନାକୁ ଆଣିବା ପରେ ସେଥିରେ ୨୫ଟି ଗୋରୁ ଥିବା ଦେଖିବାକୁ ମିଳିଥିଲା। ସେଥିମଧ୍ୟରୁ ୭ଟି ମୃତ ଗୋରୁଙ୍କୁ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଣୀବଣିଆ ସଂରକ୍ଷିତ ଜଙ୍ଗଲରେ ପୋତି ଦେଇଛି। ଜବତ ଟ୍ରକ୍ ମାଲିକଙ୍କ ନାଁରେ ମାମଲା ରୁଜୁ କରାଯିବ ବୋଲି ପୋଲିସ କହିଛି।



### ମୋଦିଙ୍କ ଗ୍ୟାରେଣ୍ଟି ଲୋକଙ୍କୁ ଅନୁପ୍ରାଣିତ କରିଛି: ନୟନ

**କଟକ,୧୩ା୫ (ଶିଳ୍ପା ପ୍ରିୟଦର୍ଶିନୀ)**

ଚୌଦ୍ୱାର-କଟକ ଭାଜପା ବିଧାୟକ ପ୍ରାର୍ଥୀ ନୟନ କିଶୋର ମହାନ୍ତି ସୋମବାର ମହାନଦୀ ବିହାର ଅଞ୍ଚଳରେ ଶୋଭାଯାତ୍ରା କରିଛନ୍ତି। ଏଥିରେ ଭାଜପା ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଯୋଗଦେଇଥିଲେ। ମହାନଦୀ ବିହାର ସମେତ ବିଭିନ୍ନ ଅଞ୍ଚଳର ଘର ଘର ବୁଲି ଭୋଟ ଦେବା ପାଇଁ ନୟନ ଲୋକମାନଙ୍କୁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି, ଯେଉଁ ଦୁର୍ନୀତି ଚାଲିଛି, ସେ ସମ୍ପର୍କରେ ସାଧାରଣ ଲୋକେ ଅବଗତ ହୋଇସାରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗ୍ୟାରେଣ୍ଟି ଲୋକଙ୍କୁ ଅନୁପ୍ରାଣିତ କରିଛି। ଭାଜପା ସରକାର ଗଠନ ହେଲେ ଲୋକଙ୍କ ମୌଳିକ ସମସ୍ୟା ଦୂର କରାଯିବ ବୋଲି ସେ କହିଛନ୍ତି। ଏହି ଶୋଭାଯାତ୍ରାରେ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ: ୮ ପ୍ରାର୍ଥିପତ୍ର ଦାଖଲ

**କଟକ,୧୩ା୫(ଶିଳ୍ପା ପ୍ରିୟଦର୍ଶିନୀ)**

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି। ସୋମବାର ୮ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ମାହାଙ୍ଗା ବିଧାନସଭା ଆସନ ପାଇଁ ଉତ୍କଳ ସମାଜ ପ୍ରାର୍ଥୀ ଚିତ୍ତରଞ୍ଜନ ରାଉତ, ବହୁଜନ ସମାଜ ପାର୍ଟି ପ୍ରାର୍ଥୀ ଗୁଲାମ ଜିଲ୍ଲାନି ଖାନ୍, ଆମ୍ ଆଦ୍ମୀ ପାର୍ଟି ପ୍ରାର୍ଥୀ ସାରଦା ପ୍ରସାଦ ଦାସ, ସ୍ୱାଧୀନ ପ୍ରାର୍ଥୀ ଶ୍ରୀରାମ ପାଣ୍ଡେ ପହଞ୍ଚି ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ୍ଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ସାଲେପୁର ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ଆକ୍ୟୁବ୍ ଉଜ୍ମାନ ଖାନ୍, ସ୍ୱାଧୀନ ପ୍ରାର୍ଥୀ ଅରୁଣ କୁମାର ଭୂୟାଁ ଅତିରିକ୍ତ ଜିଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଅପରପକ୍ଷରେ ଅତିରିକ୍ତ ଉପଜିଲାପାଳ ଦେବାଶିଷ ମହାପାତ୍ରଙ୍କ ନିକଟରେ ନିଆଳି ବିଧାନସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ଛବି ମଲ୍ଲିକ, ସମୃଦ୍ଧ ଓଡ଼ିଶା ପ୍ରାର୍ଥୀ ଅରୂପ କୁମାର ମଲ୍ଲିକ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ।


ସାଲେପୁର କଂଗ୍ରେସ ପ୍ରାର୍ଥୀ ଆକ୍ୟୁବ୍ ଉଜ୍ମାନ ଖାନ୍ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

# କେନ୍ଦୁଝରର ଦାର୍ଜିଲିଂ ଏବେ ଟାଙ୍ଗରା ଭୂଇଁ

■ ୨୧୪ ହେକ୍ଟର ଜମିରେ ଉନ୍ନତମାନର ଚା' ଚାରାରୋପଣ ହୋଇଥିଲା
■ ଆଜି ପର୍ଯ୍ୟନ୍ତ ପାରିଶ୍ରମିକ ପାଇନାହାନ୍ତି କର୍ମଚାରୀ

କେନ୍ଦୁଝର,୧୩।୫(ଦୀପକ ମିଶ୍ର)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ତରମାକାନ୍ତ ଓଟିପିଏଲ୍(ଓଡ଼ିଶା ଟି ପ୍ଲାଣ୍ଟେଶନ ଲିମିଟେଡ୍) ଚା'ର ଖୁବ୍ ସୁନାମ ଥିଲା। ରାଜ୍ୟ, ଦେଶ ତଥା ଦେଶ ବାହାରେ ଏଠାକାର ଚା'କୁ ବହୁ ପସନ୍ଦ କରୁଥିଲେ। ଜାପାନ, ଫ୍ରାନ୍ସ, ଜର୍ମାନୀ, ଲଣ୍ଡନ, ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ, କାନାଡା ଭଳି ଦେଶରେ ବେଶ୍ ନାଁ କରିଥିଲା। ଏହି ଚା' ବଗିଚା ଏବେ ବୃକ୍ଷଶୂନ୍ୟ ହୋଇପଡ଼ିଛି। କେନ୍ଦୁଝର ଜିଲାର ଦାର୍ଜିଲିଂ ଭାବେ ପରିଗଣିତ ହେଉଥିବା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଜୁଆଙ୍ଗ ଭୂୟାଁ ପୀଢ଼ର ତରମାକାନ୍ତ ଜଙ୍ଗଲରେ ହୋଇଥିବା ଚା ବଗିଚା ଉଜୁଡ଼ି ଟାଙ୍ଗରା ଭୂଇଁରେ ପରିଣତ ହୋଇଯାଇଛି। ଓଡ଼ିଶାର ଏକମାତ୍ର ଚା' ବଗିଚାର କଙ୍କାଳ ଏବେ ସେଠାରେ ଗଢ଼ୁଛି କହିଲେ ଅତୁକ୍ତି ହେବ ନାହିଁ।

ସୂଚନାଯୋଗ୍ୟ, ୧୯୮୨ ମସିହାରେ ଓଡ଼ିଶା ସରକାରଙ୍କର ଇପିକଲ୍ ସଂସ୍ଥା ଓ କୋଲକତାର ଶିଳ୍ପପତି ବସନ୍ତ କୁମାର ଦୁବେଙ୍କ ମିଳିତ ସହଯୋଗରେ ତରମାକାନ୍ତଠାରେ ଓଟିପିଏଲ୍ ନାମରେ ଚା' ବଗିଚା ଆରମ୍ଭ ହୋଇଥିଲା। ଏଥିପାଇଁ ୨ କୋଟି ୨୪ ଲକ୍ଷ ଟଙ୍କା ସେ ସମୟରେ ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ଋଣ କରାଯାଇଥିଲା। ତରମାକାନ୍ତଠାରେ ଚା' ବଗିଚା କରିବା ପାଇଁ ଏ ଅଞ୍ଚଳର କେତେଜଣ ଆଦିବାସୀଙ୍କ ଜମି ସହ ଜଙ୍ଗଲଜମିକୁ ମିଶାଇ ମୋଟ ୮୯୬.୫୪ ହେକ୍ଟର ଜମି ଅଧିଗ୍ରହଣ କରାଯାଇଥିଲା। ପ୍ରାୟ ୨୧୪ ହେକ୍ଟର ଜମିରେ ପ୍ରଥମେ ଉନ୍ନତମାନର ଚା' ଚାରା ରୋପଣ କରାଯାଇଥିଲା। ଓଡ଼ିଶା ସରକାର ଓ ଉକ୍ତ କମ୍ପାନୀର ମିଳିତ ଉଦ୍ୟମରେ ଗଢ଼ାଯାଇଥିବା 'ଓଡ଼ିଶା ଟି ପ୍ଲାଣ୍ଟେଶନ ଲିଃ' ଦେଶ, ବିଦେଶର ବିଭିନ୍ନ ସ୍ଥାନକୁ ଚା' ରପ୍ତାନି କରି ଚର୍ଚ୍ଚାକୁ ଆସିଥିଲା। ୧୯୮୩ ମସିହାରୁ ଏଠାରେ କାରବାର ଆରମ୍ଭ ହୋଇ ୨୦୦୨ ମସିହା ବେଳକୁ ବ୍ୟବସାୟ ସଫଳତାର ଶୀର୍ଷକୁ ଛୁଇଁପାରିଥିଲା। ସ୍ଥାନୀୟ ଭୂୟାଁ, ଜୁଆଙ୍ଗ ମହିଳା, ପୁରୁଷମାନେ ଚା' ପତ୍ର ସଂଗ୍ରହ କରୁଥିଲେ। ଚା' ପତ୍ରର ପ୍ରୋସେସିଂ କରାଯାଉଥିଲା, ପ୍ୟାକେଜିଂ କରାଯାଉଥିଲା। ଏଠାରୁ ଉତ୍ପାଦିତ ଚା'ର ଏକ ସ୍ୱତନ୍ତ୍ର ଚାହିଦା ବିଶ୍ୱ ବଜାରରେ ରହିଥିଲା ଏବଂ ଆରମ୍ଭ ହେବା ଦିନରୁ ଲାଭରେ ଚାଲି ଆସିଥିବା ଏହି ପ୍ରକଳ୍ପଟି ହଠାତ୍ ୨୦୦୩ ମସିହା ବେଳକୁ ଧିମେଇଯାଇଥିଲା। ୨୦୦୩-୦୪ ମସିହା ବେଳକୁ ଏହା ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। ଫଳରେ ଏଠାରେ କାର୍ଯ୍ୟ କରୁଥିବା କର୍ମଚାରୀ ତଥା ଶ୍ରମିକମାନେ ଚା' ବଗିଚା ଉଜୁଡ଼ିଯିବା କାରଣରୁ କାମଧନ୍ଦା ଛାଡ଼ି ପଳାଇଗଲେ। ଚା' ବଗିଚାରେ ଦୀର୍ଘଦିନ କାମ କରି ବି ଅନେକ ଜୁଆଙ୍ଗ ଓ ଭୂୟାଁ ଶ୍ରମିକ ଆଜି ପର୍ଯ୍ୟନ୍ତ ପାରିଶ୍ରମିକ ପାଇପାରିନାହାନ୍ତି।



ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, କେବଳ ରାଜ୍ୟ ସରକାରଙ୍କ ଅବହେଳାରୁ ଏକ ଲାଭଦାୟକ ଚା' ପ୍ରକଳ୍ପ ଚାହୁଁ ଚାହୁଁ ବୁଡ଼ିଗଲା। ଆଜିର ଦିନରେ ମଧ ତରମାକାନ୍ତ ଚା' ବଗିଚାରେ ଲକ୍ଷାଧିକ ଥୁଣ୍ଟା ଚା' ଗଛ ନୀରବରେ ଠିଆ ହୋଇ ଅତୀତର ହୃତଗୌରବକୁ ମନେପକାଉଛି। ବାଂଶପାଳ ବ୍ଲକ୍ ଅଧକ୍ଷ ମାନସ ଦେହୁରୀଙ୍କ ଅଧକ୍ଷତାରେ ପଞ୍ଚାୟତ ସମିତିର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟଙ୍କ ଦସ୍ତଖତରେ ଚା' ବଗିଚାର ପୁନରୁଦ୍ଧାର ପାଇଁ ଏକ ଦରଖାସ୍ତ ସମ୍ବଳିତ ଦାବିପତ୍ର ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଦିଆଯାଇଛି। ତେବେ ବର୍ତ୍ତମାନ ସୁଦ୍ଧା ପୁନରୁଦ୍ଧାର ପାଇଁ କୌଣସି ଠୋସ୍ ପଦକ୍ଷେପ ସରକାରଙ୍କ ପକ୍ଷରୁ ନିଆଯାଇନାହିଁ ବୋଲି ତରମାକାନ୍ତର ପଞ୍ଚାୟତ ସମିତି ସଭ୍ୟ ଅଜିତ କୁମାର ନାଏକ କହିଛନ୍ତି।

## ୱାନ୍‌ମ୍ୟାନ୍ ଲୁଟେରା ବିଷ୍ଣୁପ୍ରସାଦ ଗିରଫ

ବିପୁଳ ସୁନା ଅଳଙ୍କାର, ନଗଦ ୨ ଲକ୍ଷ ଟଙ୍କା ଜବତ



ଜବତ ଅଳଙ୍କାର ଓ ଟଙ୍କା।



ବିଷ୍ଣୁପ୍ରସାଦ ଜେନା

ଭୁବନେଶ୍ୱର,୧୩।୫ (ସତ୍ୟଜିତ୍ ରାଉତ)

ଏକା ଏକା ବାଇକ୍‌ରେ ବୁଲନ୍ତି। ସୁଯୋଗ ଦେଖି ଲୁଟପାଟ୍ କରି ରାଜଧାନୀରେ ଆତଙ୍କ ଖେଳାଉଥିବା ଜଣେ ପେସାଦାର ଲୁଟେରାଙ୍କୁ କମିଶନରେଟ୍ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଧରିଛି। ସେ ହେଲେ ପୁରୀ ଜିଲା କୋଣାର୍କ ଥାନା ଅଞ୍ଚଳର ବିଷ୍ଣୁପ୍ରସାଦ ଜେନା (୨୨)। ସେ କିଛିଦିନ ହେବ ଖୋର୍ଦ୍ଧା ଟାଉନ୍‌ରେ ଘର ଭଡ଼ା ନେଇ ରହୁଛନ୍ତି। ତାଙ୍କ ନିକଟରୁ ଗୋଟିଏ ବାଇକ, ଗୋଟିଏ ମୋବାଇଲ, ବିଭିନ୍ନ ପ୍ରକାରର ସୁନା ଅଳଙ୍କାର ଓ ୨ ଲକ୍ଷ ନଗଦ ଟଙ୍କା ଜବତ ହୋଇଛି। ଖଣ୍ଡଗିରି ଥାନା ପୋଲିସ ବିଷ୍ଣୁପ୍ରସାଦଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ବିଷ୍ଣୁପ୍ରସାଦଙ୍କୁ ରିମାଣ୍ଡରେ ଆଣି ପୋଲିସ ଅଧିକ ତଦନ୍ତ କରିବାକୁ ଯୋଜନା କରୁଛି। ତାଙ୍କ ବିରୋଧରେ ଖଣ୍ଡଗିରି ଥାନାରେ ୧୦ ମାମଲା, ଚନ୍ଦକା ଥାନାରେ ୪, ତମାଣ୍ଡୋ ଥାନାରେ ୨, ଶହୀଦନଗର ଥାନାରେ ୨, ନୟାପଲ୍ଲୀ ଥାନାରେ ୬, ବଡ଼ଗଡ଼ ଥାନାରେ ୩, କ୍ୟାପିଟାଲ, ଧଉଳି ଓ ମଞ୍ଚେଶ୍ୱର ଥାନାରେ ଗୋଟିଏ ଲେଖାଏ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

ବିଷ୍ଣୁପ୍ରସାଦ ପୋଲିସ ନଜରରୁ ହଟିବା ପାଇଁ ନିଜ ଗ୍ୟାଙ୍ଗ୍‌ରେ ଅନ୍ୟ କାହାକୁ ସାମିଲ କରୁ ନ ଥିଲେ। ୱାନ୍‌ମ୍ୟାନ୍ ଗ୍ୟାଙ୍ଗ୍ ସାଜିଥିଲେ। ମହିଳା ଓ ଅନ୍ୟମାନଙ୍କଠରୁ ସୁନା ଅଳଙ୍କାର ଲୁଟ କରୁଥିଲେ ମଧ ବିଶେଷକରି ପୁରୁଷଙ୍କଠାରୁ ସୁନା ବ୍ରେସଲେଟ୍ ଲୁଟିବାକୁ ଅଧିକ ଟାର୍ଗେଟ କରୁଥିଲେ। ସେ ରାତିରେ ବିଭିନ୍ନ ହୋଟେଲ, ଲଜ୍, ଭଡ଼ା ଘରେ ରହୁଥିଲେ। ଠିକଣା ବଦଳାଇବା ସହ ନିଜ ରହଣି ବିଷୟରେ କାହାକୁ ଜଣାଉ ନ ଥିଲେ। ଲୁଟ୍ ଅଳଙ୍କାରକୁ ସୁନା ଦୋକାନରେ ବିକ୍ରି କରିବା ସହ ବ୍ୟାଙ୍କରେ ବନ୍ଧା ପକାଇ ଟଙ୍କା ନେଇଆସୁଥିଲେ। ଗତ ମେ' ୩ରେ ଜାଗମରାରେ ରହୁଥିବା ଇନ୍ଦ୍ରମଣି ସ୍ୱାଇଁଙ୍କୁ ବିଷ୍ଣୁପ୍ରସାଦ ଟାର୍ଗେଟ୍ କରିଥିଲେ। ଇନ୍ଦ୍ରମଣି ବରମୁଣ୍ଡା ନୀଳକଣ୍ଠେଶ୍ୱର ମନ୍ଦିର ପଛପଟ ରାସ୍ତାରେ ଯାଉଥିବାବେଳେ ବିଷ୍ଣୁପ୍ରସାଦ ତାଙ୍କ ହାତରୁ ସୁନା ବ୍ରେସ୍‌ଲେଟ ଲୁଟି ନେଇଥିଲେ। ଏତଲାକ୍ରମେ ପୋଲିସ ମାମଲା (ନଂ.୩୧୩/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଚନ୍ଦନଲାଗି ବେଶରେ ଦର୍ଶନ ଦେଲେ ମହାପ୍ରଭୁ



ମହାପ୍ରଭୁଙ୍କ ଚନ୍ଦନଲାଗି ବେଶ।

ବାଲେଶ୍ୱର,୧୩।୫(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁର ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରୀକ୍ଷେତ୍ର ରୀତିନୀତି ମୁତାବକ ଚନ୍ଦନ ଯାତ୍ରା ମହାସମାରୋହରେ ଚାଲୁଅଛି। ଅକ୍ଷୟତୃତୀୟା ଅବସରରେ ରଥ ଅନୁକୂଳ ପରେ ଚନ୍ଦନଯାତ୍ରା ଆରମ୍ଭ ହୋଇଥିବା ବେଳେ ଏହା ଆସନ୍ତା ୨୩ ତାରିଖ ଗୁରୁବାର ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

ଚନ୍ଦନଯାତ୍ରା ଉପଲକ୍ଷେ ପ୍ରତିଦିନ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା ପୁଷ୍ପ ସୁସଜ୍ଜିତ ପୁଷ୍କରଣୀରେ ମହାପ୍ରଭୁଙ୍କର ଚାପଖେଳ ଅନୁଷ୍ଠିତ ହୋଇଚାଲିଛି। ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ଶ୍ରୀଜୀଉମାନଙ୍କୁ ଦର୍ଶନ କରିଛନ୍ତି। କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ସଞ୍ଚାଳକ ତଥା ଇମାମୀ ଗ୍ରୁପ୍‌ର ଅନ୍ୟତମ ନିର୍ଦ୍ଦେଶକ ସୁଶୀଲ କୁମାର ଗୋୟେଙ୍କା ଯୋଗଦେଇ ସମସ୍ତ କାର୍ଯ୍ୟ ପ୍ରତ୍ୟକ୍ଷ ତଦାରଖ କରୁଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେବା ନିମନ୍ତେ ମନ୍ଦିର ପ୍ରଶାସନ ପକ୍ଷରୁ ମନୋଜ କୁମାର ପାଢ଼ୀ ନିବେଦନ କରିଛନ୍ତି। ସ୍ଥାନୀୟ ଇମାମୀ କାଗଜକଳର ବରିଷ୍ଠ ସଭାପତି ଆଶିଷ ଅବିନାଶ ଗୁପ୍ତା, ଉପସଭାପତି ଚନ୍ଦେଶ୍ ଗୁପ୍ତା, ମୁଖ୍ୟ ପରିଚାଳକ ଡ. ୟୁସୁଫ୍ ଅଲ୍ଲୀ ସୋଲାଙ୍କି, ଡିଜିଏମ୍ ଦେବବ୍ରତ ହୋତା, ଡିଜିଏମ୍ (ଲ୍ୟାବ୍ ଆଣ୍ଡ୍ କ୍ୱାଲିଟି କଣ୍ଟ୍ରୋଲ) ରମେଶ ଚନ୍ଦ୍ର ଖୁଣ୍ଟିଆ, ମନ୍ଦିର ପ୍ରଶାସନିକ ଅଧିକାରୀ ନିଖିଲ ରଞ୍ଜନ ଦାସ ସାମନ୍ତରାୟ, ମୁଖ୍ୟ ପୂଜକ ପ୍ରଦୀପ୍ତ ମିଶ୍ର ତଥା ମନ୍ଦିର ପରିଚାଳନା କମିଟି ସଦସ୍ୟ ଏବଂ ଇମାମୀ କଲୋନୀ ଲେଡିଜ୍ କ୍ଲବର ସମସ୍ତ ସଦସ୍ୟା ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ଚଳିତ ମାସ ୧୦ତାରିଖଠାରୁ ଆରମ୍ଭ ହୋଇଥିଲା। ଚଳିତବର୍ଷ ଶ୍ରୀଜୀଉଙ୍କର ରଥଯାତ୍ରାରେ ବ୍ୟାପକ ଭିଡ଼ ହେବାର ସମ୍ଭାବନା ଥିବାରୁ ପ୍ରସ୍ତୁତି କାର୍ଯ୍ୟ ପ୍ରଶାସନ ପକ୍ଷରୁ ଜାରି ରହିଛି। ସେହିପରି ଜୁନ ୨୨ରେ ମହାସ୍ନାନ ଓ ଅଣସର ନୀତି ଅନୁଷ୍ଠିତ ତଥା ୭ ଜୁଲାଇରେ ହେବାକୁ ଥିବା ମହାପ୍ରଭୁଙ୍କ ରଥଯାତ୍ରା ନିମନ୍ତେ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି।

## ବୁଡ଼ିଗଲେ ୪ ସାଙ୍ଗ

### ଚିତ୍ରୋତ୍ପଳା ନଦୀରେ ୨, ଗାଲିଗାବଡ଼ର ଜଳପ୍ରପାତରେ ବୁଡ଼ି ୨ ମୃତ

ସାଲେପୁର,(ଅରବିନ୍ଦ ଭୂୟାଁ)/ ପଟ୍ଟାଙ୍ଗି/କୋରାପୁଟ (ଶରତ ଧଳ/ ଅମିତାଭ ବେହେରା),୧୩।୫

କଟକ ଜିଲା ସାଲେପୁର ଦେଇ ପ୍ରବାହିତ ଚିତ୍ରୋତ୍ପଳା ନଦୀରେ ଗାଧୋଉଥିବାବେଳେ ବୁଡ଼ିଯିବାରୁ ୨ ଜଣ ସାଙ୍ଗଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ମିର୍ଜାପୁର ପଞ୍ଚାୟତ କାନପୁର ଗ୍ରାମର ସେକ୍ ରିହାନ୍, ସେକ୍ ଜିସାନ୍। ଉଭୟ ଯୁକ୍ତ ୨ ପାଶ୍ କରିଥିଲେ।

ଖବରପାଇ ସାଲେପୁର ଦମକଳ ବାହିନୀ ଓ ଓଡ୍ରାଫ୍ ଟିମ୍ ନଦୀ ପାଣିରେ ଖୋଜାଖୋଜି କରି ସେକ୍ ରିହାନ ଓ ସେକ୍ ଜିସାନଙ୍କ ମୃତଦେହ ପାଣିରୁ ବାହାର କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ଣରେ ସେକ୍ ରିହାନ୍, ସେକ୍ ଜିସାନ୍‌ଙ୍କ ସମେତ ୫ଜଣ ସାଙ୍ଗ ଉକ୍ତ ନଦୀକୁ ଗାଧୋଇବାକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ସାଙ୍ଗ ନଦୀ କୂଳରେ ବସିଥିବାବେଳେ ସେକ୍ ରିହାନ୍, ସେକ୍ ଜିସାନ୍‌ଙ୍କ ସହ ଆଉ ୨ ଜଣ ସାଙ୍ଗ ପାଣିରେ ଗାଧୋଉଥିଲେ। ଏହି ସମୟରେ ସେମାନେ ଏକ ଗଣ୍ଡରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକ ୨ଜଣଙ୍କୁ ଉଦ୍ଧାର କରିବାକୁ ସକ୍ଷମ ହୋଇଥିବାବେଳେ ସେକ୍ ରିହାନ୍ ଓ ସେକ୍ ଜିସାନ୍ ପାଣିରେ ବୁଡ଼ିଯାଇଥିଲେ। ଏନେଇ ଗ୍ରାମବାସୀ ଦମକଳ ବାହିନୀ ଏବଂ ଓଡ୍ରାଫ୍ ଟିମ୍‌କୁ ଖବର ଦେଇଥିଲେ। ସେକ୍ ରିହାନ ଓ ସେକ୍ ଜିସାନଙ୍କ ମୃତଦେହ ମିଳିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ସେହିପରି ପର୍ଯ୍ୟଟନ ସ୍ଥଳ ବୁଲିବାକୁ ଆସି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର ଗାଲିଗାବଡ଼ର ଜଳପ୍ରପାତରେ ଗାଧୋଉଥିବା ବେଳେ ୨ ସାଙ୍ଗଙ୍କ ସୋମବାର ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ ଆଶିଷ କୁମାର ପଣ୍ଡା(୨୪) ଓ ନିତେଶ କୁମାର ଦାସ(୨୪)। ଖବରରୁ ଜଣାପଡିଛି, ଦୁଇ ସାଙ୍ଗ କୋରାପୁଟ ଟାଉନ ପିଏଚ୍‌ଡି କଲୋନୀର ଆଶିଷ ଏବଂ ଜାନିଗୁଡ଼ାର ନିତେଶ ଅନ୍ୟ ଜଣେ ସାଙ୍ଗଙ୍କ ସହ ଏକ ଜିପ୍ ଯୋଗେ ପଟ୍ଟାଙ୍ଗି ବ୍ଲକର ରଥିବାଲିର ଗାଲିଗାବଡ଼ର ଜଳପ୍ରପାତ ପର୍ଯ୍ୟଟନ ସ୍ଥଳ ବୁଲିବାକୁ ଆସିଥିଲେ। ବୁଲାବୁଲି କରି ସମସ୍ତେ ଜଳପ୍ରପାତରେ ଗାଧୋଇଥିଲେ। ଏହି ସମୟରେ ଆଶିଷ ଓ ନିତେଶ ଗାଧୋଉଥିବା ସ୍ଥାନରେ ଥିବା ଏକ ବଡ ଗାତରେ ଫସି ଖସି ପଡିଥିଲେ। ଏହା ଦେଖି ଘଟଣା ସ୍ଥଳରେ ଥିବା ଜଣେ ସାଙ୍ଗ ସେମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ସେଠାରେ ଉପସ୍ଥିତ କେତେଜଣ ପର୍ଯ୍ୟଟକ ଏବଂ ନିକଟରେ ଥିବା ଗାଲିଗାବଡ଼ର ଗ୍ରାମର ଯୁବକମାନେ ପହଞ୍ଚି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ପରେ ଅଗ୍ନିଶମ କର୍ମଚାରୀ ଓ ଯୁବକମାନେ ମିଶି ପାଣିରେ ବୁଡି ଖୋଜାଖୋଜି କରି ମୃତ ଅବସ୍ଥାରେ ଆଶିଷ ଓ ନିତେଶଙ୍କୁ ଉଦ୍ଧାର କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିଛି। ଏନେଇ କୋଟିଆ ପୋଲିସ ନିକଟରେ କୌଣସି ଅଭିଯୋଗ ହୋଇ ନାହିଁ। ପୋଲିସ ମୃତ ଦୁଇ ସାଙ୍ଗଙ୍କ ପରିବାର ଲୋକଙ୍କୁ ଅପେକ୍ଷା କରିଛି। ସେମାନେ ପହଞ୍ଚିଲେ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି।

## ଗୋ ଚାଲାଣ ବେଳେ ପୋଲିସ ଚଢ଼ାଉ

■ ୪୦ ଗୋରୁ ଉଦ୍ଧାର, ବେପାରୀ କୋର୍ଟ ଚାଲାଣ
■ ଚାଲାଣରେ ବ୍ୟବହୃତ ହେଉଥିବା ଗାଡ଼ି ଜବତ

ପାଣିକୋଇଲି,୧୩।୫ (ବିକାଶ କୁମାର ମଲିକ)

ଯାଜପୁର ଜିଲା ପାଣିକୋଇଲି ଥାନା ଅନ୍ତର୍ଗତ ସାହାପୁରଠାରେ ସୋମବାର ରାତିରେ ପଶ୍ଚିମବଙ୍ଗକୁ ଗୋ-ଚାଲାଣ ହେବାଲାଗି ୪୦ ଗୋରୁ ବନ୍ଧା ହୋଇଥିବାର ଖବର ପାଇବା ପରେ ପାଣିକୋଇଲି ପୋଲିସ ପକ୍ଷରୁ ସେଠାରେ ଚଢ଼ାଉ କରାଯାଇଥିଲା। ପୋଲିସ ପାଟ୍ରୋଲିଂ ଦେଖି କେତେଜଣ ବେପାରୀ ଓ ଗାଡି ଚାଳକ ଦୌଡ଼ି ପଳାଇଯାଇଥିଲେ। ମୁଖ୍ୟ ବେପାରୀ ଭଦ୍ରକ ଜିଲା ପୁରୁଣାବଜାର ଥାନା ଅନ୍ତର୍ଗତ ସଟିଆ ନୀଳକଣ୍ଠପୁର ଗ୍ରାମର ତାଜମୁଲ ଓରଫ କାଲୋ(୫୫)ଙ୍କୁ ପୋଲିସ ଗିରଫ କରିଥିଲା। ଉଦ୍ଧାର ହୋଇଥିବା ୪୦ ଗୋରୁଙ୍କୁ ସ୍ଥାନୀୟ ଲୋକଙ୍କ ଜିମା ଦିଆଯାଇଛି । ଗୋରୁ ଚାଲାଣ ପାଇଁ ବ୍ୟବହାର କରାଯାଉଥିବା ଏକ ଟ୍ରକ (ନଂ.ଡ଼ବ୍ଲୁବି୨୯ଏ୪୭୨୫) ଏକ ସ୍କର୍ପିଓ (ନଂ.ଓଆର୨୨ଇ୪୮୯୪), ଅଟୋ (ନଂ.ଓଡ଼ି୦୪ଜି୨୮୯୩)ଏବଂ ଗୋଟିଏ ବାଇକ୍ (ନଂ.ଓଡ଼ି୨୨ଇ୫୩୬୭)କୁ ପୋଲିସ ଜବତ କରିଛି। ଏ ନେଇ ଏକ ମାମଲା ରୁଜୁ ହେବା ସହ ତାଜମୁଲଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ରେଳଧାରଣାରୁ ମହିଳାଙ୍କ ମୃତଦେହ ଜବତ

ବ୍ରହ୍ମପୁର,୧୩।୫(ସୁବାସ ଚନ୍ଦ୍ର ପାଢ଼ୀ)

ସରକାରୀ ରେଳବାଇ ଥାନା ପୋଲିସ ସୋମବାର ଜଣେ ମହିଳାଙ୍କ ମୃତଦେହ ଚମାଖଣ୍ଡି-ଛତ୍ରପୁର ରେଳଧାରଣାରୁ ଜବତ କରିଛି। ତାଙ୍କ ପରିଚୟ ମିଳିନାହିଁ। ବୟସ ୪୦ରୁ ୪୫ ହେବ ବୋଲି ପୋଲିସ କହିଛି। ନଂ. ୪୨/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିଚୟ ସ୍ପଷ୍ଟ କରିବା ପାଇଁ ସଂରକ୍ଷଣ ଗୃହରେ ରଖାଯାଇଛି। ଟ୍ରେନ ଆଗକୁ ଆସି ମହିଳା ଜଣଙ୍କ ଆତ୍ମହତ୍ୟା କରିଥିଲେ। ରବିବାର ରାତି ପ୍ରାୟ ୧ଟାରେ ଖବରପାଇ ପୋଲିସ ସେଠାରେ ପହଞ୍ଚିଥିଲା। ସୋମବାର ସକାଳେ ସ୍ଥାନୀୟ ପୋଲିସ ଓ ଲୋକଙ୍କ ସହାୟତାରେ ମୃତଦେହ ଚିହ୍ନଟ ପାଇଁ ପ୍ରୟାସ କରୁଛି।

## ବେଧଡ଼କ ଚାଲିଛି ଶୁଆ ଶାବକ ବିକ୍ରି

ରାଉରକେଲା,୧୩।୫(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ବନାଞ୍ଚଳ ଅଧୀନ ଚମ୍ପାଝରନ,ପୂର୍ବ ଚମ୍ପାଝରନ, ମୁଡକୁ ଝରନ ଓ ସାରଣ୍ଡା ଜଙ୍ଗଲରେ ରହୁଥିବା ଆଲେକ୍ସଜାଣ୍ଡର ପ୍ୟାରୋଟ(ଜଙ୍ଗଲୀ ଶୁଆ) ଚୋରାଚାଲାଣ କାରବାର ବୃଦ୍ଧି ପାଇବାରେ ଲାଗିଛି। ଏଭଳି କାରବାରକୁ ରୋକିବା ପାଇଁ ରାଉରକେଲା ବନ ବିଭାଗ ପକ୍ଷରୁ ବିଭିନ୍ନ ଷ୍ଟିଙ୍ଗ୍ ଅପରେଶନ ମଧ କରାଯାଉଛି। ମାତ୍ର ଜଙ୍ଗଲୀ ଶୁଆର ବେଆଇନ ବିକ୍ରି କାରବାର ବନ୍ଦ ହେଉନାହିଁ। କିଛିମାସ ତଳେ ୮୨ ଶୁଆ ଶାବକ ଉଦ୍ଧାର କରାଯାଇ ଘଟଣାରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଏଥିସହ ଜବତ ହୋଇଥିବା ଶୁଆ ଶାବକଙ୍କୁ ଜଙ୍ଗଲରେ ଛାଡି ଦିଆଯାଇଥିଲା। ମାତ୍ର ବନାଞ୍ଚଳରେ ବେଆଇନ ବିକ୍ରି କାରବାର କରୁଥିବା ମୁଖ୍ୟ ସୂତ୍ରଧରମାନେ ବର୍ତ୍ତମାନ ପର୍ଯ୍ୟନ୍ତ ବନବିଭାଗ କାବୁକୁ ଆସି ପାରିନାହାନ୍ତି। ପ୍ରାପ୍ତ ସୂଚନା ମୁତାବକ, ରାଉରକେଲା ବନାଞ୍ଚଳରେ ବସବାସ କରୁଥିବା ନିରୀହ ଆଦିବାସୀ ଲୋକଙ୍କୁ ଅର୍ଥଲୋଭ ଦେଖାଇ ଜଙ୍ଗଲରୁ ବିଳମ୍ବିତ ରାତିରେ ଶୁଆଙ୍କୁ ଗଛ କୋରଡରୁ ତସ୍କରି କରୁଛନ୍ତି। ସେ ସବୁକୁ ବାହାର ରାଜ୍ୟକୁ ଚାଲାଣ କରାଯାଉଛି। ମୁଖ୍ୟ ସୂତ୍ରଧରମାନେ ପ୍ରାୟତଃ ବାହାର ରାଜ୍ୟରୁ ଆସି ଏଠି ଏଭଳି ଅବୈଧ କାରବାର କରୁଛନ୍ତି। ଜଙ୍ଗଲ ମନ୍ତ୍ରଣାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ, ସଂରକ୍ଷିତ ଜଙ୍ଗଲରେ ଥିବା ବୃକ୍ଷଲତାରୁ ଆରମ୍ଭ କରି ପଶୁପକ୍ଷୀଙ୍କୁ ଆୟତ୍ତ କରି ରୋଜଗାର ପନ୍ଥା ଭାବେ ପ୍ରୟୋଗ କରିବା ଦଣ୍ଡନୀୟ ଅପରାଧ। ମାତ୍ର ରାଉରକେଲା ବନଜଙ୍ଗଲରେ ରହୁଥିବା ଶୁଆଙ୍କ ଜୀବନ ନିରାପଦ ନାହିଁ। ଏହି ର୍‍ୟାକେଟ ଚେର ରାଜ୍ୟ ବାହାରକୁ ଲମ୍ବିଛି। ରାଞ୍ଚି, କୋଲକାତା, ରାୟପୁର ଆଦି ଅଞ୍ଚଳରେ ଏହି କାରବାର ଚାଲିଛି। କଟକ ସହରକୁ ମଧ ବସରେ ଚାଲାଣ ହେଉଛି। ଏଭଳି ଜଙ୍ଗଲୀ ପକ୍ଷୀ ଘରେ ରଖିବା ବା ବିକ୍ରି କରିବା ଦଣ୍ଡନୀୟ ଅପରାଧ ରହିଥିବା ବେଳେ ଏହି ଅବୈଧ ର୍‍ୟାକେଟ ଉପରେ ବନବିଭାଗ ଆଗକୁ କେବେ ଲଗାମ ଲଗାଇବ ତାହା ଦେଖିବାକୁ ବାକି ରହିଛି ବୋଲି ସହରର ପ୍ରକୃତିପ୍ରେମୀ ମହଲରେ କୁହାଯାଉଛି। ଏନେଇ ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କୁ ପଚାରିବାର, କିଛି ମାସ ତଳେ ଏଭଳି କାରବାର ଚାଲିଥିଲା। ଏହା ଉପରେ ଆମେ ଅଙ୍କୁଶ ଲଗାଇବାରେ ସଫଳ ହେଲୁ। ଆଗକୁ ଏହି କାରବାର ଯେଭଳି ନ ହୁଏ, ସେ ଦିଗରେ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଉଛି ବୋଲି କହିଥିଲେ।

## ଇଥାଇଲ ପ୍ଲାଣ୍ଟକୁ ବିରୋଧ କରି ଜିଲାପାଳଙ୍କୁ ଫେରାଦ



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ହରିଡାବନ୍ଧ ମୌଜାର ଲୋକମାନେ।

■ ପ୍ରତିବାଦ ସତ୍ତ୍ୱେ ଗୋଚର ଜମିରେ ନିର୍ମାଣ ଚାଲିଛି ରାସ୍ତା
■ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁମତିକୁ ଅଣଦେଖା
■ ହାତୀ ଚଲାପଥ ଓ ଜଙ୍ଗଲ ପାଖରେ କମ୍ପାନୀ କିଣିଛି ୬୦ ଏକର ଜମି

ନୟାଗଡ଼,୧୩।୫(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମହୀପୁର-ବାହାଡାଝୋଲା ରାସ୍ତାର ବଡଗୋଠ ପଞ୍ଚାୟତ ହରିଡାବନ୍ଧ ମୌଜାରେ ଏମଏସଜଷ୍ଟ ଷ୍ଟ୍ରାଇଭ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ ପ୍ରାୟ ୬୦ ଏକର ଜମି କିଣି ଇଥାଇଲ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି। ତେବେ ପ୍ଲାଣ୍ଟକୁ ଯିବାକୁ ରାସ୍ତା ନ ଥିବାବେଳେ କମ୍ପାନୀ କର୍ତ୍ତୃପକ୍ଷ ହରିଡାବନ୍ଧ ମୌଜାର ଗୋଚର ଜମିରେ ବେଆଇନ ଭାବେ ରାସ୍ତା ନିର୍ମାଣ କରୁଥିବା ଅଭିଯୋଗ ନେଇ ସ୍ଥାନୀୟ ବାସିନ୍ଦା ବିରୋଧ କରି ଆସୁଥିଲେ। ହେଲେ କମ୍ପାନୀ ସେମାନଙ୍କ କଥାକୁ ଅଣଦେଖା କରି ରାସ୍ତା ନିର୍ମାଣ କରୁଛି। ସେହିଭଳି ହାତୀ ଚଲାପଥ ଓ ଜଙ୍ଗଲ ପାଖରେ ପ୍ଲାଣ୍ଟ ନିର୍ମାଣ ହେଉଥିଲେ ମଧ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁମତି ନ ଥିବା ଅଭିଯୋଗ ରହିଛି। ଏହି ପରିପ୍ରେକ୍ଷୀରେ ଗୋଚର ଜମିରେ ରାସ୍ତା, ପୁଣି ହାତୀ ଚଲାପଥ ଓ ଜଙ୍ଗଲ ପାଖରେ ପ୍ଲାଣ୍ଟ ନିର୍ମାଣକୁ ବିରୋଧ କରି ମହୀପୁର ତଥା ବଡଗୋଡ ଅଞ୍ଚଳବାସୀ ଏବଂ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ସୋମବାର ଜିଲାପାଳଙ୍କୁ ଭେଟି ହସ୍ତକ୍ଷେପ କରି ଇଥାଇଲ ପ୍ଲାଣ୍ଟ ନିର୍ମାଣକୁ ବନ୍ଦ କରିବାକୁ ନିବେଦନ କରିଛନ୍ତି।

ଅଭିଯୋଗ ଅନୁସାରେ, ବଡ଼ଗୋଠ ପଞ୍ଚାୟତ ହରିଡାବନ୍ଧ ମୌଜାର ମହୀପୁର- ବାହାଡାଝୋଲା ରାସ୍ତା ପାର୍ଶ୍ୱରେ ହରିଡାବନ୍ଧମୌଜାର ୨୬ ଏକର ଗୋଚର ଜମି ରହିଛି। ସମ୍ପୃକ୍ତ ଗୋଚର ଜମିରେ ବଡ଼ଗୋଠ ଓ ମହୀପୁର ଅଞ୍ଚଳର ବାସିନ୍ଦା ସେମାନଙ୍କର ଗୃହପାଳିତ ପ୍ରାଣୀଙ୍କ ପାଇଁ ଚାରଣ ଭୂଇଁ ଭାବେ ବ୍ୟବହାର କରି ଆସୁଛନ୍ତି। ଅନ୍ୟପକ୍ଷେ ଏହି ଗୋଚର ଜମିରେ ଗାଁର ବିକାଶ ପାଇଁ ବିଭିନ୍ନ ପ୍ରକାରର ଉନ୍ନୟନ ଯୋଜନା କରିବା ଉଦ୍ଦେଶ୍ୟରେ ସୁରକ୍ଷା ଦେଇ ଆସୁଛନ୍ତି। ତେବେ ଏମଏସଜଷ୍ଟ ଷ୍ଟ୍ରାଇଭ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ ଗୋଚର ଜମି ପାଖରେ ପ୍ରାୟ ୬୦ ଏକର ଜମି କିଣି ଇଥାଇଲ ପ୍ଲାଣ୍ଟ ଲାଗି ପ୍ରସ୍ତୁତ କରୁଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ କିଣିଥିବା ଜମିକୁ ରାସ୍ତା ନାହିଁ। ତେଣୁ କମ୍ପାନୀ ଗୋଚର ଜମିରେ ୩୦ ଫୁଟର ରାସ୍ତା ନେବା ପରେ ବିବାଦ ଦେଖା ଦେଇଛି।

### ରାସ୍ତା ନ ଥିବାବେଳେ ଘରବାରୀ ପଟ୍ଟା

ରାସ୍ତା ନ ଥାଇ ଜମି ରେଜେଷ୍ଟ୍ରି ହେବା ଓ ପରେ ଘରବାରୀ ପଟ୍ଟା ହେବାରୁ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଜଣେ ସାଧାରଣ ଲୋକ ଜମିଟିଏ କିଣିଲେ ରାସ୍ତା ନ ଥିଲେ ଘରବାରୀ କରିବାକୁ ହେଲେ ରେଜେଷ୍ଟ୍ରି ହେଉନାହିଁ। ତେବେ କମ୍ପାନୀ ଜମି କିଣିଲା ବେଳେ କିପରି ରାସ୍ତା ନ ଥାଇ ଜମି ରେଜେଷ୍ଟ୍ରୀ କରାଯାଇଛି ସେନେଇ ପ୍ରଶ୍ନ କରାଯାଇଛି। ଅପରପକ୍ଷେ ଅନୁମତି ନ ଥାଇ ଗୋଚର ଜମିରେ ରାସ୍ତା ନିର୍ମାଣ ପ୍ରସଙ୍ଗ ପ୍ରଶାସନକୁ ସନ୍ଦେହ ଘେରକୁ ଟାଣିଛି। ୨୦୨୦ରେ ଜମି କିଣାଯାଇଛି। ରାସ୍ତା ନ ଥାଇ ୨୦୨୨ରେ ଘରବାରୀ କରାଯାଇଛି। ଏ ନେଇ କମ୍ପାନୀ କର୍ତ୍ତୃପକ୍ଷ କୁହନ୍ତି ସେଣ୍ଟ୍ରାଲ ସ୍କିମରେ ରାଜ୍ୟ ସରକାରଙ୍କର ଏପିକଲ ସିଙ୍ଗଲ ୱିଣ୍ଡୋରେ ଇଥାଇଲ କମ୍ପାନୀ ତିଆରି ହେଉଛି। ଆମକୁ କମ୍ପାନୀ କାମ ଆଗେଇବାକୁ ଅନୁମତି ମିଳିଛି। ଗୋଚର ଜମିରେ ରାସ୍ତା ନିର୍ମାଣ କରିବାକୁ ସରକାରୀ ଅନୁମତି ପାଇବା ପରେ ରାସ୍ତା ନିର୍ମାଣ କରାଯାଉଛି। ଗ୍ରାମବାସୀ ରାସ୍ତା ନିର୍ମାଣକୁ ବିରୋଧ କରିବା ପରେ ଆମେ ଆଲୋଚନା କରି ସମାଧାନ କରିବାକୁ ଉଦ୍ୟମ କରୁଛୁ। କମ୍ପାନୀ ହେଲେ କାହାରି କିଛି କ୍ଷତି ହେବନି। ବରଂ ସ୍ଥାନୀୟ ଲୋକ ଚାକିରି କରିବେ। ଲୋକଙ୍କ ସହାୟତାରେ କାମ କରାଯିବ। ସରକାର ରାସ୍ତା ନେବାକୁ ବାରଣ କଲେ କାମ କରାଯିବନି ବୋଲି କହିଛନ୍ତି।


## ପୂର୍ବ ତଟ ରେଳପଥ

ଫାଇଲ ସଂ. DRM/Engg/KUR/24-25/E-Tender/08 ତା.07.05.2024ରିଖ

1) ଟେଣ୍ଡର ସଂ. etenderestatekur-31-2024, ତା.01.05.2024ରିଖ

ବିବରଣୀ : ବରିଷ୍ଠ ସେକ୍ସନ ଯନ୍ତ୍ରୀ (କାର୍ଯ୍ୟ)/ ମଞ୍ଚେଶ୍ୱରଙ୍କ ଅଧିନରେ ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର (କାରଖାନା) ସେକ୍ସନରେ 30.06.2024 ସମୟସୀମା ପାଇଁ ନୂତନ କାର୍ଯ୍ୟ, ଯୋଗ ଏବଂ ପରିବର୍ତ୍ତନ, ବିଭିନ୍ନ ପ୍ରକୃତିର ସମସ୍ତ ସାଧାରଣ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ପ୍ରତ୍ୟେକର ମୂଲ୍ୟ ଟ.5,00,000/- କିମ୍ବା ତା'ଠାରୁ କମ୍ ହେବା ଆବଶ୍ୟକ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 123.57 ଲକ୍ଷ, EMD (₹) : 2,11,800.00 ।

2) ଟେଣ୍ଡର ସଂ. etenderestatekur-32-2024, ତା.01.05.2024ରିଖ

ବିବରଣୀ : ବରିଷ୍ଠ ସେକ୍ସନ ଯନ୍ତ୍ରୀ (କାର୍ଯ୍ୟ)/ ମଞ୍ଚେଶ୍ୱରଙ୍କ ଅଧିନରେ ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର କଲୋନୀ (କାରଖାନାକୁ ଛାଡ଼ି) ସହିତ ସେଣ୍ଟ୍ରାଲ୍ ହସ୍ପିଟାଲ ସେକ୍ସନରେ 30.06.2024 ସମୟସୀମା ପାଇଁ ନୂତନ କାର୍ଯ୍ୟ, ଯୋଗ ଏବଂ ପରିବର୍ତ୍ତନ, ବିଭିନ୍ନ ପ୍ରକୃତିର ସମସ୍ତ ସାଧାରଣ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ପ୍ରତ୍ୟେକର ମୂଲ୍ୟ ଟ.5,00,000/- କିମ୍ବା ତା'ଠାରୁ କମ୍ ହେବା ଆବଶ୍ୟକ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 139.21 ଲକ୍ଷ, EMD (₹) : 2,19,600.00 ।

3) ଟେଣ୍ଡର ସଂ. etenderestatekur-33-2024, ତା.01.05.2024ରିଖ

ବିବରଣୀ : ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ଇଷ୍ଟେଟ୍)/ ଭୁବନେଶ୍ୱରଙ୍କ ଅଧିକାର କ୍ଷେତ୍ର ଅଧିନରେ ମଞ୍ଚେଶ୍ୱର କଲୋନୀରେ ବିଦ୍ୟମାନ ଉଦ୍ୟାନ କୃଷି କାର୍ଯ୍ୟର ରକ୍ଷଣାବେକ୍ଷଣ, ବିସ୍ତାର ଏବଂ ପରିବର୍ତ୍ତନ ପାଇଁ ମୂଲ୍ୟ ଟ.5,00,000/- (5 ଲକ୍ଷ) କିମ୍ବା ତା'ଠାରୁ କମ୍‌ରେ ଆଞ୍ଚଳିକ ଚୁକ୍ତି ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 52.32 ଲକ୍ଷ, EMD (₹) : 1,04,700.00 ।

ଶେଷ ହେବା ଅବଧି : 12 (ବାର) ମାସ (ସମସ୍ତ ଟେଣ୍ଡର ନିମନ୍ତେ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : (ସମସ୍ତ ଟେଣ୍ଡର ନିମନ୍ତେ) ତା.22.05.2024ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-110/P/24-25




ସିବିଏସ୍‌ଇ ଦଶମ ଶ୍ରେଣୀରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ଭୁବନେଶ୍ୱର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ (ବାମ) ଓ ବିଜେଇଏମ୍ ସ୍କୁଲ (ଡାହାଣ)ର ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି।

# ଉତ୍ସାହ ଭରିଲା ସିବିଏସ୍‌ଇ ଦଶମ, ଦ୍ୱାଦଶ ଫଳ

**ଭୁବନେଶ୍ୱର, ୧୩।୫(ଅସମାପିକା ସାହୁ)– କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ଓଡ଼ିଶାରେ ଦଶମରେ ପାସ୍‌ହାର ୯୧.୫୩% ଥିବାବେଳେ ଦ୍ୱାଦଶରେ ୮୦.୮୫% ରହିଛି। ଦଶମରେ ୫୪,୩୩୦ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ମୋଟ୍ ୪୯,୭୨୬ଜଣ ପାସ୍ କରିଛନ୍ତି। ଛାତ୍ରୀଙ୍କ ସଂଖ୍ୟା ୨୨,୬୨୯ ଥିବାବେଳେ ଛାତ୍ରଙ୍କ ସଂଖ୍ୟା ୨୭,୦୯୭ ରହିଛି। ଛାତ୍ରୀଙ୍କ ପାସ୍‌ହାର ୯୧.୭୪% ଓ ଛାତ୍ରଙ୍କ ୯୧.୩୫% ରହିଛି। ସେହିପରି ଦ୍ୱାଦଶରେ ୩୭,୧୨୬ଜଣ ପରୀକ୍ଷା ଦେଇଥିଲେ। ମୋଟ୍ ୩୦,୦୧୮ଜଣ ପାସ୍ କରିଛନ୍ତି। ୧୩,୮୯୨ଜଣ ଛାତ୍ରୀ ଓ ୧୬,୧୨୬ଜଣ ଛାତ୍ର ରହିଛନ୍ତି। ଛାତ୍ରୀଙ୍କ ପାସହାର ୮୧.୨୦% ଏବଂ ଛାତ୍ରଙ୍କ ପାସହାର ୮୦.୫୬% ରହିଛି। କହିବାକୁ ଗଲେ ଏହି ଦୁଇ ପରୀକ୍ଷା ଫଳ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ କ୍ୟାରିୟର ପାଇଁ ଉତ୍ସାହ ଭରିଛି।**



ମୁଁ ୯୯%ରୁ ଅଧିକ ରଖିବାର ଆଶା ରଖିଥିଲି। ୯୯.୪% ସହ ରାଜ୍ୟ ଟପ୍ପର ହୋଇଥିବାରୁ ମୁଁ ବହୁତ ଖୁସି। ପ୍ରତିଦିନ ସ୍କୁଲ ସାରି ପାଖାପାଖି ୪ରୁ ୫ଘଣ୍ଟା ଅଧ୍ୟୟନ କରୁଥିଲି। ଶିକ୍ଷକଙ୍କ ସହଯୋଗ ସହ ମାତାପିତାଙ୍କ ପ୍ରେରଣା ମୋତେ ଏହି ସଫଳତା ଦେଇଛି। ଯୁକ୍ତ୨ରେ ବିଜ୍ଞାନ ପଢ଼ିବା ସହିତ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି।

**– ଶାଗୁନ୍ ସାମନ୍ତରାୟ, ଦଶମ ଛାତ୍ରୀ**



ମୋର ୯୯.୪ ପ୍ରତିଶତ ନମ୍ବର ରହିଛି। ଆଶା କିନ୍ତୁ ଶତପ୍ରତିଶତ ଥିଲା। ଏହି ସଫଳତାର ଶ୍ରେୟ ମୋ ଅଭିଭାବକ ଓ ସ୍କୁଲ ଶିକ୍ଷକଙ୍କୁ ଦେବି। ତେବେ ସ୍କୁଲ ମୋତେ ବହୁତ ସହଯୋଗ କରିଛି। ଯେତେବେଳେ ପାଠପଢ଼ାରେ ମୋର କିଛି ଦ୍ୱନ୍ଦ୍ୱ ଥାଏ, ଫୋନ କଲେ ସଙ୍ଗେ ସଙ୍ଗେ ତାକୁ ଦୂର କରିଛନ୍ତି। ଏବେ ମୁଁ ବିଜ୍ଞାନ ପଢୁଛି। କିନ୍ତୁ ଭବିଷ୍ୟତରେ ଜଣେ ପ୍ରଫେସର ହେବାକୁ ଇଚ୍ଛା ଅଛି।

**– ଶ୍ରେୟା ରଥ, ଦଶମ ଛାତ୍ରୀ**



ବୋର୍ଡ ପରୀକ୍ଷା ପାଇଁ ମୁଁ ଟିକେ ନର୍ଭସ ଥିଲି। କିନ୍ତୁ ଭଗବାନଙ୍କ ଉପରେ ବିଶ୍ୱାସ ରଖିଥିଲି। ମୋର ୯୮ପ୍ରତିଶତ ରହିଛି। ଅଧିକ ରହିବ ବୋଲି ଆଶା କରିଥିଲି। ପ୍ରତିଦିନ କ୍ଲାସ୍‌ରେ ରହୁଥିବା ମୋର ଦ୍ୱନ୍ଦ୍ୱକୁ ଶିକ୍ଷକଙ୍କ ସହିତ ଆଲୋଚନା କରି ସମାଧାନ କରୁଥିଲି। ତେଣୁ ବୋର୍ଡ ପରୀକ୍ଷା ବେଳକୁ ମତେ ଅଧିକ କଷ୍ଟ କରିବାକୁ ପଡ଼ି ନ ଥିଲା।

**– ସମୟରା ଆଞ୍ଜେଲିନା, ଦଶମ ଛାତ୍ରୀ**



ଦିନକୁ ୯ ରୁ ୧୦ଘଣ୍ଟା ପଢ଼େ। ଆଶାଠାରୁ ଅଧିକ ନମ୍ବର ଥିବାରୁ ମୁଁ ବହୁତ ଖୁସି। ମୋର ୯୯.୨% ରହିଛି। ଅର୍ଥନୀତିରେ ୧୦୦ରୁ ୧୦୦ ମାର୍କ ରଖିଛି। ରାଜ୍ୟ ଟପ୍ପର ହୋଇଥିବାରୁ ମୋର ଖୁସି ଦ୍ୱିଗୁଣିତ ହୋଇଯାଇଛି। ଭବିଷ୍ୟତରେ ଚାର୍ଟାର୍ଡ ଆକାଉଟାଣ୍ଟ ହେବାକୁ ଆଶା ରଖିଛି।

**– ଶାଶ୍ୱତ ପାଣିଗ୍ରାହୀ, ଦ୍ୱାଦଶ ବାଣିଜ୍ୟ ଛାତ୍ର**



ମୁଁ ୯୯% ରୁ ଅଧିକ ରଖିବାର ଆଶା ରଖିଥିଲି। ରାଜ୍ୟ ଟପ୍ପର ହୋଇଥିବାରୁ ଖୁସି ଲାଗୁଛି। ମୁଁ ପ୍ରତିଦିନ ପାଖାପାଖି ୧୦ ରୁ ୧୨ ଘଣ୍ଟା ଅଧ୍ୟୟନ କରୁଥିଲି। ବହି ପଢ଼ିବା ସହିତ ଦୈନିକ କ୍ଲାସରୁମ୍‌ରେ ହେଉଥିବା ପାଠପଢ଼ାକୁ ଗୁରୁତ୍ୱ ଦେଉଥିଲି। ଭବିଷ୍ୟତରେ ଏନ୍.ଏଲ୍.ୟୁ. ଦିଲ୍ଲୀରେ ପଢ଼ିବା ପାଇଁ ଆଶା ରଖିଛି।

**– ଆଦ୍ୟାଶା ଶ୍ୟାମ, ଦ୍ୱାଦଶ ହ୍ୟୁମାନିଟିଜ ଛାତ୍ରୀ**



ପରୀକ୍ଷା ପାଇଁ ସ୍କୁଲ ପାଠପଢ଼ା ସହିତ ସେଲ୍ଫ ଷ୍ଟଡି କରିଥିଲି। ପରୀକ୍ଷା ଭଲ ହୋଇଥିଲା। ସେମିତି କିଛି ଆଶା ନ ଥିଲ। ମୋର ୯୯.୨% ରହିଛି। ତେଣୁ ମୁଁ ବହୁତ ଖୁସି। ଏନ୍‌ଇଇଟି ଦେଇଛି। ଭବିଷ୍ୟତରେ ମୁଁ ମେଡିକାଲ ଲାଇନ୍‌ରେ ଯିବା ପାଇଁ ଲକ୍ଷ୍ୟ ରଖିଛି।

**–ରୋନିତ କୁମାର ରାଉତ, ଦ୍ୱାଦଶ ବିଜ୍ଞାନ ଛାତ୍ର**



ମୁଁ ଟ୍ୟୁଶନ କିମ୍ବା କୋଚିଂ ଯାଇ ନ ଥିଲି। ସେଲ୍ଫଷ୍ଟଡି କରିଥିଲି। ସ୍କୁଲ ନୋଟ୍ ଏବଂ ୟ୍ୟୁଟ୍ୟୁବ୍‌ରୁ ମୁଁ ପ୍ରସ୍ତୁତ ହେଉଥିଲି। ତେଣୁ ଯାହା ଆଶା କରିଥିଲି ସେମିତି ଫଳାଫଳ ଆସିଛି। ମୋର ୯୯% ରହିଛି। କ୍ଲାଟ୍ ଦେଇଥିଲି, ସର୍ବଭାରତୀୟ ସ୍ତରରେ ୧୦ମ ର୍ୟାଙ୍କ୍‌ରେ ଥିଲି। ତେଣୁ ଏବେ ମୁଁ ବାଙ୍ଗାଲୁରୁସ୍ଥିତ ଏନ୍‌ଏଲ୍‌ଆଇଏସ୍‌ୟୁ ପଢ଼ିବା ପାଇଁ ଯିବି। ଭବିଷ୍ୟତରେ ୟୁପିଏସ୍‌ସି ଦେବାର ଅଛି। ତେଣୁ ଏବେ ମୁଁ ଲ' ପଢ଼ିବା ପାଇଁ ଇଚ୍ଛା ପ୍ରକାଶ କରିଲି।

**– ଆଶୁତୋଷ କର, ଦ୍ୱାଦଶ ବିଜ୍ଞାନ ଛାତ୍ର**



ଫଳାଫଳ ପାଇଁ ମନରେ ଉତ୍ସୁକତା ରହିଥିଲା। ପରିଶ୍ରମ ହିସାବରେ ଫଳ ମିଳିଛି। ୯୮.୬% ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର ହୋଇଥିବାରୁ ମୁଁ ବହୁତ ଖୁସି। ସ୍କୁଲ ତରଫରୁ ଶିକ୍ଷକମାନେ ସ୍ୱତନ୍ତ୍ର ଭାବେ ଯତ୍ନ ନେଉଥିଲେ। ମୋର ଏ ସଫଳତା ପାଇଁ ଶିକ୍ଷକ ଓ ମୋର ପରିବାରର ସଦସ୍ୟଙ୍କୁ ମୁଁ ଧନ୍ୟବାଦ ଦେଉଛି।

**– ହିମାଂଶୁ ଅଗ୍ରୱାଲ, ଦ୍ୱାଦଶ ବିଜ୍ଞାନ ଛାତ୍ର**



ଦିନକୁ ୮ରୁ ୧୦ଘଣ୍ଟା ପରିଶ୍ରମ କରୁଥିଲି। ମନରେ ଟିକେ ଡର ଥିଲା। ଫଳାଫଳ ଶୁଣିବା ପରେ ମୁଁ ବହୁତ ଖୁସି। ମୋର ୯୮% ରହିଛି। ମାତା ପିତାଙ୍କ ପ୍ରେରଣା ପାଇ ମୁଁ ଏହି ସଫଳତା ପାଇଛି। ଭବିଷ୍ୟତରେ ବିଜ୍ଞାନ ପାଠ୍ୟକ୍ରମ ସହିତ ଆଇଆଇଟି ପାଇଁ ଚେଷ୍ଟା କରିବି।

**– ଅନୁଷ୍କା ମଲ୍ଲିକ, ଦ୍ୱାଦଶ ହ୍ୟୁମାନିଟିଜ ଛାତ୍ରୀ**



ମୋର ୯୮% ରହିଛି। କିନ୍ତୁ ଆହୁରି ଅଧିକ ଆଶା ଥିଲା। ତେବେ ମୋର ଏହି ସଫଳତାରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିଶେଷ ଭୂମିକା ରହିଛି। ଏନ୍‌ସିଇଆର୍‌ଟି ବହି ସହ ଅନ୍ୟ ରେଫରେନ୍ସ ବହି ପଢ଼ିବା ମୋତେ ସଫଳତା ଦେଇଛି।

**– ସ୍ୱୟାଂଶୀ ସିଂ, ଦ୍ୱାଦଶ ବାଣିଜ୍ୟ ଛାତ୍ରୀ**



ମୋର ୯୩% ପ୍ରତିଶତ ରହିଛି। ଆଶା ତ ଅଧିକ ଥିଲା। କିନ୍ତୁ ସ୍କୁଲରେ ବାଣିଜ୍ୟ ବିଭାଗରେ ମୁଁ ପ୍ରଥମରେ ରହିଛି, ତେଣୁ ବହୁତ ଖୁସି ଲାଗୁଛି। ପୁନଃମୂଲ୍ୟାୟନ ପାଇଁ ଆବେଦନ କରିବି ନାହିଁ। ଏବେ ମୁଁ ପାଠପଢ଼ାରେ ଧ୍ୟାନ ଦେବି। ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବା ପାଇଁ ଲକ୍ଷ୍ୟ ରଖିଛି।

**– ଶେଖ୍ ହମିଦ ରାଜା, ଦ୍ୱାଦଶ ବାଣିଜ୍ୟ ଛାତ୍ର**

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶ୍ରୀକାନ୍ତ



@ ସନ୍ଧ୍ୟାରାଣୀ



@ ପିଣ୍ଟୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍ ଛାତ୍ରୀଛାତ୍ର ରାଜ୍ୟ ଟପ୍ପର

**ଭୁବନେଶ୍ୱର, ୧୩।୫(ଅସମାପିକା ସାହୁ)**

ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ଉଭୟ ଦଶମ ଓ ଦ୍ୱାଦଶରେ ଶତପ୍ରତିଶତ ଫଳାଫଳ ହୋଇଛି। ଦ୍ୱାଦଶ ବାଣିଜ୍ୟରେ ୯୯.୨%ମାର୍କ ରଖି ଶାଶ୍ୱତ ପାଣିଗ୍ରାହୀ ଓ ହ୍ୟୁମାନିଟିଜ୍‌ରେ ଏବଂ ୯୯% ମାର୍କ ରଖି ଆଦ୍ୟାଶା ଶ୍ୟାମ୍ ରାଜ୍ୟ ଟପ୍ପର ହୋଇଥିବା ସ୍କୁଲ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ବିଜ୍ଞାନରେ ୯୮.୬% ମାର୍କ ରଖି ହିମାଂଶୁ ଅଗ୍ରୱାଲ ସ୍କୁଲ୍ ଟପ୍ପର ହୋଇଛନ୍ତି। ତେବେ ଦ୍ୱାଦଶରେ ୨୧.୪% ପ୍ରତିଶତ ଛାତ୍ରୀଛାତ୍ର ୯୫%ରୁ ଅଧିକ ନମ୍ବର ରଖିଛନ୍ତି। ଦଶମରେ ୯୯.୪% ରଖି ଶାଗୁନ୍ ସାମନ୍ତରାୟ ରାଜ୍ୟ ଟପ୍ପର ହୋଇଥିବା ସ୍କୁଲ ପକ୍ଷରୁ କୁହାଯାଇଛି। ସେହିଭଳି ୯୯% ମାର୍କ ରଖି ଦ୍ୱିତୀୟ ସ୍ଥାନରେ ଅନୁଷ୍କା ମଲ୍ଲିକ ଏବଂ ୯୮.୮% ମାର୍କ ସହ ତ୍ରୀଷ୍ଣା ପାତ୍ର, ଜାହ୍ନବୀ ମିଶ୍ର, ସୁଧିଷ୍ଣା ରାଉତ ଓ ସୟଦ୍ ଆୟନ ଅଲ୍ଲୀ ତୃତୀୟ ସ୍ଥାନରେ ରହିଛନ୍ତି। ୩୬.୧୨ ପ୍ରତିଶତ ଛାତ୍ରୀଛାତ୍ର ୯୫%ରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି।

## ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ ସ୍କୁଲ

ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ୍ ସ୍କୁଲର ଛାତ୍ରୀଛାତ୍ର ସିବିଏସ୍‌ଇ ଦ୍ୱାଦଶ ଏବଂ ଦଶମରେ ଭଲ ପ୍ରଦର୍ଶନ କରି ସ୍କୁଲ ପାଇଁ ଗୌରବ ଆଣିଛନ୍ତି। ଦ୍ୱାଦଶ ବିଜ୍ଞାନରେ ଖୁସି ଶର୍ମା ୯୫.୨%, ବାଣିଜ୍ୟରେ ଶ୍ରେୟାଂଶି ସିଂ ୯୮% ଓ ହ୍ୟୁମାନିଟିଜ୍‌ରେ ଆଞ୍ଜେଲିନା ବର୍ମା ୯୭.୬% ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ଦ୍ୱାଦଶରେ ସମସ୍ତ ଛାତ୍ରଛାତ୍ର ପ୍ରଥମଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିଭଳି ଦଶମରେ ମଧ ଶତ ପ୍ରତିଶତ ଫଳାଫଳ ହୋଇଛି। ୯୮% ମାର୍କ ରଖି ସମୟରା ଆଞ୍ଜେଲିନା ପ୍ରଥମ ସ୍ଥାନରେ ରହିଛନ୍ତି। ଶିକ୍ଷକଙ୍କ କଠିନ ପରିଶ୍ରମ ଓ ଅଭିଭାବକଙ୍କ ସହଯୋଗ ଯୋଗୁ ଆଜି ଆମେ ସଫଳତା ପାଇଛୁ ବୋଲି ସ୍କୁଲର ଚେୟାରପର୍ସନ ଡ. ଶିଳ୍ପୀ ସାହୁ କହିଛନ୍ତି।

# ଦଶମରେ ବିଜେଇଏମ୍ ସ୍କୁଲ ଛାତ୍ରୀ ଦ୍ୱୈତ ଟପ୍ପର

**ଭୁବନେଶ୍ୱର, ୧୩।୫(ଅସମାପିକା ସାହୁ)**

ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ (ବିଜେଇଏମ୍) ସ୍କୁଲରେ ଚଳିତବର୍ଷ ୨୪୯ଜଣ ଛାତ୍ରୀଛାତ୍ର କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଅଧୀନରେ ଦଶମ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ଶ୍ରେୟା ରଥ ୪୯୭ ଅର୍ଥାତ୍ ୯୯.୪ ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସେ ମଧ୍ୟ ଦ୍ୱୈତ ଭାବେ ରାଜ୍ୟ ଟପ୍ପର ହୋଇଥିବା କୁହାଯାଉଛି। ସେହିପରି ୧୪୫ଜଣ ଛାତ୍ରୀଛାତ୍ର ଦ୍ୱାଦଶ ବିଜ୍ଞାନ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ଆଶୁତୋଷ କର ବିଜ୍ଞାନରେ ସର୍ବାଧିକ ୯୯ ପ୍ରତିଶତ ଓ ବାଣିଜ୍ୟରେ ଶେଖ୍ ହମିଦ୍ ରାଜା ସର୍ବାଧିକ ୯୩ ପ୍ରତିଶତ ମାର୍କ ରଖି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଏହି ଐତିହାସିକ ସଫଳତା ପାଇଁ ବିଦ୍ୟାଳୟର ଚେୟାରମ୍ୟାନ୍ ରଘୁନାଥ ମିଶ୍ର, ମ୍ୟାନେଜର ପ୍ରତାପ କୁମାର ଜେନା ମେଧାବୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଓଡିଏମ୍ ଗ୍ଲୋବାଲ୍ ସ୍କୁଲ୍‌ର ଛାତ୍ରୀଛାତ୍ରଙ୍କ କୃତିତ୍ୱ

**ଭୁବନେଶ୍ୱର,୧୩।୫ (ଅନୁରାଧା ମହାରଣା)**

୨୦୨୩-୨୪ ଶିକ୍ଷାବର୍ଷ ପାଇଁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦ୍ୱାଦଶ ଓ ଦଶମ ପରୀକ୍ଷାରେ ଓଡିଏମ୍ ଗ୍ଲୋବାଲ୍ ସ୍କୁଲ୍ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବିଜ୍ଞାନ ଓ ବାଣିଜ୍ୟ ବିଭାଗର ୧୬୧ଜଣ ଛାତ୍ରୀଛାତ୍ରଙ୍କ ପ୍ରଦର୍ଶନ ବିଦ୍ୟାଳୟ ପାଇଁ ଗୌରବ ଆଣିଛି। ବିଜ୍ଞାନ ଛାତ୍ର ଆଦିତ୍ୟ କର ୯୭.୮% ରଖି ବିଦ୍ୟାଳୟରେ ସର୍ବୋଚ୍ଚ ସ୍ଥାନରେ ରହିଛନ୍ତି। ଦେବାଶିଷ ପଣ୍ଡା ଓ ପ୍ରତ୍ୟୁଷ କୁମାର ମାସାନ୍ତ ଯୁଗ୍ମ ଭାବରେ ୯୭.୪% ରଖି ଦ୍ୱିତୀୟ ସ୍ଥାନରେ ଥିଲାବେଳେ ୯୫.୮% ରଖି ଶାଶ୍ୱତ ସୌମ୍ୟ ଦାସ ଓ ଅନିକେତ୍ ସେଠୀ ଯୁଗ୍ମ ଭାବେ ତୃତୀୟ ସ୍ଥାନରେ ଅଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ସୌରଭ ଖଣ୍ଡେଲ୍‌ୱାଲ୍ ୯୭% ଓ କଳା ବିଭାଗରେ ଅଙ୍କିତ୍ କୁମାର ୯୬.୪% ରଖି ପ୍ରଥମ ସ୍ଥାନରେ ରହିଛନ୍ତି। ୯୫ ପ୍ରତିଶତ ଉପରେ ୯ଜଣ ଏବଂ ୯୦ ପ୍ରତିଶତ ଉପରେ ୩୦ ଜଣ ଛାତ୍ରଛାତ୍ରୀ କୃତିତ୍ୱ ଲାଭ କରିଛନ୍ତି। ସେହିଭଳି ଦଶମ ଶ୍ରେଣୀରେ ମଧ୍ୟ ଶତ ପ୍ରତିଶତ ଫଳାଫଳ ହୋଇଥିବାବେଳେ ମହମ୍ମଦ ସୟିଫ୍ ରାଜା ୯୫.୮% ସହିତ ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଳଙ୍କୃତ କରିଛନ୍ତି ।

# ଶତପ୍ରତିଶତ ବିଦ୍ୟାର୍ଥୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ

## କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ




ସ୍ନେହା କୁମାରୀ | ବସୁନ୍ଧରା ରାୟ | ପ୍ରିୟଙ୍କା ଦାସ | ପଲକ ସାମନ୍ତରାୟ

**ଭୁବନେଶ୍ୱର,୧୩।୫ (ଅନୁରାଧା ମହାରଣା)**

ସିବିଏସ୍‌ଇ ଦ୍ୱାଦଶ ଓ ଦଶମ ପରୀକ୍ଷାରେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉଭୟ ଦଶମ ଓ ଦ୍ୱାଦଶରେ ସ୍କୁଲର ୪୫ ପ୍ରତିଶତ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଦଶମରେ ୨୫ ପ୍ରତିଶତ ଛାତ୍ରଛାତ୍ରୀ ୯୫%ରୁଅଧିକ ନମ୍ବର ରଖିଛନ୍ତି। ଆଦ୍ୟାଶା ଦାସ ସର୍ବାଧିକ ୯୮ ପ୍ରତିଶତ ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସେହିପରି ଦ୍ୱାଦଶ ବିଜ୍ଞାନରେ ସ୍ନେହା କୁମାରୀ ସର୍ବାଧିକ ୯୭ ପ୍ରତିଶତ ନମ୍ବର ରଖିଥିବା ବେଳେ ବାଣିଜ୍ୟରେ ପ୍ରିୟଙ୍କା ଦାସ ଓ ପଲକ ସାମନ୍ତରାୟ ସର୍ବାଧିକ ୯୭.୪ ନମ୍ବର ଓ ହ୍ୟୁମାନିଟିଜରେ ବସୁନ୍ଧରା ରାୟ ସର୍ବାଧିକ ୯୭.୪ ପ୍ରତିଶତ ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସ୍ପେଶାଲ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ସେନ୍ ଗ୍ଲୋବ୍‌ରେ ୧୧ଜଣ



ଆଦ୍ୟାଶା ଦାସ (ଦଶମ)

ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସମସ୍ତେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ସ୍କୁଲ୍‌ର ଗୁଣାତ୍ମକ ଶିକ୍ଷା ପ୍ରଣାଳୀ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନିଷ୍ଠା ଏବଂ ଛାତ୍ରୀଛାତ୍ରଙ୍କୁ ସମୟ ଉପଯୋଗୀ ପରାମର୍ଶ ଯୋଗୁ ୧୬ବର୍ଷ ହେବ ସଫଳତା ସମ୍ଭବ ହୋଇଆସୁଛି। ଏଥିପାଇଁ ସେ ସ୍କୁଲର ଚେୟାରପର୍ସନ ଡ. ମୋନାଲିସା ବଳ ଏବଂ ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ତଥା ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।



ସଫଳତାର ସହ କୃତିତ୍ୱ ଲାଭ କରିଥିବା ଡିପିଏସ୍ କଳିଙ୍ଗାର ଛାତ୍ରୀଛାତ୍ର।




ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

## ସଂକ୍ଷେପରେ

### ଉପଶାସନ ସଚିବ କାଳି ଚରଣ ହେମ୍ବ୍ରମଙ୍କ ପରଲୋକ



ଭୁବନେଶ୍ୱର,୧୩।୫(ଶର୍ମିଷ୍ଠା ପାଣିଗ୍ରାହୀ)

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଉପଶାସନ ସଚିବ କାଳି ଚରଣ ହେମ୍ବ୍ରମଙ୍କର ଗତ ୧୦ ତାରିଖ ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ଘଟିଛି। ତାଙ୍କୁ ୫୯ ବର୍ଷ ବୟସ ହୋଇଥିଲା। ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅନ୍ତର୍ଗତ କଳାପଥର ଗ୍ରାମ ନିବାସୀ ସ୍ୱର୍ଗତ ହେମ୍ବ୍ରମଙ୍କର ୩ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ତାଙ୍କ ବିୟୋଗରେ ଜିଏପିଜି ବିଭାଗ ସାଂସ୍କୃତିକ ଓ କ୍ରୀଡା ସଂସଦ ପକ୍ଷରୁ ଏକ ଶୋକସଭା ସୋମବାର ପୂର୍ବାହ୍ନରେ ଲୋକ ସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ସମେତ ଇଷ୍ଟେଟ ନିର୍ଦ୍ଦେଶକ ମନୋଜ କୁମାର ମହାନ୍ତି, ସ୍ୱତନ୍ତ୍ର ଶାସନ ସଚିବ ଡ. ହିମାଂଶୁ ଭୂଷଣ ପଣ୍ଡା, ଓଏସ୍‌ଡି ତଥା ସ୍ୱତନ୍ତ୍ର ଶାସନ ସଚିବ ଗଣେଶ ଚନ୍ଦ୍ର ପାତ୍ର, ଅତିରିକ୍ତ ଶାସନ ସଚିବ ଦେବବ୍ରତ ମଲ୍ଲିକ, ସଂଗ୍ରାମ କେଶରୀ ରାୟସର୍ଦ୍ଦାର, ଅର୍ଥ ପରାମର୍ଶଦାତା ସାଗରିକା ହୋତା ଏବଂ ଜିଏପିଜି ବିଭାଗର ଅନ୍ୟ ସମସ୍ତ ଶାଖା ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଦିବଂଗତ ଅମରାତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ। କାର୍ଯ୍ୟକ୍ରମକୁ ଜିଏପିଜି ବିଭାଗ ସାଂସ୍କୃତିକ ଓ କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଚିତ୍ତରଞ୍ଜନ ପଣ୍ଡା ଓ ସାଧାରଣ ସମ୍ପାଦକ ଅମିୟ କୁମାର ଦାସ ପରିଚାଳନା କରିଥିଲେ।

### ଡକାୟତି ଯୋଜନା ବେଳେ ୫ ଗିରଫ, ମାରଣାସ୍ତ୍ର ଜବତ

ଭୁବନେଶ୍ୱର,୧୩।୫(ସୂର୍ଯ୍ୟକାନ୍ତ ବେହେରା)

ଜାତୀୟ ରାଜପଥ ନମ୍ବର ୧୬ରେ ଯାଉଥିବା ଟ୍ରକ୍, କାର୍ ଓ ବାଇକ ଚାଳକଙ୍କଠାରୁ ଲୁଟ୍ ପାଇଁ ଯୋଜନାବେଳେ ମଞ୍ଚେଶ୍ୱର ଥାନା ପୋଲିସ ଜରିପାଟଣା ବାଲିଯାତ୍ରା ପଡିଆରେ ଚଢ଼ାଉ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଭୋଇ ସାହିର ରୋହିତ ଭଞ୍ଜ, କାହ୍ନା ଭୋଇ, ସାଗର ଭୋଇ ଓ ଅନ୍ୟ ୨ଜଣ ହେଲେ ଚକେଇସିଆଣିର ପ୍ରଭାତ ଜେନା ଓ ବିକାଶ ବେହେରା। ସେମାନଙ୍କଠାରୁ ଗୋଟିଏ ଖଣ୍ଡା, ୨ ଛୁରି, କଟୁରି, ଲୁହାରଡ ଜବତ ହୋଇଛି। ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ଆର୍ମସ ଆକ୍ଟରେ ଏକାଧିକ ମାମଲା ମଞ୍ଚେଶ୍ୱର ଥାନାରେ ରହିଥିବା ପୋଲିସ କହିଛି। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ୩୦ମିନିଟ୍ ବହି ପଢ଼ିଲେ ଚଳଚ୍ଚିତ୍ର ଦେଖିବାର ସୁଯୋଗ

## ବକୁଳରେ ଅନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ଉତ୍ସବ, ୧୭ ଯାଏ ଚାଲିବ

### ଇରାନ ଚଳଚ୍ଚିତ୍ର 'ଦ କଲର ଅଫ୍ ପାରାଡାଇଜ'ର ସ୍କ୍ରିନିଂ

ଭୁବନେଶ୍ୱର,୧୩।୫(ଶର୍ମିଷ୍ଠା ପାଣିଗ୍ରାହୀ)






ଇରାନ ଚଳଚ୍ଚିତ୍ର 'ଦ କଲର ଅଫ୍ ପାରାଡାଇଜ'ର ଏକ ଦୃଶ୍ୟ। ଶିଶୁ, ଯୁବବର୍ଗଙ୍କ ସହ ସମସ୍ତେ ବସି ଚଳଚ୍ଚିତ୍ର ଦେଖୁଛନ୍ତି।

ବକୁଳ ଫାଉଣ୍ଡେଶନ ପକ୍ଷରୁ ବକୁଳ ଲାଇବ୍ରେରିଠାରେ 'ଅନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ଉତ୍ସବ'ର ୩ୟ ସଂସ୍କରଣ ରବିବାରଠାରୁ ଆରମ୍ଭ ହୋଇଯାଇଛି। ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଉତ୍ସବରେ ପ୍ରତିଦିନ ଅପରାହ୍ନ ୫ଟାରୁ ଫିଲ୍ମ ପ୍ରଦର୍ଶନ ଆରମ୍ଭ ହେଉଛି। ତେବେ ୩୦ ମିନିଟ୍ ବହି ପଢ଼ିବା ପରେ ହିଁ ଏହି ଫିଲ୍ମ ଦେଖିବାର ସୁଯୋଗ ମିଳୁଛି, ଯାହାକି ଏକ ଭିନ୍ନ ବାର୍ତ୍ତା ଦେଉଛି। ଇଟାଲୀ, ଇରାନ, ଜାପାନ, କୋରିଆ, କାନାଡା ଏବଂ ଭାରତର ସର୍ବୋତ୍ତମ ସିନେମାର ଏକ ନିଆରା ଅନୁଭୂତି ନେବା ପାଇଁ ଶିଶୁଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ସାମିଲ ହେଉଛନ୍ତି। ଚଳଚ୍ଚିତ୍ରଗୁଡ଼ିକରେ ଆନିମେଶନଠାରୁ ସାମାଜିକ ନାଟକ ଏବଂ କମେଡି ପର୍ଯ୍ୟନ୍ତ ଶୈଳୀର ବିବିଧତା ରହିଛି। ସୋମବାର ଇରାନ ଚଳଚ୍ଚିତ୍ର 'ଦ କଲର ଅଫ୍ ପାରାଡାଇଜ୍' ସ୍କ୍ରିନିଂ ହୋଇଥିଲା। ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଜିତ ମହାପାତ୍ର କହିଛନ୍ତି, ଯେତେବେଳେ ପିଲାମାନେ ବିଭିନ୍ନ ସଂସ୍କୃତିରୁ ଆସୁଥିବା ସିନେମାର ସୌନ୍ଦର୍ଯ୍ୟର ସମ୍ମୁଖୀନ ହୁଅନ୍ତି, ସେତେବେଳେ ସେମାନଙ୍କର କଳ୍ପନା ଖୋଲିଯାଏ। ସେମାନେ ଜାଣନ୍ତି ଯେ କଳ୍ପନା କରିବା କିମ୍ବା ଜିନିଷ ସୃଷ୍ଟି କରିବାର କେବଳ ଏକମାତ୍ର ଉପାୟ ନାହିଁ, ବହୁତ ଉପାୟ ଅଛି। ଚଳିତବର୍ଷର ଚଳଚ୍ଚିତ୍ର ମହୋତ୍ସବରେ ସବୁଠାରୁ କୌତୂହଳପୂର୍ଣ୍ଣ ବିଷୟ ହେଉଛି ଯେ ଚଳଚ୍ଚିତ୍ର ଦେଖିବା ପାଇଁ ଜଣଙ୍କର ଟିକେଟ ହେଉଛି ୩୦ମିନିଟ୍ ପୁସ୍ତକ ପଢ଼ିବା ପରେ ହିଁ ଫିଲ୍ମ ଦେଖିପାରିବ ବୋଲି ସେ କହିଛନ୍ତି। ମହୋତ୍ସବର କ୍ୟୁରେଟର ସୌଭାଗ୍ୟ ବେଉରା ରହିଛନ୍ତି।

# ଚିକିତ୍ସା କ୍ଷେତ୍ରରେ ସେବିକାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



### ସ୍ୱର୍ଶ ହସ୍ପିଟାଲ୍ ଗ୍ରୁପ୍‌ର ଅନ୍ତର୍ଜାତୀୟ ସେବିକା ଦିବସ

ଭୁବନେଶ୍ୱର,୧୩।୫ (ଅନୁରାଧା ମହାରଣା)

ସ୍ୱର୍ଶ ହସ୍ପିଟାଲ୍ ଗ୍ରୁପ୍ ପକ୍ଷରୁ 'ଅନ୍ତର୍ଜାତୀୟ ସେବିକା ଦିବସ' ପାଳିତ ହୋଇଯାଇଛି। ଚିକିତ୍ସା କ୍ଷେତ୍ରରେ ଯେମିତି ଡ଼ାକ୍ତରଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ, ଠିକ୍ ସେହିଭଳି ସେବିକାଙ୍କ ଚିକିତ୍ସା ଏବଂ ସେବାର ଭୂମିକା ସେତିକି ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ ପାଇଛି। ସ୍ୱର୍ଶ ହସ୍ପିଟାଲ୍ ଗ୍ରୁପ୍ ପକ୍ଷରୁ ମୁଖ୍ୟ ପରିଚାଳନା ଅଧକ୍ଷ ଡା. ପ୍ରିୟବ୍ରତ ଧୀରଙ୍କ ପକ୍ଷରୁ ସେବିକାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଅବସରରେ ସେବିକାମାନଙ୍କର ତ୍ୟାଗପୂତ ସେବା ଓ ରୋଗୀମାନଙ୍କୁ ଉନ୍ନତମାନର ସେବା ପ୍ରଦାନ ଦିଗରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ନିର୍ମଳା ଟ୍ରଷ୍ଟର ପ୍ରତିଷ୍ଠାତା ନୃସିଂହ ଚରଣ ଧୀର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ବରିଷ୍ଠ କର୍କଟ ବିଶେଷଜ୍ଞ ପ୍ରଫେସର ଡା. ଘନଶ୍ୟାମ ବିଶ୍ୱାସ, ବିତ୍ତ ଅଧିକାରୀ ସି ଏ ବିଧୁ ଭୂଷଣ ନାୟକ, ମସ୍ତିଷ୍କ ଏବଂ କର୍ଣ୍ଣ-ନାସା-ଗଳା ବିଭାଗର ବରିଷ୍ଠ ବିଶେଷଜ୍ଞ ପ୍ରଫେସର ଡା. ରାଜେଶ କୁମାର ପାଢ଼ୀ, ସ୍ୱର୍ଶ ହସ୍ପିଟାଲ୍ ଗ୍ରୁପ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଅନୁଜ କୁମାର ତିୱାରୀ, କଣ୍ଟାବାଡ଼ ହସ୍ପିଟାଲ୍‌ର ଅଧୀକ୍ଷକ ଡା. ମଦନମୋହନ ଦତ୍ତ, କଣ୍ଟାବାଡ଼ ହସ୍ପିଟାଲ୍‌ର କାର୍ଯ୍ୟକାରୀ ସମ୍ପାଦକ ଶରତ ଚନ୍ଦ୍ର ଭଞ୍ଜ, ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ରାଜ୍ୟ ସରକାରଙ୍କ ଦ୍ୱାରା ସମ୍ମାନିତ ବରିଷ୍ଠ ସାରସ୍ୱତ ସାଧକ ଡା. ଦିବାକର ମାନସିଂହ, ହସ୍ପିଟାଲ୍‌ର ବରିଷ୍ଠ ଡାକ୍ତରମାନେ ଯୋଗଦେଇ ସେବିକାଙ୍କୁ ଉତ୍ସାହିତ କରିଥିଲେ। ସେବିକାଙ୍କ ସେବା ମନୋବୃତ୍ତିରେ କିପରି ଉନ୍ନତି ଆସିବ ସେହି ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଡା. ଦେବାଶିଷ ଦାସ ଏବଂ ସଂଚୟିତା ଜେନା ସେବିକାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

### ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୯୦% ଆସନରେ ଜିତିବ ଦଳ: ବିଜେଡି

ଭୁବନେଶ୍ୱର,୧୩।୫ (ଅନିଲ ଦାସ)

ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହେବା ପରେ ଯେଉଁ ଫିଡବ୍ୟାକ୍ ଆସୁଛି, ତାହା ଅନୁଯାୟୀ ବିଜୁ ଜନତା ଦଳ ଏହି ପର୍ଯ୍ୟାୟ ନିର୍ବାଚନରେ ଉଲ୍ଲେଖନୀୟ ସଫଳତା ହାସଲ କରୁଛି। ୨୦୧୯ ନିର୍ବାଚନ ତୁଳନାରେ ୨୦୨୪ରେ ପ୍ରଦର୍ଶନ ଆହୁରି ଭଲ ରହୁଛି । ପ୍ରଥମ ପର୍ଯ୍ୟାୟରେ ଦଳ ୯୦ ପ୍ରତିଶତରୁ ଅଧିକ ଆସନରେ ବାଜିମାତ୍ କରୁଛି । ସୋମବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଜେଡି ଜାତୀୟ ମୁଖପାତ୍ର ସସ୍ମିତ ପାତ୍ର ଏଭଳି ଦୃଢ଼ୋକ୍ତି କରିଛନ୍ତି। ଆଗାମୀ ସମସ୍ତ ପର୍ଯ୍ୟାୟରେ ବିଜୁ ଜନତା ଦଳ ଉଲ୍ଲେଖନୀୟ ସଫଳତା ପାଇବ। ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ସେବାରେ ନିୟୋଜିତ ରହିବ ବୋଲି ସେ କହିଛନ୍ତି।

### ଆକ୍ରମଣରେ ଯୁବକ ମୃତ

କଣାସ,୧୩।୫(ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲା କଣାସ ବ୍ଲକ ଅଧୀନ ଗଡ଼ିଶାଗୋଡା ଥାନା ଦେଇପୁର ଗ୍ରାମରେ ରବିବାର ସନ୍ଧ୍ୟାରେ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସମୀର ପଲାଇ(୩୮)। ପୋଲିସ ମୃତଦେହ ଜବତ ସହ ଏକ ମାମଲା (ନଂ.୯୯/୨୪)ରେ ରୁଜୁ କରି ତଦନ୍ତ ଚଳାଇଛି।

# ବିଜେଡି କର୍ମକର୍ତ୍ତା ନିଯୁକ୍ତ

### ରାମକୃଷ୍ଣ ଦାସ ମହାପାତ୍ର ରାଜ୍ୟ ସାଧାରଣ ସମ୍ପାଦକ

ଭୁବନେଶ୍ୱର,୧୩।୫(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଜନତା ଦଳର ବିଭିନ୍ନ କର୍ମକର୍ତ୍ତାଙ୍କୁ ନିଯୁକ୍ତି ଦିଆଯାଇଛି। ସଞ୍ଜୀବ ପରିଡ଼ାଙ୍କୁ ବିଜେଡି ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସ୍ମିତାରାଣୀ ସ୍ୱାଇଁଙ୍କୁ ପଦ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀ ଏବଂ ସାଗରିକା ଗୁରୁଙ୍କୁ ବଲାଙ୍ଗୀର ଓ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ରାମକୃଷ୍ଣ ଦାସ ମହାପାତ୍ରଙ୍କୁ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଭାବେ ମଧ୍ୟ ନିଯୁକ୍ତ କରାଯାଇଛି। ପୁରୀ ଜିଲା ବିଜେଡି କମିଟିରେ ୩ ଜଣ ଜିଲା ଉପସଭାପତିଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ୧୦ ଜଣ ସମ୍ପାଦକ, ଜଣେ ବିଜୁ ଯୁବ ଜନତା ଦଳର ଉପସଭାପତି, ୮ ଜଣ ସାଧାରଣ ସମ୍ପାଦକ, ଜଣଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ଜିଲା ବିଜେଡି ଉପସଭାପତି ଭାବେ ମନୋରଞ୍ଜନ ପୁଷ୍ପପାଳକ, ରବିଶଙ୍କର ପ୍ରତିହାରୀ, ପୀତବାସ ଫାରାଙ୍କୁ ନିଯୁକ୍ତି ଦିଆଯାଇଛି।

ସେହିପରି ଅରୁଣ କୁମାର ମିଶ୍ର ଓ ପ୍ରୀତମ ଜଗଦ୍ଦେବଙ୍କୁ ବିଜୁ ଯୁବ ଜନତା ଦଳ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ନିରଞ୍ଜନ ନାୟକଙ୍କୁ ସାଧାରଣ ସମ୍ପାଦକ ଏବଂ ଅସୀତ ମେକାପଙ୍କୁ ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି।

ସେହିପରି ପୁରୀ ସହରର ନିର୍ବାଚନ ସଂଯୋଜକ ଭାବେ ୯ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନେ ହେଲେ ରାମକୃଷ୍ଣ ଦାସମହାପାତ୍ର, ଦିବାକର ପାତ୍ର, ସୁରେନ୍ଦ୍ର ନାଥ ଦାଶ, ଶାନ୍ତିଲତା ପ୍ରଧାନ, ଗୌରହରୀ ପ୍ରଧାନ, ଭକ୍ତ ଚରଣ ଦାସ, ବାବୁଲା ପ୍ରସାଦ, କୃଷ୍ଣ ଚନ୍ଦ୍ର ପଣ୍ଡା ଏବଂ ଭଗବାନ ପଡ଼ିଆରୀ।

## ସିବିଏସ୍‌ଇ ପରୀକ୍ଷାଫଳ

### ଡିପିଏସ୍ କଳିଙ୍ଗରେ ଉତ୍ସାହଜନକ ରେଜଲ୍ଟ

ଭୁବନେଶ୍ୱର,୧୩।୫ (ଅନୁରାଧା ମହାରଣା)

ସିବିଏସ୍‌ଇ ଦ୍ୱାଦଶ ଓ ଦଶମ ପରୀକ୍ଷାଫଳକୁ ନେଇ ଡିପିଏସ୍ କଳିଙ୍ଗରେ ଉତ୍ସାହ ଦେଖିବାକୁ ମିଳିଛି। ଦ୍ୱାଦଶ ବିଜ୍ଞାନରେ ଆୟୁଷ ଆୟୁଷ୍ମାନ ଏବଂ ସ୍ୱସ୍ତିକ କୁମାର ରାଉତ ଯୁଗ୍ମ ଭାବେ ୯୮.୪% ମାର୍କ ରଖି ପ୍ରଥମ ସ୍ଥାନରେ ରହିଛନ୍ତି। ମହମ୍ମଦ ଅସିଫ୍ ୯୭.୪ ମାର୍କ ସହ ଦ୍ୱିତୀୟ ଓ ୯୫.୪ ପ୍ରତିଶତ ମାର୍କ ରଖି ପ୍ରତୀକ ଚୌରାସିଆ ତୃତୀୟ ସ୍ଥାନରେ ରହିଛନ୍ତି। ବାଣିଜ୍ୟ ବିଭାଗରେ ୯୬.୪% ମାର୍କ ରଖି ନିୟତି ଅଗ୍ରୱାଲ ପ୍ରଥମ, ୯୫% ମାର୍କ ରଖି ନନ୍ଦିକା ଅଗ୍ରୱାଲ ଦ୍ୱିତୀୟ ଏବଂ ୯୪.୬% ମାର୍କ ସହ ଦିବ୍ୟା ଅଗ୍ରୱାଲ ତୃତୀୟ ହୋଇଛନ୍ତି। ହ୍ୟୁମାନିଟିଜ୍‌ରେ ୯୬.୮% ମାର୍କ ସହ ଶୀତଲ ମେହେକ ରାଉତରାୟ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଆର୍ଯ୍ୟନ ଭଟ୍ଟାଚାର୍ଯ୍ୟ ଓ ପାରିତୋଷ ମୋଦି ଯୁଗ୍ମ ଭାବେ ୯୬.୪% ମାର୍କ ରଖି ଦ୍ୱିତୀୟ ସ୍ଥାନରେ ଥିବାବେଳେ ଅମ୍ରିତା ଷଡ଼ଙ୍ଗୀ ଓ ପ୍ରମୋଦ ସ୍ମରଣିକା ରାଣୀ ୯୬.୨ ପ୍ରତିଶତ ମାର୍କ ରଖି ଯୁଗ୍ମ ଭାବେ ବିଦ୍ୟାଳୟରେ ତୃତୀୟ ସ୍ଥାନରେ ରହିଛନ୍ତି। ଦଶମରେ ୯୮.୬% ମାର୍କ ରଖି ପ୍ରିୟାଣୀ ରଥ ସ୍କୁଲ୍ ଟପ୍ପର ହୋଇଥିବାବେଳେ ୯୮.୪% ମାର୍କ ସହ ଦୀବନୀତ କୌର ଓ ସ୍ମୁତି ଖୁଣ୍ଟିଆ ଯୁଗ୍ମ ଭାବେ ଦ୍ୱିତୀୟରେ ରହିଛନ୍ତି। ସେହିଭଳି ୯୮.୨% ମାର୍କ ସହ ଶ୍ରେଷ୍ଠା ବିଦ୍ୟାଳୟରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

### ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ

ଭୁବନେଶ୍ୱର,୧୩।୫ (ଅନୁରାଧା ମହାରଣା)

ସିବିଏସ୍‌ଇ ଦ୍ୱାଦଶ ଓ ଦଶମ ପରୀକ୍ଷାରେ ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ ଶତ ପ୍ରତିଶତ ସଫଳତା ହାସଲ କରିଛି। ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀର ୧୭୦ ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନ ବିଭାଗରେ ଦେବାଂଶୀ ପାଣି ଏବଂ ଶ୍ରେୟାସ ପ୍ରଧାନ ଯୁଗ୍ମ ଭାବେ ୯୫.୪ % ମାର୍କ ସହ ପ୍ରଥମ ସ୍ଥାନରେ ରହିଛନ୍ତି। ସେହିପରି ବାଣିଜ୍ୟ ବିଭାଗର କାଶିସ୍ ଲୋମାସ୍ ୮୬% ଓ କଳା ବିଭାଗର ଆକାଂକ୍ଷା ଶର୍ମା ୯୩.୩ % ମାର୍କ ରଖି ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେହିପରି ଦଶମ ପରୀକ୍ଷାରେ ୯୦ଜଣ ଛାତ୍ରୀଛାତ୍ର ୯୦%ରୁ ଅଧିକ ମାର୍କ ରଖିଥିବାବେଳେ ୨୫୦ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ର ସକ୍ଷମ ସୁଜୟ ୯୯.୨% ନମ୍ବର ସହ ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଓଁକାର ନାଥ ଏବଂ ସମ୍ପ୍ରିତା ମିଶ୍ର ଯୁଗ୍ମ ଭାବେ ୯୮.୪ % ମାର୍କ ରଖିଛନ୍ତି। ଏହି ଅବସରରେ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱାମୀ ଶଙ୍କରାନନ୍ଦ ଗିରି, ବିଦ୍ୟାଳୟ ସମ୍ପାଦିକା ଡ. ବୀଣାପାଣି ରଥ, ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ମିଶ୍ର, ଅଧକ୍ଷ ପବିତ୍ର ମୋହନ ପଣ୍ଡା କୃତି ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଗୌରବ ଆଣିଲେ ଡିଏଭି ପୋଖରୀପୁଟ ଛାତ୍ରୀଛାତ୍ର




ଭୁବନେଶ୍ୱର,୧୩।୫ (ଅନୁରାଧା ମହାରଣା)

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଡିଏଭି ପୋଖରୀପୁଟର ବିଦ୍ୟାର୍ଥୀ ଶତପ୍ରତିଶତ ସଫଳତା ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ମୋଟ ୨୫୮ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୨ଜଣ ୯୦%ରୁ ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଦ୍ୱାଦଶ ବିଜ୍ଞାନରେ ବିଦ୍ୟାଳୟର ସାମଗ୍ରିକ ପାସ୍‌ହାର ୮୨.୭୪ ପ୍ରତିଶତ ଥିବାବେଳେ ବାଣିଜ୍ୟରେ ୮୦.୫୭ ଓ କଳାରେ ୮୯.୫୧ ପ୍ରତିଶତ ରହିଛି। ବିଜ୍ଞାନରେ ଯଶ୍ କୁମାର ସାଓ ପ୍ରଥମ, ରୋଶନୀ ମିଶ୍ର ଦ୍ୱିତୀୟ, ବିଦ୍ୟାଶା ସେଠୀ ତୃତୀୟ, ବାଣିଜ୍ୟରେ ପ୍ରିୟାଶା ପଟ୍ଟନାୟକ ପ୍ରଥମ, ରିଷିତା କୌର ଦ୍ୱିତୀୟ, ଈଶା ଦାଶ ତୃତୀୟ ଓ କଳାରେ ଅର୍ପିତ ଆୟୁଷ କର ପ୍ରଥମ, ସୁଶ୍ରୀ ଉଷାକିରଣ ପାଲୋ ଦ୍ୱିତୀୟ ଓ ଟର୍ଷ୍ମା କୁଳଦୀପ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଦଶମ ପରୀକ୍ଷାରେ ବିଦ୍ୟାଳୟର ସାମଗ୍ରିକ ସଫଳତା ୮୭.୦୮% ରହିଛି। ଦଶମର ମୋଟ ୧୯୪ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୦୪ ବିଦ୍ୟାର୍ଥୀ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନ୍ୱେଷା ପ୍ରିୟଦର୍ଶିନୀ ୯୮.୪୦% ନମ୍ବର ସହ ପ୍ରଥମ, ସମୀକ୍ଷା ବୋଇତେଇ ଓ ସମୀଧା ତ୍ରିପାଠୀ ଯୁଗ୍ମଭାବେ ୯୮% ରଖି ଦ୍ୱିତୀୟ ଏବଂ ୯୭.୮୦% ନମ୍ବର ସହ ସାଇ ଶ୍ରୀଚନ୍ଦନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା ସମିତିର ଚେୟାରମ୍ୟାନ ଡ. ଅରୁଣ କୁମାର ରଥ, ଡିଏଭି ବିଦ୍ୟାଳୟ ସମୂହ ଓଡ଼ିଶା ଜୋନ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ଡ. କେ. ସି. ଶତପଥୀ ଏବଂ ବିଦ୍ୟାଳୟ ଅଧକ୍ଷ ବିପିନ କୁମାର ସାହୁ ଅଭିନନ୍ଦନ ଜଣାଇଛନ୍ତି।

# ୩ ରଥର ୧୧ଡୁମ୍ବର ଗୋଲେଇ କାର୍ଯ୍ୟ ଶେଷ

ପୁରୀ,୧୩।୫(ଅଜିତ୍ କୁମାର ମହାନ୍ତି)



କମାର ଶିଳ୍ପୀମାନେ ରଥର ଅରକଣ୍ଟା ପ୍ରସ୍ତୁତି କରୁଛନ୍ତି ।

ଶ୍ରୀନହର ସମ୍ମୁଖସ୍ଥ ଅସ୍ଥାୟୀ ରଥ ଖଳାରେ ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ପବିତ୍ର ଅକ୍ଷୟ ତୃତୀୟାଠାରୁ ତିନି ରଥର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ରଥ ନିର୍ମାଣର ତୃତୀୟ ଦିନ ସୋମବାର ସନ୍ଧ୍ୟା ସୁଦ୍ଧା ୩ ରଥର ୪୨ ଗୋଟି ଡୁମ୍ବ ମଧ୍ୟରୁ ୧୧ଗୋଟି ଡୁମ୍ବର ଗୋଲେଇ କାର୍ଯ୍ୟ ସହ ମଠା କାର୍ଯ୍ୟ ଶେଷ ହୋଇଛି। ୧୧ଗୋଟି ମଧ୍ୟରୁ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥର ୧୪ ଗୋଟି ଡୁମ୍ବରୁ ୪ଗୋଟି ଡୁମ୍ବର କାର୍ଯ୍ୟ ଶେଷ ହୋଇଛି। ସେହିପରି ମା' ସୁଭଦ୍ରାଙ୍କ ଦେବୀଦଳନ ରଥର ୧୨ଗୋଟି ଡୁମ୍ବ ମଧ୍ୟରୁ ୩ଗୋଟି ଡୁମ୍ବର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ୧୬ ଗୋଟି ଡୁମ୍ବ ମଧ୍ୟରୁ ୪ଗୋଟି ଡୁମ୍ବର କାର୍ଯ୍ୟ ଶେଷ ହୋଇଛି। ଏହିପରି ମୋଟ ୧୧ଡୁମ୍ବର ଗୋଲେଇ ସହ ମଠା କାର୍ଯ୍ୟ ଶେଷ ହୋଇଛି। ରଥଖଳାରେ କରତି ସେବକମାନେ ୨୦ଗୋଟି ଡୁମ୍ବ ଗଡ଼ ଚିରଟ କରି ୩ ରଥଚାଳିକୁ ଯୋଗାଉଛନ୍ତି। ସେଥିମଧ୍ୟରୁ ତାଳଧ୍ୱଜ ରଥ ଚାଳିକୁ ୭, ଦେବୀରଥଚାଳିକୁ ୬ ଏବଂ ନନ୍ଦିଘୋଷ ରଥଚାଳିକୁ ୭ ଡୁମ୍ବ ଗଡ଼ କରତି ସେବକ ଚିରଟ କରି ଯୋଗାଇଛନ୍ତି। ଅପରପକ୍ଷରେ ବାକି ଡୁମ୍ବଗଡ଼କୁ ଚିରଟ ପାଇଁ ୩ ରଥର ମୁଖ୍ୟ ମହାରଣା ସେବକମାନେ ଉଦ୍ଦିଷ୍ଟ ଫାଶୀ କାଠଗୁଡ଼ିକରେ ମାପ ଚିହ୍ନ ଦେବା ପରେ ଭୋଇ ସର୍ଦ୍ଦାରଙ୍କ ତତ୍ତ୍ୱାବଧାନରେ ଭୋଇ ସେବକମାନେ ଡୁମ୍ବ ଚିରଟ ପାଇଁ କାଠଗଡ଼ଗୁଡ଼ିକୁ ସାଇଜ୍ କରି ରଖିଛନ୍ତି। ସେହିପରି ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନିରଥ ପାଇଁ ଅରକଣ୍ଟା ପ୍ରସ୍ତୁତି ଜାରି ରଖିଛନ୍ତି।

# ସିଏସ୍‌ଆଇଆର୍ - ଆଇଏମ୍‌ଏମ୍‌ଟି ପରିଦର୍ଶନ କଲେ ଡ. ଏମ୍.ରବିଚନ୍ଦ୍ରନ

### ଆଡଭାନ୍ସଡ୍ ଏକ୍ସଟ୍ରାକ୍ଟିଭ୍ ମେଟାଲୁରଜି ପାଇଲଟ୍ ପ୍ଲାଣ୍ଟ ବିଲ୍ଡିଂ ଉଦ୍‌ଘାଟିତ

ଭୁବନେଶ୍ୱର,୧୩।୫(ଶର୍ମିଷ୍ଠା ପାଣିଗ୍ରାହୀ)




ସିଏସ୍‌ଆଇଆର୍ - ଆଇଏମ୍‌ଏମ୍‌ଟିର ହୀରକ ଜୟନ୍ତୀ ଅବସରରେ 'ଡାଇମଣ୍ଡ ଜୁବିଲି ଫାଉଣ୍ଡେଶନ ଡେ ଲେକ୍ଚର ଅଫ୍ ଏମିନେନ୍ସ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଆର୍ଥ ସାଇନ୍ସ ମନ୍ତ୍ରଣାଳୟର ସଚିବ ଡ. ଏମ୍. ରବିଚନ୍ଦ୍ରନ ଯୋଗଦେଇଥିଲେ। ସେ ସିଏସ୍‌ଆଇଆର୍- ଆଇଏମ୍‌ଏମ୍‌ଟିର ବିଭିନ୍ନ ବିଭାଗ ଯଥା ହାଇଡ୍ରୋ ଆଣ୍ଡ ଇଲେକ୍ଟ୍ରୋମେଟାଲର୍ଜି ବିଭାଗ, ମିନେରାଲ ପ୍ରୋସେସିଂ ବିଭାଗ, ପାଇଲଟ୍ ପ୍ଲାଣ୍ଟ, ସେଣ୍ଟ୍ରାଲ କ୍ୟାରାକ୍ଟାରାଇଜେଶନ ବିଭାଗ ଆଦି ପରିଦର୍ଶନ କରିବା ସହିତ ବୈଜ୍ଞାନିକ, କର୍ମଚାରୀ ଏବଂ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇନ୍ସେସ (ଆଇଏଲ୍‌ଏସ୍)ର ନିର୍ଦ୍ଦେଶକ ଡ. ଦେବାଶିଷ ଦାଶ ଏବଂ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ଭୁବନେଶ୍ୱରର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ମୁଖ୍ୟ ବୈଜ୍ଞାନିକ ଡ. କାଳୀ ସଞ୍ଜୟ ସ୍ୱାଗତ ଭାଷଣ ଦେବା ସହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶିକା ମନୋରମା ମହାନ୍ତି ତଥ୍ୟଭିତ୍ତିକ ଆଲୋଚନା କରିବା ସହ ଭବିଷ୍ୟତରେ ବୈଜ୍ଞାନିକ ହେବାକୁ ଥିବା ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ଆଡ୍‌ଭାନ୍ସଡ ଏକ୍ସଟ୍ରାକ୍ଟିଭ୍ ମେଟାଲୁରଜି ପାଇଲଟ୍ ପ୍ଲାଣ୍ଟ ବିଲ୍ଡିଂକୁ ଅତିଥିମାନେ ଉଦ୍‌ଘାଟନ କରିବା ସହ ଗବେଷଣା ଓ ନବସୃଜନ ପାଇଁ ଏହାକୁ ଉତ୍ସର୍ଗୀକୃତ କରିଥିଲେ। ଆଇଏଲ୍‌ଏସ୍ ଏବଂ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା।

**ସଂକ୍ଷେପରେ**

## ପଙ୍କାଲରେ ରଣେନ୍ଦ୍ର ପ୍ରତାପଙ୍କ ନିର୍ବାଚନ ପ୍ରଚାର

**ତିଗିରିଆ,୧୩/୫(ଜାଫର ଖାଁ ):** ତିଗିରିଆ ବ୍ଲକ ଅନ୍ତର୍ଗତ ଜେମାଦେଇପୁର ପଞ୍ଚାୟତର ସଂଖ୍ୟା ଲଘୁସମ୍ପ୍ରଦାୟ ଗ୍ରାମ ପଙ୍କାଲରେ ଆଠଗଡ ନିର୍ବାଚନ ମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ସୋମବାର ନିର୍ବାଚନୀ ପ୍ରଚାର କରିଛନ୍ତି। ଆଠଗଡ଼ ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପୂର୍ବାହ୍ନରେ ଜାମା ମସ୍‌ଜିଦରେ ପହଞ୍ଚିବା ପରେ ଗ୍ରାମ କମିଟି ତରଫରୁ ସଭାପତି ଅବଦୁଲ ଇସ୍‌ମାଇଲ ଖାଁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ମସଜିଦରେ ପ୍ରାର୍ଥନା କରିବା ସହ ଉପସ୍ଥିତ ମହିଳା ଓ ପୁରୁଷଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ସେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବା ସହ ମୁସଲିମ୍ ଛାତ୍ରୀମାନଙ୍କ ହିଜାବ ନ ପିନ୍ଧିବା ଆଇନ୍‌କୁ ବିରୋଧ କରିଥିଲେ। ପରେ ଗ୍ରାମର ସୁରତ ନଗର ମସଜିଦଠାରେ ଗ୍ରାମ ମୁରବୀଙ୍କ ସହିତ ଆଲୋଚନା କରିଥିଲେ। ଏଥିରେ ମହମ୍ମଦ ସୁବାନ, ଶାବାଜ ଖାଁ, ଫର୍ଜନ ଅଲ୍ଲୀ, ରୋଶନ ଖାଁ, ଭାଗିରଥୀ ନନ୍ଦ, ବସିରୁଲ ହକ୍, ସାହାଦତ ଖାଁ, ସରାଫତ ଖାଁ, ମହମ୍ମଦ ମୋଜିବୁଲ ହକ, ମହମ୍ମଦ ସୋଲେମାନ, ୟାମିନ ଖାଁ ପ୍ରମୁଖ ଯୋଗଦେଇଥିଲେ।

## ବାଙ୍କୀ ନିର୍ବାଚନ ମଣ୍ଡଳୀରେ ମତଦାତା ମାର୍ଗଦର୍ଶିକା ବଣ୍ଟନ

**ବାଙ୍କୀ, ୧୩।୫(ସତ୍ୟରଞ୍ଜନ ସାହୁ):** ବାଙ୍କୀ ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟରମାନଙ୍କ ମଧ୍ୟରେ ବୁଥ୍ ଲେବେଲ ଅଫିସରମାନଙ୍କ ଦ୍ୱାରା ସୋମବାର ମତାଦାତା ମାର୍ଗଦର୍ଶିକା ବଣ୍ଟନ କରାଯାଇଛି। ଏଥିରେ ନିର୍ବାଚନରେ ଭୋଟ ଦେବାର ପ୍ରକ୍ରିୟା ସମ୍ବନ୍ଧରେ ବିବରଣୀ ପ୍ରଦାନ କରାଯାଇଛି। ପୋଲିଂ ବୁଥ୍ ସମ୍ବନ୍ଧୀୟ ତଥ୍ୟ ଠାରୁ ଆରମ୍ଭ କରି ମତଦାନ ଦିବସ ଦିନ ସାଙ୍ଗରେ ନେବାକୁ ଥିବା ନିଜର ପରିଚୟ ପତ୍ର, ମତଦାନ କରିବାର କ୍ରମଭିତ୍ତିକ ପ୍ରକ୍ରିୟା, ପୋଷ୍ଟାଲ ବାଲଟ ଏବଂ ହୋମ ଭୋଟିଙ୍ଗ ପ୍ରକ୍ରିୟା ର ସମସ୍ତ ତଥ୍ୟ ମାର୍ଗଦର୍ଶିକାରେ ପ୍ରଦାନ କରାଯାଇଛି। ମତାଦାତାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରସାଶନ ପକ୍ଷରୁ ଏଭଳି ପଦକ୍ଷେପମାନ ନିଆଯାଇଛି।

## ଭାଜପାର ମିଶ୍ରଣ ପର୍ବ

**ବାଙ୍କୀ ,୧୩।୫ (ଜ୍ଞାନେନ୍ଦ୍ର ମୋହନ ମିଶ୍ର ):** ବାଙ୍କୀ ଭାଜପା କାର୍ଯ୍ୟାଳୟରେ ଭାଜପା ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ପ୍ରାର୍ଥୀତ୍ୱକୁ ସମର୍ଥନ କରି ବହୁ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ସେମାନେ ହେଲେ ଡମପଡ଼ା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ କୁସୁନ୍ଦା ଗ୍ରାମର ଶରତ ରାଉତ, ସୂର୍ଯ୍ୟକାନ୍ତ ସାହୁ, ସଞ୍ଜୟ ବେହେରା, ସୁକାନ୍ତ ସାମଲ, କରୁଣାକର ସାମଲ । ସେହିପରି ଗୋପାଳପୁର ପଞ୍ଚାୟତର ଅକ୍ଷୟ ସାହୁ, ନୀର ସାହୁ ଏବଂ ମାନ ସାହୁ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ଏହି ଅବସରରେ ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ ସମସ୍ତଙ୍କୁ ଉତ୍ତରୀୟ ଓ ଟୋପି ଦେଇ ଭାଜପାରେ ସାମିଲ କରିଥିଲେ ।

## କଂଗ୍ରେସ, ବିଜେଡି ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର

**ବାଙ୍କୀ, ୧୩।୫ (ଜ୍ଞାନେନ୍ଦ୍ର ମୋହନ ମିଶ୍ର )**

ବାଙ୍କୀ ବିଧାନ ସଭା ଆସନ କଂଗ୍ରେସ ପ୍ରାର୍ଥୀ ଡ. ଦେବାଶିଷ ପଟ୍ଟନାୟକ ବାଙ୍କୀ ବ୍ଲକର ଓସ୍ତିଆ, କଦଳୀବାଡି ପଞ୍ଚାୟତ ଡମପଡ଼ା ବ୍ଲକର ବିଲିପଡ଼ା ପଞ୍ଚାୟତରେ ବାଇକ୍ ରାଲି କରି ପ୍ରଚାର କରିଛନ୍ତି। ଏଥିରେ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସୁବଳ ମନ୍ତ୍ରୀ, ବିପିନି ମନ୍ତ୍ରୀ, ପ୍ରଭାକର ପ୍ରଧାନ, ଶତ୍ରୁଘନ ସ୍ୱାଇଁ, ବାଉରୀବନ୍ଧୁ ମନ୍ତ୍ରୀ, ବାସୁଦେବ ପଣ୍ଡା ପ୍ରମୁଖ ଯୋଗଦେଇ ଡ.ପଟ୍ଟନାୟକଙ୍କ ପାଇଁ ଭୋଟ ପ୍ରଚାର କରିଥିଲେ। ସେହିପରି ଡମପଡ଼ା ବ୍ଲକ ଢ଼ିଁସର ଗ୍ରାମପଞ୍ଚାୟତରେ ବିଜେଡି ବଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ଶୋଭାଯାତ୍ରାରେ କରିବା ସହ ଭୋଟ ପ୍ରଚାର କରିଛନ୍ତି। ସେ ଘରକୁ ଘର ବୁଲି ଲୋକଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ବହୁ ଯୁବକ ଓ ଛାତ୍ର ବିଜେଡିରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ମିନତୀ ମହାପାତ୍ର, ଡମପ ବ୍ଲକ ବିଜେଡି ସଭାପତି ଭାଗୀରଥି ପାଣି, ସରପଞ୍ଚ ପ୍ରତିମା ବେହେରା, ସମିତିସଭ୍ୟା ପିଙ୍କି ବେହେରା, ବରିଷ୍ଠ ବିଜେଡି ନେତା ଯୋଗେଶ ଚନ୍ଦ୍ର ପଣ୍ଡା, ମାୟାଧର ବେହେରା, ସୁରେଶ ବେହେରା, ରବିନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

# ପ୍ରେମରେ ବାଧା ଦେବାରୁ ଗୁଳି ଫୁଟିଲା

### ସୁପାରିକିଲର ସହ ୪ ଅଭିଯୁକ୍ତ ଗିରଫ

**ମାହାଙ୍ଗା,୧୩।୫(ଯଯାତି ସିଂହ)**

ମାହାଙ୍ଗା ଥାନା କୁମୁଡାଜୟପୁର ଫାଣ୍ଡି ମଧୁପୁର ଗ୍ରାମରେ ୧୧ ତାରିଖ ବିଳମ୍ବିତ ରାତିରେ ଗୁଳି ଫୁଟିଛି। ପ୍ରେମରେ ବାଧା ଦେବାରୁ ମାହାଙ୍ଗା ଥାନା ଅଞ୍ଚଳର ଗୌରୀଶଙ୍କରଙ୍କୁ ହତ୍ୟା କରିବାକୁ ଯୋଜନା କରି ଗୁଳି ଚଳାଯାଇଥିଲା ବୋଲି ସେ ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ମାହାଙ୍ଗା ଆଇଆଇସି ବିଜୟ କୁମାର ମଲିକଙ୍କ ନେତୃତ୍ୱରେ ଏକ ପୋଲିସ ଦଳ ଘଟଣାର ତଦନ୍ତ କରିବା ସହ ବିଭିନ୍ନ ସ୍ଥାନରେ ଚଢାଉ କରି ଜଣେ ସୁପାରି କିଲରଙ୍କ ସହ ଚାରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଏକ ବନ୍ଧୁକ, ଗୁଳି, ତିନୋଟି ମୋବାଇଲ ସହ ବୁଲେଟ ଜବତ କରାଯାଇଛି। ଏନେଇ ଏକ ଖବରଦାତା ସମ୍ମିଳନୀ ଜରିଆରେ ଅତିରିକ୍ତ ଏସ୍‌ପି କୃଷ୍ଣଚନ୍ଦ୍ର ପଟ୍ଟନାୟକ ସୂଚନା ଦେଇଛନ୍ତି।

ଗୌରୀଶଙ୍କରଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଭଉଣୀଙ୍କ ସହ କଇଥା ପଞ୍ଚାୟତ ଅନ୍ତର୍ଗତ ବଉଳା ଗ୍ରାମର କପିଳ ବେହେରାଙ୍କ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଗୌରଶଙ୍କର ଏହା ଜାଣିବା ପରେ ଭଉଣୀର ମୋବାଇଲକୁ ଛଡ଼ାଇ ରଖିବା ସହ ଏଥିରୁ ନିବୃତ୍ତ ରହିବାକୁ ଉଭୟଙ୍କୁ ବାରଣ କରିଥିଲେ`। ଫଳରେ ଗୌରୀଶଙ୍କର ଭଉଣୀ ସହ ଅଭିଯୁକ୍ତ କପିଳଙ୍କ ଦେଖା ହୋଇପାରି ନ ଥିଲା। ଏନେଇ ଗୌରୀଶଙ୍କରଙ୍କୁ ସବୁ ଦିନ ପାଇଁ ରାସ୍ତାରୁ ହଟାଇ ଦେବା ଲାଗି କପିଳ ଯୋଜନା କରିଥିଲେ । ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସେ ବଉଳା ଗ୍ରାମର ଭବାନୀ ଶଙ୍କର ବେହେରାଙ୍କୁ ୨ଲକ୍ଷ ଦେବେ ବୋଲି କହିଥିଲେ। ଭବାନୀ ଏଥିରେ ରାଜି ହୋଇ ୪୦ ହଜାର ଟଙ୍କା ଅଗ୍ରିମ ନେଇଥିଲେ। ଏନେଇ ଛତିଆ ଅଞ୍ଚଳର ଦେବଙ୍କିତ ମହାନ୍ତି ଓରଫ ରାଜାଙ୍କୁ ୭୫ ହଜାର ଟଙ୍କା ଦେଇ ଭବାନୀଏକ ବନ୍ଧୁକ ସହ ୪ଟି ଗୁଳି ଆଣି କପିଳଙ୍କୁ ଦେଇଥିଲେ। ଘଟଣାର ଏକ ସପ୍ତାହ ପୂର୍ବରୁ ସମସ୍ତ ଅଭିଯୁକ୍ତ ମଧପୁର ଆସି ସେଠାରେ ଗୌରଶଙ୍କରଙ୍କ ଗତିବିଧି ଲକ୍ଷ୍ୟ କରିବା ସହ ବନ୍ଧୁକଟି କାର୍ଯ୍ୟ କରୁଛି କି ନାହିଁ ପରୀକ୍ଷା କରିଥିଲେ । ଏଥିରେ ଛତିଆ ଅଞ୍ଚଳର ସଂଗ୍ରାମ ସାହୁ ସେମାନଙ୍କୁ ସହଯୋଗ କରିଥିଲେ। ଏହାପରେ ପରେ ୧୧ ତାରିଖ ବିଳମ୍ବିତ ରାତିରେ ସଂଗ୍ରାମ, ଭବାନୀ ଏବଂ କପିଳ ମଧୁପୁରକୁ ଆସି ଜୟପୁର ଦୋବନ୍ଧିଆ ରାସ୍ତାରେ ଜଗି ରହିଥିଲେ । ଗୌରୀଶଙ୍କର ଉକ୍ତ ରାସ୍ତା ଦେଇ ଘରକୁ ଫେରୁଥିବାବେଳେ ସଂଗ୍ରାମ ବନ୍ଧୁକ ବାହାର କରି ତାଙ୍କ ଉପରକୁ ଗୁଳି ଫୁଟାଇଥିଲେ । ଗୁଳିଟି ଗୌରୀଶଙ୍କର ପେଟରେ ବାଜି ଖସି ପଳାଇଥିଲା । ଯାହା ଫଳରେ ସେ ତଳେ ପଡି ସଜ୍ଞାହୀନ ହୋଇଯାଇଥିଲେ। ଅଭିଯୁକ୍ତମାନେ ତାଙ୍କୁ ମୃତ ବୋଲି ଭାବି ସେଠାରୁ ଖସି ପଳାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୌରଶଙ୍କର ଚିକିତ୍ସିତ ହେବାପରେ ୧୨ ତାରିଖରେ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏଥିନେଇ କୁମଡା ଜୟପୁର ଫାଣ୍ଡିରେ ମାମଲା ରୁଜୁ ହେବା ସହ ଫାଣ୍ଡି ଅଧିକାରିଣୀ ଶକୁନ୍ତଳା ଦାସଙ୍କୁ ତଦନ୍ତ ଭାର ଦିଆଯାଇଥିଲା । ଏହାପରେ ଥାନା ଅଧିକାରୀ ମଲିକ ,ଏସ୍‌ଆଇ ଇପ୍ସିତା ପ୍ରିୟଦର୍ଶନୀ ,ରାଜେଶ ଖୁଣ୍ଟିଆ,ଏଏସ୍‌ଆଇ ଭୀଷ୍ମ ପ୍ରଧାନ, ହେମନ୍ତ ବେହେରା, ସଂଗ୍ରାମ ସିଂହ ସହ ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି ବୋଲି ଅତିରିକ୍ତ ଏସ୍‌ପି ପଟ୍ଟନାୟକ ସୂଚନା ଦେଇଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ସାଲେପୁର ଏସଡିପିଓ ନିହାର ରଞ୍ଜନ ପ୍ରଧାନ ଗଣମାଧ୍ୟମକୁ କହିଛନ୍ତି ।



ଖବରଦାତା ସମ୍ମିଳନୀରେ ପୋଲିସ ଓ ଗିରଫ ୪ ଅଭିଯୁକ୍ତ ।

# ଆଠଗଡ଼ରେ ୪୫ ଜଣିଆ ପ୍ରଚାରକଙ୍କ ନାମ ଘୋଷଣା କଲା ବିଜେଡି

**ଆଠଗଡ଼,୧୩।୫(ସତ୍ୟପ୍ରସାଦ ରଥ)**

ଆଠଗଡ଼ରେ ଦୀର୍ଘଦିନର ସୁଶାସନ ଫଳରେ ବିଜେଡି ପ୍ରତି ବୁଦ୍ଧିଜୀବୀ, ସମାଜସେବୀ, ଶିକ୍ଷିତ ଯୁବଗୋଷ୍ଠୀ, ଛାତ୍ରୀଛାତ୍ର ଏବଂ ମହିଳାମାନେ ଆକୃଷ୍ଟ ହେଉଛନ୍ତି। ତେଣୁ ବିଜେଡି ପକ୍ଷରୁ ଦଳ, ବର୍ଣ୍ଣ, ଧର୍ମ, ଜାତି ନିର୍ବିଶେଷରେ ସବୁବର୍ଗର ଜନସାଧାରଣଙ୍କୁ ନେଇ ଏକ ୪୫ଜଣିଆ ପ୍ରଚାର କମିଟି ଘୋଷଣା କରାଯାଇଛି। ସ୍ଥାନୀୟ ବିଜୁ ଜନତା ଦଳ କାର୍ଯ୍ୟାଳୟ ସୂର୍ଯ୍ୟଭବନଠାରେ ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ୪୫ଜଣିଆ ପ୍ରଚାରକଙ୍କ ନାମ ଦଳର କାର୍ଯ୍ୟାଳୟ ସମ୍ପାଦକ ରଞ୍ଜନ କୁମାର ଜେନା ଘୋଷଣା କରିଛନ୍ତି। କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ଦାସ ଓ ସମ୍ପାଦକ ଲଳିତେନ୍ଦୁ ସେନାପତି ପ୍ରଚାର କମିଟିର ଯଥାକ୍ରମେ ଅଧ୍ୟକ୍ଷ ଓ ଯୁଗ୍ମ ଅଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷ ଦାସ, ଯୁଗ୍ମ ଅଧ୍ୟକ୍ଷ ସେନାପତି, ଛାତ୍ର ବିଜେଡି ସଭାପତି ସତ୍ୟପ୍ରିୟ ମହାନ୍ତି, ଆଇନଜୀବୀ ମନୋରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅପରପକ୍ଷରେ ଆଠଗଡ଼ରୁ ଭାଜପା ପ୍ରାର୍ଥୀ ହୋଇଥିବା ଅଭୟ ବାରିକ ନିର୍ବାଚନ କମିଶନଙ୍କୁ ତାଙ୍କ ବିରୋଧରେ ଓଡ଼ିଶାର ବିଭିନ୍ନ ଥାନାରେ ୨୫ଗୋଟି ଫୌଜଦାରି ମାମଲା ଥିବା ଦର୍ଶାଇ ଥିବାବେଳେ ୧ଟି ମାମଲାରେ ତାଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଥିବା ଉଲ୍ଲେଖ କରିଛନ୍ତି। ସେଥିମଧ୍ୟରେ ଠକେଇ, ଦାଦାବଟି ଆଦାୟ, ହତ୍ୟା ଉଦ୍ୟମ, ହତ୍ୟାଧମକ ଆଦି ସଙ୍ଗିନ ମାମଲାରେ ଚାର୍ଜଫ୍ରେମ ହୋଇଛି। ତେଣୁ ଏଭଳି ଜଣେ ଅପରାଧୀ ପ୍ରବଣ ବ୍ୟକ୍ତିଙ୍କୁ ଭାଜପା କିପରି ପ୍ରାର୍ଥୀ କରିଛି ବୋଲି ଖବରଦାତା ସମ୍ମିଳନୀରେ ବିଜେଡି ନେତୃମଣ୍ଡଳୀ ପ୍ରଶ୍ନ ଉଠାଇଛନ୍ତି।

# ଅଗ୍ନିକାଣ୍ଡରେ ଗାଡ଼ି ଜଳିଗଲା



**କଟକ, ୧୩।୫ (ଦିବାକର ସାହୁ)**

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ଚାଲିଥିବାବେଳେ ସୋମବାର ମଧ୍ୟାହ୍ନରେ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ପଛପଟ କଟେରିଗଡା ରିଂରୋଡ୍ ପାର୍ଶ୍ୱରେ ଥିବା ଏକ ଟାଟା ମ୍ୟାଜିକ୍ ଗାଡ଼ି ଜଳିଯାଇଛି। ଖବରପାଇ ସିଡିଏସ୍ଥିତ ଅଗ୍ନିଶମ କେନ୍ଦ୍ର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଏନେଇ କଟକ ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରା କହିଛନ୍ତି, ଶର୍ଟସର୍କିଟ୍ ଯୋଗୁ ଗାଡ଼ିରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଗାଡ଼ିର ନମ୍ବରପ୍ଲେଟ୍ ପୋଡିଯାଇଛି। ଏଠାକୁ ଗାଡ଼ି କେମିତି ଆସିଲା ଓ ଏହାର ଚାଳକ କିଏ ସେ ସମ୍ପର୍କରେ ଜଣାପଡିନାହିଁ। ଅପରପକ୍ଷରେ ନିର୍ବାଚନ ପାଇଁ ନାମାଙ୍କନ ଚାଲିଥିବାରୁ କୌଣସି ନେତାଙ୍କ ସମର୍ଥକ ଏଥିରେ ଆସିଥାଇପାରନ୍ତି ବୋଲି ଲାଲବାଗ ପୋଲିସ ଅନୁମାନ କରୁଛି।

# ଫ୍ରିଡମ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଶତ ପ୍ରତିଶତ ସଫଳତା

### ସିବିଏସ୍‌ଇ ଦଶମ, ଦ୍ୱାଦଶର ପରୀକ୍ଷା ଫଳ ପ୍ରକାଶିତ

**ସାଲେପୁର,୧୩।୫(ଅରବିନ୍ଦ ଭୂୟାଁ)**

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ସାଲେପୁରରେସ୍ଥିତ ଫ୍ରିଡମ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ରମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଚଳିତ ବର୍ଷ ଦଶମ ପରୀକ୍ଷାରେ ଏହି ବିଦ୍ୟାଳୟର ୧୧୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୨୦ଜଣ ଛାତ୍ରୀଛାତ୍ର ଶତକଡ଼ା ୯୦ ପ୍ରତିଶତ ନମ୍ବର ରଖିଛନ୍ତି। ବିଦ୍ୟାଳୟର ତ୍ରିଶା ପରିଡ଼ା ୯୭.୨ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଛନ୍ତି। ସେହିପରି ଦ୍ୱାଦଶ ପରୀକ୍ଷାରେ ଏହି ବିଦ୍ୟାଳୟରେ ମୋଟ୍ ୧୩୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୩୦ଜଣ ଛାତ୍ରୀଛାତ୍ର ୯୦ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ସୌମିନ୍ କୁମାର ଦାସ ଶତକଡ଼ା ୯୭ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ଟପ୍ପର ହୋଇଛି। କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟର ଚେୟାରମ୍ୟାନ୍ ସେକ୍ ଜାହାଙ୍ଗିର ଅଲ୍ଲୀ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ସାଲେପୁର ପବ୍ଲିକ ସ୍କୁଲରେ ଚଳିତ ବର୍ଷ ୯୫ଜଣ ସିବିଏସ୍‌ଇ ଦଶମ ପରୀକ୍ଷା ଦେଇଥିବାବେଳେ ସେଥିମଧ୍ୟରୁ ଅନନ୍ୟାଶ୍ରୀ ଦାଶ ୯୫.୨ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ୧୪ଜଣ ଛାତ୍ରଛାତ୍ରୀ ୯୦ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଏନେଇ ବିଦ୍ୟାଳୟର ଅଧ୍ୟକ୍ଷା ଶିକ୍ଷକମାନଙ୍କ ଶୁଭେଚ୍ଛା ଜଣାଇଛନ୍ତି।



ତ୍ରିଶା ପରିଡ଼ା



ସୌମିନ୍ କୁମାର ଦାସ

## ନିର୍ବାଚନ ଅଧିକାରୀଙ୍କ ଲାଗି ପ୍ରଶିକ୍ଷଣ ଶିବିର

**ବାଙ୍କୀ, ୧୩।୫(ସତ୍ୟରଞ୍ଜନ ସାହୁ):** ବାଙ୍କୀ ନିର୍ବାଚନମଣ୍ଡଳୀରେ ନିୟୋଜିତ ଅଧିକାରୀମାନଙ୍କୁ ନେଇ ସୋମବାର ଡମପଡା ବ୍ଲକ ସମ୍ମିଳନୀ କକ୍ଷରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଠିକ୍ ଓ ସୁଚାରୁ ରୂପେ ନିର୍ବାଚନ କିପରି ପରିଚାଳନା କରିପାରିବେ ସେ ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଇଛି। ଶିବିରରେ ଭୋଟିଂ ପ୍ରକିୟା, ଇଭିଏମ୍ ମେଶିନର କାର୍ଯ୍ୟକାରିତା, କମିଶନିଂ ଆଦି ପ୍ରକ୍ରିୟା ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ଡମପଡା ବିଡିଓ ଅଂଶୁମାନ ଦାସ, ବାଙ୍କୀ ତହସିଲଦାର ଅଶେଷ ନାୟକ, ନିର୍ବାହୀ ଅଧିକାରୀ ଶ୍ରୀ ସମ୍ପଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



**ଆଠଗଡ,୧୩।୫(ସତ୍ୟ ପ୍ରସାଦ ରଥ)**

ଆଠଗଡ ଏନ୍‌ଏସି ବିଜୁ ଜନତା ଦଳ ପକ୍ଷରୁ ଏନ୍‌ଏସି ଅନ୍ତର୍ଗତ କନ୍ତୋଲ ଗ୍ରାମ ୱାର୍ଡ ନଂ.୧୦,୧୧,୧୨,୧୩,୧୭ରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। କନ୍ତୋଲ ଗ୍ରାମ ୧୦ନଂ. ୱାର୍ଡ ହନୁମାନ ମନ୍ଦିର ନିକଟରୁ ଆଠଗଡ଼ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଉପାଧ୍ୟକ୍ଷ ବି.ଶୁଭ୍ରଶଙ୍କର ଜ୍ୟୋତି ଓ ଆଠଗଡ ଏନଏସି ବିଜେଡି ସଭାପତି ଶିଶିର ପ୍ରସାଦ ମାନସିଂହଙ୍କ ନେତୃତ୍ୱରେ ମହିଳା, ବିଜୁ ଜନତା ଦଳ ନେତୃବୃନ୍ଦ ଓ କର୍ମୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଘରକୁ ଘର ବୁଲି ପ୍ରଚାର କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ରମେଶ ଚନ୍ଦ୍ର ଘଡ଼େଇ, ସୁବର୍ଣ୍ଣ ମଞ୍ଜରୀ ଭଞ୍ଜ, ସୁଚିତ୍ରା ସାହୁ, କାଉନ୍‌ସିଲର ସିପ୍ରା ଦାଶ,ମମତା ମୟୀ ସେଠୀ, ପାର୍ବତୀ ରଣା ପ୍ରମୁଖ ଯୋଗଦେଇଥିଲେ।

# କୋର୍ଟ ନିର୍ଦ୍ଦେଶ ସତ୍ତ୍ୱେ ଗ୍ରାମ ରାସ୍ତା ଜବରଦଖଲ ହଟୁନି

**ମାହାଙ୍ଗା,୧୩।୫(ଯଯାତି ସିଂହ)**

- ତହସିଲ ପ୍ରଶାସନ ଆଦେଶର ଉଲ୍ଲଂଘନ କରୁଥିବା ଅଭିଯୋଗ
- ଗମନାଗମନରେ ସମସ୍ୟା ଭୋଗୁଛନ୍ତି ଗ୍ରାମବାସୀ
- ଜରୁରିକାଳୀନ ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ

ମାହାଙ୍ଗା ବ୍ଲକ ବାଜପୁରା ପଞ୍ଚାୟତ ଅନ୍ତର୍ଗତ ଚକମଧୁପୁର ଗ୍ରାମରେ ବହୁ ଲୋକ ଗ୍ରାମ ରାସ୍ତାରେ ଜୋର ଜବରଦସ୍ତ ଗୃହ ନିର୍ମାଣ କରିବା ସହ ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ଜଳାଶୟକୁ ମଧ ପୋତି ଗୃହ ନିର୍ମାଣ କରିଛନ୍ତି । ଫଳରେ ଗ୍ରାମବାସୀ ଜରୁରିକାଳୀନ ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଏପରିକି ଗର୍ଭବତୀ କିମ୍ବା ଗାଁରେ ନିଆଁ ଲାଗିଗଲେ ଆମ୍ବୁଲାନ୍ସ ଗାଡି ଏବଂ ଦମକଳ ଗାଡି ଗ୍ରାମ ଭିତରକୁ ଯାଇପାରୁନାହିଁ । ଫଳରେ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ନେଇ ଗ୍ରାମବାସ ତହସିଲ ପ୍ରଶାସନଠାରୁ ଆରମ୍ଭ କରି ଜିଲାପାଳ ଓ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। କୋର୍ଟର ନିର୍ଦ୍ଦେଶ ମୁତାବକ ଗତ ୨୭।୨।୨୦୨୦ ସୁଦ୍ଧା ଗ୍ରାମର ସମସ୍ତ ଜବରଦଖଲକୁ ଉଚ୍ଛେଦ କରି ରିପୋର୍ଟ ଦାଖଲ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏହି ନିର୍ଦ୍ଦେଶକୁ ତହସିଲ ପ୍ରଶାସନ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି।

ଗ୍ରାମବାସୀଙ୍କ କହିବାନୁଯାୟୀ କୋର୍ଟ ନିର୍ଦ୍ଦେଶ ପରେ ସେହି ସମୟରେ ଦାୟିତ୍ୱରେ ଥିବା ତହସିଲଦାର ଏହି ନିର୍ଦ୍ଦେଶକୁ ମାନି ନ ଥିଲେ । ଏହା ପରେ ପୁନର୍ବାର ଗତ ୩।୪।୨୦୨୩ରେ ଗୋଟିଏ ସପ୍ତାହ ମଧ୍ୟରେ ଜବରଦଖଲକୁ ଉଚ୍ଛେଦ କରିବା ପାଇଁ କୋର୍ଟ ପକ୍ଷରୁ ତହସିଲ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିଲା। କୋର୍ଟ ତାଙ୍କ ନିର୍ଦ୍ଦେଶରେ ମାହାଙ୍ଗା ତହସିଲଦାର, ସମସରପୁର ରାଜସ୍ୱ ନିରୀକ୍ଷକ, ମାହାଙ୍ଗା ଆଇଆଇସିଙ୍କୁ ଲିଖିତ ନିର୍ଦ୍ଦେଶନାମା ଦେଇଥିଲେ । କିନ୍ତୁ ମାହାଙ୍ଗା ତହସିଲଦାର ଏହାକୁ ନମାନି ବାରମ୍ବାର ଏହି ନିର୍ଦ୍ଦେଶନାମାକୁ ଅବମାନନା କରୁଥିବାରୁ ଚକ୍ରମଧୁର ଗ୍ରାମବାସୀ ଜରୁରିକାଳୀନ ସେବାରୁ ବଞ୍ଚିତ ହେବା ସହ ଗମନାଗମନରେ ସମସ୍ୟା ଭୋଗୁଥିବା କହିଛନ୍ତି। ଜନସାଧାରଣଙ୍କ ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରେ ରଖି କଟକ ଜିଲାପାଳ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ଏ ନେଇ ତହସିଲଦାର ସୁଶାନ୍ତ କୁମାର ମିଶ୍ରଙ୍କୁ ଯୋଗାଯୋଗ କରିବାରୁ ଅଭିଯୋଗ ପାଇଛି । ବର୍ତ୍ତମାନ ନିର୍ବାଚନ କାର୍ଯ୍ୟକ୍ରମ ଚାଲିଛି । ଏହା ସରିବା ପରେ ନିଶ୍ଚିତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



କବି ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ଜୟନ୍ତୀ ଅବସରରେ କଟକ ଗଡ଼ଗଡ଼ିଆ ଘାଟ ରିଂରୋଡ ପାର୍ଶ୍ୱରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବ୍ୟକ୍ତିବୃନ୍ଦ।



କଟକସ୍ଥିତ ଆଚାର୍ଯ୍ୟ ହରିହର ସ୍ନାତକୋତର କର୍କଟ ରୋଗ ଅନୁଷ୍ଠାନରେ ୨ ଦିନିଆ ବିଶ୍ୱ ସେବିକା ଦିବସର ଉଦ୍‌ଯାପନୀ ଦିବସରେ ମାନପତ୍ର ସହ ଉପସ୍ଥିତ ସେବିକାଙ୍କ ଗହଣରେ ଅତିଥିବୃନ୍ଦ।

## ସଂକ୍ଷେପରେ

### ସାହୁପଡ଼ା ସରପଞ୍ଚ ବିଜେଡିରୁ ବହିଷ୍କୃତ

କଣାସ, ୧୩।୫(ବିଭୂତି ଭୂଷଣ ତ୍ରିପାଠୀ): କଣାସ ବ୍ଲକ ଅଧୀନ ସାହୁପଡ଼ା ଗ୍ରାମପଞ୍ଚାୟତ ସରପଞ୍ଚ ଭିକାରୀଚରଣ ବଳିୟାରସିଂହଙ୍କ ଦଳ ବିରୋଧୀ କାର୍ଯ୍ୟ ଯୋଗୁ ରବିବାର ବିଜେଡି ଜିଲା ସଭାପତି ତାଙ୍କୁ ଦଳରୁ ବହିଷ୍କୃତ କରିଥିବା ଜଣାପଡ଼ିଛି। ଖବର ନେବାରେ ଜଣାପଡ଼ିଛି, ଚଳିତ ନିର୍ବାଚନ ୧୨ ଦିନ ଥିବାବେଳେ ସାହୁପଡ଼ା ସରପଞ୍ଚ ବଳିୟାରସିଂହ ବିଜେଡିର ବିଭିନ୍ନ ପଦପଦବୀରେ ଥାଇ ଦଳ ବିରୋଧୀ କାର୍ଯ୍ୟ କରିବା ଅଭିଯୋଗରେ ବିଜେଡି ଜିଲା ସଭାପତି ଦିବାକର ପରିଡ଼ା ତାଙ୍କୁ ଦଳରୁ ବହିଷ୍କୃତ କରିଛନ୍ତି।

### ଧର୍ମପରାୟଣ ମହିଳାଙ୍କ ମୃତ୍ୟୁ

ସାକ୍ଷୀଗୋପାଳ, ୧୩।୫ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)

ସ୍ଥାନୀୟ ଅଞ୍ଚଳର ଧର୍ମ ପରାୟଣ ମହିଳା ଶରତ ମଞ୍ଜରୀ ମିଶ୍ର(୫୮)ଙ୍କ ସୋମବାର ଅପରାହ୍ନରେ ସିଂହଦ୍ୱାର ସମ୍ମୁଖସ୍ଥ ବାସଭବନରେ ପରଲୋକ ଘଟିଛି। ଶେଷ ଦର୍ଶନ ନିମନ୍ତେ ସ୍ୱର୍ଗତ ମିଶ୍ରଙ୍କ ଶବାଧାର ନିକଟରେ ସମ୍ପର୍କୀୟ ତଥା ଜ୍ଞାତି ପରିଜନଙ୍କ ଭିଡ଼ ଲାଗିଥିଲା। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଜ୍ୟେଷ୍ଠପୁତ୍ର ଚର୍ଚ୍ଚିକା ପ୍ରସାଦ ମିଶ୍ର ମୁଖାଗ୍ନି ଦେଇଥିଲେ।

### ବରିମୁଣ୍ଡ ବିଲବାରି ନଳକୂପ ଅଚଳ

ଯୋଗେଶ୍ୱରପୁର, ୧୩।୫(ରଶ୍ମିରଞ୍ଜନ ସାହୁ): ନୟାହାଟ ଫାଣ୍ଡି ଅଧୀନ ବଉଳାଙ୍ଗ ପଞ୍ଚାୟତର ବରିମୁଣ୍ଡ ବିଲବାରି ସାହିରେ ସରକାରୀ ନଳକୂପ ଖରାଦିନରେ ୨ ମାସ ହେଲା ଅଚଳ ହୋଇପଡ଼ିଛି। ଫଳରେ ସ୍ଥାନୀୟ ଲୋକମାନେ ପିଇବା ପାଣି ପାଇଁ ନାହିଁ ନ ଥିବାରେ ଅସୁବିଧାରେ ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏ ଦିଗରେ ପାନୀୟ ଜଳ ପ୍ରକଳ୍ପ ଯନ୍ତ୍ରୀଙ୍କୁ ଗ୍ରାମବାସୀ ଜଣାଇଥିଲେ ମଧ୍ୟ ନଳକୂପ ଅଦ୍ୟାବଧି ମରାମତି ହୋଇ ପାରି ନାହିଁ। ଯାହାଫଳରେ ଲୋକମାନେ ପିଇବା ପାଣି ପାଇଁ କିଛି ବାଟ ଦୂରରୁ ପାଣି ଆଣୁଛନ୍ତି। ଏ ଦିଗରେ ପାନୀୟ ଜଳ ପ୍ରକଳ୍ପର ଉଚ୍ଚ କର୍ତ୍ତୃପକ୍ଷ ମରାମତି କରିବା ପାଇଁ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଭାଜପାରେ ମିଶିଲେ ଶତାଧିକ ପରିବାର

କଣାସ, ୧୩।୫(ବିଭୂତି ଭୂଷଣ ତ୍ରିପାଠୀ): କଣାସ ବ୍ଲକ ଅଧୀନ ଦିବ୍ୟସିଂହପୁର ଗ୍ରାମପଞ୍ଚାୟତରେ ରବିବାର ଭାଜପା ବିଧାୟକ ପ୍ରାର୍ଥୀ ଓମ୍ ପ୍ରକାଶ ମିଶ୍ର ତାଙ୍କ ନିର୍ବାଚନ ପ୍ରଚାର କରିଥିଲେ। ଏହି ସମୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଜନହିତକର କାର୍ଯ୍ୟରେ ଆକୃଷ୍ଟ ହୋଇ ୬୦ରୁ ଊର୍ଦ୍ଧ୍ୱ ପରିବାର ଭାଜପାରେ ଯୋଗଦେଇଥିଲେ। ସେମାନଙ୍କୁ ମିଶ୍ର ସ୍ୱାଗତ କରିବା ସହିତ ଭାଜପା ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ବିନ୍ଧଣ ଗ୍ରାମପଞ୍ଚାୟତର ୪୦ରୁ ଊର୍ଦ୍ଧ୍ୱ ପରିବାର ଭାଜପା ପ୍ରାର୍ଥୀ ମିଶ୍ରଙ୍କ ନିର୍ବାଚନୀସଭା ଚାଲିଥିବାବେଳେ ଯୋଗଦେଇଥିଲେ। ମିଶ୍ର ତାଙ୍କୁ ନିଜ ଦଳକୁ ସ୍ୱାଗତ କରିଥିଲେ।

# ପୁରୁଣା କଂକ୍ରିଟ୍ ରାସ୍ତା ଉପରେ ଚାଲିଛି ନିର୍ମାଣ

ଯୋଗେଶ୍ୱରପୁର, ୧୩।୫(ରଶ୍ମିରଞ୍ଜନ ସାହୁ):

କେନ୍ଦ୍ର ଓ ରାଜ୍ୟ ସରକାର ସାଧାରଣ ଲୋକଙ୍କ ଯାତାୟାତ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ କରୁଛନ୍ତି। ହେଲେ ଠିକାଦାର ତାଙ୍କ ମନ ଇଚ୍ଛାରେ ରାସ୍ତା ନିର୍ମାଣ କାର୍ଯ୍ୟରେ ଅନିୟମିତତା ବା ପୁରୁଣା କଂକ୍ରିଟରେ ପିଚୁ ରାସ୍ତା ନିର୍ମାଣ କାମ କରୁଥିବା ନେଇ ଅଞ୍ଚଳରେ ଚର୍ଚ୍ଚା ହେଉଛି। ପ୍ରକାଶ ଯେ, ଚାରିଛକ ଥାନା ଅଧୀନ ବାହାରଣାରୁ କୋଲର, ବାହାରଣାରୁ ଆଲୁଦଣ୍ଡା ପାଟଣା ଛକ ପର୍ଯ୍ୟନ୍ତ ଏବଂ ବାହାରଣାରୁ ଆମ୍ବର ପର୍ଯ୍ୟନ୍ତ ୧୫ କୋଟି ବ୍ୟୟ ବରାଦରେ ରାସ୍ତା କାମ କରାଯାଉଛି। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଉପରେ ପୂର୍ବରୁ ବାହାରଣା ପଞ୍ଚାୟତରୁ ଶତାଧିକ ଲୋକଙ୍କ



ଲିଖିତ ଅଭିଯୋଗ ସତ୍ତ୍ୱେ ଠିକାଦାରଙ୍କ କାର୍ଯ୍ୟ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଉପରିସ୍ଥ ଅଧିକାରୀଙ୍କ ପକ୍ଷରୁ ତଦନ୍ତ କରାଯାଉ ନାହିଁ କି ରାସ୍ତା କାମର ମାନ ଦେଖା ଯାଉନାହିଁ। ଫଳରେ ଠିକାଦାର ତାଙ୍କର ମନ ଇଚ୍ଛାରେ ରାସ୍ତା କାମ କରୁଛନ୍ତି। କୋଲରରୁ ବାହାରଣାକୁ ମେଶିନ ଦ୍ୱାରା ପୁରୁଣା ପିଚୁ ଓ ଗୋଡ଼ିକୁ ତାଡ଼ିଥିଲେ। ନୂତନ କରି ନିର୍ମାଣ କରାଯାଉଥିବା ପିଚୁ ରାସ୍ତା କାମରେ ପୂର୍ବରୁ ତଡ଼ା ଯାଇଥିବା କଂକ୍ରିଟକୁ ନ କାଢ଼ି ସେହି ମାଟି ମିଶା ଦଦରା ଗୋଡ଼ି ଉପରେ ରଫ ବାଲି ମିଶାଇ ନାମକୁ ମାତ୍ର ଗୋଡ଼ି ମିଶାଇ ରାସ୍ତାରେ ପକାଉଛନ୍ତି। ରାସ୍ତା ନିର୍ମାଣ

#### ପାଣିରେ ପଡୁଛି କୋଟି କୋଟି ଟଙ୍କା

କାମ ସମୟରେ ବିଭାଗର ଯନ୍ତ୍ରୀ ଉପସ୍ଥିତ ନ ଥିବାର ସୁଯୋଗ ନେଇ ଠିକାଦାରଙ୍କ ନିର୍ଦ୍ଦେଶରେ ସୁପରଭାଇଜର ଲେବରଙ୍କୁ କହି ତରବରିଆ ଭାବେ ନୂତନ ରାସ୍ତା କରୁଛନ୍ତି। ଯଦି ବିଭାଗୀୟ ଯନ୍ତ୍ରୀ ଓ ଉପରିସ୍ଥ ଯନ୍ତ୍ରୀ ତଦନ୍ତ ନ କରନ୍ତି ବା କାମ ସମୟରେ ଉପସ୍ଥିତ ନ ରୁହନ୍ତି ତାହାଲେ ସରକାର କୋଟି କୋଟି ଟଙ୍କା ପାଣିରେ ପଡିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏହି ରାସ୍ତାକୁ ଉପରିସ୍ଥ ଯନ୍ତ୍ରୀ ତଦନ୍ତ କରି ଠିକ୍ କାମ କରିବାକୁ ସାଧାରଣରେ ଦାବି ହେଉଛି।

# ନିର୍ବାଚନୀ ପ୍ରଚାର କଲେ ଓମ୍



ସାକ୍ଷୀଗୋପାଳ, ୧୩।୫ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)

ସତ୍ୟବାଦୀ ନିର୍ବାଚନମଣ୍ଡଳୀ ଅଧୀନ ବଳରାମପୁର ଗଡ଼ ଓ କେତକୀ ପାଟଣା ପଞ୍ଚାୟତରେ ସୋମବାର ଭାଜପା ପକ୍ଷରୁ ନିର୍ବାଚନୀ ପ୍ରଚାର ଓ ଡୋର କ୍ୟାମ୍ପେନ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ରାଜ୍ୟରେ ଯେଭଳି ଭାଜପା ସରକାର ଗଢିବ ସେଥିପାଇଁ ବିଧାୟକ ପ୍ରାର୍ଥୀ ଓମ୍ ପ୍ରକାଶ ମିଶ୍ର ଉକ୍ତ ପଞ୍ଚାୟତର ପ୍ରତ୍ୟେକ ଘର ଘର ବୁଲି ନିଜ ସପକ୍ଷରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଏହି ସମୟରେ ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ମଣ୍ଡଳ ସଭାପତି କମଳାକାନ୍ତ ମିଶ୍ର, ସମ୍ପାଦକ ରଞ୍ଜିତ ରାଉତରାୟ, ପୂର୍ବତନ ଜିଲା ପରିଷଦ ଧ୍ରୁବ ଦାଶ, ସୁବାସ ଚନ୍ଦ୍ର ଜେନା, ପଞ୍ଚାୟତ ସଭାପତି, କେତକୀ ପାଟଣା ସରପଞ୍ଚ ବିନତୀ ନାୟକ, ବଳରାମପୁର ଗଡ଼ ସରପଞ୍ଚ ପୁଷ୍ପା ମାନସିଂଙ୍କ ସମେତ ଉକ୍ତ ଜୋନର ଭାଜପାର ଶତାଧିକ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ଲିଟିଲ୍‌ଷ୍ଟାର୍ ଗ୍ରୁପ୍‌ର ୨୨ତମ ଗ୍ରୀଷ୍ମକାଳୀନ ଶିବିର



ଲିଟିଲଷ୍ଟାର୍ ଗ୍ରୁପ୍ ପକ୍ଷରୁ ୨୨ତମ ଗ୍ରୀଷ୍ମକାଳୀନ ଶିବିରରେ କୁନି କୃତୀ ପ୍ରତିଯୋଗୀ।

ନିମାପଡ଼ା, ୧୩।୫(ବିଚିତ୍ରାନନ୍ଦ ସାହୁ):

ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲିଟିଲଷ୍ଟାର୍ ଗ୍ରୁପ୍ ପକ୍ଷରୁ ୨୨ତମ ଗ୍ରୀଷ୍ମକାଳୀନ ଶିବିର ରବିବାର ନିମାପଡ଼ାରେ ଶୁଭାରମ୍ଭ ହୋଇଛି। କୁନି କୁନି ପିଲାଙ୍କ ଚିତ୍ରକଳା ସୃଜନର ବିକାଶ ପାଇଁ ଏହି ଶିବିର ଆୟୋଜନ କରାଯାଇଛି। ଶିବିରରେ ପିଲାଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ମଜାଦାର ଗଣିତ, ମାଟିରେ ମୂର୍ତ୍ତି ନିର୍ମାଣ ଆଦି ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଗ୍ରୁପ୍‌ର ସମ୍ପାଦକ ସୁମନ୍ତ ମହାରଣା ସୂଚନା ଦେଇଛନ୍ତି। ଉଦ୍‌ଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ଚିତ୍ରକଳା ଶିକ୍ଷକ ସାରଦା ପ୍ରସନ୍ନ ବେହେରା ଯୋଗଦେଇ ପିଲାମାନଙ୍କୁ ଚିତ୍ରକଳା ଦିଗରେ ଜ୍ଞାନକୌଶଳ ଶିକ୍ଷା ଆଦି ପ୍ରଦାନ କରିଥିଲେ। ପ୍ରଜ୍ଞାପାରିମିତା ପରିଡ଼ା ଶିବିର ପରିଚାଳନା କରିଥିଲେ। ଏହି ଶିବିର ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଶିବିରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ଶିଶୁ ପ୍ରତିଭାମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯିବ ବୋଲି ସମ୍ପାଦକ ମହାରଣା କହିଛନ୍ତି। ଲିଟିଲଷ୍ଟାର ଗ୍ରୁପ୍ ପକ୍ଷରୁ ପ୍ରକାଶ ପାଇଥିବା ପତ୍ରିକା 'ମୋ ଆଶା' ଶିବିରାର୍ଥୀମାନଙ୍କୁ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ବହୁ ଶିବିରାର୍ଥୀ ଯୋଗଦେଇଛନ୍ତି।



କଣାସସ୍ଥିତ ଚନ୍ଦନ ପୋଖରୀରରେ ଠାକୁର ଅଭିରାମ ପରମହଂସ ଚାପ ଖେଳୁଛନ୍ତି।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ, ଯୁବକ ମୃତ

କଣାସ, ୧୩।୫(ବିଭୂତି ଭୂଷଣ ତ୍ରିପାଠୀ): କଣାସ ବ୍ଲକ ଅଧୀନ ଗଡ଼ିଶାଗୋଦା ଥାନା ଦେଇପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣରେ ରବିବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ସମୀର ପଲାଇ(୩୮)। ଖବରପାଇ ଗଡ଼ିଶାଗୋଦା ଥାନା ଆଇଆଇସି ଦୁର୍ଗାପ୍ରସାଦ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ କରିଥିଲେ। ସମୀରଙ୍କ ଭାଇବୋହୂ ମିଟି ପଲାଇଙ୍କ ଅଭିଯୋଗରେ ପୋଲିସ ୯୯/୨୪ରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଅଭିଯୁକ୍ତ ଜଣକ ଫେରାର ହୋଇଯାଇଥିବା ପୋଲିସ ସୂଚନା ଦେଇଛି। ପୋଲିସ ସୂଚନା ମୁତାବକ, ସମୀର ଜଣେ ଗାଡ଼ି ଚାଳକ। ସେ ନୟାଗଡ଼ରେ ରହୁଥିବାବେଳେ ରବିବାର ଘରକୁ ଆସିଥିଲେ। ସମୀରଙ୍କ ଏକ ପୋଷା କୁକୁର ହଜିବାକୁ ନେଇ ରାତି ସମୟରେ ସେ ଗ୍ରାମରେ ଗାଳିଗୁଲଜ କରିବାରୁ ଦିଲୀପଙ୍କ ପରିବାର ସହିତ ତାଙ୍କର ବଚସା ଓ ଗଣ୍ଡଗୋଳ ହୋଇଥିଲା। ଦିଲୀପଙ୍କ ସ୍ତ୍ରୀ ଉକ୍ତ ଗଣ୍ଡଗୋଳକୁ ବାରଣ କରିବାକୁ ଆସିବା ସମୟରେ ହଠାତ୍ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ସମୀରଙ୍କ ପାଇଁ ଦିଲୀପଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବାରୁ ସେ ସମୀରଙ୍କୁ ଶୋଇଥିବାବେଳେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଆକ୍ରମଣରେ ସମୀରଙ୍କ ଗୋଟିଏ ହାତ କଟିଯାଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଖୋର୍ଦ୍ଧା ଏବଂ ପରେ ଭୁବନେଶ୍ୱର ନିଆଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିବା ଭାଇବୋହୂ ମିଟି ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

## ଦୁର୍ଘଟଣାରେ ୨ ଯୁବକ ଗୁରୁତର

ସାକ୍ଷୀଗୋପାଳ, ୧୩।୫ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)

ପୁରୀ- ଭୁବନେଶ୍ୱର ଜାତୀୟ ରାଜପଥର ଦାସିଆ ବାଉରି ପୀଠ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ସୋମବାର ପୂର୍ବାହ୍ନ ୧୦ଟା ୧୫ ସମୟରେ ୨ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଯାଜପୁର ଜିଲା ମାଳିକାପୁର ଥାନା ଅଞ୍ଚଳର ଅଶୋକ ପତିଙ୍କ ପୁଅ ଆଶୁତୋଷ ପତି (୨୦) ଓ ବିରେଶ ପତି (୨୧)। ଖବରପାଇ ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିବା ସତ୍ୟବାଦୀ ପିସିଆର ଭ୍ୟାନ ଅଧିକାରୀ ପ୍ରକାଶ ମିଶ୍ର ଓ ତାଙ୍କ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ୨ ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏଥିସହ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରର ଏକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ।

ସୂଚନା ଅନୁଯାୟୀ, ଦ୍ରୁତଗତିରେ ଏକ ହାଇୱା ପୁରୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ଉକ୍ତ ୨ ଭାଇ ମଧ୍ୟ ଏକ ବାଇକ୍‌ରେ ପୁରୀରୁ ଭୁବନେଶ୍ୱର ଯାଉଥିଲେ। ଦ୍ରୁତ ଗତିରେ ଯାଉଥିବା ହାଇୱା ହଠାତ୍ ରାସ୍ତାରେ ବ୍ରେକ ମାରିଥିଲା। ତେଣୁ ପଛରେ ଥିବା ବାଇକ୍ ଭାରସାମ୍ୟ ହରାଇ ହାଇୱା ପଛରେ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ହାଇୱାଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା।

## ଉପଶାସନ ସଚିବ କାଳି ଚରଣ ହେମ୍ବ୍ରମଙ୍କ ପରଲୋକ

ଭୁବନେଶ୍ୱର, ୧୩।୫(ଶର୍ମିଷ୍ଠା ପାଣିଗ୍ରାହୀ)

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଉପଶାସନ ସଚିବ କାଳି ଚରଣ ହେମ୍ବ୍ରମ (୫୯)ଙ୍କର ଗତ ୧୦ ତାରିଖ ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ଜିଏପିଜି ବିଭାଗ ସାଂସ୍କୃତିକ ଓ କ୍ରୀଡା ସଂସଦ ପକ୍ଷରୁ ଏକ ଶୋକସଭା ସୋମବାର ପୂର୍ବାହ୍ନରେ ଲୋକ ସେବା ଭବନରେ ଅନୁଷ୍ଠିତ ହୋଇଯାଇଛି।

## 'ନବୀନ ସରକାରଙ୍କ ସମ୍ମାନ ରଖିବି'



ଗୋପ, ୧୩।୫(ଭାରତୀ ଭୂଷଣ ଉପାଧ୍ୟାୟ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋତେ ମାତ୍ର ୧୪ ଦିନରେ ଭରସା, ବିଶ୍ୱାସ କରି ନିମାପଡ଼ା ନିର୍ବାଚନମଣ୍ଡଳୀରୁ ଲଢିବା ଲାଗି ସୁଯୋଗ ଦେଇଛନ୍ତି। ମୁଁ ୩ ଦଳର ନେତୃତ୍ୱ, କର୍ମୀ ଓ ମହିଳା ଗୋଷ୍ଠୀଗୁଡ଼ିକୁ ନେଇ ନିଶ୍ଚିତ ଭାବରେ ନବୀନ ସରକାରଙ୍କ ସମ୍ମାନ ରଖିବି। ଗୋପ ବିଜେଡି କାର୍ଯ୍ୟାଳୟଠାରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ଦଳର ସାଂଗଠନିକ ବୈଠକରେ ନିମାପଡ଼ା ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥୀ ଦିଲୀପ ନାୟକ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସୁକାନ୍ତ ମହାନ୍ତି ବୈଠକରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଚଳିତ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଯୁବ ନେତା ପୂନେଶ ସେନାପତି, ବନ୍ତଳିଗ୍ରାମ ସରପଞ୍ଚ ମହେଶ୍ୱର ସ୍ୱାଇଁ, ପୟରା ସରପଞ୍ଚ ସୁମନ୍ତ ନାୟକ, ଗୋପ ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ବଣିଆସାହି ପୂର୍ବତନ ସରପଞ୍ଚ ନିରଞ୍ଜନ ଶଗଡ଼ିଆ, ଗଣେଶ୍ୱରପୁର ପୂର୍ବତନ ସରପଞ୍ଚ ଦେବବ୍ରତ ସାହୁ, ଯୁବ ନେତୃତ୍ୱ ଅଜୟ ଜେନା, ମଧୁସୂଦନ ପ୍ରଧାନ, ସୁଧାଂଶୁ ସେନାପତି, ପ୍ରତାପ ସ୍ୱାଇଁ, ଶ୍ୟାମସୁନ୍ଦର ସାହୁ ପ୍ରମୁଖ ନିର୍ବାଚନ ପରିଚାଳନା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଆଗକୁ ବିଜେଡି ପ୍ରାର୍ଥୀ ଦିଲୀପଙ୍କ ଲାଗି ରଣନୀତି ନିର୍ଦ୍ଧାରଣ ଉପରେ ଗୁରୁତ୍ୱ ଦେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଖୁବ୍‌ଶୀଘ୍ର ପ୍ରତ୍ୟେକ ପଞ୍ଚାୟତରେ ବୈଠକ, ଶୋଭାଯାତ୍ରା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯିବ ବୋଲି ଦିଲୀପ କହିଥିଲେ। ବୈଠକରେ ନିମାପଡ଼ା ନିର୍ବାଚନମଣ୍ଡଳୀରେ ଥିବା ଗୋପ ବ୍ଲକର ୧୪ ପଞ୍ଚାୟତର ଶତାଧିକ କର୍ମୀ, ନେତୃତ୍ୱ ଯୋଗଦେଇଥିଲେ।

# ନର୍ସମାନେ ସେବାର ମୂର୍ତ୍ତିମନ୍ତ ପ୍ରତୀକ

କୋଣାର୍କ, ୧୩।୫(ଜ୍ୟୋତିରାଜ ମହାନ୍ତି):

କୋଣାର୍କସ୍ଥିତ ସ୍ୱର୍ଣ୍ଣଲତା ସ୍କୁଲ ଆଣ୍ଡ କଲେଜ ଅଫ ନର୍ସିଂ ପକ୍ଷରୁ ଅନ୍ତର୍ଜାତୀୟ ନର୍ସ ଦିବସ ମହାସମାରୋହରେ କୋଣାର୍କଠାରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଅଚିନ୍ତ୍ୟ ରାଧାକୃଷ୍ଣ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋଣାର୍କ ଥାନା ଭାରପ୍ରାପ୍ତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, ସତ୍ୟସାଇ ଯୋଗକେନ୍ଦ୍ର ସଭାପତି ଶରତ ଚନ୍ଦ୍ର ପ୍ରଧାନ, ଶିକ୍ଷାବିତ୍ ସୁକାନ୍ତ ଶତ୍ରୁଶଲ୍ୟ, ପ୍ରଧାନ ଶିକ୍ଷକ ନିହାର ପ୍ରସାଦ ଲେଙ୍କା, ଅଧ୍ୟାପକ ମାନସ ମହାନ୍ତି, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ନର୍ସମାନେ ସେବାର ପ୍ରତୀକ ଓ ସେବା ପାଇଁ ନିଷ୍ଠାର ସହ ଆଗେଇ ଆସିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ଅଧ୍ୟାପିକା ରୋଜିନା ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ସଭାପତି ପୁଣ୍ୟତୋୟା ମହାନ୍ତି ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କାର ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶୁଭାଶିଷ ପାଢ଼ୀ, ବାବୁରାମ ସ୍ୱାଇଁ, ରଶ୍ମିତା ସ୍ୱାଇଁ, ଶିବ ମଲିକ, ବର୍ଷା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବାନନ୍ଦ ବାରିକ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଭରତଚନ୍ଦ୍ର ପାଢ଼ୀ, କୈଳାସ ଚନ୍ଦ୍ର ପରିଡ଼ା, ତେଜସ୍ୱୀ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା।




ଅନ୍ତର୍ଜାତୀୟ ନର୍ସ ଦିବସ ଅବସରରେ ଜଣେ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

# ଅବହେଳିତ ଜୟଦେବ ବାଟିକାର ପୁନରୁଦ୍ଧାର ଦାବି

#### କୋଣାର୍କ ଶ୍ରୀଜୟଦେବ ଜୟନ୍ତୀ ସମାରୋହ ଉଦ୍‌ଯାପିତ

କୋଣାର୍କ, ୧୩।୫(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଶ୍ରୀଜୟଦେବ ଜୟନ୍ତୀ ଉତ୍ସବ କମିଟି ଆନୁକୂଲ୍ୟରେ ଚନ୍ଦ୍ରଭାଗାସ୍ଥିତ ଜୟଦେବ ବାଟିକା ପରିସରରେ ଆୟୋଜିତ ତ୍ରିଦିବସୀୟ ଶ୍ରୀଜୟଦେବ ଜୟନ୍ତୀ ସମାରୋହ ରବିବାର ଉଦ୍‌ଯାପିତ ହୋଇଯାଇଛି। ସମ୍ପ୍ରତି ଅବହେଳିତ ଅବସ୍ଥାରେ ଥିବା ଜୟଦେବ ବାଟିକାର ପୁନରୁଦ୍ଧାର ଦାବି କରିଛି ଶ୍ରୀଜୟଦେବ ଜୟନ୍ତୀ ଉତ୍ସବ କମିଟି। ପର୍ଯ୍ୟଟନ ବିଭାଗ ପକ୍ଷରୁ ନିର୍ମିତ ଜୟଦେବ ବାଟିକାକୁ ୨ବର୍ଷ ତଳୁ କୋଣାର୍କ ଏନ୍‌ଏସିକୁ ହସ୍ତାନ୍ତର କରାଯାଇଛି। ବାଟିକାର ଦାୟିତ୍ୱ ହସ୍ତାନ୍ତର ପରେ ଏନ୍‌ଏସି ପ୍ରଶାସନ ପକ୍ଷରୁ ଏହାର ରକ୍ଷଣାବେକ୍ଷଣ ଦିଗରେ ତିଳେମାତ୍ର ଧ୍ୟାନ ଦିଆଯାଇନାହିଁ। ପୂର୍ବରୁ



ଜୟଦେବ ବାଟିକାରେ ଅନୁଷ୍ଠିତ କୋଣାର୍କ ଶ୍ରୀଜୟଦେବ ଜୟନ୍ତୀ ସମାରୋହ।

କୋଣାର୍କ ମେଡିକାଲ ଛକସ୍ଥିତ ଅର୍କେଶ୍ୱର ମଣ୍ଡପରେ ଆୟୋଜିତ ହେଉଥିବା ତ୍ରିଦିବସୀୟ ସମାରୋହକୁ ଚଳିତବର୍ଷ ଜୟଦେବ ଜୟନ୍ତୀ ଉତ୍ସବ କମିଟି ଚନ୍ଦ୍ରଭାଗାସ୍ଥିତ ବାଟିକା ପରିସରରେ ଆୟୋଜନ କରି ଏହି ପୀଠର ବିକାଶ ନିମନ୍ତେ ଦାବି କରିଛି। ସମାରୋହରେ ଖାଲକଟାପାଟଣାର ମା' ଜାଗେଶ୍ୱରୀ ମହିଳା ସଂକୀର୍ତ୍ତନ ମଣ୍ଡଳୀ, କରମଙ୍ଗାର ମା' ଖଣ୍ଡୁଆଳୀ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଓ ମୂଳିସାହିର ମା' ଖିଲେଶ୍ୱରୀ ମହିଳା ସଂକୀର୍ତ୍ତନ ମଣ୍ଡଳୀର କଳାକାରଙ୍କ ଦ୍ୱାରା ଶ୍ରୀଜୟଦେବଙ୍କ ଗୀତଗୋବିନ୍ଦ ଓ ହରିନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। କମିଟି ପକ୍ଷରୁ ସମସ୍ତ କଳାକାରଙ୍କୁ ପ୍ରଶଂସାପତ୍ର ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସଭାପତି ଗୋପାଳଚନ୍ଦ୍ର ବେହେରା, ଉପଦେଷ୍ଟା ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ଉପଦେଷ୍ଟା ଭାଗୀରଥି ସ୍ୱାଇଁ, ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, ସଦସ୍ୟ ଅଜୟ ବେହେରା, ରାମକୃଷ୍ଣ ମହାନ୍ତି, ସଞ୍ଜୟ ରାଉତରାୟ, ଶତ୍ରୁଜିତ୍ ନାୟକ, ଶୁଭ୍ରଜିତ୍ ମହାପାତ୍ର, ସଞ୍ଜୟ ପତି, ମାନସ ରଞ୍ଜନ ପାତ୍ର ଓ ଶ୍ରୀଜଗନ୍ନାଥ ସମାଜ କଲ୍ୟାଣ ସଂସ୍ଥାନର ସମ୍ପାଦକ ବିରଞ୍ଚି ନାରାୟଣ ରଥ ପ୍ରମୁଖ ସମାରୋହ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଜବତ

**ସାକ୍ଷୀଗୋପାଳ,୧୩।୫(କିଶୋର ମହାପାତ୍ର):** ଜାନକାଦେଈପୁର ରେଳ ଲାଇନ ପାଖରୁ ସୋମବାର ଜଣେ ଯୁବକଙ୍କ ମୃତଦେହ ସାକ୍ଷୀଗୋପାଳ ଜିଆର୍‌ପି ପୋଲିସ ଜବତ କରିଛି। ଏନେଇ ପୋଲିସ ୧୬/୨୪ରେ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଯୁବକଙ୍କ ବୟସ ପାଖାପାଖି ୪୦ବର୍ଷ ହେବ। ତାଙ୍କ ସ୍ୱାସ୍ଥ୍ୟ ମଧ୍ୟମ ଧରଣର ହୋଇଥିବାବେଳେ ସେ ସବୁଜ, ଆକାଶୀ ରଙ୍ଗ ଶାର୍ଟ ଏବଂ ବେକରେ ରୁପା ପରି ଦେଖାଯାଉଥିବା ହନୁମାନ ଲକେଟ ପିନ୍ଧିଛନ୍ତି। ଯୁବକଙ୍କ ପରିଚୟ ମିଳିପାରି ନାହିଁ।

### ବଳରାମ ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ଟାଙ୍ଗୀ,୧୩।୫(ରଘୁନାଥ ସାହୁ):** ଟାଙ୍ଗୀ ଅଞ୍ଚଳର ଆରାଧ୍ୟ ବଳରାମ ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଅକ୍ଷୟ ତୃତୀୟା ତିଥିରୁ ଆରମ୍ଭ ହୋଇଥିବା ମହାଯଜ୍ଞ ସୋମବାର ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଛି। ପ୍ରତ୍ୟେକ ଦିନ ବିଭିନ୍ନ ନୀତି ସହ ପୂଜାର୍ଚ୍ଚନା ପଣ୍ଡିତ ଶୁଭ୍ରାଂଶୁ ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଯଜ୍ଞ କମିଟି, ଗ୍ରାମବାସୀଙ୍କ ସହଯୋଗରେ ଯଜ୍ଞାଦି କାର୍ଯ୍ୟକ୍ରମ ହୋଇଥିଲା। ସଭାପତି ଡା.ମଧୁସୂଦନ ସେନାପତି, ସମ୍ପାଦକ ବିଜୟ କୁମାର ରାଉତ, କୋଷାଧ୍ୟକ୍ଷ ଭଗବାନ ଚମ୍ପତି, ସରପଞ୍ଚ କିଶୋର କୁମାର ବେହେରା, ପୂର୍ବତନ ସରପଞ୍ଚ ଭରତ ଚରଣ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେଶ୍ୱର ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟକ୍ଷ ଦେବଦତ୍ତ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ ରାଉତ, ପୂର୍ଣ୍ଣଚନ୍ଦ୍ର ରଣା, ରମେଶ ହରିଚନ୍ଦନ, ପ୍ରସନ୍ନ ଶ୍ରୀଚନ୍ଦନ ପ୍ରମୁଖ ସହଯୋଗ କରିଥିଲେ।

### ଉପ ଶାସନ ସଚିବ କାଳି ଚରଣ ହେମ୍ବ୍ରମଙ୍କ ପରଲୋକ

**ଭୁବନେଶ୍ୱର,୧୩।୫(ଶର୍ମିଷ୍ଠା ପାଣିଗ୍ରାହୀ):** ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଉପ ଶାସନ ସଚିବ କାଳି ଚରଣ ହେମ୍ବ୍ରମଙ୍କର ଗତ ୧୦



ତାରିଖ ଶୁକ୍ରବାର ଦିନ ଚିକିତ୍ସାଧିନ ଅବସ୍ଥାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ଘଟିଛି। ତାଙ୍କୁ ୫୯ ବର୍ଷ ବୟସ ହୋଇଥିଲା। ମୟୂରଭଞ୍ଜ ଜିଲା କୁଲିଅଣା ଥାନା ଅନ୍ତର୍ଗତ କଳାପଥର ଗ୍ରାମ ନିବାସୀ ସ୍ୱର୍ଗତ ହେମ୍ବ୍ରମଙ୍କର ୩ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ତାଙ୍କ ବିୟୋଗରେ ଜିଏପିଜି ବିଭାଗ ସାଂସ୍କୃତିକ ଓ କ୍ରୀଡା ସଂସଦ ପକ୍ଷରୁ ଏକ ଶୋକସଭା ସୋମବାର ପୂର୍ବାହ୍ନରେ ଲୋକ ସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ସମେତ ଇଷ୍ଟେଟ ନିର୍ଦ୍ଦେଶକ ମନୋଜ କୁମାର ମହାନ୍ତି, ସ୍ୱତନ୍ତ୍ର ଶାସନ ସଚିବ ଡ. ହିମାଂଶୁ ଭୂଷଣ ପଣ୍ଡା, ଓଏସ୍‌ଡି ତଥା ସ୍ୱତନ୍ତ୍ର ଶାସନ ସଚିବ ଗଣେଶ ଚନ୍ଦ୍ର ପାତ୍ର, ଅତିରିକ୍ତ ଶାସନ ସଚିବ ଦେବବ୍ରତ ମଲ୍ଲିକ, ସଂଗ୍ରାମକେଶରୀ ରାୟସର୍ଦ୍ଦାର, ଅର୍ଥ ପରାମର୍ଶଦାତା ସାଗରିକା ହୋତା ଏବଂ ଜିଏପିଜି ବିଭାଗର ଅନ୍ୟ ସମସ୍ତ ଶାଖା ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଦିବଙ୍ଗତ ଅମରାତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ। କାର୍ଯ୍ୟକ୍ରମକୁ ଜିଏପିଜି ବିଭାଗ ସାଂସ୍କୃତିକ ଓ କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଚିତ୍ତରଞ୍ଜନ ପଣ୍ଡା ଓ ସାଧାରଣ ସମ୍ପାଦକ ଅମୀୟ କୁମାର ଦାସ ପରିଚାଳନା କରିଥିଲେ।

# ମାଠିଆ, ବାଲ୍‌ଟି ରଖି ରାସ୍ତାରୋକୋ

ଭୁବନେଶ୍ୱର,୧୩।୫ (ସୂର୍ଯ୍ୟକାନ୍ତ ବେହେରା)



**ରାଜଧାନୀରେ ପାଣି ସମସ୍ୟା**

■ ପଥଚାରୀ-ବସ୍ତିବାସିନ୍ଦା ମୁହାଁମୁହିଁ

୫ଦିନ ହେବ ପାଇପ୍ ପାଣି ଆସୁ ନାହିଁ। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖୋଦ୍ ରାଜଧାନୀ ଭୁବନେଶ୍ୱରରେ ପିଇବା ପାଣିକୁ ନେଇ ଏପରି ସଙ୍କଟ ଦେଖାଦେଇଛି। ଫଳରେ ୧୭ ନମ୍ବର ୱାର୍ଡ ଅନ୍ତର୍ଗତ ଆପୋଲୋ ହସ୍ପିଟାଲ ସାମ୍ନା ବିଶ୍ୱେଶ୍ୱର ବସ୍ତିର ଉତ୍ୟକ୍ତ ଲୋକେ ସୋମବାର ମାଠିଆ,ବାଲ୍‌ଟି ଧରି ରାସ୍ତାରୋକୋ କରିଥିଲେ। ଆନ୍ଦୋଳନକାରୀମାନେ କୌଣସି ଗାଡି ନ ଛାଡିବାରୁ ଦୀର୍ଘ ସମୟ ଧରି ରାସ୍ତା ଜାମ ହୋଇଥିଲା। ତେବେ ବାଟ ଛାଡିବାକୁ କହିବାରୁ କେତେଜଣ ପଥଚାରୀ ଓ ବସ୍ତିବାସିନ୍ଦାଙ୍କ ମଧ୍ୟରେ ବଚସାରୁ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଉତ୍ତେଜନା ଖବର ପାଇ ଶହୀଦନଗର ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ପାଣି ନ ଆସିବା ଯାଏ ରାସ୍ତାରୁ ହଟିବେନି ବୋଲି ବସ୍ତିବାସିନ୍ଦା ଅଡି ବସିଥିଲେ। ପୋଲିସ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରି ସମସ୍ୟାର ସମାଧାନ ପାଇଁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେଇଥିଲା। ଏହାପରେ ଉତ୍ୟକ୍ତ ଲୋକେ ଧାରଣାରୁ ହଟିଥିଲେ। ବସ୍ତିବାସିନ୍ଦା ଅଭିଯୋଗ କରିଛନ୍ତି ଯେ, ୫ ଦିନ ହେବ ପାଣି ଠିକ୍ ଭାବେ ଆସୁନି। ଯେଉଁ ସମୟରେ ପାଣି ଆସିବା କଥା ସେହି ସମୟରେ ପାଣି ଛାଡୁ ନାହାନ୍ତି, ତାହା ପୁଣି ସମୁଦ୍ରକୁ ଶଙ୍ଖେ। ଲୋକେ ଶୋଇଯିବା ପରେ ରାତି ୧ ଟାରେ ପାଣି ଆସୁଛି, ଯାହା କୌଣସି କାମରେ ଆସୁନି। ଗାଧୋଇବା, ଶୌଚ ହେବାତ ଦୂରର କଥା ରୋଷେଇ ମଧ କରିପାରୁନାହାନ୍ତି। ତେଣୁ ରାସ୍ତାକୁ ଓହ୍ଲାଇବାକୁ ବାଧ ହେଲୁ ବୋଲି ସେମାନେ କହିଛନ୍ତି। ସ୍ଥାନୀୟ କର୍ପୋରେଟର ପୂଜା ମହାରଣା କହିଛନ୍ତି, ଆଚର୍ଯ୍ୟ ବିହାର ରାସ୍ତାରେ କିଛିଦିନ ତଳେ ପାଣି ପାଇପ୍ କାମ ଚାଲିଥିଲା। କାମ ପରେ କୌଣସି କାରଣରୁ ପାଣି ଅଳ୍ପ ପରିମାଣରେ ଆସୁଛି। କିନ୍ତୁ ଲୋକେ ଜଣାଇ ନ ଥିଲେ। ଏଥର ପାଣି ଆସିବା ପାଇଁ ଆମେ ୱାଟ୍‌କୋ ଅଧିକାରୀଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ଯେଉଁ ସମସ୍ୟା ରହିଛି ସମାଧାନ କରିବୁ ବୋଲି ସେ କହିଛନ୍ତି। ଏନେଇ ୱାଟ୍‌କୋ ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ।

# ରାଜଧାନୀରେ ନିର୍ବାଚନୀ ହିଂସା

ଭୁବନେଶ୍ୱର,୧୩।୫ (ସୂର୍ଯ୍ୟକାନ୍ତ ବେହେରା)

■ ଭାଜପା କର୍ମୀଙ୍କୁ ଆକ୍ରମଣ ଅଭିଯୋଗ

■ ଦୁଇଟି ମାମଲା ରୁଜୁ କରି ପୋଲିସର ତଦନ୍ତ

ରାଜଧାନୀରେ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ପ୍ରଚାର ଚାଲିଥିବାବେଳେ ୟୁନିଟ୍-୮ ତ୍ରିନାଥ ବସ୍ତିରେ ଭାଜପା ଓ ବିଜେଡି କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଜଣେ ଭାଜପା କର୍ମୀଙ୍କୁ ଗାଳିଗୁଲଜ ଓ ନାନା ଧମକ ସହ ସଂଘବଦ୍ଧ ଆକ୍ରମଣ ହୋଇଥିବା ନୟାପଲ୍ଲୀ ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ବ୍ୟକ୍ତିଜଣକ ହେଲେ ଲକ୍ଷ୍ମଣ ମହାପାତ୍ର। ସେ ୩୮ ନମ୍ବର ୱାର୍ଡର କର୍ପୋରେଟଙ୍କ ସ୍ୱାମୀ ଓ ତାଙ୍କ ସହଯୋଗୀ ତାଙ୍କୁ ଆକ୍ରମଣ କରିଥିବା ନେଇ ତାଙ୍କ ଏତଲାରେ ଦର୍ଶାଇଛନ୍ତି। ଲକ୍ଷ୍ମଣ ପୂର୍ବରୁ ବିଜେଡିରେ ଥିଲେ, ଏବେ ଭାଜପାରେ ଅଛନ୍ତି। ତେଣୁ ରାଜନୈତିକ ଆକ୍ରୋଶ ରଖି ଏଭଳି ଆକ୍ରମଣ ହୋଇଥିବା ଗଣମାଧ୍ୟମ ଆଗରେ ଲକ୍ଷ୍ମଣ କହିଛନ୍ତି। ପୋଲିସ ସୂଚନାନୁସାରେ, ତ୍ରିନାଥ ବସ୍ତିରେ ଦଳୀୟ ସମର୍ଥକଙ୍କ ସହ ବିଜେଡି ପ୍ରାର୍ଥୀଙ୍କ ପ୍ରଚାର ସମୟରେ କର୍ପୋରେଟର ଗୋଷ୍ଠୀର କେତେଜଣ ଲୋକ ଅଭିଯୋଗକାରୀ ଲକ୍ଷ୍ମଣ ମହାପାତ୍ରଙ୍କୁ ଏପରି ଆକ୍ରମଣ କରିଥିଲେ। ଏପରିକି ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ କିଛି ସମୟ ଧରି ଗଣ୍ଡଗୋଳ ହୋଇଥିଲା। ଅପରପକ୍ଷେ ବିଜେଡିର ଜଣେ କର୍ମୀ ମଧ୍ୟ ଲକ୍ଷ୍ମଣଙ୍କ ନାଁରେ ପାଲଟା ଅଭିଯୋଗ କରିଛନ୍ତି। ପ୍ରଚାରବେଳେ ଲକ୍ଷ୍ମଣ ତାଙ୍କୁ ଗାଳିଗୁଲଜ କରିଥିବା ସେ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏନେଇ ଦୁଇ ପକ୍ଷର ଅଭିଯୋଗକ୍ରମେ ପୋଲିସ ୨ଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ୩୦ମିନିଟ୍ ବହି ପଢ଼ିଲେ ଚଳଚ୍ଚିତ୍ର ଦେଖିବାର ସୁଯୋଗ







ଭୁବନେଶ୍ୱର,୧୩।୫(ଶର୍ମିଷ୍ଠା ପାଣିଗ୍ରାହୀ)

■ ବକୁଳରେ ଅନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ଉତ୍ସବ, ୧୭ ଯାଏ ଚାଲିବ

■ ଇରାନ ଚଳଚ୍ଚିତ୍ର 'ଦ କଲର ଅଫ୍ ପାରାଡାଇଜ'ର ସ୍କ୍ରିନିଂ

ବକୁଳ ଫାଉଣ୍ଡେଶନ ପକ୍ଷରୁ ବକୁଳ ଲାଇବ୍ରେରୀଠାରେ 'ଅନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ଉତ୍ସବ'ର ୩ୟ ସଂସ୍କରଣ ରବିବାରଠାରୁ ଆରମ୍ଭ ହୋଇଯାଇଛି। ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଉତ୍ସବରେ ପ୍ରତିଦିନ ଅପରାହ୍ନ ୫ଟାରୁ ଫିଲ୍ମ ପ୍ରଦର୍ଶନ ଆରମ୍ଭ ହେଉଛି। ତେବେ ୩୦ ମିନିଟ୍ ବହି ପଢ଼ିବା ପରେ ହିଁ ଏହି ଫିଲ୍ମ ଦେଖିବାର ସୁଯୋଗ ମିଳୁଛି, ଯାହାକି ଏକ ଭିନ୍ନ ବାର୍ତ୍ତା ଦେଉଛି। ଇଟାଲୀ, ଇରାନ, ଜାପାନ, କୋରିଆ, କାନାଡା ଏବଂ ଭାରତର ସର୍ବୋତ୍ତମ ସିନେମାର ଏକ ନିଆରା ଅନୁଭୂତି ନେବା ପାଇଁ ଶିଶୁଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ସାମିଲ ହେଉଛନ୍ତି। ଚଳଚ୍ଚିତ୍ରଗୁଡ଼ିକରେ ଆନିମେଶନଠାରୁ ସାମାଜିକ ନାଟକ ଏବଂ କମେଡି ପର୍ଯ୍ୟନ୍ତ ଶୈଳୀର ବିବିଧତା ରହିଛି। ସୋମବାର ଇରାନ ଚଳଚ୍ଚିତ୍ର 'ଦ କଲର ଅଫ୍ ପାରାଡାଇଜ୍' ସ୍କ୍ରିନିଂ ହୋଇଥିଲା। ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଜିତ ମହାପାତ୍ର କହିଛନ୍ତି, ଯେତେବେଳେ ପିଲାମାନେ ବିଭିନ୍ନ ସଂସ୍କୃତିରୁ ଆସୁଥିବା ସିନେମାର ସୌନ୍ଦର୍ଯ୍ୟର ସମ୍ମୁଖୀନ ହୁଅନ୍ତି, ସେତେବେଳେ ସେମାନଙ୍କର କଳ୍ପନା ଖୋଲିଯାଏ ଏବଂ ସେମାନେ ଜାଣନ୍ତି ଯେ କଳ୍ପନା କରିବା କିମ୍ବା ଜିନିଷ ସୃଷ୍ଟି କରିବାର କେବଳ ଏକମାତ୍ର ଉପାୟ ନାହିଁ , ବହୁତ ଉପାୟ ଅଛି। ଚଳିତବର୍ଷର ଚଳଚ୍ଚିତ୍ର ମହୋତ୍ସବରେ ସବୁଠାରୁ କୌତୁହଳପୂର୍ଣ୍ଣ ବିଷୟ ହେଉଛି ଯେ ଚଳଚ୍ଚିତ୍ର ଦେଖିବା ପାଇଁ ଜଣଙ୍କର ଟିକେଟ ହେଉଛି ୩୦ମିନିଟ୍ ପୁସ୍ତକ ପଢ଼ିବା ପରେ ହିଁ ଫିଲ୍ମ ଦେଖିପାରିବ ବୋଲି ସେ କହିଛନ୍ତି। ମହୋତ୍ସବର କ୍ୟୁରେଟର ସୌଭାଗ୍ୟ ବେଉରା ରହିଛନ୍ତି।

## ସିଏସ୍ଆଇଆର୍ - ଆଇଏମ୍ଏମ୍‌ଟି ପରିଦର୍ଶନ କଲେ ଡ. ଏମ୍.ରବିଚନ୍ଦ୍ରନ

ଭୁବନେଶ୍ୱର,୧୩।୫(ଶର୍ମିଷ୍ଠା ପାଣିଗ୍ରାହୀ)

ସିଏସ୍ଆଇଆର୍ - ଆଇଏମ୍ଏମ୍‌ଟିର ହୀରକ ଜୟନ୍ତୀ ଅବସରରେ 'ଡାଇମଣ୍ଡ ଜୁବିଲି ଫାଉଣ୍ଡେଶନ ଡେ ଲେକ୍ଚର ଅଫ୍ ଏମିନେନ୍ସ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଆର୍ଥ ସାଇନ୍ସ ମନ୍ତ୍ରଣାଳୟର ସଚିବ ଡ. ଏମ୍. ରବିଚନ୍ଦ୍ରନ ଯୋଗଦେଇଥିଲେ। ସେ ସିଏସ୍ଆଇଆର୍- ଆଇଏମ୍ଏମ୍‌ଟିର ବିଭିନ୍ନ ବିଭାଗ ଯଥା ହାଇଡ୍ରୋ ଆଣ୍ଡ୍ ଇଲେକ୍ଟ୍ରୋମେଟାଲର୍ଜି ବିଭାଗ, ମିନେରାଲ ପ୍ରୋସେସିଂ ବିଭାଗ, ପାଇଲଟ୍ ପ୍ଲାଣ୍ଟ, ସେଣ୍ଟ୍ରାଲ କ୍ୟାରାକ୍ଟରାଇଜେଶନ ବିଭାଗ ଆଦି ପରିଦର୍ଶନ କରିବା ସହିତ ବୈଜ୍ଞାନିକ, କର୍ମଚାରୀ ଏବଂ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇନ୍ସେସ (ଆଇଏଲ୍ଏସ୍)ର ନିର୍ଦ୍ଦେଶକ ଡ. ଦେବାଶିଷ ଦାଶ ଏବଂ ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ଭୁବନେଶ୍ୱରର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ମୁଖ୍ୟ ବୈଜ୍ଞାନିକ ଡ. କାଳୀ ସଞ୍ଜୟ ସ୍ୱାଗତ ଭାଷଣ ଦେବା ସହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ୩ ରଥର ୧୧ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ

ପୁରୀ,୧୩।୫(ଅଜିତ୍ କୁମାର ମହାନ୍ତି)



ଶ୍ରୀନହର ସମ୍ମୁଖ ଅସ୍ଥାୟୀ ରଥ ଖଳାରେ ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ପବିତ୍ର ଅକ୍ଷୟ ତୃତୀୟାଠାରୁ ତିନି ରଥର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ରଥ ନିର୍ମାଣର ତୃତୀୟ ଦିନ ସୋମବାର ସନ୍ଧ୍ୟା ସୁଦ୍ଧା ୩ ରଥର ୪୨ ଗୋଟି ତୁମ୍ବ ମଧ୍ୟରୁ ୧୧ଟି ତୁମ୍ବର ଗୋଲେଇ କାର୍ଯ୍ୟ ସହ ମଠା କାର୍ଯ୍ୟ ଶେଷ ହୋଇଛି। ୧୧ଟି ମଧ୍ୟରୁ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥର ୧୪ଟି ତୁମ୍ବରୁ ୪ଗୋଟି ତୁମ୍ବର କାର୍ଯ୍ୟ ଶେଷ ହୋଇଛି। ସେହିପରି ମା' ସୁଭଦ୍ରାଙ୍କ ଦେବୀଦଳନ ରଥର ୧୨ଗୋଟି ତୁମ୍ବ ମଧ୍ୟରୁ ୩ଗୋଟି ତୁମ୍ବର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ୧୬ ଗୋଟି ତୁମ୍ବ ମଧ୍ୟରୁ ୪ଗୋଟି ତୁମ୍ବର କାର୍ଯ୍ୟ ଶେଷ ହୋଇଛି। ଏହିପରି ମୋଟ ୧୧ତୁମ୍ବର ଗୋଲେଇ ସହ ମାଠା କାର୍ଯ୍ୟ ଶେଷ ହୋଇଛି। ରଥ ଖଳାରେ କରତି ସେବକମାନେ ୨୦ଗୋଟି ତୁମ୍ବ ଗଡ଼ ଚିରଟ କରି ୩ରଥ ଚାଳିକୁ ଯୋଗାଉଛନ୍ତି। ସେଥିମଧ୍ୟରୁ ତାଳଧ୍ୱଜ ରଥ ଚାଳିକୁ ୭, ଦେବୀରଥ ଚାଳିକୁ ୬ ଏବଂ ନନ୍ଦିଘୋଷ ରଥଚାଳିକୁ ୭ ତୁମ୍ବ ଗଡ଼ କରତି ସେବକ ଚିରଟ କରି ଯୋଗାଇଛନ୍ତି। ଅପରପକ୍ଷରେ ବାକି ତୁମ୍ବଗଡ଼କୁ ଚିରଟ ପାଇଁ ୩ ରଥର ମୁଖ୍ୟ ମହାରଣା ସେବକମାନେ ଉଦ୍ଦିଷ୍ଟ ଫାଶୀ କାଠଗୁଡ଼ିକରେ ମାପ ଚିହ୍ନ ଦେବା ପରେ ଭୋଇ ସର୍ଦ୍ଦାରଙ୍କ ତତ୍ତ୍ୱାବଧାନରେ ଭୋଇ ସେବକମାନେ ତୁମ୍ବ ଚିରଟ ପାଇଁ କାଠଗଡ଼ଗୁଡ଼ିକୁ ସାଇଜ୍ କରି ରଖୁଛନ୍ତି। ସେହିପରି ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନିରଥ ପାଇଁ ଅରକଣ୍ଟା ପ୍ରସ୍ତୁତି ଜାରି ରଖିଛନ୍ତି।

# ଭାଜପାରେ ମିଶିଲେ ବହୁ ବିଜେଡି ନେତା, କର୍ମୀ

ଟାଙ୍ଗୀ,୧୩।୫(ରଘୁନାଥ ସାହୁ)



ଭୁବନେଶ୍ୱର ଲୋକ ସଭା ଭାଜପା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ନୂତନ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରୁଛନ୍ତି।

ଟାଙ୍ଗୀ ମଧୁମଙ୍ଗଳ ପଡ଼ିଆଠାରେ ସୋମବାର ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଭାଜପା ପରିଷଦ ସଦସ୍ୟ ରଘୁନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କୁମାର ଜଗଦ୍ଦେବ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ବାସନ୍ତୀ ମହାପାତ୍ର, ବିଧାନସଭା ସଂଯୋଜକ ଆଇନଜୀବୀ ନକୁଳ ନାୟକ, କୁହୁଡି ମଣ୍ଡଳ ସଭାପତି ପବିତ୍ର ହରିଚନ୍ଦନ, ଟାଙ୍ଗୀ ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର କଳସ, ବିଦ୍ୟୁତ୍ କାଣ୍ଡି, ହେମନ୍ତ ବେହେରା, ଶ୍ରୀନିବାସ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ, ସମିତିସଭ୍ୟ ଓ କର୍ମୀମାନେ ଭାଜପାରେ ସାମିଲ ହୋଇଥିଲେ। ଟାଙ୍ଗୀ ସରପଞ୍ଚ କିଶୋର ବେହେରା, ବଡ଼ପାରୀ ସରପଞ୍ଚ ପ୍ରଫୁଲ୍ଲ ଦାସ, ଭୂଷଣ୍ଡପୁର ସରପଞ୍ଚ ସୌରଭ ଦାସ ମହାପାତ୍ର, ସୁମିତ୍ରା ବରିଶଲ, ସୁରେନ୍ଦ୍ର ମହାପାତ୍ର, ଚିନ୍ମୟ ପୃଷ୍ଟି, ଦୁର୍ଯ୍ୟୋଧନ ରାଉତରାୟ, ତପନ ମହାନ୍ତି, ମିତ୍ରଭାନୁ ସୁବୁଦ୍ଧି, ଅଶୋକ ପାତ୍ର, ଅନ୍ନପୂର୍ଣ୍ଣା ବେହେରା, ବିଶ୍ୱରଞ୍ଜନ ଦାସ, ସୁନିଲ କୁମାର ମହାନ୍ତି, କସ୍ତୁରୀ ପାଣିଗ୍ରାହୀ, ସୂର୍ଯ୍ୟମଣି ସାହୁ, ଦଣ୍ଡପାଣି ବେହେରା, ତ୍ରିନାଥ ବେହେରା, ତାରାପ୍ରସାଦ ଚାଉପଟ୍ଟନାୟକ, ଆରତୀ ସାହୁଙ୍କ ସମେତ ୨୬ ପଞ୍ଚାୟତର ପ୍ରାୟ ୫ହଜାର ବିଜେଡି କର୍ମୀ ଓ ସମର୍ଥକ ଭାଜପାରେ ସାମିଲ ହୋଇଛନ୍ତି। ଓଡ଼ିଶାରେ ଡବଲ ଇଞ୍ଜିନ୍ ସରକାର ପାଇଁ ଉଭୟ ପ୍ରାର୍ଥୀ ଜନସାଧାରଣଙ୍କ ଆଶୀର୍ବାଦ ଲୋଡ଼ିଥିଲେ। ମିଶ୍ରଣ ପର୍ବ ପରେ ଏକ ବାଇକ୍ ଶୋଭାଯାତ୍ରାରେ ଟାଙ୍ଗୀ, ବଡ଼ପାରୀ, ରାମଚନ୍ଦ୍ରପୁର, ପାରିଓରଡ଼, କୁହୁଡ଼ି, ରତନପୁର ପଞ୍ଚାୟତକୁ ଯାଇ ଉଭୟ ପ୍ରାର୍ଥୀ ଭାଜପା ଭୋଟଦେବାକୁ ନିବେଦନ କରିଥିଲେ।

## ବୃଦ୍ଧ ଦମ୍ପତିଙ୍କ ଉପରେ ଟ୍ରକ୍ ଚଢ଼ାଇଥିବା ଡ୍ରାଇଭର ଗିରଫ

ଭୁବନେଶ୍ୱର,୧୩।୫(ସତ୍ୟଜିତ୍ ରାଉତ)

■ ପଳାଶୁଣି ଛକ ଦୁର୍ଘଟଣା ଘଟଣା

ଭୁବନେଶ୍ୱର ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ପଳାଶୁଣି ଛକରେ ଟ୍ରକ୍ ଧକ୍କାରେ ବୃଦ୍ଧ ଦମ୍ପତିଙ୍କ ମୃତ୍ୟୁ ଘଟଣାରେ ମଞ୍ଚେଶ୍ୱର ଥାନା ପୋଲିସ ୫ ଦିନ ପରେ ସୋମବାର ଅଭିଯୁକ୍ତ ଡ୍ରାଇଭରଙ୍କୁ ଗିରଫ କରିଛି। ସେ ହେଲେ ବୌଦ୍ଧ ଜିଲା ସଦର ଥାନା ଅନ୍ତର୍ଗତ ବଡ଼ୀଗାଁର ତୋଷମନ୍ତ ସ୍ୱାଇଁ (୨୬)। ଦୁର୍ଘଟଣା ଘଟାଇଥିବା ଟ୍ରକକୁ (ଓଡି୧୭ଏବି୧୯୦୯) ତାଙ୍କ ନିକଟରୁ ପୋଲିସ ଜବତ କରିଛି। କୋର୍ଟଚାଲାଣ ପରେ ଅଭିଯୁକ୍ତ ତୋଷମନ୍ତଙ୍କୁ ଜେଲକୁ ପଠାଇ ଦିଆଯାଇଛି। ମେ' ୮ ଭୋର୍ ସମୟରେ ଏହି ଦୁଃଖଦ ଘଟଣା ଘଟିଥିଲା। ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଆନନ୍ଦପୁର ଗାଁର ଉମେଶ ପ୍ରସାଦ ପାଣିଗ୍ରାହୀ (୬୬) ଓ ସ୍ତ୍ରୀ ନଳିନୀ ପାଣିଗ୍ରାହୀ (୬୨) ସେମାନଙ୍କ ୩୯ତମ ବିବାହ ବାର୍ଷିକୀରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ ମନସ୍ଥ କରିଥିଲେ। ଉମେଶ ଓ ନଳିନୀ ମେ' ୭ ରାତିରେ ଉଲୁଣ୍ଡାରୁ ବସ୍‌ଯୋଗେ ପୁରୀ ବାହାରିଥିଲେ। ବୁଧବାର ଭୋର୍ ପ୍ରାୟ ୫ଟା ୧୫ରେ ଭୁବନେଶ୍ୱର ପଳାଶୁଣି ଛକରେ ସେମାନେ ଓହ୍ଲାଇ ପୁରୀ ବସ୍ ଧରିବାକୁ ଅପରପାର୍ଶ୍ୱ (ରସୁଲଗଡ଼ ପାର୍ଶ୍ୱ)କୁ ଯାଉଥିଲେ। ଏହି ସମୟରେ ରସୁଲଗଡ଼ ଓଭରବ୍ରିଜ୍‌ରୁ କଟକ ଆଡକୁ ଦ୍ରୁତଗତିରେ ଯାଉଥିବା ଟ୍ରକ ନଳିନୀଙ୍କୁ ଧକ୍କା ଦେଇ ଚଢ଼ିଯାଇଥିଲା। ଉମେଶ ଟ୍ରକ୍‌କୁ ଅଟକାଇବାକୁ ଚେଷ୍ଟା କରୁଥିବାବେଳେ ତାଙ୍କୁ ମଧ ଧକ୍କାଦେଇ ପ୍ରାୟ ଅଧା କି.ମି. ପର୍ଯ୍ୟନ୍ତ ଘୋଷାରି ନେଇଥିଲା। ଫଳରେ ଉଭୟଙ୍କର ହିଁ ଜୀବନ ଚାଲିଯାଇଥିଲା। ଏନେଇ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୨୩୩/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ତୋଷମନ୍ତଙ୍କୁ ପୋଲିସ ଟିମ୍ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରୁ କାବୁ କରିଥିଲା।

# ମଳିପଡ଼ାରେ ସନ୍ତୋଷ ଜେନାଙ୍କ ପଦଯାତ୍ରା



ଜଟଣୀ,୧୩।୫(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ନିର୍ବାଚନ ମଣ୍ଡଳୀ ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ମଳିପଡା ପଞ୍ଚାୟତରେ କଂଗ୍ରେସର ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାରେ କଂଗ୍ରେସର ବିଧାୟକ ପ୍ରାର୍ଥୀ ସନ୍ତୋଷ ଜେନା ଯୋଗଦେଇ ଚାଷୀମାନଙ୍କ ପାଇଁ ଜଳଯୋଗାଣ ସୁବିଧା, ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ବିଭିନ୍ନ ସଂସ୍ଥାରେ ନିଯୁକ୍ତି, ଏହି ଅଞ୍ଚଳରେ ଥିବା ବିଭିନ୍ନ ଘରୋଇ ସଂସ୍ଥାରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେବା ସହ ନିଜ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। କଂଗ୍ରେସ ନେତା ଅଜିତ୍ ଶ୍ରୀଚନ୍ଦନ ଓ ଚିତ୍ତରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ବହୁ ଅସନ୍ତୁଷ୍ଟ ଭାଜପା, ବିଜେଡି କର୍ମୀ ଯୋଗଦେଇ ସନ୍ତୋଷ ଜେନାଙ୍କୁ ସହଯୋଗର ହାତ ବଢାଇଥିଲେ। ପଦଯାତ୍ରାରେ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

# ଚିକିତ୍ସା କ୍ଷେତ୍ରରେ ସେବିକାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୧୩।୫ (ଅନୁରାଧା ମହାରଣା)



ସ୍ୱର୍ଶ ହସ୍ପିଟାଲ୍ ଗ୍ରୁପ୍ ପକ୍ଷରୁ 'ଅନ୍ତର୍ଜାତୀୟ ସେବିକା ଦିବସ' ପାଳିତ ହୋଇଯାଇଛି। ଚିକିତ୍ସା କ୍ଷେତ୍ରରେ ଯେମିତି ଡ଼ାକ୍ତରଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ, ଠିକ୍ ସେହିଭଳି ସେବିକାଙ୍କ ଚିକିତ୍ସା ଏବଂ ସେବାର ଭୂମିକା ସେତିକି ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ ପାଇଛି। ସ୍ୱର୍ଶ ହସ୍ପିଟାଲ୍ ଗ୍ରୁପ୍ ପକ୍ଷରୁ ମୁଖ୍ୟ ପରିଚାଳନା ଅଧ୍ୟକ୍ଷ ଡା. ପ୍ରିୟବ୍ରତ ଧୀରଙ୍କ ପକ୍ଷରୁ ସେବିକାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଅବସରରେ ସେବିକାମାନଙ୍କର ତ୍ୟାଗପୂତ ସେବା ଓ ରୋଗୀମାନଙ୍କୁ ଉନ୍ନତମାନର ସେବା ପ୍ରଦାନ ଦିଗରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ନିର୍ମଳା ଟ୍ରଷ୍ଟର ପ୍ରତିଷ୍ଠାତା ନୃସିଂହ ଚରଣ ଧୀର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ବରିଷ୍ଠ କର୍କଟ ବିଶେଷଜ୍ଞ ପ୍ରଫେସର ଡା. ଘନଶ୍ୟାମ ବିଶ୍ୱାସ, ବିତ୍ତ ଅଧିକାରୀ ସି ଏ ବିଧୁ ଭୂଷଣ ନାୟକ, ମସ୍ତିଷ୍କ ଏବଂ କର୍ଣ୍ଣ-ନାସା-ଗଳା ବିଭାଗର ବରିଷ୍ଠ ବିଶେଷଜ୍ଞ ପ୍ରଫେସର ଡା. ରାଜେଶ କୁମାର ପାଢ଼ୀ, ସ୍ୱର୍ଶ ହସ୍ପିଟାଲ୍ ଗ୍ରୁପ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଅନୁଜ କୁମାର ତିୱାରୀ, କଣ୍ଟାବାଡ଼ ହସ୍ପିଟାଲ୍‌ର ଅଧୀକ୍ଷକ ଡା. ମଦନମୋହନ ଦତ୍ତ, କଣ୍ଟାବାଡ଼ ହସ୍ପିଟାଲ୍‌ର କାର୍ଯ୍ୟକାରୀ ସମ୍ପାଦକ ଶରତ ଚନ୍ଦ୍ର ଭଞ୍ଜ, ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ରାଜ୍ୟ ସରକାରଙ୍କ ଦ୍ୱାରା ସମ୍ମାନିତ ବରିଷ୍ଠ ସାରସ୍ୱତ ସାଧକ ଡା. ଦିବାକର ମାନସିଂହ, ହସ୍ପିଟାଲ୍‌ର ବରିଷ୍ଠ ଡାକ୍ତରମାନେ ଯୋଗଦେଇ ସେବିକାଙ୍କୁ ଉତ୍ସାହିତ କରିଥିଲେ। ସେବିକାଙ୍କ ସେବା ମନୋବୃତ୍ତିରେ କିପରି ଉନ୍ନତି ଆସିବ ସେହି ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଡା. ଦେବାଶିଷ ଦାସ ଏବଂ ସଂଚୟିତା ଜେନା ସେବିକାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ରାଜ୍ୟର ପ୍ରଥମ ପର୍ଯ୍ୟାୟ ମତଦାନ: ଭୋଟ ଦେଲେ ପ୍ରମୁଖ ପ୍ରାର୍ଥୀ


ନବରଙ୍ଗପୁର ଲୋକ ସଭା ଆସନ ବିଜେଡି ପ୍ରାର୍ଥୀ ପ୍ରଦୀପ ମାଝି


ନବରଙ୍ଗପୁର ଲୋକ ସଭା ଆସନ ଭାଜପା ପ୍ରାର୍ଥୀ ବଳଭଦ୍ର ମାଝି


ନବରଙ୍ଗପୁର ଲୋକ ସଭା ଆସନ କଂଗ୍ରେସ ପ୍ରାର୍ଥୀ ଭୁଜବଳ ମାଝି


କୋରାପୁଟ ଲୋକ ସଭା ଆସନ କଂଗ୍ରେସ ପ୍ରାର୍ଥୀ ସପ୍ତଗିରି ଉଲ୍ଲାକା।


ରାୟଗଡ଼ା ଜିଲା ବିଷମକଟକ ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ସାରକା ।


କୋରାପୁଟ ଜିଲା ଜୟପୁର ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ତାରାପ୍ରସାଦ ବାହିନୀପତି।


ବ୍ରହ୍ମପୁର ଲୋକ ସଭା ଆସନ ଭାଜପା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ।


ବ୍ରହ୍ମପୁର ବିଧାନସଭା ଆସନ ବିଜେଡି ପ୍ରାର୍ଥୀ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ।


ପାରଳାଖେମୁଣ୍ଡି ଭାଜପା ବିଧାୟକ ପ୍ରାର୍ଥୀ କେ. ନାରାୟଣ ରାଓ


ଗୋପାଳପୁର ବିଜେଡି ବିଧାୟକ ପ୍ରାର୍ଥୀ ବିକ୍ରମ ପଣ୍ଡା


ନର୍ଲା କଂଗ୍ରେସ ବିଧାୟକ ପ୍ରାର୍ଥୀ ଭକ୍ତ ଚରଣ ଦାସ


ଧର୍ମଗଡ଼ ବିଜେଡି ବିଧାୟକ ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ


କଳାହାଣ୍ଡି ଭାଜପା ଲୋକ ସଭା ପ୍ରାର୍ଥିନୀ ମାଳବିକା କେଶରୀ ଦେଓ


ଭବାନୀପାଟଣା ଭାଜପା ବିଧାୟକ ପ୍ରାର୍ଥୀ ପ୍ରଦୀପ୍ତ ନାଏକ

# ସାମୂହିକ ନେତୃତ୍ୱ ଉପରେ ଭରସା କରେ ଭାଜପା: ମନମୋହନ

## ବିକାଶ କଥାରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କଲେ ମତେ ଦାଦନ, ରାଜମିସ୍ତ୍ରି କହୁଛନ୍ତି: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୩।୫(ସୁନିତ୍ ମିଶ୍ର)**



ଭୁବନେଶ୍ୱରଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ (ବାମରୁ) ପ୍ରତାପ ଷଡଙ୍ଗୀ, ବୈଜୟନ୍ତ ପଣ୍ଡା, ମନମୋହନ ସାମଲ, ଧର୍ମେନ୍ଦ୍ର ପ୍ରଧାନ ଏବଂ ଅପରାଜିତା ଷଡଙ୍ଗୀ ଉପସ୍ଥିତ ଅଛନ୍ତି।

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟାକାଣ୍ଡର ପ୍ରଚ୍ଛଦପଟରେ ଶାସକ ଦଳର ଷଡ଼ଯନ୍ତ୍ର ଥିଲା। ସେମାନେ ହିଁ ସାମ୍ପ୍ରଦାୟିକ ଦଙ୍ଗା ରଚିଥିଲେ। ତେଣୁ ଓଡ଼ିଶାରେ ବିଜେଡି କ୍ଷମତାରେ ରହିବାର ଅଧିକାର ନାହିଁ। ଏହାର ତଦନ୍ତ ଲାଗି ୩ଟି କମିଶନ ବସିବା ସତ୍ତ୍ୱେ ରିପୋର୍ଟ ସାର୍ବଜନୀନ ହେଲା ନାହିଁ। ଏହି ଘଟଣାରେ ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କ ବାପାଙ୍କ ଭୂମିକା ସନ୍ଦେହଘେରରେ ରହିଛି। ମାତ୍ର ପୋଲିସ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ବାଲେଶ୍ୱରରୁ ଭାଜପା ଲୋକ ସଭା ପ୍ରାର୍ଥୀ ହୋଇଥିବା ପ୍ରତାପ ଷଡ଼ଙ୍ଗୀ କହିଛନ୍ତି। ସ୍ଥାନୀୟ ଏକ ଘରୋଇ ହୋଟେଲଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରତାପଙ୍କ ସମେତ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଦଳର ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଏବଂ ଭୁବନେଶ୍ୱର ଭାଜପା ଏମ୍‌ପି ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ମିଳିତ ଭାବେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏହାସହ ଭାଜପା ସାମୂହିକ ନେତୃତ୍ୱ ଉପରେ ବିଶ୍ୱାସ ରଖେ ବୋଲି ମନମୋହନ ଦୃଢ଼ୋକ୍ତି ରଖିଛନ୍ତି।

ଏହି ଅବସରରେ ବୈଜୟନ୍ତ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବନ୍ଦୀ କରି ରଖାଯାଇଛି। ତାଙ୍କୁ କଣ୍ଢେଇ ଭଳି ଅନ୍ୟ ଜଣେ ନିୟନ୍ତ୍ରଣ କରୁଛନ୍ତି। ମୁଖ୍ୟମନ୍ତ୍ରୀ ୨୦୧୮ ପର୍ଯ୍ୟନ୍ତ ଯେପରି ଥିଲେ ଏହାପରେ ସେ ସମ୍ପୂର୍ଣ୍ଣ ବଦଳିଯାଇଛନ୍ତି। ସିଏ ଏବେ ଯେଉଁଠିକୁ ଯାଉଛନ୍ତି ତାଙ୍କ ପାଖରେ ଜଣେ ବ୍ୟକ୍ତିଙ୍କୁ ହିଁ ଦେଖିବାକୁ ମିଳୁଛି, ଯାହାଙ୍କ କବ୍‌ଜାରେ ସେ ଅଛନ୍ତି। ଏବେ ଯେତେ ପ୍ରାୟ ମୁଖ୍ୟମନ୍ତ୍ରୀଙ୍କ ଭିଡିଓ ବାର୍ତ୍ତା ଆସୁଛି ଏହା ଡିପ୍ ଫେକ୍ ଭିଡିଓ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଦ୍ୱାରା ସେସବୁ ଭିଡିଓ ପ୍ରସ୍ତୁତ କରାଯାଉଥିବା ବୈଜୟନ୍ତ କହିଛନ୍ତି। ଏହି ଅବସରରେ ଅପରାଜିତା କହିଛନ୍ତି ଯେ, ବିଜେଡି ନିଜ ନିର୍ବାଚନୀ ଘୋଷଣାପତ୍ରରେ ଶହେ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ଦେବାକୁ ଘୋଷଣା କରିଛି। ହେଲେ ଭାଜପା ବିଜୁଳି ବିଲ୍ ସମ୍ପୂର୍ଣ୍ଣ ଛାଡ଼ କରିବା ସାଙ୍ଗକୁ ସବୁ ଘର ଛାତ ଉପରେ ସୋଲାର ପ୍ୟାନେଲ ବସାଇବାକୁ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଛି। ବିଜେଡି ସବୁବେଳେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ଅପରାଜିତା, ଧର୍ମେନ୍ଦ୍ର ବିରୋଧ କରୁଥିବା କଥା କହୁଛି। ଭାଜପା କେବେ ବିକାଶ କରିବାକୁ ବିରୋଧ କରିନାହିଁ ବରଂ କାମ କରିବାର ପ୍ରଣାଳୀକୁ ନେଇ ପ୍ରଶ୍ନ ଉଠାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ୪୨୦୦ କୋଟି ଟଙ୍କା ଖର୍ଚ୍ଚ ହେଲା। ଏହା ରାଜ୍ୟ ବଜେଟରୁ ଖର୍ଚ୍ଚ କରାଗଲା। ଦକ୍ଷିଣ ଭାରତର ଏକ ଅନଭିଜ୍ଞ କମ୍ପାନୀ ଭୂମିପୁତ୍ରକୁ ଏହି କାମ ଦିଆଗଲା। ଡିପିଆର୍ ନିୟମ ଅନୁସାରେ ପ୍ରସ୍ତୁତ ନ କରି ପରବର୍ତ୍ତୀ ସମୟରେ ପରିବର୍ତ୍ତନ କରାଗଲା। ଏହା କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି, ଓଡ଼ିଶାରେ ଶିଶୁ ମୃତ୍ୟୁହାର(ଆଇଏମ୍ଆର୍) ୩୬ ଥିବାବେଳେ ଗୁଜରାଟରେ ୨୩ ଏବଂ ଜାତୀୟ ହାର ୨୮ ଅଛି। ଶିଶୁ ମୃତ୍ୟୁରେ ଓଡ଼ିଶା ୩ୟ ସର୍ବାଧିକ ରାଜ୍ୟ ଭାବେ ଥିବା ରିପୋର୍ଟ ପ୍ରକାଶ ପାଇଛି। ଜାତୀୟସ୍ତରରେ ସ୍ୱାସ୍ଥ୍ୟସେବା ବାବଦକୁ ସରକାର ମୁଣ୍ଡପିଛା ୨୦୧୪ ଟଙ୍କା ଖର୍ଚ୍ଚ କରୁଥିବାବେଳେ ଗୁଜରାଟରେ ସରକାର ୧୮୬୧ ଟଙ୍କା ଏବଂ ରାଜ୍ୟ ସରକାର ମାତ୍ର ୧୪୪୯ ଟଙ୍କା ଖର୍ଚ୍ଚ କରୁଛନ୍ତି। ଓଡ଼ିଶାରେ ମାଟ୍ରିକ ପରୀକ୍ଷାରେ ଫର୍ମ ପୂରଣ କରି ପ୍ରାୟ ୫୦% ପିଲା ପରୀକ୍ଷା ଦେଉନାହାନ୍ତି। ପ୍ରାୟ ୪୯.୯% ପିଲା ହାଇସ୍କୁଲ ସ୍ତରରେ ଅଧାରୁ ପାଠ ଛାଡୁଛନ୍ତି। ଏହା ତୁଳନାରେ ଗୁଜରାଟରେ ୨୮% ଥିବାବେଳେ ଜାତୀୟସ୍ତରରେ ୨୦% ଅଛି। ଦୀର୍ଘ ୨୫ ବର୍ଷ ଶାସନରେ ହିଞ୍ଜିଳିରୁ କାହିଁକି ଅଧିକ ଲୋକ ଗୁଜରାଟକୁ ଦାଦନ ଖଟିବାକୁ ଯାଉଛନ୍ତି। ଏଥିରୁ ଓଡ଼ିଶାର ବାସ୍ତବ ସ୍ଥିତି ଏବଂ ସତ୍ୟ କ'ଣ ଅନୁମେୟ। ଭାଜପା ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ, ପରମ୍ପରା ଏବଂ ବିକାଶରେ ବିଶ୍ୱାସ ରଖେ। ମାତ୍ର ଏହିସବୁ ସମ୍ବେଦନଶୀଳ ବିଷୟ ବର୍ତ୍ତମାନ ଓଡ଼ିଶାରେ ବଡ଼ ପ୍ରଶ୍ନବାଚୀ। ଓଡ଼ିଶାକୁ ଏପରିସ୍ଥିତିରୁ ବାହାରକୁ ଆଣିବାକୁ ହେବ। ରାଜ୍ୟରେ ବିଜେଡି ଏତେବର୍ଷ ଶାସନ କରିବା ପରେ ମଧ୍ୟ ପିଇବା ପାଣି ନାହିଁ। ଦୂଷିତ ପାଣି ପିଇବା କାରଣରୁ ହଇଜା ହେଉଛି। ଜଳସେଚନର ଘୋର ଅଭାବ। ମୁଖ୍ୟମନ୍ତ୍ରୀଙ୍କୁ ଏସବୁ ଉପରେ ପ୍ରଶ୍ନ କଲେ ବିଜେଡି ତାଙ୍କୁ ନୀଚା ଦେଖାଇବା ସହ ଦାଦନ ଭଳି ଅପମାନସୂଚକ ମନ୍ତବ୍ୟ ଦେଉଛି। ରାଜମିସ୍ତ୍ରି ଓ ଡାକପିଅନର ଆଖ୍ୟା ମଧ୍ୟ ଦେଉଛନ୍ତି। ଓଡ଼ିଶାବାସୀଙ୍କ କଥାକୁ ପ୍ରଧାନମନ୍ତ୍ରୀଙ୍କ ପାଖରେ ପହଞ୍ଚାଇବା ପାଇଁ ସେ ଦାଦନ ଓ ଡାକପିଅନ ହେବା ପାଇଁ ଶ୍ରେୟସ୍କର ମନେ କରିବେ ବୋଲି କହିଛନ୍ତି। ଏହି ଅବସରରେ ମନମୋହନ କହିଛନ୍ତି, ବିଜେଡି ବିଭିନ୍ନ କଥା କହି ଓଡ଼ିଶାର ଜନତାଙ୍କୁ ବିଭିନ୍ନ ସମୟରେ ବିଭ୍ରାନ୍ତ କରିଆସିଛି। ଲୋକେ ଭାଜପାକୁ ଭୋଟ ଦେବାକୁ ମନସ୍ଥ କରିଛନ୍ତି। ବିଜୁବାବୁ ୫ଟି ସ୍ଥାନରୁ ନିର୍ବାଚନ ହାରିଥିଲେ, ଏହାକୁ ସ୍ୱୀକାର ମଧ୍ୟ କଲେ। କିନ୍ତୁ ଗୁମାସ୍ତା ଦଳୀୟ ପରାଜୟକୁ ସ୍ୱୀକାର କରିପାରୁନାହାନ୍ତି, ନିର୍ବାଚନରେ ହାରିଲେ ସନ୍ନ୍ୟାସ ନେବି କହୁଛନ୍ତି। ହାରିବା ଜିତିବା ରାଜନୀତିରେ ସ୍ୱାଭାବିକ ପ୍ରକ୍ରିୟା। ଯେଉଁମାନେ ସୁନାଚାମଚ ଧରି ଜନ୍ମ ହୋଇ ରାଜନୀତି କରୁଛନ୍ତି, ସେମାନେ ଟଙ୍କା ବିଦେଶରେ ରଖିଛନ୍ତି, କେଉଁ ଜାଗାରେ ରହିବ ତାହାର ଯୋଜନା କରୁଛନ୍ତି। ବିଜେଡି ନେତାମାନେ ହତାଶ ଓ ନିରାଶ ଅବସ୍ଥାରେ ପହଞ୍ଚିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ବିବୃତି ଦେବା ଆରମ୍ଭ କରିଛନ୍ତି। ସାଢ଼େ ୪ କୋଟି ଓଡ଼ିଆ ଆମ ସହ ଅଛନ୍ତି। ଓଡ଼ିଶାରେ ସରକାର ପରିବର୍ତ୍ତନ ହେବ ବୋଲି ଲୋକେ ସଂକଳ୍ପ ନେଇଥିବା ସେ କହିଛନ୍ତି।

# ଭାଜପାର ଦୋମୁହାଁ ଚରିତ୍ର ଦେଖି ହସୁଛନ୍ତି ଓଡ଼ିଶାବାସୀ: ବିଜେଡି

**ଭୁବନେଶ୍ୱର, ୧୩।୫(ଅନିଲଦାସ)**

ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ବିଜୁ ଜନତା ଦଳ ୪ରୁ ୪ ଲୋକ ସଭା ଆସନ ଏବଂ ୨୮ଟି ବିଧାନସଭା ଆସନରୁ ୯୦ ପ୍ରତିଶତ ଆସନରେ ବାଜିମାତ୍ କରିବାକୁ ଯାଉଛି। ଏକଥା ଜାଣିଲା ପରେ ଓଡ଼ିଶା ଭାଜପା ନେତା ବିଚଳିତ ଆଉ ବିବ୍ରତ ହୋଇ ପଡିଛନ୍ତି। ବ୍ୟତିବ୍ୟସ୍ତ ହୋଇ ହତୋତ୍ସାହିତ କର୍ମୀଙ୍କ ମନୋବଳ ବଢାଇବାକୁ ୫ ନେତା ଏକାଠି ହୋଇ ଖବରଦାତା ସମ୍ମିଳନୀ କରିଛନ୍ତି। ହେଲେ ସେମାନଙ୍କର ମୁହଁ ଶୁଖିଯାଇଛି। ତାଙ୍କର ମନୋବଳ କେତେ ତଳେ ରହିଛି ତାହା ସ୍ପଷ୍ଟ ଜଣାପଡୁଛି। ଶଙ୍ଖ ଭବନରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ, ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ଏହା କହିଛନ୍ତି। ଅମର କହିଛନ୍ତି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ଏକାମ୍ର ପ୍ରକଳ୍ପକୁ ବନ୍ଦ କରିବା ପାଇଁ ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ସାମ୍ନାରେ ଯେଉଁ ଡ୍ରାମା ଉଭୟ ଅପରାଜିତା ଷଡ଼ଙ୍ଗୀ ଏବଂ ଧର୍ମେନ୍ଦ୍ର ପ୍ରଧାନ କରିଥିଲେ, ସେକଥା କେହି ଭୁଲିନାହାନ୍ତି। ଉଭୟେ ପ୍ରକଳ୍ପକୁ ସବୁ ସ୍ତରରେ ବିରୋଧ କରିଥିଲେ। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ), ଜାତୀୟ ଐତିହ୍ୟ କର୍ତ୍ତୃପକ୍ଷ (ଏନ୍ଏମ୍ଏ)ପାଖରେ କାମକୁ ଅଟକାଇବା ପାଇଁ ସମସ୍ତ ପ୍ରକାରର ଚକ୍ରାନ୍ତ ଓ ଷଡ଼ଯନ୍ତ୍ର କରିଥିଲେ। ପରବର୍ତ୍ତୀ ସମୟରେ ନିଜର କିଛି ଅନୁଗତଙ୍କ ଜରିଆରେ ମାମଲାକୁ ସୁପ୍ରିମକୋର୍ଟ ନେଇଥିଲେ। ନାମୀଦାମୀ ଓକିଲ ଲଗାଇଥିଲେ। ହେଲେ ସବୁ ବାଧାବିଘ୍ନ ପରେ ବି ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢ଼ିଥିଲା। ବିଜେଡି ଯେତେବେଳେ ଆହ୍ୱାନ ଦେଲା, ନିର୍ବାଚନ ଇସ୍ତାହାରରେ ରଖନ୍ତୁ ଯେ ସେମାନେ ପରିକ୍ରମା ପ୍ରକଳ୍ପ ବନ୍ଦ କରିଦେବେ, ତା'ପରେ ଓଡ଼ିଶା ଭାଜପା ନେତା କଥା ବଦଳାଇବା ଆରମ୍ଭ କରିଛନ୍ତି। ଆଉ ସେକଥା ଉଠାଉନାହାନ୍ତି। ଏବେ ଖବରଦାତା ସମ୍ମିଳନୀ କରି କହୁଛନ୍ତି, ସେମାନେ ପରିକ୍ରମା ପ୍ରକଳ୍ପକୁ ସମର୍ଥନ କରୁଥିଲେ। ଭାଜପାର ଏଭଳି ଦୋମୁହାଁ ଚରିତ୍ର ଦେଖି ଓଡ଼ିଶାବାସୀ ହସିବା ଆରମ୍ଭ କଲେଣି। ପ୍ରତି ୧୫ ଦିନରେ ମତ ବଦଳାଇ ସେମାନେ ନିଜର ସୁବିଧା ଅନୁସାରେ କଥା କହୁଛନ୍ତି। ଭୁଲି ଯାଉଛନ୍ତି, ତାଙ୍କର ପ୍ରତିଟି ବୟାନ ଗଣମାଧ୍ୟମରେ ପ୍ରଦର୍ଶିତ ହୋଇଛି। ପରିକ୍ରମା ପ୍ରକଳ୍ପ ପାଇଁ ଯେଉଁଦିନ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରି ଫେରୁଥିଲେ, ସେଦିନ ଧର୍ମେନ୍ଦ୍ର ମୁଖ୍ୟମନ୍ତ୍ରୀଙ୍କ ଉପରେ ଅଣ୍ଡାମାଡ଼ କରାଇଥିଲେ; ଯାହା ସାଢ଼େ ୪ କୋଟି ଓଡ଼ିଆଙ୍କୁ ଉତ୍କ୍ଷିପ୍ତ କରିଥିଲା। ଏହାର ଜବାବ ଭୋଟରେ ଦେଇଥିଲେ। ୩୦ରୁ ୩୦ ଜିଲା ପରିଷଦରେ ବିଜେଡିକୁ ଜିତାଇଥିଲେ। ସେହିଭଳି ୨୦୧୮ରେ ବିଜେପୁର ଉପନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ଉପରକୁ ଚପଲ ମାଡ଼ କରାଇଥିଲେ ଧର୍ମେନ୍ଦ୍ର ପ୍ରଧାନ। ଜନତା ମଧ୍ୟ ଏହାର ଉଚିତ ଜବାବ ନିର୍ବାଚନରେ ଦେଇଥିଲେ। ଚଳିତ ନିର୍ବାଚନରେ ପୁଣି ବୁଦ୍ଧି ଶିଖାଇବାକୁ ନିଷ୍ପତ୍ତି ନେଇସାରିଲେଣି, ଯାହାର ଅୟମାରମ୍ଭ ଆଜିଠାରୁ ହୋଇସାରିଲାଣି ବୋଲି ସେ କହିଛନ୍ତି। ସୁଲତା କହିଛନ୍ତି, ଆମେ ଶୁଣିବାକୁ ପାଉଥିଲୁ, ଓଡ଼ିଶା ଭାଜପା ତାଙ୍କର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବେ, ହେଲେ ଏହାପରେ ସେମାନଙ୍କର ଆଶାୟୀଙ୍କ ମଧ୍ୟରେ ଏତେ ଯୁକ୍ତିତର୍କ ଏବଂ ଗଣ୍ଡଗୋଳ ଘଟିଲା ଯେ, ସେମାନେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିପାରିଲେ ନାହିଁ। ସେମାନେ ଭଲ ଭାବେ ଜାଣିଛନ୍ତି, ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କଲେ ଦଳ ଚାରି ଭାଗ ହୋଇଯିବ। ମନମୋହନ ସାମଲଙ୍କ ଅବସ୍ଥା ଦେଖିଲେ ଆମକୁ ଦୟା ଲାଗୁଛି, ତାଙ୍କ କଥାକୁ କେହି ଗୁରୁତ୍ୱ ଦେଉନାହାନ୍ତି। ଓଡ଼ିଶା ନିବାସ ଘଟଣା ପରେ ସେ ନିଜର ଗୁରୁତ୍ୱ ହରାଇ ବସିଛନ୍ତି। ଓଡ଼ିଶା ଭାଜପାର ସଭାପତି ଭାବେ ସେ ଦଳର ମହିଳା ଭୋଟ୍‌କୁ ପ୍ରଭାବିତ କରୁଛନ୍ତି। ଓଡ଼ିଶା ଭାଜପା ଏଭଳି ଏକ ଦୟନୀୟ ସ୍ଥିତି ଦେଇ ଯାଉଛି ଯେ, ଏଠି କାହା କଥା କେହି ଶୁଣିବାକୁ ପ୍ରସ୍ତୁତ ନୁହନ୍ତି। ଫଳରେ ସେମାନେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ନାଁ ଘୋଷଣା କରିପାରୁ ନାହାନ୍ତି ବୋଲି ସୁଲତା କହିଛନ୍ତି।



ଖବରଦାତା ସମ୍ମିଳନୀରେ ବିଜେଡି ନେତା ସୁଲତା ଦେଓ, ଅମର ପଟ୍ଟନାୟକ ଓ ସ୍ୱୟଂପ୍ରକାଶ ମହାପାତ୍ର।

# ନିର୍ବାଚନ ପ୍ରଚାର ସମୟରେ ମହୁମାଛି ଆକ୍ରମଣ

**ସୋନପୁର/ବିନିକା, ୧୩।୫**
**(ମୃତ୍ୟୁଞ୍ଜୟ ଶତପଥୀ/ରାମଗୋପାଳ ବାଘ)**

## ପଦ୍ମନାଭ, ସୁରେନ୍ଦ୍ରଙ୍କ ସମେତ ୨୦ ବିଜେଡି ନେତା ଆହତ

ନିର୍ବାଚନ ପ୍ରଚାର ସମୟରେ ମହୁମାଛି ଆକ୍ରମଣ ଯୋଗୁ ବୀରମହାରାଜପୁର ବିଧାୟକ ତଥା ବିଜେଡି ବିଧାୟକ ପ୍ରାର୍ଥୀ ପଦ୍ମନାଭ ବେହେରା, ବଲାଙ୍ଗୀର ଏମ୍‌ପି ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇଙ୍କ ସମେତ ୨୦ ଜଣ ଆହତ ହୋଇଛନ୍ତି। ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କଇଁତରା ଗାଁରେ ବିଜେଡିର ନିର୍ବାଚନ ପ୍ରଚାର ଚାଲିଥିବା ସମୟରେ ସୋମବାର ଅପରାହ୍ନରେ ଏହି ଘଟଣା ଘଟିଛି। ଆହତ ନେତା ଓ କର୍ମୀଙ୍କୁ ବିନିକା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଛି। ସମସ୍ତେ ସୁସ୍ଥ ଅଛନ୍ତି। ସୂଚନା ଅନୁଯାୟୀ ବିଜେଡି ବଲାଙ୍ଗୀର ଏମ୍‌ପି ପ୍ରାର୍ଥୀ ଭୋଇ ଓ ବୀରମହାରାଜପୁର ବିଧାୟକ ପ୍ରାର୍ଥୀ ବେହେରା ଦଳର ନେତା ଓ ସମର୍ଥକଙ୍କୁ ନେଇ ବିନିକା ବ୍ଲକରେ ପ୍ରଚାର କରୁଥିଲେ। କଇଁତରା ଗାଁକୁ ପ୍ରଚାରରେ ଯାଇଥିବା ସମୟରେ ଡିଜେ ଓ ବାଜା ଶବ୍ଦ ଯୋଗୁ ମହୁମାଛି ଗୁଡିକ ଉଡି ଆସି ଶୋଭାଯାତ୍ରାକାରୀଙ୍କୁ ଆକ୍ରମଣ କରିଥିଲେ। ମହୁମାଛି କାମୁଡିବା ଯୋଗୁ ବିଜେଡି ଜିଲା ସଭାପତି ଅଶୋକ କୁମାର ନନ୍ଦ, ବିଜେଡି ବ୍ଲକ ସଭାପତି ଦ୍ୱାରିକା ସାହୁ, ସୋମନାଥ ମିଶ୍ର, ଭୀମସେନ ସାହୁ, ମାନସ ରଞ୍ଜନ ବେହେରା, ଜିଲା ପରିଷଦ ସଭ୍ୟ ବଶିଷ୍ଠ ଭରାସାଗର ଓ ଧର୍ମପଦ ଥାପା ପ୍ରମୁଖ ଆହତ ହୋଇଥିବା ଜଣାପଡ଼ିଛି।

# ସିଇଓଙ୍କ ନିକଟରେ ଫେରାଦ ହେଲା ଭାଜପା

**ଭୁବନେଶ୍ୱର, ୧୩।୫(ସୁନିତ୍ ମିଶ୍ର)**

## ସରକାରୀ କର୍ମଚାରୀଙ୍କୁ ନିର୍ବାଚନୀ କାର୍ଯ୍ୟରେ ଲଗାଉଛି ବିଜେଡି

ବିଜେଡି ପରାଜୟ ଭୟରେ ନିର୍ବାଚନ ବୈତରଣୀ ପାର ହେବା ପାଇଁ ଭୋଟରଙ୍କୁ ବିଭିନ୍ନ ଉପାୟରେ ପ୍ରଭାବିତ କରିବାକୁ ଅପଚେଷ୍ଟା କରୁଛି, ଯେଉଁଥିପାଇଁ ସରକାରୀ କଳ, ବଳ ଓ କର୍ମଚାରୀଙ୍କୁ ନିଜର ଦଳୀୟ କାର୍ଯ୍ୟରେ ବ୍ୟବହାର କରୁଛି। ସବୁ ନୀତିନିୟମକୁ ମାଡିମକଚି ପ୍ରଶାସନିକ ଅଧିକାରୀଙ୍କୁ ନିର୍ବାଚନ କାର୍ଯ୍ୟରେ ଲଗାଇବା ବିଜେଡିର ଚିରାଚରିତ ଅଭ୍ୟାସ। ସେହିପରି ବିଜେଡି ବିରୋଧରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନର ଯେତେ ପ୍ରମାଣ ସାମ୍ନାକୁ ଆସିଲେ ମଧ୍ୟ ଏହି ଦଳ ପୁରୁଣା ଅଭ୍ୟାସ ପରିବର୍ତ୍ତନ କରିପାରୁନାହିଁ। ଉଦାହରଣସ୍ୱରୂପ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଗୋପୀନାଥପୁର ଗ୍ରାମପଞ୍ଚାୟତ ଜିଆରଏସ୍ ରୀତାରାଣୀ ମୁଦୁଲି ବିଜେଡିକୁ ଭୋଟ ଦେବା ପାଇଁ ଲୋକଙ୍କୁ ମୋଟିଭେଟ୍ କରୁଛନ୍ତି। ପ୍ରକାଶଥାଉ କି, ଜିଆର୍ଏସ୍ ମୁଦୁଲି ୧୦ ଜଣ ନାବାଳିକା, ନାବାଳକ ଛାତ୍ରୀଛାତ୍ରଙ୍କ ବୟସ ବଢ଼ାଇ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟର ମଷ୍ଟରରୋଲ୍‌ରେ ଚଢ଼ାଇ ୮୩ ହଜାର ୯୪୪ ଟଙ୍କା ତୋସରପାତ କରିଥିଲେ। ଏ ସମ୍ପର୍କରେ ତାଙ୍କ ବିରୋଧରେ ଅଭିଯୋଗ ପ୍ରମାଣିତ ହୋଇ ତାଙ୍କଠାରୁ ଟଙ୍କା ଫେରସ୍ତ ନିଆଯାଇଛି। କିନ୍ତୁ ଏ କ୍ଷେତ୍ରରେ ତାଙ୍କୁ କାର୍ଯ୍ୟରୁ ବରଖାସ୍ତ କରିବା ପରିବର୍ତ୍ତେ ଭଦ୍ରକ ଜିଲାପାଳ ତାଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି। ବିଜେଡି ପାଇଁ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଭଦ୍ରକ ଜିଲାପାଳ ସୁରକ୍ଷା ଦେଉଥିବା ଭାଜପା ଅଭିଯୋଗ କରି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହୋଇଛି। ରୀତାରାଣୀ ମୁଦୁଲିଙ୍କ ସ୍ୱାମୀ ପୁରୁଷୋତ୍ତମ ବାରିକ ଗତ ପଞ୍ଚାୟତ ନିର୍ବାଚନରେ ଜିଆର୍ଏସ୍ ଥିଲାବେଳେ ଏଭଳି ଦୁର୍ନୀତି କରି ଚାକିରିରୁ ବରଖାସ୍ତ ହୋଇଥିଲେ। ଏବେ ସେ ବିଜେଡିର ଜିଲା ଉପସଭାପତି ଅଛନ୍ତି। ବିଜେଡି ପ୍ରଭାବରେ ଜିଲାପାଳ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ଓ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ସୁରକ୍ଷା ଦେଉଛନ୍ତି ବୋଲି ଭାଜପା ଅଭିଯୋଗ କରିଛି।

# ଆଠମଲ୍ଲିକ ବିକାଶର ମିସ୍ତ୍ରି ହେବାକୁ ଚାହେଁ: ଧର୍ମେନ୍ଦ୍ର

## ହଣ୍ଡପା, ବଇଣ୍ଡାରେ କେନ୍ଦ୍ରମନ୍ତ୍ରୀଙ୍କ ବିଶାଳ ରୋଡ୍ ଶୋ



ରୋଡ୍ ଶୋ' ଅବସରରେ ସମ୍ବଲପୁର ଲୋକ ସଭା ଆସନର ଭାଜପା ଏମ୍‌ପି ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ, ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ସଞ୍ଜୀବ ସାହୁ ଓ ବିଧାୟକ ରମେଶ ସାଏ।

**ବଇଣ୍ଡା, ୧୩।୫ (ପରିକ୍ଷିତ ସାହୁ)**

ଓଡ଼ିଶାବାସୀ ୨୫ ବର୍ଷର ସରକାରକୁ ବଦଳାଇ ଡବଲ ଇଞ୍ଜିନ ସରକାର କରିବେ। ଏ ନେଇ ଲୋକେ ମନସ୍ଥ କରିଛନ୍ତି। ଏହା ଜାଣି ବିଜେଡି ସରକାର ସମ୍ପୂର୍ଣ୍ଣ ଭୟଭୀତ ହୋଇପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କୁ ଅଣ ଓଡ଼ିଆ ବ୍ୟକ୍ତି ଯାହା କହୁଛନ୍ତି ତାହା ସେ କପି କରି କହୁଛନ୍ତି। ଚଳିତ ନିର୍ବାଚନରେ ଭାଜପା ଓଡ଼ିଶାରେ ସରକାର କଲେ ଅନେକ ଗ୍ରାମର ବିକାଶ ହେବ। ଆଠମଲ୍ଲିକ ବିକାଶ ପାଇଁ ମିସ୍ତ୍ରି ହେବାକୁ ଚାହେଁ। ସମ୍ବଲପୁର ସଂସଦୀୟ କ୍ଷେତ୍ର ଅଧୀନରେ ଥିବା ଅନୁଗୋଳ ଜିଲାର ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କିଶୋରନଗର ବ୍ଲକ ହଣ୍ଡପା ଅଞ୍ଚଳରେ ସୋମବାର ରୋଡ୍ ଶୋ' ଅବସରରେ ଏହା କହିଛନ୍ତି ସମ୍ବଲପୁର ସଂସଦୀୟ କ୍ଷେତ୍ରର ଭାଜପା ଏମ୍‌ପି ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଏକ ବିରାଟ ଶୋଭାଯାତ୍ରାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଓଡ଼ିଶାକୁ ସବୁବେଳେ ଭାଜପା ସରକାର ଅଧିକ ଅନୁଦାନ ଦେଉଛି। ଦୀର୍ଘ ୧୦ ବର୍ଷରେ ଭାଜପା ସରକାର ଯାହା ଅର୍ଥ ଓଡ଼ିଶାକୁ ଦେଇଛନ୍ତି ତାହା ଅନ୍ୟ ସରକାର ଅମଳରେ ଓଡ଼ିଶା ପାଇନାହିଁ। ଆଠମଲ୍ଲିକ କୃଷି ବହୁଳ ଅଞ୍ଚଳ ହୋଇଥିଲେ ମଧ୍ୟ ଚାଷୀଙ୍କ ପାଇଁ ଜଳସେଚନ ବ୍ୟବସ୍ଥା ହୋଇନାହିଁ। ଭାଜପା ସରକାର ଆସିଲେ ଧାନର ମୂଲ୍ୟ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା, କେନ୍ଦୁପତ୍ର ବିଡାକୁ ୧.୬୦ ଟଙ୍କାରୁ ୨ ଟଙ୍କା କରାଯିବ। ୨ କୋଟି ମହିଳାଙ୍କୁ ସୁଭଦ୍ରା ଯୋଜନା ମାଧ୍ୟମରେ ୫୦ ହଜାର ଲେଖାଏ ଟଙ୍କା ପ୍ରଦାନ କରାଯିବ। ତେଣୁ ପଦ୍ମ ଚିହ୍ନରେ ଭୋଟ ଦେଇ ଭାଜପା ବିଧାୟକ ପ୍ରାର୍ଥୀ ସଞ୍ଜୀବ ସାହୁ ଓ ଏମ୍‌ପି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଧର୍ମେନ୍ଦ୍ର ଲୋକଙ୍କୁ ଅନୁରୋଧ କରିଥିଲେ। ହଣ୍ଡପାର ମା' ମାହେଶ୍ୱରୀଙ୍କ ଦର୍ଶନ କରିବା ପରେ ହଣ୍ଡପା, ଲୁହାମୁଣ୍ଡା, ନୁନୁକାପଶି, ଗାଁ ବଇଣ୍ଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ ରୋଡ୍ ଶୋ କରିବା ସହ ବଇଣ୍ଡା ନିଗମାନନ୍ଦ ଆଶ୍ରମ ନିକଟରେ ଥିବା ପଡିଆରେ ଅନୁଷ୍ଠିତ ସଭାରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ବିଧାୟକ ପ୍ରାର୍ଥୀ ସଞ୍ଜୀବ ସାହୁ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଜିଲା ଭାଜପା ସଭାପତି ଦିଲେଶ୍ୱର ପ୍ରଧାନ, ଉପ ସଭାପତି ଅର୍ଜୁନ ସାହୁ, ଭାଜପା ନେତା ପ୍ରକାଶ ଡାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

# ବିରୋଧୀ ଯାହା କୁହନ୍ତି ତାହା କରନ୍ତିନି: ପ୍ରଣବ



କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ସମ୍ବଲପୁର ଲୋକ ସଭା ଆସନର ବିଜେଡି ଏମ୍‌ପି ପ୍ରାର୍ଥୀଙ୍କ ସହ ଅନ୍ୟମାନେ।

**ଛେଣ୍ଡିପଦା, ୧୩।୫ (ଅଜିତ ଧଳ)**

ପ୍ରଧାନମନ୍ତ୍ରୀ କିଛିଦିନ ତଳେ ଓଡ଼ିଆ ଅସ୍ମିତାକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଯେଉଁଭଳି କଥା କହିଥିଲେ ତାର ଉଚିତ ଜବାବ ଦିଆଯିବ। ମୁଖ୍ୟମନ୍ତ୍ରୀ ଯାହା କୁହନ୍ତି ତାହା କାର୍ଯ୍ୟରେ କରି ଦେଖାନ୍ତି। ନିର୍ବାଚନ ଆସିଲେ ବିରୋଧୀ ଦଳ ଯାହା ଦବୁ ଦବୁ କହିଥାନ୍ତି, ତାହା କେବେ କରି ନ ଥାନ୍ତି। ଅନୁଗୋଳ ଜିଲା ଛେଣ୍ଡିପଦା ନିର୍ବାଚନମଣ୍ଡଳୀର କୋଶଳା ଓ ତୁବେ ଠାରେ ସୋମବାର ଅନୁଷ୍ଠିତ ବିଜେଡିର କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗଦେଇ ସମ୍ବଲପୁର ଲୋକ ସଭା ଆସନର ବିଜେଡି ଏମ୍‌ପି ପ୍ରାର୍ଥୀ ତଥା ଦଳର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏହା କହିଛନ୍ତି।

ବ୍ଲକ ବିଜେଡି ସଭାପତି ଶରତ ଗଡ଼ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ମିଳନୀରେ ପ୍ରଣବ କହିଥିଲେ, ସାଧାରଣ ଲୋକଙ୍କ ଠାରୁ ଅଭିଯୋଗ ପାଇ ମାଗଣା ବିଜୁଳି ଦେବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ତେଣୁ ଯୋଡ଼ି ଶଙ୍ଖରେ ଭୋଟ ଦେଲେ ସମ୍ବଲପୁର ସଂସଦୀୟ କ୍ଷେତ୍ରରେ ଓଡ଼ିଶା ୧ନଂ. ହୋଇପାରିବ। ସମ୍ମିଳନୀରେ ଉପସ୍ଥିତ ଛେଣ୍ଡିପଦା ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା ମୁଖ୍ୟମନ୍ତ୍ରୀଙ୍କ ଯୋଜନାକୁ ଘରେ ଘରେ ପହଞ୍ଚାଇବା ସହିତ ବିଜୁଜନତା ଦଳର ସୁପ୍ରିମୋଙ୍କ ହାତ ମୁଠାକୁ ମଜଭୁତ କରିବ ପାଇଁ ଅନୁରୋଧ କରିଥିଲେ। ତୁବେ ଠାରେ ଅନୁଷ୍ଠିତ କାର୍ଯ୍ୟକର୍ତ୍ତା ବୈଠକରେ ମଧ୍ୟ ବିରୋଧୀଙ୍କ ଉପରେ ବର୍ଷିବା ସହ ଚଳିତ ସାଧାରଣ ନିର୍ବାଚନରେ ଯୋଡ଼ି ଶଙ୍ଖରେ ବିପୁଳ ପରିମାଣରେ ଭୋଟ ଦେଇ ବିଜୁ ଜନତା ଦଳକୁ ଜିତାଇବା ପାଇଁ ପ୍ରଣବ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଜିଲା ପର୍ଯ୍ୟବେକ୍ଷକ କୁନୁ ବିହାରୀ ଦାସ, ସଞ୍ଜୟ ଅଗ୍ରୱାଲ, ରୋଶନା ସାହୁ, ଜିଲା କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସାହୁ, ନାରାୟଣ ସାହୁ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲା ଉପ ସଭାପତି ରାକେଶ ପ୍ରଧାନ, ଟାଙ୍ଗିରି ସରପଞ୍ଚ ଅମରେଶ ନାଥ ପ୍ରମୁଖ ଉପସ୍ଥିତ ଥିଲେ।

# ୧୬ରେ ଓଡ଼ିଶା ଆସୁଛନ୍ତି ଖାର୍ଗେ: ଅଜୟ କୁମାର

**ଭୁବନେଶ୍ୱର, ୧୩।୫(ସୁନିତ୍ ମିଶ୍ର)**

ଆସନ୍ତା ୧୬ ତାରିଖରେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓଡ଼ିଶା ଆସିବେ ବୋଲି ଓଡ଼ିଶା ପ୍ରଭାରୀ ଅଜୟ କୁମାର କହିଛନ୍ତି। ସୋମବାର ଭୁବନେଶ୍ୱରଠାରେ ଏକ ଖବରଦାତା ସମ୍ମିଳନୀ ସେ କହିଛନ୍ତି, ଖାର୍ଗେ ସେହିଦିନ କନ୍ଧମାଳଠାରେ ଏକ ନିର୍ବାଚନ ସଭାରେ ଯୋଗଦେବେ। ଏହା ପରେ ଭୁବନେଶ୍ୱରଠାରେ ସେ ଏକ ଖବରଦାତା ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରିବେ। ଏହି ଅବସରରେ ଯିଏ ଯେଉଁ ପ୍ରକାର ପ୍ରଶ୍ନ ପଚାରିବାକୁ ଚାହିଁବେ ପଚାରିପାରିବେ। କାରଣ ଏହା ଭାଜପା କିସେ ମୋଦି ନୁହନ୍ତି ବୋଲି ଅଜୟ କହିଛନ୍ତି। ତେବେ ମଙ୍ଗଳବାର କଂଗ୍ରେସର ବରିଷ୍ଠ କେନ୍ଦ୍ରୀୟ ନେତା ଜୟରାମ ରମେଶ ଓଡ଼ିଶା ଗସ୍ତରେ ଆସୁଥିବା କହିଛନ୍ତି। ସେହିପରି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆସନ୍ତା ୧୫ ତାରିଖ ପୂର୍ବାହ୍ନ ୧୧ଟା ୩୦ରେ ଭୁବନେଶ୍ୱରରେ ଆସି ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ସେଠାରୁ ସେ ବଲାଙ୍ଗୀର ଗସ୍ତ କରିବେ।

# ଭାଜପାର ସାଙ୍ଗଠନିକ ନିଯୁକ୍ତି

**ଭୁବନେଶ୍ୱର, ୧୩।୫(ସୁନିତ ମିଶ୍ର)**

ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ଲୋକ ସଭା, ବିଧାନସଭା ପ୍ରଭାରୀ ଓ ସଂଯୋଜକ ଏବଂ ମଣ୍ଡଳ ସଭାପତିଙ୍କ ନାମ ସୋମବାର ଘୋଷଣା କରାଯାଇଛି। କାହ୍ନୁ ଚରଣ ଦାସଙ୍କୁ ଯାଜପୁର ଲୋକ ସଭା ସଂଯୋଜକ ଭାବେ ନିଯୁକ୍ତି ମିଳିଥିବା ବେଳେ ନିର୍ମଳ କୁମାର ଦାସଙ୍କୁ ବାଙ୍କୀ ବିଧାନସଭା ପ୍ରଭାରୀ, ସରୋଜ ମତଗଜସିଂହଙ୍କୁ ବାଙ୍କୀ ବିଧାନସଭା ସଂଯୋଜକ, ସିକନ୍ଦର ଅଲ୍ଲୀଙ୍କୁ ଆଠଗଡ ବିଧାନସଭା ପ୍ରଭାରୀ, ପ୍ରକାଶ ବଡଜେନାଙ୍କୁ ବଡମ୍ବା ବିଧାନସଭା ପ୍ରଭାରୀ, ସରୋଜ ରାଣାଙ୍କୁ ବଡମ୍ବା ବିଧାନସଭା ସଂଯୋଜକ, ସତ୍ୟଜିତ ମଲ୍ଲିକଙ୍କୁ କଟକ ସଦର ବିଧାନସଭା ପ୍ରଭାରୀ, ଲିଙ୍ଗରାଜ ମଲ୍ଲିକଙ୍କୁ ସାଲେପୁର ବିଧାନସଭା ପ୍ରଭାରୀ, ଚୌଧୁରୀ ହେମନ୍ତ ସାହୁଙ୍କୁ ସାଲେପୁର ବିଧାନସଭା ସଂଯୋଜକ, ଅସିତ୍ ମହାନ୍ତିଙ୍କୁ ମାହାଙ୍ଗା ବିଧାନସଭା ପ୍ରଭାରୀ, ସୁବାସ ମହାନ୍ତିଙ୍କୁ ବାରବାଟୀ ବିଧାନସଭା ସହପ୍ରଭାରୀ, ସୁଶାନ୍ତ ସ୍ୱାଇଁଙ୍କୁ ନିମାପଡ଼ା ବିଧାନସଭା ସଂଯୋଜକ ଭାବେ ଦାୟିତ୍ୱ ପ୍ରଦାନ କରାଗଲା ବୋଲି ଏକ ପ୍ରେସ ଇସ୍ତାହାର ଜରିଆରେ କୁହାଯାଇଛି।

ସେହିପରି ଅରୁଣ ମହାପାତ୍ର କଟକ ଜିଲା ବସନ୍ତପୁର ମଣ୍ଡଳ ସଭାପତି, ପ୍ରଦୀପ ମହାନ୍ତିଙ୍କୁ କଟକ ଜିଲା ନରସିଂହପୁର ମଣ୍ଡଳ ସଭାପତି, ସୁନୀଲ କୁମାର ପାଣି କଟକ ଜିଲା ନୁଖାପଡା ମଣ୍ଡଳ ସଭାପତି, ସଞ୍ଜୁଲତା ନାୟକ କଟକ ଜିଲା ଚର୍ମେଶ୍ୱର ମଣ୍ଡଳ ସଭାପତି, ଅମୀୟ ମହାନ୍ତି କଟକ ଜିଲା ବଡମ୍ବା ମଣ୍ଡଳ ସଭାପତି, ନିରଞ୍ଜନ ଶତପଥୀ କଟକ ଜିଲା ଗୋପିନାଥପୁର ମଣ୍ଡଳ ସଭାପତି, ମହେଶ୍ୱର ସ୍ୱାଇଁ କଟକ ଜିଲା ମାଣିଆବନ୍ଧ ମଣ୍ଡଳ ସଭାପତି, ବିଷ୍ଣୁ ରଥ ଯାଜପୁର ବୈତରଣୀ ମଣ୍ଡଳ ସଭାପତି, ରଞ୍ଜନ ଦେଓ କୋରେଇ ହେଙ୍ଗୁଳା ମଣ୍ଡଳ ସଭାପତି, ଶ୍ୟାମ ସୁନ୍ଦର ରାମ ଖଣ୍ଡପଡା ଏନଏସି ମଣ୍ଡଳ ସଭାପତି, ସସ୍ମିତା ତ୍ରିପାଠୀ ବନମାଳୀପୁର ମଣ୍ଡଳ ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି।

# ଓଡ଼ିଆ ଭାଷାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ସଦା ତତ୍ପର: ଲେନିନ୍

**ସମ୍ବଲପୁର, ୧୩।୫(ବି.ଶଙ୍କର)**



ଲେନିନ୍ ମହାନ୍ତି

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ମାତୃଭାଷାରେ ମମତାକୁ ପାଥେୟ କରି ଓଡ଼ିଆ ଭାଷା, ସଂସ୍କୃତି, ଐତିହ୍ୟର ଉନ୍ନତି ଦିଗରେ ରାଜ୍ୟ ସରକାର ଆଗେଇ ଚାଲିଛନ୍ତି। ଓଡ଼ିଆ ଅସ୍ମିତାର ମହାମନ୍ତ୍ରକୁ ସମସ୍ତେ ଏକସ୍ୱରରେ ଗାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଜନଚେତନା ଜାଗ୍ରତ କରିବାକୁ ବିଭିନ୍ନ ସଚେନତନା କାର୍ଯ୍ୟକ୍ରମ, ଓଡ଼ିଆ ଭାଷାର ଗବେଷଣା ପାଇଁ ପ୍ରୋତ୍ସାହନ, ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଭଳି ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଫଳରେ ଓଡ଼ିଆ ଭାଷାର ଉତରୋତ୍ତର ଉନ୍ନତି ହେବା ସଙ୍ଗେ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ଆଣିଦେବାକୁ ଲକ୍ଷ୍ୟ ରହିଛି। ତେଣୁ ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ସର୍ବଦା ତତ୍ପର ରହିଛନ୍ତି। କିନ୍ତୁ ବିରୋଧୀ ଏହାକୁ ପ୍ରସଙ୍ଗ କରି ଫାଇଦା ନେବାକୁ ଚାହୁଁଥିବାବେଳେ ସେମାନଙ୍କ ନିର୍ବାଚନୀ ଓଡ଼ିଆ ଅସ୍ମିତା ଲୋକେ ଭଲ ଭାବରେ ବୁଝିସାରିଲେଣି ବୋଲି ବିଜେଡି ମୁଖପାତ୍ର ଡ. ଲେନିନ୍ ମହାନ୍ତି ସୋମବାର ସମ୍ବଲପୁରରେ ଗଣମାଧ୍ୟମକୁ କହିଛନ୍ତି।

ନବୀନ ସରକାରରେ ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଅନେକ ଉନ୍ନୟନମୂଳକ କାମ କରାଯାଇଛି। ୨୦୦୯ ମସିହାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ଗଠନ କରାଯାଇଥିଲା। ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ସହିତ ଓଡ଼ିଆ ଭାଷାରେ ସରକାରୀ କାମ କରିବା ପାଇଁ ପ୍ରଶିକ୍ଷଣ ପ୍ରକ୍ରିୟା ଓ ପ୍ରଶାସନିକ ଶବ୍ଦକୋଷ, କାର୍ଯ୍ୟାଳୟ ନଥିପତ୍ର, କଥିତ ଓଡ଼ିଆ ଶବ୍ଦକୋଷ ଭଳି ଅନେକ କାର୍ଯ୍ୟକ୍ରମ ଓଡ଼ିଆ ଭାଷା ପ୍ରତିଷ୍ଠାନ ଜରିଆରେ ହାତକୁ ନିଆଯାଇଛି। ୨୦୧୪ ମସିହାରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ମାନ୍ୟତା ମିଳିଥିଲା। ଜେଏନ୍‌ୟୁରେ ସାରଳା ଚେୟାର ପ୍ରତିଷ୍ଠା କରାଯିବା ଓଡ଼ିଆ ଭାଷାର ଉନ୍ନତି କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ। ଓଡ଼ିଆ ଭାଷାର ପ୍ରଗତିଶୀଳ ଗବେଷଣା ନିମନ୍ତେ ଜେଏନ୍‌ୟୁରେ ବିଜୁ ପଟ୍ଟନାୟକ ସ୍ୱତନ୍ତ୍ର କେନ୍ଦ୍ର ପ୍ରତିଷ୍ଠା ପାଇଁ ଏମଓୟୁ ସ୍ୱାକ୍ଷର କରାଯାଇଛି। ଓଡ଼ିଆ ଐତିହ୍ୟ ଅସ୍ମିତାକୁ ଲୋକାଭିମୁଖୀ କରିବା ପାଇଁ ରାଜଧାନୀ ବାହାରେ ପ୍ରଥମ ଥର ପାଇଁ ମନ୍ତ୍ରିମଣ୍ଡଳସ୍ତରୀୟ ବୈଠକ ବସି ବହୁ ଐତିହାସିକ ନିଷ୍ପତ୍ତି ନିଆଯାଇଛି। ଏହାର ପରବର୍ତ୍ତୀ ସମୟରେ ବିଶ୍ୱ ଦେଖିଲା ଓଡ଼ିଆର ଅସ୍ମିତାର ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ। ଓଡ଼ିଆର ଅସ୍ମିତାକୁ ଠିକ୍ ଭାବେ ଦିଗଦର୍ଶନ ଦେବା ସହ ସ୍ୱତନ୍ତ୍ର ଧ୍ୟାନ ଦେବାପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସ୍ୱତନ୍ତ୍ର ବିଭାଗ ଗଠନ କରାଯାଇଛି। ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ବିନା ଦେୟରେ ଓଡ଼ିଆରେ ସ୍ନାତକ ଏବଂ ସ୍ନାତକୋତ୍ତର ଅଧ୍ୟୟନ ବ୍ୟବସ୍ଥା ରହିଛି। ଯୁକ୍ତ ୨ଏବଂ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କୁ ବ୍ୟାସକବି ଫକୀର ମୋହନ ଛାତ୍ରବୃତ୍ତି, ଓଡ଼ିଆ ଭାଷା ସାହିତ୍ୟରେ ଗବେଷଣା ପାଇଁ ବିଶ୍ୱବିଦ୍ୟାଳୟ କମିଶନ ଢାଞ୍ଚାରେ ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ବାହାରେ ରହୁଥିବା ଓଡ଼ିଆ ଭାଇଭଉଣୀମାନେ ଓଡ଼ିଆରେ ପାଠ ପଢିବା ସହ ପ୍ରବାସୀ ଓଡ଼ିଆଙ୍କ ପାଇଁ ଓଡ଼ିଆ ଭର୍ଚୁଆଲ ଏକାଡେମୀ ସ୍ଥାପନ କରାଯାଇଛି। କେବଳ ଏତିକି ନୁହେଁ ଇଂଲିଶ, ଫରାସୀ, ଜାପାନୀ ଓ ସ୍ପେନ ଭାଷାରେ ଶିକ୍ଷାପ୍ରାପ୍ତିର ବ୍ୟବସ୍ଥା ମଧ୍ୟ ରହିଛି।

୨୦୧୮ ସେପ୍ଟେମ୍ବର ୧୯ରେ ଓଡ଼ିଆ ଭାଷା ସରକାରୀ ଭାଷା ଭାବେ ଲାଗୁହେଲା। ସେହିପରି କୋଭିଡ୍‌ର କଟକଣା ତଥା ଜୀବନ ଜୀବିକା ବିପଦରେ ଥିବାବେଳେ ଜନସାଧାରଣଙ୍କ ମନରେ ଭୟ ଦୂରୀଭୂତ କରିବା ଏବଂ ଏକତାର ବନ୍ଧନରେ ବାନ୍ଧି ହେବାକୁ ଓଡ଼ିଆ ଅସ୍ମିତାର ମହାମନ୍ତ୍ରକୁ ସମସ୍ତେ ଏକ ସ୍ୱରରେ ଗାନ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ୨୦୨୦ ଜୁଲାଇ ୭ରେ ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତ ମାନ୍ୟତା ପ୍ରଦାନ କରାଯାଇଥିଲା। ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରସ୍ତାବକୁ ୨୦୨୦ ମସିହା ସେପ୍ଟେମ୍ବର ୨ରେ ରାଜ୍ୟ କ୍ୟାବିନେଟରେ ଗୃହୀତ କରାଯାଇଛି ଏବଂ ଶାସ୍ତ୍ରୀୟ ମାନ୍ୟତା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିଲେ। କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ବିଭିନ୍ନ ପୁରସ୍କାର ରାଶି ୧ ଲକ୍ଷରୁ ୫ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଓପିଏସ୍‌ସି ପରୀକ୍ଷା ଓଡ଼ିଆରେ କରାଇବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ଡ. ମହାନ୍ତି ପ୍ରେସ ବିବୃତି ଜରିଆରେ କହିଛନ୍ତି।

# ପ୍ରାର୍ଥିପତ୍ର ଦାଖଲ ନକରି ଫେରିଗଲେ ଅଙ୍କିତ



ଶୋଭାଯାତ୍ରାରେ ବିଜେଡି ପ୍ରାର୍ଥୀ ଅଙ୍କିତ୍ ପ୍ରତାପ ଜେନା ଓ ବିଧାୟକ ପ୍ରତାପ ଜେନା ଆସୁଛନ୍ତି।

**କଟକ, ୧୩।୫(ଶିଳ୍ପା ପ୍ରିୟଦର୍ଶିନୀ)**

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି। ସୋମବାର ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବାର ପ୍ରାୟ ୧ ଘଣ୍ଟା ପରେ ମାହାଙ୍ଗା ବିଜେଡି ପ୍ରାର୍ଥୀ ଅଙ୍କିତ୍ ପ୍ରତାପ ଜେନା ଓ ବିଧାୟକ ପ୍ରତାପ ଜେନା ସ୍ଥାନୀୟ ପଞ୍ଚମୁଖୀ ହନୁମାନ ମନ୍ଦିରଠାରୁ ବିଶାଳ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ହେଲେ ମାହାଙ୍ଗା ନିର୍ବାଚନମଣ୍ଡଳୀ ପାଇଁ ଦାୟିତ୍ୱରେ ଥିବା ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ୍‌ଙ୍କ କାର୍ଯ୍ୟାଳୟରେ ପହଞ୍ଚି ପ୍ରାର୍ଥିପତ୍ର ଦାଖଲ ନ କରି ଅଙ୍କିତ୍ ଫେରିଯାଇଛନ୍ତି। ଏହାକୁ ନେଇ ଏବେ ହଟଚମଟ ସୃଷ୍ଟି ହୋଇଛି। ଏପରି କି ମାହାଙ୍ଗାର ବିଜେଡି ପ୍ରାର୍ଥୀଙ୍କୁ ବଦଳାଇ ପ୍ରତାପ ଜେନାଙ୍କୁ ପ୍ରାର୍ଥୀ କରାଯାଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବିଶେଷସୂତ୍ରରୁ ମିଳିଥିବା ସୂଚନା ମୁତାବକ, ବିଜେଡି ଯଦି ପ୍ରାର୍ଥୀ ନ ବଦଳାଏ, ତେବେ ପ୍ରତାପ ବିଜେଡି ପ୍ରାର୍ଥୀ ଅଙ୍କିତ୍‌ଙ୍କ ସହ ସ୍ୱାଧୀନ ପ୍ରାର୍ଥୀ ଭାବେ ମଙ୍ଗଳବାର ପ୍ରାର୍ଥିପତ୍ର ଦାଖଲ କରିପାରନ୍ତି ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି। ଏନେଇ ଅଙ୍କିତ୍‌ଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ବିଧାୟକ ତାରାଙ୍କୁ ହତ୍ୟା ଧମକର ଭିଡିଓ ଭାଇରାଲ

**ଜୟପୁର, ୧୩।୫(ପବନ ପାଣିଗ୍ରାହୀ)**

ସୋମବାର ଓଡ଼ିଶାରେ ଲୋକସଭା ଓ ବିଧାନସଭା ପାଇଁ ପ୍ରଥମ ପର୍ଯ୍ୟାୟ ମତଦାନ ହୋଇଥିଲା। କଡ଼ା ସୁରକ୍ଷା ମଧ୍ୟରେ ମତଦାନ ଚାଲିଥିବା ବେଳେ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ହତ୍ୟା ଧମକ ଦେବା ସମ୍ପର୍କିତ ଏକ ଭିଡିଓ ଭାଇରାଲ ହୋଇଛି। କେତେ ଜଣ ଯୁବକ ହାତରେ ବନ୍ଧୁକ ଧରି ବିଧାୟକ ବାହିନୀପତିଙ୍କୁ ହତ୍ୟା ଧମକ ଦେବା ସହ ଗାଳିଗୁଲଜ କରିବା ଏବଂ ରବି ନନ୍ଦ ଜିନ୍ଦାବାଦ କହୁଥିବା ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ବିଧାୟକ ବାହିନୀପତି ଏସ୍‌ପିଙ୍କୁ ଜଣାଇଥିବା କହିଛନ୍ତି।

# ମହାପ୍ରଭୁଙ୍କ କାମରେ ବି ମିଛ କହୁଛନ୍ତି ଧର୍ମେନ୍ଦ୍ର: ବିଜେଡି

**ଭୁବନେଶ୍ୱର, ୧୩।୫(ଅନିଲଦାସ)**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କାମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୨ଟି ମିଛ କହିଛନ୍ତି। ଠାକୁରଙ୍କ କାମରେ ଏଭଳି ଡାହା ମିଛ ନ କହିଲେ ଭଲ ହେବ ବୋଲି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। ସେ କହିଛନ୍ତି, ପ୍ରଥମେ ଧର୍ମେନ୍ଦ୍ର କହିଥିଲେ ନବକଳେବର କାମ ପାଇଁ କେନ୍ଦ୍ର ସରକାର ୫୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ହେଲେ ବାସ୍ତବରେ କେନ୍ଦ୍ର ମଞ୍ଜୁର କରିଛି ୧୦ କୋଟି ଟଙ୍କା। ସେହିଭଳି ଆଉ ଗୋଟିଏ ମିଛ କହିଥିଲେ ଯେ ମାର୍ଚ୍ଚ ୩୦ ତାରିଖରେ ଓଡ଼ିଶା ଟ୍ରେଜେରିକୁ କେନ୍ଦ୍ରରୁ ଏଥିପାଇଁ ୫୦ କୋଟି ଟଙ୍କା ଆସିଛି। ହେଲେ ଓଡ଼ିଶା ଟ୍ରେଜେରି ନୁହେଁ ବରଂ କେନ୍ଦ୍ର ସରକାର ତାଙ୍କର ନିଜସ୍ୱ ସଂସ୍ଥା ଭାରତୀୟ ପର୍ଯ୍ୟଟନ ଉନ୍ନୟନ ନିଗମ (ଆଇଟିଡିସି) ଖାତାକୁ ଦେଇଥିଲେ ୧୦ କୋଟି ଟଙ୍କା। ଏହି ୧୦ କୋଟି ଟଙ୍କାରୁ ୬ କୋଟି ୯୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଅବଶିଷ୍ଟ ଟଙ୍କା ଫେରିଯାଇଛି। କେନ୍ଦ୍ରମନ୍ତ୍ରୀ ନବକଳେବର କାମ ପାଇଁ କେନ୍ଦ୍ର ସରକାର ୫୦ କୋଟି ଟଙ୍କା ଦେଇଥିବା ନେଇ ମିଛ କହିବାକୁ ପଛାଇ ନାହାନ୍ତି। ପାଣ୍ଡିଆନ ଏଭଳି ସୂଚନା ଦେବା ସହିତ ଏ ସଂକ୍ରାନ୍ତୀୟ ଦସ୍ତାବିଜର ନକଲ ମଧ୍ୟ ଜାରି କରିଛନ୍ତି।

# ନିର୍ବାଚନ କାର୍ଯ୍ୟରେ ବିଶୃଙ୍ଖଳା ନ କରନ୍ତୁ ସରକାରୀ କର୍ମଚାରୀ: ଭାଜପା

**ଭୁବନେଶ୍ୱର, ୧୩।୫(ସୁନିତ୍ ମିଶ୍ର)**

ଓଡ଼ିଶାର ୪ଟି ଲୋକ ସଭା ସହ ୨୮ ବିଧାନସଭା ନିର୍ବାଚନରେ ଭୋଟରମାନେ ଉତ୍ସାହ ସହ ଭୋଟ ଦେଇଛନ୍ତି। ନିର୍ବାଚନରେ ସାମିଲ ହୋଇଥିବା ସମସ୍ତ ଭୋଟରଙ୍କୁ ଭାଜପା ଧନ୍ୟବାଦ ଜଣାଉଛି। ଚଳିତ ନିର୍ବାଚନର ୧ମ ପର୍ଯ୍ୟାୟରେ ସନ୍ଧ୍ୟା ୫ଟା ସୁଦ୍ଧା ୬୨.୯୬% ମତଦାନ ହୋଇଛି। ଜାତୀୟ ନିର୍ବାଚନ କମିଶନ ଚଳିତ ସାଧାରଣ ନିର୍ବାଚନରେ ୱେବ୍‌କାଷ୍ଟିଙ୍ଗ କରି ସିଧାସଳଖ ବେଆଇନ କାର୍ଯ୍ୟକଳାପରେ ଲିପ୍ତ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓଡ଼ିଶାରେ ପ୍ରଥମ। ନିର୍ବାଚନକୁ ପ୍ରଭାବିତ କରିବା ପାଇଁ କିଛି ମୁଷ୍ଟିମେୟ ସରକାରୀ କର୍ମଚାରୀ ବେଆଇନ କାର୍ଯ୍ୟରେ ଲିପ୍ତ ଅଛନ୍ତି। ତେଣୁ ନିର୍ବାଚନ ମହାପର୍ବରେ ବିଶୃଙ୍ଖଳା ନ କରନ୍ତୁ ବୋଲି ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି।

# ରୟାଲଟି କଥା ଉଠିଲେ ରାଗୁଛନ୍ତି କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର, ୧୩।୫(ଅନିଲ ଦାସ)**

- ମୁଖ୍ୟମନ୍ତ୍ରୀ ଚୌକି ଲୋଭ ଥିବା ବ୍ୟକ୍ତି ଭଲ କାମ କରିପାରିବେ ନାହିଁ
- ନବୀନ ଡରୁ ନାହାନ୍ତି, କେନ୍ଦ୍ରମନ୍ତ୍ରୀ ନିଜ ମାଟିରେ ଛିଡ଼ା ହେବାକୁ କାହିଁକି ଡରୁଛନ୍ତି

କୋଇଲା ରୟାଲଟି ବିଷୟ ଉଠିଲେ କେନ୍ଦ୍ରମନ୍ତ୍ରୀ ରାଗୁଛନ୍ତି। କହୁଛନ୍ତି, ଜିଲା ଖଣିଜ ପାଣ୍ଠି ଜରିଆରେ ଓଡ଼ିଶାକୁ ବହୁତ ପଇସା ମିଳୁଛି, ରୟାଲଟି ବୃଦ୍ଧି ଦରକାର ନାହିଁ। କିନ୍ତୁ କେନ୍ଦ୍ର ସରକାରଙ୍କ ଏମ୍.ସି.ଏଲ୍. ଲାଭ କରୁଛି ୨୭ ହଜାର ୫୦୦ କୋଟି। ଟିକସକୁ ବାଦ୍‌ଦେଲେ ୧୩ ହଜାର ୭୦୦ କୋଟି ଲାଭ କରୁଛି। କିନ୍ତୁ ଓଡ଼ିଶା ଏଥିରୁ ପାଉଛି ମାତ୍ର ୪ ହଜାର କୋଟି। ୨୦୦୪ରୁ କୋଇଲା ରୟାଲଟି ସଂଶୋଧନ ହୋଇନି। ଯଦି ରୟାଲଟି ସଂଶୋଧନ ହୋଇଥାନ୍ତା ତେବେ ୧୦ ହଜାର କୋଟି ଏବଂ ଡି.ଏମ୍.ଏଫ୍ ବାବଦରେ ମଧ୍ୟ ୨ ହଜାର କୋଟି ଓଡ଼ିଶା ପାଇଥାନ୍ତା। ସମୁଦାୟ ୧୨ ହଜାର କୋଟିରେ ଆପଣଙ୍କ ଅଞ୍ଚଳର ବ୍ୟାପକ ରୂପାନ୍ତରଣ ହୋଇପାରିଥାନ୍ତା। କିନ୍ତୁ ରୟାଲଟି କଥା କହିଲେ କେନ୍ଦ୍ରମନ୍ତ୍ରୀ ରାଗିକି ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅଶାଳୀନ ଭାଷା ବ୍ୟବହାର କରୁଛନ୍ତି। ତାଳଚେରରେ ଜନସଭାକୁ ସମ୍ବୋଧନ କରି ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ପାଣ୍ଡିଆନ ସୋମବାର ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀର ହିନ୍ଦୋଳ, କାମାକ୍ଷାନଗର, ପରଜଙ୍ଗ, ପାଲଲହଡ଼ା ଓ ତାଳଚେରରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଛନ୍ତି। ଅନୁଗୋଳଠାରେ ରୋଡ୍ ଶୋ' ମଧ୍ୟ କରିଛନ୍ତି। ଜନସଭାଗୁଡ଼ିକରେ ଭାଜପା ଉପରେ ଶାଣିତ ଆକ୍ରମଣ କରି ଦଳର ମୁଖା ଖୋଲିଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ସବୁ ଛଳନାକୁ ଲୋକଙ୍କ ସାମ୍ନାକୁ ଆଣିଛନ୍ତି। ସେ କହିଛନ୍ତି, କେନ୍ଦ୍ରମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ଅଭଦ୍ର ଓ ଅଶାଳୀନ ଭାଷାରେ ଗାଳି କରୁଛନ୍ତି। ଜଣେ ଜନପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ଏଭଳି ଗାଳି ଦେବା ବହୁ ଦୁଃଖର କଥା। ବିଜେପୁର ନିର୍ବାଚନବେଳେ ମୁଖ୍ୟମନ୍ତ୍ରୀଙ୍କୁ ଚପଲ ଫୋପାଡ଼ିଲେ, ତା'ପରେ ୪୦ ହଜାର ଭୋଟରେ ହାରିଲେ। ପରିକ୍ରମା ପ୍ରକଳ୍ପ ଶିଳାନ୍ୟାସ କରି ଫେରିଲା ବେଳେ ଅଣ୍ଡା ମାଡ଼ କଲେ, ୩୦ରୁ ୩୦ ଜିଲା ପରିଷଦ ହାରିଲେ। ୧୦ ବର୍ଷ ହେଲା ମନ୍ତ୍ରୀ ଅଛନ୍ତି, ଖୁସିର କଥା। କିନ୍ତୁ ନିଜ ଅଞ୍ଚଳ ପାଇଁ କ'ଣ କରିଛନ୍ତି। ଏ ମାଟିର ପୁଅ ହୋଇ କାହିଁକି କରିପାରିଲେ ନାହିଁ। ନିର୍ବାଚନମଣ୍ଡଳୀ ବଦଳାଇ ନିଜକୁ ସମ୍ବଲପୁରକୁ କୋରିଅର କରିଦେଲେ। ଏବେ ସେଠି ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଚେଷ୍ଟା କରୁଛନ୍ତି। ନବୀନ ଓଡ଼ିଶାର କୌଣସି ଜିଲାରେ ନିର୍ବାଚନ ଲଢ଼ିବାକୁ ଡରୁ ନାହାନ୍ତି, କେନ୍ଦ୍ରମନ୍ତ୍ରୀ ହୋଇ ନିଜ ମାଟିରେ ଛିଡ଼ା ହେବାକୁ କାହିଁକି ଡରୁଛନ୍ତି ବୋଲି ପାଣ୍ଡିଆନ ପ୍ରଶ୍ନ କରିଛନ୍ତି। ଯେଉଁ ବ୍ୟକ୍ତିଙ୍କର ସେବା ନୁହେଁ, କେବଳ କ୍ଷମତା ଲୋଭ ଥିବ ସେ କେବେ ବି ଜିତିପାରିବ ନାହିଁ। ମୁଖ୍ୟମନ୍ତ୍ରୀ ଚୌକି ଲୋଭ ଥିବା ବ୍ୟକ୍ତି କେବେ ବି ଭଲ କାମ କରିପାରିବେ ନାହିଁ। ଦୁଇଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ଓଡ଼ିଶାବାସୀଙ୍କୁ ସୋଲାର ପ୍ୟାନେଲ ମାଧ୍ୟମରେ ମାଗଣା ବିଜୁଳି ଦେବେ ବୋଲି କହିଲେ। କିନ୍ତୁ ଏଥିପାଇଁ ଆପଣଙ୍କୁ ୫୦ ହଜାର ଟଙ୍କା ଦେବାକୁ ପଡ଼ିବ। ଏଇଟା ହେଉଛି ଭାଜପାର ମାଗଣା ବିଜୁଳି। ଜୁନ ୯ ତାରିଖରେ ୯ଟା ୩୦ରୁ ୧ଟା ମଧ୍ୟରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବେ, ଓଡ଼ିଶାର ୯୦ ପ୍ରତିଶତ ପରିବାରର ବିଜୁଳି ବିଲ୍ ରଦ୍ଦ କରିବା ପାଇଁ ପ୍ରଥମ ଦସ୍ତଖତ କରିବେ। ଡବଲ ଇଞ୍ଜିନ ସରକାର ଦିନରେ ଆପଣଙ୍କୁ ଭୁଆଁ ବୁଲାଉଛନ୍ତି, ଦିନରେ ଲଣ୍ଠନ ଦେଖାଉଛନ୍ତି, ନିର୍ବାଚନ ସରିଗଲେ ଏମାନଙ୍କୁ ଆପଣ ଖୋଜିଲେ ବି ପାଇବେନି। ଖବରଦାତା ସମ୍ମିଳନୀରେ ଭାଜପା ନେତା ଦାବି କରୁଛନ୍ତି ଯେ, କ୍ଷମତାକୁ ଆସିଲେ ଓଡ଼ିଶାକୁ ୧ ନମ୍ବର କରିବେ। ରାଜ୍ୟକୁ ୨୫ ବର୍ଷ ତଳକୁ ନେଇଯିବେ। ଯେଉଁ ରାଜ୍ୟରେ ଅଛନ୍ତି ସେଠି ଏହା ହିଁ କରିଛନ୍ତି। ଭାଜପାର ଟାଣୁଆ ନେତାମାନେ ମିଶି ଖବରଦତା ସମ୍ମିଳନୀ କରିଥିଲେ, ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବା ପାଇଁ। କିନ୍ତୁ ନିଜ ଭିତରେ ଝଗଡ଼ା ଲାଗି ବନ୍ଦ ହୋଇଗଲା। ଭାଜପାକୁ ଚ୍ୟାଲେଞ୍ଜ କରି ପାଣ୍ଡିଆନ କହିଛନ୍ତି ଯେ, ନବୀନବାବୁଙ୍କ ବିପକ୍ଷରେ କାହାକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଘୋଷଣା କରିବେ ଯଦି କରନ୍ତୁ। ଓଡ଼ିଶାବାସୀ ତା'ର ଉଚିତ ଜବାବ ଦେବେ। ଶେଷରେ ବିଜେଡିର ଉଭୟ ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ଆଶୀର୍ବାଦ କରି ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଆହୁରି ଟାଣ କରିବା ପାଇଁ ସେ ଅନୁରୋଧ କରିଛନ୍ତି।



ଅନୁଗୋଳଠାରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ରୋଡ୍ ଶୋ'।

**ମହାରାଷ୍ଟ୍ରରେ ୯୧ କୋଭିଡ୍ ସବ୍‌ଭାରିଆଣ୍ଟ ମାମଲା**

ମହାରାଷ୍ଟ୍ରର ପୁଣେରେ କୋଭିଡ୍ ଭୂତାଣୁର ଓମିକ୍ରନ ସବ୍‌ଭାରିଆଣ୍ଟ କେପି.୨ ବ୍ୟାପୁଥିବା ଜଣାପଡ଼ିଛି। ସେଠାରୁ ୯୧ଟି କେପି.୨ ମାମଲା ଚିହ୍ନଟ ହୋଇଛି। ପୁଣେରେ ସର୍ବାଧିକ ୫୧ ଓ ଠାଣେରେ ୨୦ ଜଣ ସଂକ୍ରମିତ ହୋଇଛନ୍ତି। ମହାରାଷ୍ଟ୍ରରେ ଗତ ଜାନୁଆରୀରେ ପ୍ରଥମେ କେପି.୨ ଚିହ୍ନଟ ହୋଇଥିଲା।

## ସଂକ୍ଷେପରେ

### ଇଣ୍ଡୋନେସିଆରେ ବନ୍ୟା, ୪୩ ମୃତ

**ଜାକର୍ତ୍ତା, ୧୩।୫:** ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପରେ କିଛି ଦିନ ହେବ ପ୍ରବଳ ବର୍ଷା ହେତୁ ଭୟଙ୍କର ବନ୍ୟାରେ ୪୩ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୫ ଜଣ ନିଖୋଜ ଅଛନ୍ତି। ପ୍ରବଳ ବର୍ଷା କାରଣରୁ ସୁମାତ୍ରା ଦ୍ୱୀପର ଏକ ନଦୀ ଫୁଲିଯିବା ଫଳରେ ୪ ଜିଲା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ଖାସ୍‌କରି 'ଅଗମ' ଓ 'ତନାହ ଦତାର' ଜିଲାର ୩୧୦୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇ ଅସ୍ଥାୟୀ ସରକାରୀ ଶିବିରରେ ରଖାଯାଇଥିବା ସ୍ଥାନୀୟ ଅଧିକାରୀ ସୂଚନା ଦେଇଛନ୍ତି।

### ମାଧବୀ ଲତାଙ୍କ ନାଁରେ ମାମଲା

**ହାଇଦ୍ରାବାଦ, ୧୩।୫(ପି.ଟି.):** ହାଇଦ୍ରାବାଦର ଭାଜପା ପ୍ରାର୍ଥୀ କେ. ମାଧବୀ ଲତାଙ୍କ ନାଁରେ ସୋମବାର ନିର୍ବାଚନ କର୍ତ୍ତୃପକ୍ଷ ମାମଲା ରୁଜୁ କରିଛନ୍ତି। ଏକ ଭୋଟଗ୍ରହଣ କେନ୍ଦ୍ରରେ ବୁର୍ଖା ପିନ୍ଧିଥିବା



ମୁସଲମାନ ମହିଳା ଭୋଟରମାନଙ୍କୁ ଫଟୋ ପରିଚୟପତ୍ର ସହ ମୁହଁ ଖୋଲିବା ପାଇଁ ସେ କହୁଥିବାର ଭିଡିଓ ପ୍ରସାରିତ ହେବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପରିଚୟ ଯାଞ୍ଚ ପାଇଁ ଭୋଟରମାନେ ମୁହଁ ଦେଖାଇବା ଆବଶ୍ୟକ ବୋଲି ମାଧବୀ ଲତା କହିଥିଲେ। ମାଲକପେଟ ଥାନାରେ ତାଙ୍କ ନାଁରେ ଆଇପିସିର ବିଭିନ୍ନ ଧାରା ସମେତ ଜନପ୍ରତିନିଧି ଆଇନର ଧାରା ୧୩୨ରେ ମାମଲା ରୁଜୁ ହୋଇଥିବା ହାଇଦ୍ରାବାଦ ଜିଲାପାଳ କହିଛନ୍ତି।

### ଜୟପୁର, ଲକ୍ଷ୍ନୌର ସ୍କୁଲକୁ ବୋମା ଧମକ

**ଜୟପୁର, ୧୩।୫:** ରାଜସ୍ଥାନର ରାଜଧାନୀ ଜୟପୁରର ୩୭ଟି ସ୍କୁଲ ଓ ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌର ୪ଟି ସ୍କୁଲକୁ ବୋମାରେ ଉଡ଼େଇଦେବାକୁ ସୋମବାର ଧମକପୂର୍ଣ୍ଣ ଇ-ମେଲ୍ ଆସିବା ପରେ ଛାତ୍ରୀଛାତ୍ରଙ୍କୁ ଘରକୁ ପଠାଇ ଦିଆଯାଇଥିଲା। ବିଦ୍ୟାଳୟଗୁଡ଼ିକର ତଲାସି ପରେ କୌଣସି ସନ୍ଦିଗ୍ଧ ଉପକରଣ ମିଳି ନ ଥିବା ପୂର୍ବ ଜୟପୁର ଡିସିପି ସୂଚନା ଦେଇଛନ୍ତି। ସେହିପରି ଲକ୍ଷ୍ନୌର ୪ଟି ସ୍କୁଲକୁ ବୋମାରେ ଉଡେଇଦେବା ନେଇ ମିଳିଥିବା ଇ-ମେଲ୍ ଧମକକୁ ଏକ ଗୁଜବ ବୋଲି ଉତ୍ତରପ୍ରଦେଶ ପୋଲିସ କହିଛି ।



ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଓ ପତ୍ନୀ ଉଷା ହାଇଦ୍ରାବାଦର ଏକ ଭୋଟକେନ୍ଦ୍ରରେ ମତଦାନ କରିବା ପରେ କାଳିଲଗା ଅଙ୍ଗୁଳି ଦେଖାଉଛନ୍ତି।




**୩ ପିଢ଼ିର ମତଦାନ:** ଶ୍ରୀନଗରର ଏକ ବୁଥ୍‌ରେ ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲା, ତାଙ୍କ ପୁଅ ତଥା ଦଳର ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା ଏବଂ ନାତି ଜମିର ଅବଦୁଲ୍ଲା ଓ ଜାହିର ଅବଦୁଲ୍ଲା ଭୋଟ ଦେଇଛନ୍ତି।

# ଚତୁର୍ଥ ପର୍ଯ୍ୟାୟରେ ୬୭.୭୧% ମତଦାନ

**ନୂଆଦିଲ୍ଲୀ, ୧୩।୫(ପି.ଟି.)**

ଲୋକ ସଭା ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ ମତଦାନ ସୋମବାର ଅନୁଷ୍ଠିତ ହୋଇଯାଇଛି। ୧୦ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୯୬ଟି ଆସନ ଲାଗି ଭୋଟ ନିଆଯାଇଥିବାବେଳେ ରାତି ୧୨.୩୦ ସୁଦ୍ଧା ମତଦାନ ହାର ୬୭.୭୧ ପ୍ରତିଶତ ରହିଥିଲା। ପଶ୍ଚିମବଙ୍ଗ ଏବଂ ଆନ୍ଧ୍ରପ୍ରଦେଶରେ କାଁଭାଁ ହିଂସାକୁ ବାଦ୍‌ଦେଲେ ଭୋଟଗ୍ରହଣ ଶାନ୍ତିପୂର୍ଣ୍ଣ ଥିଲା। ଜମ୍ମୁ-କଶ୍ମୀରରେ ସର୍ବନିମ୍ନ ୩୭.୯୮ ପ୍ରତିଶତ ମତଦାନ ହୋଇଥିବାବେଳେ ପଶ୍ଚିମବଙ୍ଗରେ ସର୍ବାଧିକ ୭୮.୪୪ ପ୍ରତିଶତ ଭୋଟିଂ ହୋଇଛି। ଅନ୍ୟ ରାଜ୍ୟ ମଧ୍ୟରେ ଆନ୍ଧ୍ରପ୍ରଦେଶରେ ୭୮.୨୫ ପ୍ରତିଶତ, ବିହାରରେ ୫୭.୦୬ ପ୍ରତିଶତ, ଝାଡ଼ଖଣ୍ଡରେ ୬୫.୩୧ ପ୍ରତିଶତ, ମଧ୍ୟପ୍ରଦେଶରେ ୭୦.୯୮ ପ୍ରତିଶତ, ମହାରାଷ୍ଟ୍ରରେ ୫୯.୬୪, ଓଡ଼ିଶାରେ ୭୩.୯୭, ତେଲଙ୍ଗାନାରେ ୬୪.୯୩ଏବଂ ଉତ୍ତରପ୍ରଦେଶରେ ୫୮.୦୫ ପ୍ରତିଶତ ଭୋଟିଂ ହୋଇଛି। ଚତୁର୍ଥ ପର୍ଯ୍ୟାୟରେ ଆନ୍ଧ୍ରପ୍ରଦେଶର ସମସ୍ତ ୨୫ ଏବଂ ତେଲଙ୍ଗାନାର ସମସ୍ତ ୧୭ ଆସନରେ ମତଦାନ ହୋଇଥିବାବେଳେ ଉତ୍ତରପ୍ରଦେଶର ୧୩, ବିହାରର ୫, ଓଡ଼ିଶା ଓ ଝାଡ଼ଖଣ୍ଡର ୪ଟି ଲେଖାଏ, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗର ୮ଟି ଲେଖାଏ, ମହାରାଷ୍ଟ୍ରର ୧୧ଟି ଏବଂ ଜମ୍ମୁ-କଶ୍ମୀରର ଗୋଟିଏ ଆସନରେ ମତଦାନ ହୋଇଥିଲା।

### ପଶ୍ଚିମବଙ୍ଗ, ଆନ୍ଧ୍ରରେ ଭୋଟବେଳେ ହିଂସା

ଆନ୍ଧ୍ରପ୍ରଦେଶର ପାଲ୍‌ନାଡୁ, କଡପ୍ପା ଏବଂ ଆନ୍ନାମାୟା ଜିଲାରେ ଘଟିଥିବା ହିଂସାକାଣ୍ଡ ପାଇଁ ଟିଡିପି ଏବଂ ୱାଇଏସ୍‌ଆର୍‌ସିପି ପରସ୍ପରକୁ ଦୋଷାରୋପ କରିଛନ୍ତି। ବିଭିନ୍ନ ନିର୍ବାଚନମଣ୍ଡଳୀରେ ଟିଡିପି ଦ୍ୱାରା ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ ହୋଇଥିବା ନେଇ ୱାଇଏସ୍‌ଆର୍‌ସିପି ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହୋଇଛି। ଆନ୍ଧ୍ରପ୍ରଦେଶରେ ସମସ୍ତ ୨୫ ଲୋକ ସଭା ଆସନ ସମେତ ୧୭୫ଟି ବିଧାନସଭା ଆସନ ଲାଗି ମତଦାନ ଅନୁଷ୍ଠିତ ହୋଇଥିଲା। ୱାଇଏସ୍‌ଆର୍‌ସିପି ନେତା ତଥା ଟେନାଲି ବିଧାୟକ ଏ. ଶିବକୁମାର ଜଣେ ଭୋଟରଙ୍କୁ ଚାପୁଡ଼ା ମାରିବାରୁ ଉଭୟଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ସେହିପରି ପଶ୍ଚିମବଙ୍ଗର ୮ଟି ଆସନରେ ମତଦାନ ହେଉଥିବାବେଳେ ବୀରଭୂମ ଏବଂ ବର୍ଦ୍ଧମାନ-ଦୁର୍ଗାପୁର ଆସନରେ ଟିଏମ୍‌ସି ଏବଂ ଭାଜପା କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଭାଜପା ପ୍ରାର୍ଥୀ ଦିଲୀପ ଘୋଷ ଏକ ବୁଥ୍‌କୁ ଯାଉଥିବାବେଳେ ତାଙ୍କ ଗାଡ଼ିକୁ ଟିଏମ୍‌ସି ସମର୍ଥକମାନେ ଅଟକାଇବା ସହ ଟେକାମାଡ଼ କରିଥିଲେ। ତାଙ୍କ ସୁରକ୍ଷାରେ ଥିବା କେତେକ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି।

### ଶ୍ରୀନଗରରେ ୨୮ ବର୍ଷରେ ସର୍ବାଧିକ ଭୋଟିଂ

୨୮ ବର୍ଷ ପରେ ଶ୍ରୀନଗର ଲୋକ ସଭା ଆସନରେ ସର୍ବାଧିକ ୩୬.୫୮ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି। ୨୧୩୫ଟି ମତଦାନ କେନ୍ଦ୍ରରେ ୧୭.୪୭ ଲକ୍ଷ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ପୂର୍ବରୁ ୧୯୯୬ ଲୋକ ସଭା ନିର୍ବାଚନରେ ଶ୍ରୀନଗରରେ ୪୦.୯୪ ପ୍ରତିଶତ ଭୋଟିଂ ହୋଇଥିଲା। ୧୯୯୮ରେ ୩୦.୦୬%, ୧୯୯୯ରେ ୧୧.୯୩%, ୨୦୦୪ରେ ୧୮.୫୭%, ୨୦୦୯ରେ ୨୫.୫୫%, ୨୦୧୪ରେ ୨୫.୮୬%, ୨୦୧୯ରେ ୧୪.୪୩% ଭୋଟିଂ ହୋଇଥିଲା। ଜମ୍ମୁ-କଶ୍ମୀରରୁ ଧାରା ୩୭୦ ହଟିବା ପରେ ଏହା ପ୍ରଥମ ନିର୍ବାଚନ ଥିଲା।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ବିହାରର ଗୁରୁଦ୍ୱାରା ପାଟନା ସାହିବ ଗସ୍ତ କରି ଲାଙ୍ଗର ସେବାରେ ଭାଗ ନେଇଛନ୍ତି। ସେ ପଗଡ଼ି ପରିଧାନ କରି ଶ୍ରଦ୍ଧାଳୁମାନଙ୍କୁ ଖାଦ୍ୟ ପରଷୁଛନ୍ତି। ଗୁରୁଦ୍ୱାରା ପରିଚାଳନା ସଂସ୍ଥାର ଲୋକମାନଙ୍କ ସହ ସେ ଖାଦ୍ୟ ପ୍ରସ୍ତୁତ କରିଥିଲେ।

### ଗିରଫଦାରିକୁ ସୋରେନ୍‌ଙ୍କ ଚ୍ୟାଲେଞ୍ଜ

## ଇଡିକୁ ଜବାବ ମାଗିଲେ ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ, ୧୩।୫(ପି.ଟି.)**

ଜମି ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଗିରଫଦାରିକୁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସର୍ବୋଚ୍ଚ ଅଦାଲତ ସୋମବାର ଏହା ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ଜବାବ ମାଗିଛନ୍ତି। ଆସନ୍ତା ୧୭ ତାରିଖ ସୁଦ୍ଧା ଜବାବ ଦାଖଲ କରିବାକୁ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ମେ' ୨୦ରେ କରିବାକୁ ଖଣ୍ଡପୀଠ ସମୟ ଧାର୍ଯ୍ୟ କରିଥିବାବେଳେ ବରିଷ୍ଠ ଆଇନଜୀବୀ କପିଲ ସିବଲ ଏହାକୁ ବିରୋଧ କରିଥିଲେ। ସେ କହିଥିଲେ, ଅଧିକ ଦିନ ତାରିଖ ଗଡ଼ାଇଲେ ନିର୍ବାଚନ ଶେଷ ହୋଇଯିବ। ତାଙ୍କ ଯୁକ୍ତିକୁ ବିଚାରକୁ ନେଇ ଖଣ୍ଡପୀଠ ଆସନ୍ତା ୧୭ ତାରିଖକୁ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଛନ୍ତି। ନିର୍ବାଚନ ପ୍ରଚାର ପାଇଁ ଅରବିନ୍ଦ କେଜ୍‌ରିୱାଲଙ୍କୁ ଜାମିନ ଦିଆଯାଇଥିବାରୁ ସୋରେନଙ୍କୁ ସେହି ଆଧାରରେ ଜାମିନ ପ୍ରଦାନ ପାଇଁ ସିବଲ ଖଣ୍ଡପୀଠଙ୍କୁ କହିଥିଲେ। ପୂର୍ବରୁ ସୋରେନ୍ ଗିରଫଦାରିକୁ ଚ୍ୟାଲେଞ୍ଜ କରି ଝାଡ଼ଖଣ୍ଡ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ମେ' ୩ରେ ତାଙ୍କ ପିଟିଶନ ଖାରଜ ହୋଇଯାଇଥିଲା। ଅଦାଲତ ରାୟ ଦେବା ପର୍ଯ୍ୟନ୍ତ ତାଙ୍କୁ ନିର୍ବାଚନ ପ୍ରଚାର ନିମନ୍ତେ ଅନ୍ତରୀଣ ଜାମିନରେ ଛଡ଼ାଯିବା ପାଇଁ ସୋରେନ୍ ଆବେଦନ କରିଥିଲେ।

## କେଜ୍‌ରିୱାଲଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ବହିଷ୍କାର ଆବେଦନ ଖାରଜ

**ନୂଆଦିଲ୍ଲୀ, ୧୩।୫(ପି.ଟି.)**

ମନିଲଣ୍ଡରିଂ ମାମଲାରେ ଗିରଫ ହୋଇଥିବା ଆମ୍ ଆଦ୍‌ମୀ ପାର୍ଟି ନେତା ଅରବିନ୍ଦ କେଜ୍‌ରିୱାଲଙ୍କୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରୁ ବହିଷ୍କାର ଆବେଦନକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ବହିଷ୍କାର ଦାବି କରିବାର କୌଣସି ଆଇନଗତ ଅଧିକାର ଆବେଦନକାରୀଙ୍କର ନ ଥିବା ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ କହିଛନ୍ତି। ଏଭଳି ସ୍ଥିତିରେ ଇସ୍ତଫା ସମୀଚୀନ ପଦକ୍ଷେପ, କିନ୍ତୁ ଗିରଫ ପରେ ମୁଖ୍ୟମନ୍ତ୍ରୀ ପଦରୁ ବହିଷ୍କାର ଚାହିଁବାର କୌଣସି ଆଇନଗତ ଅଧିକାର ନାହିଁ। ଉପରାଜ୍ୟପାଳ ଯଦି ଚାହାନ୍ତି, ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। ଏହା ତାଙ୍କ ନିଷ୍ପତ୍ତି ଉପରେ ନିର୍ଭର କରୁଛି ବୋଲି ଆବେଦନକାରୀ କାନ୍ତ ଭଟିଙ୍କ ଓକିଲଙ୍କୁ ଖଣ୍ଡପୀଠ କହିଛନ୍ତି। ପୂର୍ବରୁ ଦିଲ୍ଲୀ ହାଇକୋର୍ଟ କେଜ୍‌ରିୱାଲଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ବହିଷ୍କାର ଲାଗି ଏକାଧିକ ଆବେଦନକୁ ଖାରଜ କରିଦେଇଥିଲେ।

କେଜ୍‌ରିୱାଲଙ୍କ ବିରୋଧରେ ମାନହାନି କାର୍ଯ୍ୟାନୁଷ୍ଠାନ ଉପରେ ସ୍ଥଗିତାଦେଶକୁ ସୁପ୍ରିମକୋର୍ଟ ସୋମବାର ବଢ଼ାଇ ଦେଇଛନ୍ତି। ୨୦୧୮ ମେ'ରେ ୟୁଟ୍ୟୁବର ଧ୍ରୁବ ରାଠି ଏ ଅପମାନଜନକ ଭିଡିଓର ପ୍ରସାର କରାଇଥିଲେ। ଏହାର ରିଟୁଇଟ୍ କରିଥିବାରୁ କେଜ୍‌ରିୱାଲଙ୍କ ବିରୋଧରେ ଆପରାଧିକ ମାନହାନି ମାମଲା ରୁଜୁ ହୋଇଥିଲା। ଏନେଇ ତାଙ୍କୁ ଜାରି ସମନକୁ ଦିଲ୍ଲୀ ହାଇକୋର୍ଟ କାଏମ ରଖିଥିଲାବେଳେ ଏହାକୁ କେଜ୍‌ରିୱାଲ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

## କଂଗ୍ରେସର ଗ୍ୟାରେଣ୍ଟି ମହିଳାଙ୍କ ଜୀବନରେ ପରିବର୍ତ୍ତନ ଆଣିବ

**ନୂଆଦିଲ୍ଲୀ, ୧୩।୫**

ଲୋକ ସଭା ନିର୍ବାଚନ ପାଇଁ କଂଗ୍ରେସର ଇସ୍ତାହାରରେ ଦିଆଯାଇଥିବା ଗ୍ୟାରେଣ୍ଟିଗୁଡ଼ିକ ଲୋକମାନଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବ ବୋଲି ଦଳର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସୋମବାର ପ୍ରତିଶ୍ରୁତି ଦେଇଛନ୍ତି। କଂଗ୍ରେସ ପକ୍ଷରୁ ସୋସିଆଲ ମିଡିଆରେ ଶେୟାର ହୋଇଥିବା ଏକ ଭିଡିଓ ବାର୍ତ୍ତାରେ ସୋନିଆ କହିଛନ୍ତି, ଗୁରୁତର ସଙ୍କଟ ସମୟରେ ଦେଶର ମହିଳାମାନେ କଠିନ ସମୟର ସମ୍ମୁଖୀନ ହେଉଛନ୍ତି। କଂଗ୍ରେସର



ସୋନିଆ ଗାନ୍ଧୀ

ମହାଲକ୍ଷ୍ମୀ ଯୋଜନା ସେମାନଙ୍କର ଜୀବନ ଧାରଣ ମାନରେ ପରିବର୍ତ୍ତନ ଆଣିବାରେ ସହାୟକ ହେବ। ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ଆଧୁନିକ ଭାରତ ଗଠନ ପର୍ଯ୍ୟନ୍ତ ସବୁଥିରେ ମହିଳାମାନଙ୍କର ବଡ଼ ଅବଦାନ ରହିଛି। ତେବେ ବର୍ତ୍ତମାନ ଆକାଶଛୁଆଁ ଦରଦାମ୍ ବୃଦ୍ଧି ଯୋଗୁ ସେମାନେ ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ସେମାନଙ୍କ କଠିନ ପରିଶ୍ରମକୁ ନ୍ୟାୟ ଦେବା ପାଇଁ କଂଗ୍ରେସ କ୍ରାନ୍ତିକାରୀ ଗ୍ୟାରେଣ୍ଟି ଆଣିଥିବା ସୋନିଆ କହିଛନ୍ତି। ମହାଲକ୍ଷ୍ମୀ ଯୋଜନାରେ ଗରିବ ପରିବାରର ମହିଳାମାନଙ୍କୁ ପ୍ରତିବର୍ଷ ୧ ଲକ୍ଷ ଟଙ୍କା ଲେଖାଏ ଯୋଗାଇ ଦିଆଯିବ। କଠିନ ସମୟରେ ଏହା ସେମାନଙ୍କୁ ସହାୟକ ହୋଇପାରିବ। କଂଗ୍ରେସ ମହିଳାମାନଙ୍କ ସହ ରହିଛି ଓ ସେମାନଙ୍କ ସ୍ଥିତିରେ ଉନ୍ନତି ଆଣିବାକୁ ପ୍ରତିବଦ୍ଧ ବୋଲି ସୋନିଆ କହିଛନ୍ତି।

## ଚାବହାର ବନ୍ଦର ଚଳାଇବ ଭାରତ

**ନୂଆଦିଲ୍ଲୀ, ୧୩।୫**

### ଇରାନ ସହ ୧୦ ବର୍ଷିଆ ଚୁକ୍ତି ସ୍ୱାକ୍ଷର

ଆଗାମୀ ୧୦ ବର୍ଷ ପାଇଁ ଚାବହାର ବନ୍ଦରକୁ ପରିଚାଳନା କରିବା ପାଇଁ ଭାରତ ଇରାନ ସହ ଚୁକ୍ତିନାମା ସ୍ୱାକ୍ଷର କରିଛି। ଲୋକ ସଭା ନିର୍ବାଚନ ଚାଲିଥିବା ସମୟରେ କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପର ବୃହତ୍ ଆଞ୍ଚଳିକ ଗୁରୁତ୍ୱ ରହିଛି। ଚୁକ୍ତି ସ୍ୱାକ୍ଷର ପାଇଁ ଭାରତର ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଇରାନରେ ଅଛନ୍ତି। ବିଦେଶରେ କୌଣସି ବନ୍ଦରର ପରିଚାଳନା ଦାୟିତ୍ୱ ଭାରତ ହାତକୁ ଆସିବା ଏକ ବଡ଼ ପଦକ୍ଷେପ। ଆଫଗାନିସ୍ତାନ, କେନ୍ଦ୍ରୀୟ ଏସିଆ ଏବଂ ୟୁରେସିଆ ଅଞ୍ଚଳର ସୀମାନ୍ତ ସହ ସଂଯୋଗ ସ୍ଥାପନ କରିବାରେ ଚାବହାର ବନ୍ଦର ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ। ପାକିସ୍ତାନର ଗ୍ୱାଦାର ବନ୍ଦର ଏବଂ ଚାଇନାର ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍‌ର ପ୍ରତିସନ୍ତୁଳନ ଭାବେ ଏହା କାର୍ଯ୍ୟ କରିବ। ଅନ୍ତର୍ଜାତୀୟ ଉତ୍ତର ଦକ୍ଷିଣ ପରିବହନ କରିଡର (ଆଇଏନ୍‌ଏସ୍‌ଟିସି) ସହ ଚାବହାରକୁ ସଂଯୋଗ କରିବା ଯୋଜନା ରହିଛି, ଯାହା ଭାରତକୁ ଇରାନ ଦେଇ ରୁଷିଆ ସହ ସଂଯୋଗ କରିବ। ଫଳରେ ଭାରତ ପାକିସ୍ତାନକୁ ବାଇପାସ୍ କରି ଆଫଗାନିସ୍ତାନ ଓ କେନ୍ଦ୍ରୀୟ ଏସିଆରେ ପହଞ୍ଚିପାରିବ। ଗତବର୍ଷ ଦକ୍ଷିଣ ଆଫ୍ରିକାରେ ବ୍ରିକ୍ସ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇରାନ ରାଷ୍ଟ୍ରପତିଙ୍କ ସହ ଚାବହାର ବନ୍ଦର ସମ୍ପର୍କରେ ଆଲୋଚନା କରିଥିଲେ।

ସୂଚନାଯୋଗ୍ୟ, ଚାବହାରକୁ ନେଇ ୨୦୧୬ରେ ଭାରତ ଓ ଇରାନ ମଧ୍ୟରେ ଚୁକ୍ତି ହୋଇଥିଲା। ଗତ ଜାନୁଆରୀରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କର ତେହରାନ ଗସ୍ତରେ ଯାଇ ଏହି ପ୍ରସଙ୍ଗରେ ଆଲୋଚନା କରିଥିଲେ। ମୂଳ ଚୁକ୍ତିନାମା ବଦଳରେ ବର୍ତ୍ତମାନର ଏହି ଦୀର୍ଘମିଆଦୀ ଚୁକ୍ତିନାମା କାର୍ଯ୍ୟକାରୀ ହେବାକୁ ଯାଉଛି। ୧୦ ବର୍ଷ ପାଇଁ ଚୁକ୍ତି ସ୍ୱାକ୍ଷର ହୋଇଥିବାବେଳେ ଏହା ସ୍ୱତଃ ବୃଦ୍ଧି ପାଇବ ବୋଲି କୁହାଯାଉଛି। ମୂଳ ଚୁକ୍ତିରେ ଚାବହାର ବନ୍ଦରର କେବଳ ଶହୀଦ ବେହେସ୍ତି ଟର୍ମିନାଲର ପରିଚାଳନା ଦାୟିତ୍ୱ ଭାରତ ନେଇଥିଲା ଏବଂ ଉକ୍ତ ଚୁକ୍ତିକୁ ପ୍ରତିବର୍ଷ ନବୀକରଣ କରିବାକୁ ପଡୁଥିଲା।

**ଫୁର୍‌ସତ୍**

## ଭାରତ ପ୍ରେମରେ ଜାପାନୀ ସିଇଓ

**ବେଙ୍ଗାଲୁରୁ**

ଟେକ୍ ଜାପାନ କମ୍ପାନୀର ପ୍ରତିଷ୍ଠାତା ତଥା ସିଇଓ ନାଓଟାକା ନିଶିୟାମା ଗତ ମାସେ ହେବ ଭାରତ ଗସ୍ତରେ ରହିଛନ୍ତି। ଭାରତରେ ସଂସ୍କୃତି, ମୂଲ୍ୟବୋଧ ଓ ବିବିଧତାକୁ ବୁଝିବା ଉଦ୍ଦେଶ୍ୟରେ ସେ ଭାରତ ଆସିଛନ୍ତି। କେବଳ ଗୋଟିଏ ମାସ ମଧ୍ୟରେ ଭାରତୀୟଙ୍କ ଜୀବନ ଶୈଳୀ ତାଙ୍କୁ ବହୁଳ ଭାବେ ପ୍ରଭାବିତ କରିପାରିଛି। ଭାରତର ବିବିଧତାକୁ ସେ ପ୍ରଶଂସା କରିବା ସହ ସମ୍ପ୍ରତି କେବଳ ଭାରତୀୟ ନେତୃତ୍ୱ ହିଁ ବିଶ୍ୱର ଅଗ୍ରଗତି କରିବାକୁ ସକ୍ଷମ ବୋଲି ସେ କହିଛନ୍ତି।

ସୋସିଆଲ ମିଡିଆ ପ୍ଲାଟଫର୍ମ 'ଲିଙ୍କଡିନ'ରେ ସେ ଲେଖିଛନ୍ତି, ବିଶ୍ୱରେ ବହୁତ ଅଶାନ୍ତି ରହିଛି। ତେଣୁ




ବିଶ୍ୱକୁ ଭାରତର ନେତୃତ୍ୱ ଆବଶ୍ୟକ। ଗତ ମାସେ ଧରି ଭାରତରେ ରହିବା ସମୟରେ ଏହାର ବିବିଧତା ଏବଂ ମୂଲ୍ୟବୋଧ ତାଙ୍କୁ ବହୁଳ ଭାବେ ପ୍ରଭାବିତ କରିଥିବା ନିଶିୟାମା କହିଛନ୍ତି। ଅନେକ ଧର୍ମ, ଜାତି ଏବଂ ମୂଲ୍ୟବୋଧ ଥିବା ସତ୍ତ୍ୱେ

### ବିଶ୍ୱକୁ ଦରକାର ଭାରତୀୟ ନେତୃତ୍ୱ

ଭାରତ ଏକ ହୋଇ ଗୋଟିଏ ସଫଳ ଦେଶ ଭାବରେ ଅଗ୍ରଗତି କରୁଛି, ଯାହା କୌଣସି ଆଶ୍ଚର୍ଯ୍ୟଠାରୁ କମ୍ ନୁହେଁ। ଏହି ଅବସରରେ ସେ ମାଇକ୍ରୋସଫ୍ଟ ସିଇଓ ସତ୍ୟ ନଡେଲା ଏବଂ ଗୁଗୁଲ ସିଇଓ ସୁନ୍ଦର ପିଚାଇଙ୍କ ଉଦାହରଣ ଦେଇଛନ୍ତି। ଉଭୟ ସତ୍ୟ ନଡେଲା ଏବଂ ସୁନ୍ଦର ପିଚାଇ ଭାରତରେ ଜନ୍ମଗ୍ରହଣ କରିବା ସହ ଅଧ୍ୟୟନ ମଧ୍ୟ କରିଥିଲେ। ପରେ ଉଭୟ ଆମେରିକା ଯାଇ ନିଜ ଦକ୍ଷତାକୁ ସଫଳ ଭାବେ ପ୍ରତିପାଦନ କରିଛନ୍ତି। ଏଥିରୁ ଭାରତୀୟ ନେତୃତ୍ୱର ଦକ୍ଷତା ପ୍ରମାଣିତ ହୋଇଥିବା ନିଶିୟାମା କହିଛନ୍ତି।

## ପରିବାର ସହ ଧାର୍ମିକ ଯାତ୍ରାରେ ଶିଳ୍ପା



**ଜମ୍ମୁ:** ଗତ ଶୁକ୍ରବାରଠାରୁ ବଲିଉଡ୍ ଅଭିନେତ୍ରୀ ଶିଳ୍ପା ଶେଟ୍ଟି ପରିବାର ସହ ଏକ ଧାର୍ମିକ ଯାତ୍ରା ଆରମ୍ଭ କରିଛନ୍ତି। ସେ ତାଙ୍କ ମା' ସୁନନ୍ଦା ଶେଟ୍ଟି, ଭଉଣୀ ଶମିତା ଶେଟ୍ଟୀ ଏବଂ ଝିଅ ସମିଶାଙ୍କ ସହ ଏହି ଯାତ୍ରା କରୁଛନ୍ତି। ଶୁକ୍ରବାର ଆସାମର ଗୁଆହାଟୀସ୍ଥିତ କାମାକ୍ଷୀ ଦେବୀ ମନ୍ଦିରରେ ଶିଳ୍ପା ସପରିବାର ପହଞ୍ଚି ଏକ ବିଶେଷ ପୂଜାର ଆୟୋଜନ କରିଥିଲେ। ଏହାପରେ ସେ ଶନିବାର ଉତ୍ତରାଖଣ୍ଡର ପ୍ରସିଦ୍ଧ କେଦାରନାଥ ମନ୍ଦିର ପରିଦର୍ଶନ କରିବାକୁ ଯାଇଥିଲେ। ସେଠାରେ ସେ ବାବା ଭୋଲେନାଥଙ୍କୁ ଦର୍ଶନ କରି ଆଶୀର୍ବାଦ ଲୋଡ଼ିଥିଲେ। ତେବେ ଶିଳ୍ପା ରବିବାର ଜମ୍ମୁ-କଶ୍ମୀର କଟରାସ୍ଥିତ ମାତା ବୈଷ୍ଣୋଦେବୀଙ୍କ ମନ୍ଦିରରେ ଦର୍ଶନ କରିଛନ୍ତି। ମନ୍ଦିରରେ ଶିଳ୍ପାଙ୍କୁ ଦେଖି ତାଙ୍କର ଅନେକ ପ୍ରଶଂସକଙ୍କର ଗହଳି ଲାଗିଥିଲା। ଏହି ଅବସରରେ ଶିଳ୍ପା ନିଜର କିଛି ପ୍ରଶଂସକଙ୍କ ସହ ଫଟୋ ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ସେହିପରି ବୈଷ୍ଣୋଦେବୀ ମନ୍ଦିରରେ ଶିଳ୍ପା ତାଙ୍କ ମା' ଓ ଭଉଣୀଙ୍କ ସହ ଫଟୋ ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଫଟୋର କ୍ୟାପଶନରେ ଶିଳ୍ପା ଲେଖିଥିଲେ, ମାତୃ ଦିବସ ଅବସରରେ ମାତା ବୈଷ୍ଣୋଦେବୀଙ୍କ ଦର୍ଶନ କରିବାର ସୌଭାଗ୍ୟ ପାଇ ମୁଁ ଧନ୍ୟ ମନେକରୁଛି। ଗତ ସପ୍ତାହରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଏକ ଅର୍ଥ ହେରଫେର ମାମଲାର ଯାଞ୍ଚ କରି ଉଭୟ ଶିଳ୍ପା ଓ ତାଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କର ମୁମ୍ବାଇର ଜୁହୁ ସ୍ଥିତ ଫ୍ଲାଟ ଓ ପୁନେସ୍ଥିତ ବଙ୍ଗଳା ସହ ସମୁଦାୟ ୯୭.୭୭ କୋଟିର ସମ୍ପତ୍ତି ଜବତ ହୋଇଥିଲା। ଇଡିର ଏହି କାର୍ଯ୍ୟାନୁଷ୍ଠାନ ପରେ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ସୁରକ୍ଷା ପାଇଁ ଶିଳ୍ପା ଏହି ଧାର୍ମିକ ଯାତ୍ରା କରୁଥିବା ବିଭିନ୍ନ ମିଡିଆ ରିପୋର୍ଟ ପ୍ରକାଶ ପାଇଛି।

# ଏପ୍ରିଲରେ ଖୁଚୁରା ମୁଦ୍ରାସ୍ଫୀତି ୪.୮୩%

ଭୁବନେଶ୍ୱର, ୧୩।୫ (ଅନୁରାଧା ମହାରଣା)



କ୍ରମାଗତ ଭାବେ ଘରୋଇ ବଜାରରେ ଖୁଚୁରା ମୁଦ୍ରାସ୍ଫୀତି ହ୍ରାସ ପାଉଛି। ଏପରିକି ୨୦୨୪ ଏପ୍ରିଲ ମାସରେ ଖୁଚୁରା ମୁଦ୍ରାସ୍ଫୀତି ହାର ୪.୮୩%ରେ ରହିଛି। ସେହିଭଳି ୨୦୨୪ ମାର୍ଚ୍ଚରେ ଖୁଚୁରା ମୁଦ୍ରାସ୍ଫୀତି ହାର ୪.୮୫% ରହିଥିବାବେଳେ ଏପ୍ରିଲରେ ଏହା ୪.୮୩%କୁ ହ୍ରାସ ପାଇଛି। ଅପରପକ୍ଷରେ ଖାଦ୍ୟ ମୁଦ୍ରାସ୍ଫୀତି ଚଳିତ ବର୍ଷ ଏପ୍ରିଲରେ ୮.୭୦%କୁ ବୃଦ୍ଧି ପାଇଛି, ଯାହାକି ୨୦୨୪ ମାର୍ଚ୍ଚରେ ୮.୫୨% ରହିଥିଲା ବୋଲି ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପରିସଂଖ୍ୟାନ ମନ୍ତ୍ରଣାଳୟ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ମାସ ଏପ୍ରିଲ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ହାର ତଥ୍ୟ ପ୍ରକାଶ କରିଛି। ଏହି ତଥ୍ୟ ଅନୁସାରେ ଏପ୍ରିଲରେ ଖୁଚୁରା ମୁଦ୍ରାସ୍ଫୀତି ହାର ୪.୮୩%କୁ ଖସି ଆସିଛି। ତେବେ ପନିପରିବା ଏବଂ ଡାଲି ପରି ଖାଦ୍ୟ ସାମଗ୍ରୀର ମୁଦ୍ରାସ୍ଫୀତି ବୃଦ୍ଧି ହେତୁ ଖାଦ୍ୟ ମୁଦ୍ରାସ୍ଫୀତି ହାରରେ ବୃଦ୍ଧି ଘଟିଛି। ଖାଦ୍ୟ ମୁଦ୍ରାସ୍ଫୀତି ହାର ୮.୭୦%ରେ ପହଞ୍ଚିଛି, ଯାହାକି ମାର୍ଚ୍ଚ ୨୦୨୪ ରେ ୮.୫୨% ଥିଲା। ଏପ୍ରିଲରେ ଖାଦ୍ୟ ମୁଦ୍ରାସ୍ଫୀତିର ବୃଦ୍ଧି ମୁଖ୍ୟତଃ ପନିପରିବା ଏବଂ ଡାଲିରେ ମୁଦ୍ରାସ୍ଫୀତି ବୃଦ୍ଧି ଯୋଗୁ ହୋଇଥାଏ। ପନିପରିବାର ମୁଦ୍ରାସ୍ଫୀତି ମାର୍ଚ୍ଚରେ ୨୬.୩୮% ଥିବାବେଳେ ଏପ୍ରିଲରେ ୨୭.୮୦% ରହିଛି। ଡାଲିର ମୁଦ୍ରାସ୍ଫୀତି ହାର ଏପ୍ରିଲରେ ୧୬.୮୪% ହୋଇଛି। ମାର୍ଚ୍ଚରେ ଏହା ୧୮.୯୯%ରହିଥିବାବେଳେ ଫେବୃଆରୀରେ ୧୮.୯୦ ପ୍ରତିଶତ ରହିଥିଲା। ସେହିପରି ଶସ୍ୟ ଏବଂ ଆନୁଷଙ୍ଗିକ ଦ୍ରବ୍ୟର ମୁଦ୍ରାସ୍ଫୀତି ହାର ୮.୬୩% ହୋଇଛି, ଯାହା ମାର୍ଚ୍ଚରେ ୮.୩୦% ଥିଲା। ମସଲାର ମୁଦ୍ରାସ୍ଫୀତି ହାର ୭.୭୫% ହୋଇଛି। ମାର୍ଚ୍ଚରେ ୧୧.୪୩% ଥିଲା। ଫଳର ମୁଦ୍ରାସ୍ଫୀତି ହାର ୫.୯୪% ହୋଇଛି ଯାହା ମାର୍ଚ୍ଚରେ ୨.୬୭% ଥିଲା। ଚିନିର ମୁଦ୍ରାସ୍ଫୀତି ହାର ୬.୭୩% ଏବଂ ଅଣ୍ଡାର ମୁଦ୍ରାସ୍ଫୀତି ହାର ୯.୫୯%ରହିଛି। ଖୁଚୁରା ମୁଦ୍ରାସ୍ଫୀତି ହାର ଭାରତୀୟ ରିଜର୍ଭ ବ୍ୟାଙ୍କର ଟଲେରାନ୍ସ ବ୍ୟାଣ୍ଡର ୬%ରୁ କମ ଅଟେ। ଏହା କ୍ରମାଗତ ଦ୍ୱିତୀୟ ମାସ ଯେତେବେଳେ ଖୁଚୁରା ମୁଦ୍ରାସ୍ଫୀତି ୫%ରୁ କମ ରହିଛି। ତେବେ ଖୁଚୁରା ମୁଦ୍ରାସ୍ଫୀତି ହାରକୁ ୪%କୁ ହ୍ରାସ କରିବାକୁ ଆରବିଆଇର ଲକ୍ଷ୍ୟ ରଖିଛି। ବିଶେଷତଃ ଡାଲି ଏବଂ ପାଣିପାଗରେ କ୍ରମାଗତ ପରିବର୍ତ୍ତନ ହେତୁ ପନିପରିବା ଏବଂ ପନିପରିବା ମହଙ୍ଗା ହୋଇଛି।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ, ୧୩।୫

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇ ପାରିଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନସେକ୍ସ ୧୧୨(୧୧୧.୬୬) ପଏଣ୍ଟ ବଢି୭୨,୭୭୬(୭୨,୭୭୬.୧୩) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୪୯(୪୮.୮୫) ପଏଣ୍ଟ ବୃଦ୍ଧି ଘଟି ୨୨,୧୦୪(୨୨,୧୦୪.୦୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## ଏସ୍‌ବିଆଇ ଜେନେରାଲରେ ଯୋଗଦେଲେ ଜୟା

ଭୁବନେଶ୍ୱର, ୧୩।୫



ଜୟା ତ୍ରିପାଠୀ

ଦେଶର ପ୍ରମୁଖ ଘରୋଇ ବୀମା କମ୍ପାନୀ ଏସ୍‌ବିଆଇ ଜେନେରାଲ ଇନ୍ସ୍ୟୁରାନ୍ସ ପକ୍ଷରୁ ଜୟା ତ୍ରିପାଠୀଙ୍କୁ କମ୍ପାନୀର ହେଡ୍ କି ରିଲେଶନ୍ସ ଗ୍ରୁପ୍ ଭାବେ ନିଯୁକ୍ତି ଦିଆଯାଇଛି। ଏପରିକି ତ୍ରିପାଠୀ କମ୍ପାନୀର ନୂତନ ବ୍ୟବସାୟ ସୁଯୋଗ ଏବଂ ସହଭାଗିତା, ଡ୍ରାଇଭ ବିସ୍ତାରର ନେତୃତ୍ୱ ନେବେ। ସେହିଭଳି ବିକ୍ରୟ ଦଳ ଅଭିବୃଦ୍ଧି ଏବଂ ଲାଭଦାୟକତା ବୃଦ୍ଧି ପାଇଁ ସହଭାଗୀ ସମ୍ପର୍କକୁ ଗଭୀର କରାଇବା ଏବଂ ସାଧାରଣ ବୀମା, ଫ୍ୟାଶନ୍ ଖୁଚୁରା ଓ ପର୍ଯ୍ୟଟନ ପରି ଏକ ବିବିଧ ପୃଷ୍ଠଭୂମି ସହିତ ତ୍ରିପାଠୀ କମ୍ପାନୀର ନୂତନ ସ୍ଥିତିକୁ ବଢ଼ାଇବେ ବୋଲି ଜଣାପଡିଛି।

ଏ ସମ୍ପର୍କରେ ଏସ୍‌ବିଆଇ ଜେନେରାଲ ଇନ୍ସ୍ୟୁରାନ୍ସର ସିଇଓ ରାକେଶ କୌଲ୍ କହିଛନ୍ତି, ଜୟାଙ୍କୁ ସ୍ୱାଗତ କରି ଆମେ ବେଶ୍ ଉତ୍ସାହିତ। ଏପରିକି ଆମେ ନିଶ୍ଚିତ ଯେ ତାଙ୍କ ବିସ୍ତୃତ ଅଭିଜ୍ଞତା ଏବଂ ଟ୍ରାକ୍ ରେକର୍ଡ ପ୍ରମାଣିତ କରୁଛି କି ସେ ଆମର ବ୍ୟବସାୟ ଲକ୍ଷ୍ୟ ଚଳାଇବାରେ ଏକ ପ୍ରମୁଖ ଏବଂ ଅପରିହାର୍ଯ୍ୟ ଭୂମିକା ଗ୍ରହଣ କରିବେ। ସେହିଭଳି ଜୟା ତ୍ରିପାଠୀ କହିଛନ୍ତି, ଏସ୍‌ବିଆଇ ଜେନେରାଲରେ ଯୋଗଦେଇ ମୁଁ ବେଶ୍ ଉତ୍ସାହିତ ଅଛି।

## ଓଡିଏମ୍ ପବ୍ଲିକ ସ୍କୁଲ୍‌ର ଅଭୂତପୂର୍ବ ସଫଳତା

ଭୁବନେଶ୍ୱର, ୧୩।୫

ରାଜ୍ୟର ଅଗ୍ରଣୀ ଘରୋଇ ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱରର ପଟିଆସ୍ଥିତ ଓଡିଏମ୍ ପବ୍ଲିକ ସ୍କୁଲର ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରମାନେ ଅଭୂତପୂର୍ବ ସଫଳତା ସହ କୃତିତ୍ୱ ହାସଲ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୩-୨୪ ଶିକ୍ଷାବର୍ଷ ପାଇଁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ବା ସିବିଏସ୍ଇ ଦ୍ୱାରା ପରିଚାଳିତ ଦ୍ୱାଦଶ ଓ ଦଶମ ଶ୍ରେଣୀର ବାର୍ଷିକ ପରୀକ୍ଷା ଫଳାଫଳ ସୋମବାର ପ୍ରକାଶିତ ହୋଇଯାଇଛି। ଉକ୍ତ ଫଳାଫଳ ଅନୁଯାୟୀ ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ଦ୍ୱାଦଶ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଛାତ୍ରୀଛାତ୍ରମାନେ ଅଭୂତପୂର୍ବ ସଫଳତା ସହ କୃତିତ୍ୱ ଲାଭ କରିଛନ୍ତି। ଏପରିକି ଦ୍ୱାଦଶ ବିଜ୍ଞାନ ବିଭାଗର ଛାତ୍ର ରୋନିତ କୁମାର ରାଉତ ୯୯.୨% ରଖି ସମଗ୍ର ଓଡ଼ିଶାରେ ଷ୍ଟେଟ୍ ଟପ୍ପର ହେବାର ସୌଭାଗ୍ୟ ଲାଭ ସହିତ ୩ଟି ବିଷୟରେ ସେ ୧୦୦ରୁ ୧୦୦ ନମ୍ବର ରଖି ବିରଳ କୃତିତ୍ୱ ଅର୍ଜନ କରିଛନ୍ତି। ସେହିଭଳି ବିଦ୍ୟାଳୟସ୍ତରରେ କୁମାରୀ ସ୍ୱୟଂଶ୍ରୀ ଗାହଣ ୯୮.୬% ସହ ୨ୟ ସ୍ଥାନରେ ଥିଲାବେଳେ ୯୭.୪% ରଖି ଯୁଗ୍ମ ଭାବେ ଦିବ୍ୟାଂଶୁ ବେହେରା ଏବଂ ସତ୍ୟେନ୍ଦୁ କର ୩ୟ ସ୍ଥାନରେ ରହିଛନ୍ତି। ସେହିପରି ଦ୍ୱାଦଶ ବାଣିଜ୍ୟ ବିଭାଗର ଛାତ୍ରୀ କୁମାରୀ ସିଦ୍ଧି ବଂଶଲ୍ ୯୬.୬% ସହ ବିଦ୍ୟାଳୟର ପ୍ରଥମ ସ୍ଥାନରେ ଥିଲାବେଳେ ଆଶିଷ ଅଗ୍ରୱାଲ୍ ୯୫.୮% ରଖି ୨ୟ ସ୍ଥାନ ଓ ଆରାଧ ସିଂହ କୁମାରୀ ଏବଂ ଆଶ୍ୱାସନା ଦାସ ଯୁଗ୍ମ ଭାବେ ୯୫.୨% ରଖି ୩ୟ ସ୍ଥାନରେ ରହିଛନ୍ତି। ଏପରିକି ସ୍କୁଲର ୩୬ ଜଣ ବିଦ୍ୟାର୍ଥୀ ୯୫% ଉପରେ ଏବଂ ୧୨୪ ଜଣ ୯୦%ଉପରେ ରଖି କୃତିତ୍ୱ ଲାଭ କରିଛନ୍ତି। ଅପରପକ୍ଷରେ ସ୍କୁଲର ଦଶମ ଶ୍ରେଣୀର ୨୪୩ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଆୟୁଷ ପଟ୍ଟନାୟକ ଓ ଅଙ୍କିତ୍ ସାମନ୍ତରାୟ ଯୁଗ୍ମ ଭାବେ ୯୯% ସହ ବିଦ୍ୟାଳୟର ପ୍ରଥମ ସ୍ଥାନ ଏବଂ ଆଶିଷ ମହାରଣା ୯୮.୮% ସହ ୨ୟ ସ୍ଥାନ ଏବଂ ସାଇରୂପ ସାମଲ ଓ କୁମାରୀ ତନିଷ୍ଠା ପାଣିଗ୍ରାହୀ ଯୁଗ୍ମ ଭାବେ ୯୮% ନମ୍ବର ରଖି ୩ୟ ସ୍ଥାନ ଅଳଙ୍କୃତ କରିଛନ୍ତି। ଏପରିକି ୯୫% ଉପରେ ସ୍କୁଲର ୩୦ଜଣ ଛାତ୍ରୀଛାତ୍ର ଥିଲାବେଳେ ୯୦% ଉପରେ ୮୨ ଜଣ ଛାତ୍ରୀଛାତ୍ର କୃତିତ୍ୱ ଲାଭ କରି ବିଦ୍ୟାଳୟର ଗୁଣାତ୍ମକ ଗାରିମା ଓ ସମ୍ମାନକୁ ଗୌରବମଣ୍ଡିତ କରିଛନ୍ତି।

## ସୁନା ସଂରକ୍ଷଣରେ ବୃଦ୍ଧି

### ୫ ବର୍ଷରେ ବଢ଼ିଛି ୪୦%

ଭୁବନେଶ୍ୱର, ୧୩।୫ (ଅଭୟ ଦାଶ)



କ୍ରମାଗତ ଭାବେ ଘରୋଇ ବଜାରରେ ସୁନା ସଂରକ୍ଷଣ ବୃଦ୍ଧି ପାଉଛି। ୨୦୧୯ ମାର୍ଚ୍ଚରୁ ୨୦୨୪ ମାର୍ଚ୍ଚ ମଧ୍ୟରେ ଘରୋଇ ଭାବେ ରଖାଯାଇଥିବା ଭାରତର ସୁନା ସଂରକ୍ଷଣ ୪୦% ବୃଦ୍ଧି ପାଇଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପକ୍ଷରୁ ବିସ୍ତୃତ ତଥ୍ୟ ପ୍ରକାଶ କରାଯାଇଛି। ଏପରିକି ଏହି ସମାନ ଅବଧି ମଧ୍ୟରେ ମୋଟ ସୁନା ଭଣ୍ଡାରରେ ୩୪% ବୃଦ୍ଧି ଘଟିଛି। ସେହିଭଳି ୨୦୨୪ ମାର୍ଚ୍ଚ ଶେଷ ସୁଦ୍ଧା ଆରବିଆଇ ମୋଟ ୮୨୨ ମେଟ୍ରିକ୍ ଟନ୍ ସୁନା ରଖିଛି ଏବଂ ଦେଶ ମଧ୍ୟରେ ୪୦୮ ମେଟ୍ରିକ୍ ଟନ୍ ସୁନା ସଂରକ୍ଷଣ ରହିଛି, ୨୦୧୯ ମାର୍ଚ୍ଚଶେଷ ସୁଦ୍ଧା ସମୁଦାୟ ସୁନା ସଂରକ୍ଷଣ ୬୧୨ ମେଟ୍ରିକ୍ ଟନ୍ ଥିଲା, ସେଥିମଧ୍ୟରୁ ୨୯୨ ମେଟ୍ରିକ୍ ଟନ୍ ଘରୋଇ ଭାବେ ରଖାଯାଇଥିଲା।

ଅପରପକ୍ଷରେ ବୈଦେଶିକ ମୁଦ୍ରା ପରିଚାଳନା ଉପରେ ସୋମବାର ପ୍ରକାଶିତ ଅର୍ଦ୍ଧ ବାର୍ଷିକ ରିପୋର୍ଟ ଅନୁଯାୟୀ, ମୋଟ ବୈଦେଶିକ ମୁଦ୍ରା ଭଣ୍ଡାରରେ ସୁନା ଅଂଶ ୨୦୨୩ ସେପ୍ଟେମ୍ବର ଶେଷ ସୁଦ୍ଧା ୭.୩୭%ରୁ ବଢ଼ି ୨୦୨୪ ମାର୍ଚ୍ଚ ଶେଷ ସୁଦ୍ଧା ୮.୧୫% କୁ ବୃଦ୍ଧି ପାଇଛି। ଆମଦାନୀ କଭର ହେଉଛି ଏକ ପ୍ରମୁଖ ବାଣିଜ୍ୟସୂଚକ,ଯାହା ରିଜର୍ଭ ପର୍ଯ୍ୟାପ୍ତତାକୁ ପ୍ରତିଫଳିତ କରିଥାଏ, ଯାହା ବୈଦେଶିକ ମୁଦ୍ରା ଭଣ୍ଡାର ବୃଦ୍ଧି ସହିତ ଦୃଢ଼ ହୋଇଥିଲା। ୨୦୨୪ ମାର୍ଚ୍ଚ ଶେଷ ସୁଦ୍ଧା ବୈଦେଶିକ ମୁଦ୍ରା ଭଣ୍ଡାର ୬୪୧ ବିଲିୟନ ଡଲାରରେ ପହଞ୍ଚିଛି, ଯାହା ୨୦୨୩ ମାର୍ଚ୍ଚ ଶେଷ ମଧ୍ୟରେ ୫୭୮ବିଲିୟନ ଡଲାରରେ ପହଞ୍ଚିଛି। ସଂରକ୍ଷଣ ପାଇଁ ସ୍ୱଳ୍ପ ମିଆଦୀ ଋଣର ଅନୁପାତ (ମୂଳ ପରିପକ୍ୱତା ସହିତ) ୨୦୨୩ ସେପ୍ଟେମ୍ବର ମଧ୍ୟରେ ୨୨%ରୁ ୨୦୨୩ ଡିସେମ୍ବର ସୁଦ୍ଧା ୨୦.୩% କୁ ହ୍ରାସ ପାଇଛି। ସେହିଭଳି ଅସ୍ଥିର ପୁଞ୍ଜି ପ୍ରବାହର ଅନୁପାତ (ଏକତ୍ରିତ ପୋର୍ଟଫୋଲିଓ ପ୍ରବାହ ଏବଂ ବକେୟା ସ୍ୱଳ୍ପ ମିଆଦୀ ଋଣକୁ ନେଇ) ୨୦୨୩ ସେପ୍ଟେମ୍ବର ମଧ୍ୟରେ ୭୩%ରୁ ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ୭୦.୪% କୁ ହ୍ରାସ ପାଇଛି। ମୂଲ୍ୟ ନିର୍ଦ୍ଧାରଣ ପ୍ରଭାବକୁ ବାଦ ଦେଇ ୨୦୨୩ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ବୈଦେଶିକ ମୁଦ୍ରା ଭଣ୍ଡାର ୩୨.୯ ବିଲିୟନ ଡଲାର ବୃଦ୍ଧି ପାଇ ୨୦୨୨ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ୧୪.୭ ବିଲିୟନ ଡଲାରରେ ପହଞ୍ଚିଛି।

## ଜିଓର ନୂତନ ଓଟିଟି ଷ୍ଟ୍ରିମିଂ ପ୍ଲାନ୍

ଭୁବନେଶ୍ୱର, ୧୩।୫




ରିଲାଏନ୍ସ ଜିଓର ନୂତନ ଓଟିଟି ଷ୍ଟ୍ରିମିଂ ପ୍ଲାନ୍‌ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ମାସିକ ୮୮୮ଟଙ୍କା ମୂଲ୍ୟର ଏହି ସୁଲଭ ପ୍ଲାନ୍ ଉଭୟ ଜିଓ ଫାଇବର ଏବଂ ଜିଓ ଏୟାରଫାଇବର ଗ୍ରାହକଙ୍କ ପାଇଁ ଉପଲବ୍ଧ ରହିଛି। ରିଲାଏନ୍ସ ଜିଓ ଷ୍ଟ୍ରିମିଂ ପ୍ରେମୀଙ୍କ ପାଇଁ ଏକ ନୂଆ ପୋଷ୍ଟପେଡ୍ ଓଟିଟି ବଣ୍ଡଲ ପ୍ଲାନ୍ ଆଣିଛି। ଏହି ପ୍ଲାନ୍ ଜରିଆରେ ଗ୍ରାହକଙ୍କୁ ୧୫ଟି ପ୍ରମୁଖ ପ୍ରିମିୟମ ଓଟିଟି ଆପ୍ ସହ ଅସୀମିତ ଡାଟା ମିଳୁଛି। ଏହାଦ୍ୱାରା ସେମାନେ ଯେତେବେଳେ ଚାହିଁବେ ନିଜ ପସନ୍ଦର ଆପ୍‌ରେ ଏହି ପ୍ରୋଗ୍ରାମ ଦେଖିପାରିବେ। ସେହିଭଳି ବ୍ରାଣ୍ଡର ନୂତନ ପ୍ଲାନ୍‌ରେ ଗ୍ରାହକଙ୍କୁ ୩୦ଏମ୍‌ବିପିଏସ୍ ସ୍ପିଡ୍ ମିଳିବ। ଏହାବ୍ୟତୀତ ନେଟ୍‌ଫ୍ଲିକ୍ସର ବେସିକ୍ ପ୍ଲାନ୍, ଆମାଜନ୍ ପ୍ରାଇମ୍ ଏବଂ ଜିଓ ସିନେମା ପ୍ରିମିୟମ ଭଳି ୧୫ରୁ ଅଧିକ ପ୍ରମୁଖ ଓଟିଟି ଆପ୍‌କୁ ମଧ୍ୟ ଏହି ପ୍ଲାନ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି,ଅର୍ଥାତ୍ ଏହି ଲୋକପ୍ରିୟ ଆପ୍‌ଗୁଡ଼ିକର ସବ୍‌ସ୍କ୍ରିପସନ ଏହି ପ୍ଲାନ୍‌ରେ ଉପଲବ୍ଧ ହେବ। ଉକ୍ତ ପ୍ଲାନ୍‌ର ଆଉ ଏକ ବିଶେଷ ବୈଶିଷ୍ଟ୍ୟ ହେଉଛି,ବ୍ରାଣ୍ଡର ନୂଆ କିମ୍ବା ବର୍ତ୍ତମାନ ଗ୍ରାହକ ୧୦ ଏମ୍‌ବିପିଏସ୍ କିମ୍ବା ୩୦ଏମ୍‌ବିପିଏସ୍ ପ୍ଲାନ୍ ବ୍ୟବହାର କରୁଥିବା ଉପଭୋକ୍ତାମାନେ ଏହାକୁ ପାଇପାରିବେ। ୮୮୮ଟଙ୍କାର ପୋଷ୍ଟପେଡ୍ ପ୍ଲାନ୍ ସମସ୍ତଙ୍କ ପାଇଁ ଉପଲବ୍ଧ। ସେହିପରି ବର୍ତ୍ତମାନ ପ୍ରିପେଡ୍ ପ୍ଲାନ୍ ରହିଥିବା ସମସ୍ତ ଉପଭୋକ୍ତା ସହଜରେ ଏହି ନୂଆ ପୋଷ୍ଟପେଡ୍ ପ୍ଲାନ୍‌କୁ ଅପ୍‌ଗ୍ରେଡ୍ କରିପାରିବେ। ଏହାବ୍ୟତୀତ ନିକଟରେ ଘୋଷଣା ହୋଇଥିବା ଜିଓ ଆଇପିଏଲ୍ ଧନ ଧନା ଧନ ଅଫର ମଧ୍ୟ ଏହି ପ୍ଲାନ୍‌ରେ ଲାଗୁହେବ। ଜିଓ ଫାଇବର କିମ୍ବା ଏୟାରଫାଇବର ପାଇଁ ଯୋଗ୍ୟ ଗ୍ରାହକମାନେ ସେମାନଙ୍କ ଜିଓ ହୋମ୍ ବ୍ରଡ୍‌ବ୍ୟାଣ୍ଡ କନେକ୍ସନରେ ୫୦ଦିନର ରିହାତି କ୍ରେଡିଟ୍ ଭାଉଚର ପାଇପାରିବେ। ୨୦୨୪ମେ ୩୧ପର୍ଯ୍ୟନ୍ତ ଉପଲବ୍ଧ ଜିଓ ଧନ ଧନା ଧନ ଅଫରକୁ ଟି-୨୦ ସିଜନ ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଛି।

# ରାଜ୍ୟ ଖବର

## ଭୋଟ ଦେଇ ଫେରିବା ବେଳେ ବ୍ରେକ ଫେଲ୍ ହେଲା ବସ୍

ପଟ୍ଟାଙ୍ଗି, ୧୩।୫(ଶରତ ଧଳ)

ଓଡ଼ିଶାର ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ସୀମାନ୍ତ ଭୋଟର୍‌ମାନଙ୍କ ପାଇଁ ରଣାସିଂ ମତଦାନ କେନ୍ଦ୍ରରେ ଭୋଟ ଦେବାକୁ ଯିବା ଲାଗି ଗାଡ଼ି ବ୍ୟବସ୍ଥା କରାଯାଇଥିଲା। ଏକ ମିନିବସ ଯୋଗେ ସମସ୍ତେ ସେଠାକୁ ଯାଇଥିଲେ। ରଣାସିଂ ମତଦାନ କେନ୍ଦ୍ରରୁ ୧୫ ଜଣ ମତଦାନ କରି ଗ୍ରାମକୁ ଫେରୁଥିଲେ। ଗ୍ରାମ ନିକଟରେ ହଠାତ୍ ବସର ବ୍ରେକ ଫେଲ ହୋଇ ଯାଇଥିଲା। ଡ୍ରାଇଭର ବୁଦ୍ଧି ଖଟାଇ ବସ୍‌ଟିକୁ ଏକ ଗାତ ଭିତରକୁ ଗଡେଇ ଦେଇଥିଲେ। ଫଳରେ ବସ୍‌ରେ ଥିବା ସୀମାନ୍ତ ଭୋଟର୍‌ମାନେ ସୁରକ୍ଷିତ ରହିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମେଘ ବରଷୁ;
କାହା ଦୁଆରକୁ କେହି ନ ଆସୁ।**

ମେଘକୁ ସ୍ୱାଗତ, ଅଥଚ ଏଇ ମେଘ ବରଷା ହିଁ ଘରକୁ ଘର ବୁଲିବାର ମଉକା ବନ୍ଦ କରିଦିଏ। ବରଷା ଦିନେ ଯାତାୟାତ କରିବାରେ ନାନା ସମସ୍ୟା ବା ଅସୁବିଧା ଦେଖାଦେବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମୁକ୍ତିଆର,
ସାକ୍ଷୀଙ୍କ କଲେଣି ଅକତିଆର।**

ନ୍ୟାୟ ନିଶାପ ବେଳେ ସାକ୍ଷୀଙ୍କ ଆବଶ୍ୟକତା ଦେଖାଦିଏ। ଯାହା ପକ୍ଷରେ ଯେତେ ଅଧିକ ସାକ୍ଷୀ ଓ ପ୍ରମାଣ ରହିଥାଏ, ତାହା ସପକ୍ଷରେ ନ୍ୟାୟ ମିଳିବାର ସେତେ ସମ୍ଭାବନା ବଢ଼ିଯାଇଥାଏ। ସାକ୍ଷୀଙ୍କୁ ପ୍ରଲୋଭିତ କରି ନିଜ ସପକ୍ଷରେ ସାକ୍ଷ୍ୟ ଦେବାକୁ ମତେଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ

### କୋଟିଆରେ ରେକର୍ଡ...

ଚାଲିଥିଲା ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ୱେବ୍‌କାଷ୍ଟିଂ ଦ୍ୱାରା ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ବୁଥ୍ ଉପରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଦୃଷ୍ଟି ରଖାଯାଇଥିଲା। ନିର୍ବାଚନ ପରିଚାଳନା ସମ୍ବନ୍ଧରେ ବିଶେଷ ଜ୍ଞାନ ଥିବା ବରିଷ୍ଠ ଅଧିକାରୀମାନେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଏନ୍. ତିରୁମାଲା ନାୟକଙ୍କ ତତ୍ତ୍ୱାବଧାନରେ ୱେବ୍‌କାଷ୍ଟିଂ ଦ୍ୱାରା ଉକ୍ତ ବୁଥ୍‌ଗୁଡ଼ିକ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଥିଲେ। ସମସ୍ତ ମତଦାନ କେନ୍ଦ୍ରରେ ନିର୍ଦ୍ଧାରିତ ସମୟରେ ମତଦାନ ସମାପ୍ତ ହୋଇଥିଲା। ସବୁ ସ୍ଥାନରୁ ପୋଲିଂ ପାର୍ଟିମାନେ ମଧ୍ୟ ପ୍ରତ୍ୟାବର୍ତ୍ତନ କରିବା ଆରମ୍ଭ କରିଛନ୍ତି। ନୂଆପଡ଼ା ଜିଲାର ଦୁର୍ଗମ ଅଞ୍ଚଳରେ ଥିବା ୩ ବୁଥ୍‌ରୁ ପୋଲିଂ ପାର୍ଟିମାନଙ୍କୁ ଏୟାରଲିଫ୍ଟ କରାଯାଇଛି। ଶାନ୍ତିଶୃଙ୍ଖଳା ମଧ୍ୟରେ ମୁକ୍ତ, ଅବାଧ ଓ ନିରପେକ୍ଷ ମତଦାନ ପ୍ରକ୍ରିୟା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ପୋଲିଂ ପାର୍ଟି ଓ ସୁରକ୍ଷାକର୍ମୀମାନଙ୍କୁ ସାଧୁବାଦ ଜଣାଇଛନ୍ତି।

### ୨ ରାଜ୍ୟରେ ଭୋଟ ଦେଲେ ସୀମାନ୍ତର ୩ ଗ୍ରାମବାସୀ

ପାତ୍ରପୁର, ୧୩।୫(ଉମା ଚରଣ ନେପାକ)

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଆଦିବାସୀ ଅଧ୍ୟୁଷିତ ତୁମ୍ବା ଓ ବୁରାତାଳ ପଞ୍ଚାୟତର ୩ଟି ଗ୍ରାମର ଭୋଟରମାନେ ଚଳିତ ସାଧାରଣ ନିର୍ବାଚନରେ ଉଭୟ ଆନ୍ଧ୍ରପ୍ରଦେଶ ଓ ଓଡିଶାରେ ଭୋଟ ଦେଇଛନ୍ତି।

ଆନ୍ଧ୍ର ସୀମାନ୍ତକୁ ଲାଗିଥିବା ପାତ୍ରପୁର ବ୍ଲକ ବୁରାତାଳ ପଞ୍ଚାୟତର ଗୁଡ଼ିଖିଳା ଗ୍ରାମବାସୀ ଗତ ୩ଟି ନିର୍ବାଚନରେ ଉଭୟ ରାଜ୍ୟରେ ଭୋଟ ଦେଉଛନ୍ତି। ଚଳିତ ନିର୍ବାଚନରେ ଗୋଟିଏ ଦିନରେ ୨ଟି ରାଜ୍ୟରେ ଭୋଟ ଦେଇଛନ୍ତି। ପ୍ରଥମେ ଆନ୍ଧ୍ରର ପୁରୁଣାଗଡ଼ ପୋଲିଂ ବୁଥରେ ମତଦାନ କରି ଆସିବା ପରେ ପାତ୍ରପୁର ବ୍ଲକର ଅଣ୍ଡଅଣ୍ଡା ବୁଥରେ ମତଦାନ କରଛନ୍ତି। ସମ୍ପୃକ୍ତ ଗ୍ରାମବାସୀଙ୍କ ପାଖରେ ଉଭୟ ରାଜ୍ୟର ଭୋଟର ପରିଚୟପତ୍ର ରହିଛି। ଏପରିକି ସେମାନେ ଉଭୟ ଆନ୍ଧ୍ର ଓ ଓଡ଼ିଶା ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ପାଉଛନ୍ତି। ସେହିପରି ତୁମ୍ବା ପଞ୍ଚାୟତର କୁଲାଡି ଓ ସାତପୁରୀ ଗ୍ରାମବାସୀ ପ୍ରଥମେ ଓଡିଶା ସରକାରଙ୍କ ପୁରିଆସାହି ବୁଥରେ ଭୋଟ ଦେଇଥିବା ବେଳେ ପରେ ଆନ୍ଧ୍ରର ତଳଗୁରାଣ୍ଡି ବୁଥକୁ ଯାଇ ମତଦାନ କରିଥିଲେ।

### ଝରିଗାଁ ଭାଜପା...

ସୁନା ଚେନ୍ ଟାଣି ନେଇଥିବା ଅଭିଯୋଗ ହୋଇଛି। ସେଠାରେ ଉପସ୍ଥିତ ଥିବା ବିଜେଡି କର୍ମୀ ତାଙ୍କୁ ଉଦ୍ଧାର କରିଥିଲେ। ଖବରପାଇ ଝରିଗାଁ ଥାନାଧିକାରୀ ତପନ କୁମାର ପତି ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ସେଠାରୁ ନରସିଂହଙ୍କୁ ଉଦ୍ଧାର କରି ଝରିଗାଁ ଆଣିଥିଲେ। ଏହାପରେ ନରସିଂହ ଝରିଗାଁ ଥାନାରେ ଏତଲା ଦେଇଛନ୍ତି। ଥାନାରେ କେସ ନମ୍ବର ୮୯/୨୦୨୪ରେ ଏକ ମାମଲା ରୁଜୁ କରାଯାଇଛି।

### ୧୯ରେ ଆଣ୍ଡାମାନ...

ଦିଗରୁ ରାଜ୍ୟ ମଧ୍ୟକୁ ଶୁଷ୍କ ଗରମ ବାୟୁର ପ୍ରବେଶ ଯୋଗୁ ଜୁନ ପ୍ରାରମ୍ଭରେ ମୌସୁମୀ ପ୍ରବେଶ ବିଳମ୍ବ ହୋଇଥିଲା ଏବଂ ପାଖାପାଖି ୩୭% କମ୍ ବର୍ଷା ରେକର୍ଡ କରାଯାଇଥିଲା। ଏଥିସହ ୧୨ଦିନ ଗ୍ରୀଷ୍ମ ପ୍ରବାହ ମଧ୍ୟ ଅନୁଭୂତ ହୋଇଥିଲା। ସାଧାରଣତଃ ମୌସୁମୀ ଆଣ୍ଡାମାନ ସାଗରକୁ ପ୍ରବେଶ କରିବା ପରେ ଯଦି ବାତ୍ୟା କିମ୍ବା ଅବପାତ ପାଣିପାଗ ପ୍ରକ୍ରିୟା ସୃଷ୍ଟି ନ ହୁଏ, ତେବେ କେରଳ ତଥା ଓଡ଼ିଶାକୁ ସମୟ ପୂର୍ବରୁ ମୌସୁମୀ ଅଗ୍ରସର ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ପାଣିପାଗ ବିଭାଗ କହିଛି।

ଏପଟେ ରାଜ୍ୟରେ ଏବେ କାଳବୈଶାଖୀ ବର୍ଷା ଲାଗି ରହିଛି। ସୋମବାର ଭଦ୍ରକ, ଦାରିଙ୍ଗବାଡ଼ି, ବାରିପଦାରେ ବର୍ଷା ହୋଇଥିବାବେଳେ ଆସନ୍ତା ଦୁଇଦିନ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ହେବ। ଏଥିପାଇଁ ବିଭିନ୍ନ ଜିଲାକୁ ୟେଲୋ ୱର୍ନିଂ ଜାରି କରାଯାଇଛି। ମଙ୍ଗଳବାର କନ୍ଧମାଳ, ରାୟଗଡ଼ା, ଗଜପତି, ଗଞ୍ଜାମ ଏବଂ ନୟାଗଡ଼ ଜିଲାର କିଛି ସ୍ଥାନରେ ଝଡ଼ତୋଫାନ ହେବ। ଏସବୁ ସ୍ଥାନରେ ପବନର ବେଗ ଘଣ୍ଟାପ୍ରତି ୩୦-୪୦ କି.ମି. ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଅପରପକ୍ଷେ ସୋମବାର ନୂଆପଡ଼ାରେ ସର୍ବାଧିକ ୪୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ବାକିସବୁ ସ୍ଥାନ ତାପମାତ୍ରା ୪୦ ଡିଗ୍ରୀ ତଳେ ରହିଥିଲା।

### ମୁମ୍ବାଇରେ ଭୟାବହ...

ସ୍ଥଗିତ ରହିଛି। ୧୫ ବିମାନକୁ ଅନ୍ୟ ଏୟାରପୋର୍ଟକୁ ପଠାଯାଇଥିଲା। ଝଡ଼ରେ ଅନେକ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିବାରୁ ବିଭିନ୍ନ ଅଞ୍ଚଳ ଅନ୍ଧାରରେ ରହିଛି। ଧୂଳିଝଡ଼ ଯୋଗୁ ଆକାଶ ଅନ୍ଧକାର ହୋଇଯାଇଥିଲା। ଫଳରେ ଲୋକାଲ ଟ୍ରେନ୍ ସମେତ ମେଟ୍ରୋ ନେଟ୍‌ୱର୍କ ଏବଂ ଏୟାରପୋର୍ଟ ସେବା ସାମୟିକ ବନ୍ଦ କରିଦିଆଯାଇଥିଲା। ଅଧିକ ଦୂର ପର୍ଯ୍ୟନ୍ତ ଦୃଶ୍ୟ ନ ହେବାରୁ ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ବିମାନ ଚଳାଚଳ ୬୬ ମିନିଟ ବନ୍ଦ ରହିଥିଲା। ଅଦିନିଆ ବର୍ଷା ଯୋଗୁ ଗରମରୁ ମୁକ୍ତି ମିଳିଥିବାବେଳେ ବିଜୁଳି ସରବରାହ ବନ୍ଦ ହୋଇଯାଇଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

### ପ୍ରଦୀପ ପାଣିଗ୍ରାହୀଙ୍କୁ...

ଆଲୋଚନା କରିଥିଲେ। ଏହି ସମୟରେ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ପିଣ୍ଟୁ ପହଞ୍ଚି ପ୍ରଦୀପଙ୍କ ଛାତିକୁ ମାରିଥିଲେ। ସେଠାରେ ଉପସ୍ଥିତ ପୋଲିସ ଅଧିକାରୀ ପିଣ୍ଟୁଙ୍କୁ କାବୁ କରି ଥାନାକୁ ନେଇ ଯାଇଥିଲେ। ପୋଲିସ ତାଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ପ୍ରଦୀପଙ୍କୁ ଆକ୍ରମଣ ଖବରପାଇ ତାଙ୍କର ଶତାଧିକ ସମର୍ଥକ ଏମକେସିଜିରେ ପହଞ୍ଚିଛନ୍ତି। ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ସେପଟେ ପିଣ୍ଟୁଙ୍କୁ ଛାଡ଼ିବାକୁ ତାଙ୍କ ସମର୍ଥକମାନେ ଥାନା ଆଗରେ ରୁଣ୍ଡ ହୋଇ ହୋହଲ୍ଲା କରୁଛନ୍ତି।

## ବୈତରଣୀ ସେତୁର ମରାମତି ଆରମ୍ଭ

ଆନନ୍ଦପୁର, ୧୩।୫(ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଆନନ୍ଦପୁର ବୈତରଣୀ ସେତୁ ଗତ ୧୦ ତାରିଖ ଅପରାହ୍ନରେ ଦବି ଯାଇଥିଲା। ଏ ନେଇ ଭାରିଯାନ ଚଳାଚଳ ବନ୍ଦ ରହିଥିବା ବେଳେ ସୋମବାରଠାରୁ ମରାମତ କାର୍ଯ୍ୟ ଆରମ୍ଭ ହୋଇଛି। ପୂର୍ତ୍ତ ଓ ଗୃହ ବିଭାଗର ମୁଖ୍ୟଯନ୍ତ୍ରୀ ଇଂ. ମନୋରଞ୍ଜନ ମିଶ୍ର ଓ ବ୍ରିଜ୍ ଏକ୍ସପର୍ଟ ଆନନ୍ଦପୁରରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ପରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ହରେକୃଷ୍ଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କେଳୁଚରଣ ଦଳେଇ, ସହକାରୀ ଯନ୍ତ୍ରୀ ଲିପୁ ବେହେରା କାର୍ଯ୍ୟ ଆରମ୍ଭ କରିଛନ୍ତି। ୭ ନଂ. ପିଲରରୁ ଖସି ପଡ଼ିଥିବା ରୋଲରକୁ ହାଇଡ୍ରା ମେସିନ ଓ ଜଗରେ ଉଠାଯାଇ ମରାମତି କରାଯିବ।

ସୂଚନାଯୋଗ୍ୟ, ୨୦୧୯ରୁ ଆନନ୍ଦପୁର ବୈତରଣୀ ସେତୁର ଦୁଇଟି ସ୍ଥାନରୁ ରୋଲର ଗଳିପଡ଼ିଥିଲା। ସେହିଦିନଠାରୁ ସେତୁ ଦୁର୍ବଳ ହୋଇଯାଇଛି। ୨୦୨୨ରେ ଦ୍ୱିତୀୟଥର ପାଇଁ ସେତୁର ୫-୬ ଏବଂ ୮-୯ ଚାରିଟି ସ୍ଥାନ ଦବିଯାଇଥିଲା। ତେଣୁ ସେତୁରେ ଭାରିଯାନ ଚଳାଚଳକୁ ନିଷେଧ କରାଯାଇଥିଲା। କଟକଣା ନ ମାନି ଭାରିଯାନ ଚଳାଚଳ ହେବାରୁ ଏପରି ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଥିବା ବ୍ରିଜ୍ ଏକ୍ସପର୍ଟଙ୍କଠାରୁ ସୂଚନା ମିଳିଛି। ବୈତରଣୀ ନଦୀରେ ନିର୍ମାଣାଧୀନ ଦ୍ୱିତୀୟ ସେତୁ କାର୍ଯ୍ୟ ସରିବାକୁ ଆହୁରି ୨ ବର୍ଷ ଲାଗିବ। କେନ୍ଦୁଝର ଜିଲାପାଳ ସେ ପର୍ଯ୍ୟନ୍ତ ଦୁର୍ବଳ ସେତୁରେ ଭାରିଯାନ ଚଳାଚଳକୁ ବନ୍ଦ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ସେତୁ ଭୁଶୁଡ଼ିବା ଆଶଙ୍କା ରହିଛି।

## ଅଟୋ ଦୁର୍ଘଟଣାରେ ଦାଦନ ଶ୍ରମିକ ମୃତ

ପୋଲସରା, ୧୩।୫(ସୁବ୍ରତ ବେହେରା)

ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ ବାଲିଛାଇ ଗ୍ରାମର ଖଦାଳ ସାହୁଙ୍କ ଏକମାତ୍ର ରୋଜଗାରିଆ ପୁଅ ନରେନ୍ଦ୍ର (୩୦)ଙ୍କ ମୃତ୍ୟୁ ଘଟିଛି। ନରେନ୍ଦ୍ର ସୁରଟକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ରବିବାର କାମ କରିବାକୁ ଯିବା ବେଳେ ସୁରଟ ବେଡ ରୋଡ ନିକଟରେ ଏକ ଅଟୋ ଆସି ଧକ୍କା ଦେବା ଫଳରେ ସେ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଚିକିତ୍ସା ନିମନ୍ତେ ସ୍ଥାନୀୟ ମେଡିକାଲରେ ନରେନ୍ଦ୍ରଙ୍କୁ ଭର୍ତ୍ତି କରିଥଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପୁଅର ମୃତ୍ୟୁ ଖବର ଶୁଣି ଦୁଃଖରେ ଭାଙ୍ଗି ପଡ଼ିଛନ୍ତି ପରିବାର ଲୋକେ। ଖବର ପାଇ ଘୁମୁସର ଜିଲା ଭାଜପା ଉପସଭାପତି ପ୍ରଭାକର ପଣ୍ଡା, ନିର୍ବାଚନ ମଣ୍ଡଳୀ ସଂଯୋଜକ ରାଜେନ୍ଦ୍ର ପାତ୍ରଙ୍କ ସମେତ କର୍ମକର୍ତ୍ତାମାନେ ପହଞ୍ଚି ପରିବାରଙ୍କୁ ବୁଝାଇବା ସହ ସମବେଦନା ଜଣାଇଛନ୍ତି।

## ମୃତ ହରିଣ ଜବତ, ଶିକାର ସନ୍ଦେହ

ଯୋଡ଼ା, ୧୩।୫(ମାନସ ମହାନ୍ତି)

କେନ୍ଦୁଝର ଜିଲା ବଡ଼ବିଲ ରେଞ୍ଜ ବିଲେଇପଦା ସେକ୍ସନ କୁଟାରିପୋଷୀ ଗ୍ରାମରୁ ଏକ ମୃତ ହରିଣକୁ ବନ ବିଭାଗ ଜବତ କରିଛି। ବନ୍ୟପ୍ରାଣୀ ସଂରକ୍ଷଣ ଆକ୍ଟ ଅନୁଯାୟୀ ଶ୍ରେଣୀ ୩ରେ ଅନ୍ତର୍ଭୁକ୍ତ ଏହା ଏକ ସ୍ପୋଟେଡ୍ ଡିଅର। ଉଚ୍ଚତା ୩ରୁ ୪ ଫୁଟ ମଧ୍ୟରେ ହେବ। ଏହା ଏକ ଅଣ୍ଡିରା ହରିଣ ବୋଲି ବନପାଳ ମୋହିନୀ ମହାନ୍ତ ସୂଚନା ଦେଇଛନ୍ତି। ଶିକାର ସନ୍ଦେହ କରାଯାଉଥିବା ବେଳେ ବନ ବିଭାଗ ଏହାକୁ ଖଣ୍ଡନ କରିଛି।

ସୂଚନା ଅନୁଯାୟୀ, ଗ୍ରାମର ପଦ୍ମ ଚରଣ ମହାନ୍ତଙ୍କ ବଗିଚାରେ ଗୋଟିଏ ମୃତ ହରିଣ ପଡ଼ିଥିବା ଗ୍ରାମବାସୀ ଦେଖିଥିଲେ। ଏ ନେଇ ବିଲେଇପଦା ବନପାଳଙ୍କୁ ଖବର ଦେଇଥିଲେ। ବନପାଳ ମୋହିନୀ ମହାନ୍ତ ପହଞ୍ଚି ଜବତ କରିଥିଲେ। ହରିଣର ଶିଙ୍ଘ କଟାଯାଇଥିବା ବେଳେ ଖୋଜାଖୋଜି ପରେ ବନ ବିଭାଗ ଏହାକୁ ଜବତ କରିଥିଲା। ଏଥିସହ ହରିଣର ବାମପାର୍ଶ୍ୱ ଗୋଡ଼ରେ ଓ ତଳିପେଟ ପଛପଟେ ଗଭୀର କ୍ଷତ ରହିଛି, ତେଣୁ ହରିଣକୁ ଶିକାର କରାଯାଇଥିବା ସ୍ଥାନୀୟ ଲୋକେ ସନ୍ଦେହ କରିଛନ୍ତି। ବଡ଼ବିଲ ରେଞ୍ଜର ରଞ୍ଜନ କୁମାର କାର୍ଲୋ ଏହାକୁ ଖଣ୍ଡନ କରିଛନ୍ତି। କୁକୁର କାମୁଡ଼ା ଯୋଗୁ ହରିଣର ମୃତ୍ୟୁ ଘଟିଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡୁଛି। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ରେଞ୍ଜର କାର୍ଲୋ କହିଛନ୍ତି। ବନପାଳ ମୋହିନୀ ମହାନ୍ତ କହିଛନ୍ତି, କୁଟାରିପୋଷୀ ଗ୍ରାମ ନିକଟସ୍ଥ ଝାଡ଼ଖଣ୍ଡ ରାଜ୍ୟର ଜାମୁପାଣି ଓ ନେପାଙ୍ଗ ବନାଞ୍ଚଳରୁ ହରିଣଟି ଆସିଥିଲା। ଯୋଡ଼ା ପ୍ରାଣୀ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ନିଆଯାଇଥିଲା। ହରିଣ ଶିଙ୍ଘ ସଂକ୍ରାନ୍ତୀୟ ପ୍ରଶ୍ନ କରିବାରୁ ବନପାଳ ସେଠାରୁ ଚାଲିଯାଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| କୋଲକାତା ନାଇଟ ରାଇଡର୍ସ | ୧୩ | ୯ | ୩ | ୧ | ୧୯ | +୧.୪୨୮ |
| ରାଜସ୍ଥାନ ରୟାଲ୍ସ | ୧୨ | ୮ | ୪ | ୦ | ୧୬ | +୦.୩୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୭ | ୬ | ୦ | ୧୪ | +୦.୫୨୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୭ | ୫ | ୦ | ୧୪ | +୦.୪୦୬ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୩ | ୬ | ୭ | ୦ | ୧୨ | +୦.୩୮୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୩ | ୬ | ୭ | ୦ | ୧୨ | -୦.୪୮୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୨ | ୬ | ୬ | ୦ | ୧୨ | -୦.୭୬୯ |
| ଗୁଜରାଟ ଟାଇଟନ୍ସ | ୧୩ | ୫ | ୭ | ୧ | ୧୧ | -୧.୦୬୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୪ | ୯ | ୦ | ୮ | -୦.୨୭୧ |
| ପଞ୍ଜାବ କିଙ୍ଗ୍ସ | ୧୨ | ୪ | ୮ | ୦ | ୮ | -୦.୪୨୩ |

# ଏସିଆନ ବଡିବିଲ୍ଡିଂରେ ଭାଗନେବେ ଶୁଭକାନ୍ତ

ଭୁବନେଶ୍ୱର, ୧୩।୫ (ତପନ ସ୍ୱାଇଁ)

ଇଣ୍ଡୋନେସିଆର ବାଟମଠାରେ ୫୬ତମ ଏସିଆନ ବଡିବିଲ୍ଡିଂ ଆଣ୍ଡ ଫିଜିକ୍ ସ୍ପୋର୍ଟ୍ସ ଚାମ୍ପିୟନଶିପ୍ ଅଗଷ୍ଟ ୬ରୁ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ଭାରତୀୟ ପ୍ରତିଯୋଗୀଙ୍କ ଚୟନ ଟ୍ରାଏଲ୍ସ କେରଳର କୋଚିଠାରେ ଗତ ୧୧ ଓ ୧୨ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତୀର୍ଣ୍ଣ ହୋଇ ଜଣେ ପ୍ରତିଯୋଗୀଭାବେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି କିଟ୍-କିସ୍‌ର ବଡିବିଲ୍ଡିଂ କୋଚ୍ ଶୁଭକାନ୍ତ ମଲିଆ। ସେହିପରି ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍)ର ବିଶ୍ୱ ଜୁନିୟର ଚାମ୍ପିୟନଶିପ୍ ପାଇଁ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ (କିମ୍ସ)ର ଫିଜିଓଲୋଜି ଓ ସ୍ପୋର୍ଟ୍ସ ମେଡିସିନ ବିଭାଗୀୟ ମୁଖ୍ୟ ସୁଦୀପ ଶତପଥୀଙ୍କୁ ଟୁର୍ନାମେଣ୍ଟ ଡାକ୍ତରଭାବେ ନିଯୁକ୍ତି ମିଳିଛି। ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଜୁନିୟର ଚାମ୍ପିୟନଶିପ୍ ଚାଇନାର ନାନ୍‌ଚାଙ୍ଗଠାରେ ସେପ୍ଟେମ୍ବର ୨୮ରୁ ଅକ୍ଟୋବର ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପୂର୍ବରୁ ସୁଦୀପ ବିଡବ୍ଲ୍ୟୁଏଫ୍ ପକ୍ଷରୁ


ଶୁଭକାନ୍ତ ମଲିଆ

ନେଦରଲାଣ୍ଡର ରୋଟରଡାମଠାରେ ୨୦୨୩ରେ ଅନୁଷ୍ଠିତ ୟୁରୋପିଆନ ପାରା ଗେମ୍ସରେ ଟୁର୍ନାମେଣ୍ଟ ଡାକ୍ତରଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ସେ ୨୦୨୧ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ହକି

### ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଜୁନିୟର ଚାମ୍ପିୟନଶିପ୍ ପାଇଁ ସୁଦୀପ ଟୁର୍ନାମେଣ୍ଟ ଡାକ୍ତର



ଦଳର ଡାକ୍ତର ଥିଲେ। ଏହା ବ୍ୟତୀତ ସେ ରିଓ ଅଲିମ୍ପିକ୍ସ ଓ ପ୍ରିମିୟର ବ୍ୟାଡ୍‌ମିଣ୍ଟନ ଲିଗ୍ ପାଇଁ ସ୍ପୋର୍ଟ୍ସ ମେଡିସିନ ଡାକ୍ତର ମଧ୍ୟ ଥିଲେ। ସୁଦୀପ ୨୦୧୫ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ)ରେ ସଚିନ ତେନ୍ଦୁଲକରଙ୍କ ମାଲିକାନାରେ ଥିବା କେରଳ ବ୍ଲାଷ୍ଟର୍ସ ଏଫ୍‌ସି ଦଳର ଟିମ୍ ଡାକ୍ତର ଥିଲେ। ଉଭୟ ଶୁଭକାନ୍ତ ଓ ସୁଦୀପଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି।

## ଭାରତୀୟ ଦଳରେ ଆର୍ଯ୍ୟନ



ଭୁବନେଶ୍ୱର, ୧୩।୫ (ତପନ ସ୍ୱାଇଁ)

ଚଳିତ ମାସ ୧୪ରୁ ୨୧ ପର୍ଯ୍ୟନ୍ତ ସେଣ୍ଟ୍ରାଲ ଏସିଆନ ପୁରୁଷ ହ୍ୟାଣ୍ଡବଲ ପ୍ରତିଯୋଗିତା ଉଜ୍‌ବେକିସ୍ତାନର ତାସକେଣ୍ଟଠାରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ଅନ୍ତର୍ଜାତୀୟ ଅଭିଜ୍ଞସମ୍ପନ୍ନ ଖେଳାଳି ଆର୍ଯ୍ୟନ ବ୍ରାହ୍ମିନ ସ୍ଥାନ ପାଇଛନ୍ତି। ପ୍ରକାଶଯୋଗ୍ୟ ଯେ, ଆର୍ଯ୍ୟନ ୨୦୧୮ରୁ ଜାତୀୟ ଦଳରେ ଖେଳି ଆସୁଛନ୍ତି। ଗତବର୍ଷ ଅକ୍ଟୋବରରେ ଜାତୀୟ ପୁରୁଷ ଅଲିମ୍ପିକ୍ସ ଯୋଗ୍ୟତା ପ୍ରତିଯୋଗିତା ପାଇଁ ସେ ଦୋହା ଯାଇଥିଲେ। ଜାତୀୟ ଦଳରେ ସ୍ଥାନ ପାଇଥିବାରୁ ଆର୍ଯ୍ୟନଙ୍କୁ ଓଡ଼ିଶା ହ୍ୟାଣ୍ଡବଲ ସଂଘର ସାଧାରଣ ସମ୍ପାଦକ ମାନସ କୁମାର ସିଂ, ସଭାପତି ବିପ୍ଳବ ଚୌଧୁରୀ, କୋଷାଧ୍ୟକ୍ଷ ସିତେନ୍ଦ୍ରନାଥ ଦାସ ଓ ଭୁବନେଶ୍ୱର ହ୍ୟାଣ୍ଡବଲ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଶୁଭେଚ୍ଛା ଜଣାଇଛନ୍ତି।

## ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
ଦିଲ୍ଲୀ
ବନାମ ଲକ୍ଷ୍ନୌ
ସ୍ଥାନ: ନୂଆଦିଲ୍ଲୀ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ


CLASSIFIED DISPLAY
MORE SPACE ' SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 Days | |
|---|---|---|---|---|---|---|---|
| 8x4 | 12x4 | 8x4 | 12x4 | 8x4 | 12x4 | 8x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଆଡ୍‌ୱାର୍ଲ୍ଡ
ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁପ୍ତାଳି ଓମେଡ୍, ପଲାସପଲ୍ଲୀ, ନବିନ ନିବାସ ନିକଟ, ପୂନାମା ଗେଟ୍ ରେଲ୍ ୱେ ବ୍ରିଜ୍ ପାଖ
ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୂର୍ତ୍ତି, ମୁଖା, ଫୋମ୍‌ବ୍ୟାନର, ଟିୟର ଷ୍ଟିକ୍, ବ୍ୟାଜ୍, ୩ଡି ମୋବାଇଲ୍ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୭୬ ଶିବପୁରୀ
ୟୁପି-ଏ୭୭, ସେକ୍ଟର ୫, ନୋଏଡ଼ା
9810432170
7606841840

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ବିଦା ହେଲା ଗୁଜରାଟ

ଅହମଦାବାଦ, ୧୩।୫

ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚ୍ ବର୍ଷା କାରଣରୁ ଧୋଇ ଯିବା ଫଳରେ ବିଦା ହୋଇଛି ଗୁଜରାଟ ଟାଇଟନ୍ସ। ସୋମବାର ଖେଳା ଯିବାକୁ ଥିବା ମ୍ୟାଚରେ ଗୋଟିଏ ବି ବଲ୍ ପଡିବା ସମ୍ଭବ ହୋଇ ନ ଥିଲା। ଫଳରେ ୧୩ ମ୍ୟାଚ୍‌ରୁ ୫ ବିଜୟ, ୭ ପରାଜୟ ଓ ୧ ବିନା ଫଳାଫଳ କାରଣରୁ ୧୧ ପଏଣ୍ଟ ସହ ତୃତୀୟ ଦଳ ଭାବରେ ବିଦାୟ ନେଇଛି ଗୁଜରାଟ ଟାଇଟନ୍ସ। ଅନ୍ୟ ପକ୍ଷରେ ଏକମାତ୍ର ଦଳ ଭାବରେ ପ୍ଲେ ଅଫ୍‌ରେ ସ୍ଥାନ ସୁରକ୍ଷିତ କରିଥିବା କୋଲକାତା ପ୍ରଥମ ଦୁଇ ସ୍ଥାନରେ ରହିବା ନିଶ୍ଚିତ କରିଛି। ପ୍ଲେ ଅଫ୍ ପାଇଁ ବାକି ୩ ସ୍ଥାନ ପାଇଁ ୬ ଦଳ ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳିବ। ରାଜସ୍ଥାନ ୧୬ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ଚେନ୍ନାଇ ଓ ହାଇଦ୍ରାବାଦ ୧୪ ପଏଣ୍ଟ ସହ ତୃତୀୟ ଓ ଚତୁର୍ଥ ସ୍ଥାନରେ ଅଛନ୍ତି। ଆରସିବି, ଦିଲ୍ଲୀ ଓ ଲକ୍ଷ୍ନୌ ସମାନ ୧୨ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ପଞ୍ଚମରୁ ସପ୍ତମ ସ୍ଥାନ ଅଳଙ୍କୃତ କରିଛନ୍ତି। ଲକ୍ଷ୍ନୌ ନିକଟରେ ଦୁଇଟି ମ୍ୟାଚ୍ ବାକି ରହିଥିବା ବେଳେ ଏହାର ପ୍ଲେ ଅଫ୍ ସମ୍ଭାବନା ଅଧିକ। ଏହାକୁ ଉଭୟ ମ୍ୟାଚ୍‌ରେ ବିଜୟ ଆବଶ୍ୟକ। ଅନ୍ୟ ପକ୍ଷରେ ଚେନ୍ନାଇ ଓ ଆରସିବି ପରସ୍ପର ସହ ଅନ୍ତିମ ମ୍ୟାଚ୍ ଖେଳିବେ। ପ୍ଲେ ଅଫ୍ ପ୍ରବେଶ ପାଇଁ ଚେନ୍ନାଇକୁ କେବଳ ବିଜୟ ଆବଶ୍ୟକ ଥିବା ବେଳେ ଆରସିବିକୁ ଏହାର ରନ୍‌ହାର ସୁଧାରିବାକୁ ହେବ। ଅନ୍ୟ ପକ୍ଷରେ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟ ଲକ୍ଷ୍ନୌ ବିପକ୍ଷରେ ବୃହତ ବିଜୟ ସହ ଆରସିବିର ବିଜୟ କାମନା କରିବ।

# କ୍ୱାର୍ଟରରେ ରାମେଶ୍ୱର

ଭୁବନେଶ୍ୱର, ୧୩।୫ (ତପନ ସ୍ୱାଇଁ)

### ଅରବିନ୍ଦ ସ୍ମାରକୀ ଜୁନିୟର କ୍ରିକେଟ

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୬ଷ୍ଠ ଅରବିନ୍ଦ ସ୍ମାରକୀ ୧୬ ବର୍ଷରୁ କମ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ୭ମ ପ୍ରି-କ୍ୱାର୍ଟର ଫାଇନାଲ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ କେଟି ଗ୍ଲୋବାଲ କ୍ରିକେଟ ଏକାଡେମୀକୁ ୪ ରନରେ ହରାଇ ରାମେଶ୍ୱର ସ୍ପୋର୍ଟିଂ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରାମେଶ୍ୱର ୩୦ ଓଭରରେ ୮ ଉଇକେଟ ହରାଇ ୧୩୯ ରନ କରିଥିଲା। ଦଳ ପକ୍ଷରୁ ସ୍ୱସ୍ତିକ ଘୋଷାଲ ସର୍ବାଧିକ ୪୪ ରନ କରିଥିବାବେଳେ ବିପକ୍ଷ ଦଳର ସାହିଲ ସେଠୀ ୩ଟି ଓ ରୋଶନ ଚୌଧାରୀ ୨ଟି ଉଇକେଟ ନେଇଥିଲେ। ୧୪୦ ରନ ବିଜୟ ଲକ୍ଷ୍ୟନେଇ ବ୍ୟାଟିଂ କରିଥିବା କେଟି ଗ୍ଲୋବାଲ ପୂରା ୩୦ ଓଭର ଖେଳିଥିଲେ ହେଁ ୭ ଉଇକେଟ ହରାଇ ୧୩୫ ରନ କରିବାକୁ ସକ୍ଷମ ହୋଇଥିଲା। ମୟଙ୍କ ପଟ୍ଟନାୟକ ୩୫ ଓ ରୋଶନ ଚୌଧାରୀ ୨୩ ରନ କରିଥିଲେ ହେଁ ଦଳ ବିଜୟ ଲକ୍ଷ୍ୟରୁ ଅଳ୍ପକେ ବଞ୍ଚିତ ହୋଇଥିଲା। ବିଜୟୀ ଦଳର ସ୍ୱସ୍ତିକ ଘୋଷାଲ ଓ ଆହ୍ୱାନ ମିଶ୍ର ୨ଟି ଲେଖାଏ ଉଇକେଟ ନେଇଥିଲେ। ପାରାମାଉଣ୍ଟ ସ୍ପୋର୍ଟିଂର ପୂର୍ବତନ ସଦସ୍ୟ ସନଥ ଦାସ ଅତିଥିଭାବେ ଯୋଗଦେଇ ସ୍ୱସ୍ତିକ ଘୋଷାଲଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।


ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ସ୍ୱସ୍ତିକ ଘୋଷାଲ।

# ଡାକ୍ତର ହେବାକୁ ଚାହୁଁଥିଲେ ଜ୍ୟୋତିକା

ଭୁବନେଶ୍ୱର, ୧୩।୫

ଭାରତରେ ପାଠ ପଢ଼ିବା ପାଇଁ ସାଧାରଣତଃ ସମସ୍ତ ମାତା ପିତା ନିଜ ପିଲାଙ୍କୁ ପରାମର୍ଶ ଦେଇଥାନ୍ତି। ତେବେ ଅଲିମ୍ପିକ୍ ଯୋଗ୍ୟତା ଅର୍ଜନ କରିଥିବା ଆଥ୍‌ଲେଟ ଜ୍ୟୋତିକା ଶ୍ରୀ ଦାଣ୍ଡିଙ୍କ କାହାଣୀ କିନ୍ତୁ ସମ୍ପୂର୍ଣ୍ଣ ଓଲଟା। ପାଠପଢ଼ାରେ ବେଶ୍ ଆଗୁଆ ରହିଥିଲେ ମଧ୍ୟ ପିତାଙ୍କ ସ୍ୱପ୍ନ ପୂରଣ ପାଇଁ ଆଥ୍‌ଲେଟିକ୍ସକୁ ଆପଣେଇଥିଲେ ଜ୍ୟୋତିକା। ବର୍ତ୍ତମାନ ସେ ଭାରତୀୟ ୪x୪୦୦ ମିଟର ରିଲେ ଦଳର ସଦସ୍ୟ ଭାବରେ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରି ପିତାଙ୍କ ସ୍ୱପ୍ନ ପୂରଣ କରିଛନ୍ତି। ଆନ୍ଧ୍ର ପ୍ରଦେଶର ପଶ୍ଚିମ ଗୋଦାବରୀ ଜିଲାର ତାନୁକୁରେ ଜ୍ୟୋତିକାଙ୍କ ଜନ୍ମ। ସ୍ଥାନୀୟ ମଣ୍ଟେସୋରୀ ସ୍କୁଲରେ ଦଶମ ଶ୍ରେଣୀରେ ୯୭ ପ୍ରତିଶତ ମାର୍କ ରଖିଥିବା ଜ୍ୟୋତିକା ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଚାହୁଁଥିଲେ। ମାତ୍ର ପିତାଙ୍କ ଇଚ୍ଛା କିଛି ଅଲଗା ରହିଥିଲା। ଜ୍ୟୋତିକାଙ୍କୁ ଜଣେ ଆଥ୍‌ଲେଟ ଭାବେ ଅଲିମ୍ପିକ୍ସରେ ଦେଖିବା ତାଙ୍କର ସ୍ୱପ୍ନ ରହିଥିଲା। ପିତା ଶ୍ରୀନିବାସ ରାଓଙ୍କ ସ୍ୱପ୍ନ ଆସନ୍ତା ୩ ମାସ ମଧ୍ୟରେ ପୂରଣ ହେବାକୁ ଯାଉଛି। ଭାରତୀୟ ୪x୪୦୦ ମିଟର ମହିଳା ରିଲେ ଦଳର ସଦସ୍ୟ ଭାବରେ ସେ ପ୍ୟାରିସ୍ ୨୦୨୪ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଶ୍ରୀନିବାସ ଯୁବାବସ୍ଥାରେ ବଡିବିଲ୍ଡିଂ କରୁଥିଲେ। ତେବେ ପରିବାରର ସମର୍ଥନ ନ ମିଳିବାରୁ ତାଙ୍କୁ ପଛକୁ ହଟିବାକୁ ପଡ଼ିଥିଲା। ବର୍ତ୍ତମାନ ସେ ବ୍ୟବସାୟ କରୁଥିବା ବେଳେ ଜ୍ୟୋତିକାଙ୍କ ପାଇଁ


ଜ୍ୟୋତିକା ଶ୍ରୀ ଦାଣ୍ଡି

ରାସ୍ତା ସୁଗମ ହୋଇପାରିଛି। ୨୩ ବର୍ଷୀୟା ଜ୍ୟୋତିକା ୨୦୧୭ ଯାଏ କ୍ରୀଡ଼ା ପ୍ରତି ଆଗ୍ରହୀ ନ ଥିଲେ। ଦେଶ ପାଇଁ ଝିଅକୁ ସଫଳତା ହାସଲ କରିବା ପାଇଁ ବାପା ଦେଖିଥିବା ସ୍ୱପ୍ନ ତାଙ୍କୁ ଆଗକୁ ବଢିବାକୁ ପ୍ରେରଣା ଦେଇଥିଲା। ୨୦୨୦ ପରଠାରୁ ଆଥଲେଟିକ୍ସକୁ ଗମ୍ଭୀରତାର ସହ ଗ୍ରହଣ କରିଥିଲେ।

ପ୍ରଥମେ ସ୍କୁଲ ଓ କଲେଜରେ ୨୦୦ ମିଟର ଓ ୪୦୦ ମିଟରରେ ବିଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ କରୁଥିଲେ ଜ୍ୟୋତିକା। ଭଲ ପ୍ରଦର୍ଶନ କରିବା ପରେ ଆଗକୁ ବଢିବା ପାଇଁ ଉତ୍ସାହିତ କରିଥିଲେ ପିତା। ସପ୍ତମ ଶ୍ରେଣୀରେ ପଢୁଥିବା ବେଳେ ସ୍କୁଲର ପିଇଟି ଶିକ୍ଷକଙ୍କୁ ଭେଟି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ଅନୁରୋଧ କରିଥିଲେ। ପରେ ଜ୍ୟୋତିକା ବିଭିନ୍ନ ଜିଲାସ୍ତରୀୟ ଓ ରାଜ୍ୟସ୍ତରୀୟ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ୨୦୧୪-୨୧ ମଧ୍ୟରେ ଜ୍ୟୋତିକା ବିଜୟୱାଡାସ୍ଥିତ ସାଇ କ୍ୟାମ୍ପରେ ବିନାୟକ ପ୍ରସାଦଙ୍କ ଅଧୀନରେ ଅଭ୍ୟାସ କରିଥିଲେ। ପରେ ୨୦୨୧ରେ ହାଇଦ୍ରାବାଦରେ ଭାରତୀୟ ଜୁନିୟର ଦଳର କୋଚ୍ ରମେଶ ନାଗପୁରୀଙ୍କ ଅଧୀନରେ ଏକ ବର୍ଷ ଅଭ୍ୟାସ ପରେ ସେ ସମୟରେ ନିଜର ଶ୍ରେଷ୍ଠ ଟାଇମିଂ ୫୩.୦୫ ସେକେଣ୍ଡ ହାସଲ କରିଥିଲେ। ୨୦୧୭ରେ ୧୮ ବର୍ଷରୁ କମ୍ ବୟସ ବର୍ଗରେ ଜ୍ୟୋତିକା ଜାତୀୟ ଟାଇଟଲ ହାସଲ କରିଥିବା ବେଳେ ୨୦୨୧ରେ ପ୍ରଥମ ସିନିୟର ଟାଇଟଲ ହାସଲ କରିଥିଲେ। ଭାରତୀୟ ଆଥ୍‌ଲେଟ ମାନେ ୨୦୨୮ ଅଲିମ୍ପିକ୍ସ ପଦକ ପାଇଁ ସ୍ୱପ୍ନ ଦେଖିବା ଉଚିତ ବୋଲି କହିଛନ୍ତି ଜ୍ୟୋତିକା। ଭାରତୀୟ ଦଳର ବର୍ତ୍ତମାନ ଟାଇମିଂ ଅନୁସାରେ ପ୍ୟାରିସ୍‌ରେ ପଦକ ଜିତିବା କଷ୍ଟସାଧ୍ୟ, ମାତ୍ର କଠିନ ପରିଶ୍ରମ କଲେ ୨୦୨୮ରେ ଆମେ ସଫଳ ହୋଇପାରିବା ବୋଲି କହିଛନ୍ତି ଜ୍ୟୋତିକା।


# Classified Everyday
0674-2580101, 2549949


REAL ESTATE
SALE

Ready to move 2BHK flat for sale @ 20 lakh near Gudiapokhari, Bhubaneswar. Call- 9437631769. D-093

G+3 sale at Balianta, Bhubaneswar @ 1.4 Crores negotiable. Contact: 9937460565. D-249

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grand Bazar, NH-16 ଏବଂ Sum-2 Hospital ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ - 8249422604. D-75955

ଭୁବନେଶ୍ୱର ନଖରା ତ୍ରିନାଥବଜାର ନିକଟବର୍ତ୍ତୀ 30ft. ରୋଡ୍, ଘରବାଡ଼ି boundary ଇଲେକ୍ଟ୍ରିସିଟି ସୁବିଧା ଥାଇ Govt. Roadକୁ ଲାଗି SC ପ୍ଲଟ୍ ବିକ୍ରିହେବ। 9777617151, 9090142564. D-75951

Plots Nayapalli, Jaydevihar, Patia, Pahala, Jagamara, Uttara, Andharua, Raghunathpur. 7853907668. D-268

ଭୁବନେଶ୍ୱର ଗ୍ୟାରେଜ ଛକରେ ଏଲୋଜନ ଘରବାଡ଼ି ପାଚେରୀ ପ୍ଲଟ୍ ପଚ୍ଚାରୁ ବିକ୍ରିହେବ। 9827119799. D-272

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Monalisa massage Club:All types Body massage with hiprofile smart lady rooms service available. 9708545108. D-276

Newly open health benefits Spa special offer @999, Bapujinagar. 8018429809. D-76120

Relax, refresh your body, mind by expert therapist. Contact- 9938843929. D-76118

Newly open full body massage all types massage available. 7749034655. D-76121

Newly opened central SPA full-body massage. Trend Therapist. 8456885600. D-75738

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75737

AFFIDAVIT

I, Sanjukta Sahu, W/o- Abhay Kumar Sahoo, Bamphisahi, Post.- Telengabazar, P.S.- Purighat, Cuttack-753009 do hereby declare that by virtue of an affidavit before Notary, Cuttack that I have changed my name from Madhabilata Sahu to Sanjukta Sahu. Henceforth I will be known as Sanjukta Sahu for all purposes. D-294

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Anita Joshi, W/o Raj Kumar Joshi, resident of Gandhi Nagar, 5th Lane East, near Spectrum Colony, Berhampur, P.S.- B.Sadar, Dist.- Ganjam, Odisha, PIN-760001 declare that I have corrected my name in my daughter namely Ranshu Joshi's CBSE 10th Certificate bearing Reg. No.- BSE/ 12/08388/00130 from Happy Joshi to 'Anita Joshi' for all purpose, vide affidavit No.- A- 525, dt.11.05.2024 before the Notary Public, Berhampur, Ganjam, Odisha. Both the names stand for one and the same person i.e myself. D-292

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ମନେ ପଡ଼ନ୍ତି

ତୃତୀୟ ଶ୍ରାଦ୍ଧବାର୍ଷିକୀ



୰ଶ୍ୟାମ ସୁନ୍ଦର ଭୋଇ
ରେଢ଼ାଖୋଲ, ସମ୍ବଲପୁର
ଆବିର୍ଭାବ: ତା୧୧।୦୫।୧୯୪୩
ତିରୋଧାନ: ତା୧୮।୦୫।୨୦୨୧
(ବୈଶାଖ ଶୁକ୍ଳପକ୍ଷ ସପ୍ତମୀ)
"ବାପା! ଆଜିକୁ ତିନି ବର୍ଷ ବିତିଗଲା। ତୁମେ ଚାଲିଗଲ ସିନା, ହେଲେ ଆମ ସ୍ମୃତି ପଟରେ ତୁମର ସ୍ନେହାଶିଷ, ତୁମ ଉପଦେଶ ଆମ ଜୀବନର ଚଲାପଥରେ ପ୍ରେରଣାର ଉତ୍ସ। ତୁମର ମହତ ଗୁଣାବଳୀ ସବୁଦିନ ଆମ ସମସ୍ତଙ୍କ ପାଥେୟ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ ତଳେ ତୁମ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଆପଣଙ୍କର: ପତ୍ନୀ, ପୁତ୍ର, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ବନ୍ଧୁ ପରିଜନ।
ଧ-୨୯୧

ସ୍ମୃତି ତର୍ପଣ
ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ



୰ହରିହର ମହାରଣା
ଆବିର୍ଭାବ - ୦୩.୧୨.୧୯୩୯
ସ୍ଥାନ - ଖଣ୍ଡପଡ଼ା, ନୟାଗଡ
ତିରୋଧାନ - ୨୭.୦୪.୨୦୨୩
ସ୍ଥାନ - ପ୍ଲଟ - ୪୮୩୪, ବଢେଇସିଆଣି, ଭୁବନେଶ୍ୱର
ତୁମେ ଏମିତି ଆକସ୍ମିକ ଭାବରେ ଆମମାନଙ୍କୁ ଶୋକସାଗରରେ ଭସାଇ ଚାଲିଗଲ ଈଶ୍ୱରଙ୍କ ପାଖକୁ। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲପାଇବା, ପରୋପକାର, କର୍ତ୍ତବ୍ୟ ପରାୟଣତା, ଧର୍ମାନୁରାଗ ସର୍ବୋପରି ସରଳ ଜୀବନଧାରା ଆମପାଇଁ ସଦା ପ୍ରେରଣା ହୋଇ ରହିବ।
ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଙ୍କଜରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି, ନାତୁଣୀ, ପୁତୁରା-ଝିଆରୀ, ଭଣଜା-ଭାଣିଜୀ ଏବଂ ପତ୍ନୀ, ପରିବାର ବନ୍ଧୁ ତଥା ଆତ୍ମୀୟ ସ୍ୱଜନ
ଧ-୭୫୩୩୧

# ସୂତା ଶାଢ଼ିରେ ବି ଲାଗିବେ ସ୍ଲିମ୍...

**ଧାରଣା ରହିଛି ସୂତା ଶାଢି ପିନ୍ଧିଲେ ସମସ୍ତେ ଟିକେ ମୋଟା ଦେଖାଯାନ୍ତି। କିନ୍ତୁ ସୂତା ଶାଢି ପିନ୍ଧି ବି ସ୍ଲିମ୍ ଦେଖାଯିବା ପାଇଁ ଚାହୁଁଛନ୍ତି ତାହେଲେ ଆପଣାନ୍ତୁ କେତୋଟି ଟିପ୍ସ...**



▶ ସୂତା ଶାଢ଼ି ପିନ୍ଧୁଥିଲେ ପ୍ରଥମେ ରଙ୍ଗ ଦେଖି ଚୟନ କରନ୍ତୁ। ଭଲ ରଙ୍ଗର ଶାଢି ହିଁ ପର୍ଫେକ୍ଟ ଲୁକ୍ ଦେଇପାରିବ। ପ୍ରାୟତଃ କଳା, ଲାଲ୍, ବ୍ଲୁ ଓ ବ୍ରାଉନ୍ କଲରର ଶାଢ଼ି ପିନ୍ଧନ୍ତୁ, ଭଲ ଲାଗିବ। ଏହା ବ୍ୟତୀତ ପ୍ଲେନ୍ ଶାଢ଼ିକୁ ଠିକ୍ ଢଙ୍ଗରେ ପିନ୍ଧିଲେ ବି ସାମାନ୍ୟ ପତଳା ଦେଖାଯିବେ। ତେବେ ମିକ୍ସ କଟନ୍ ଶାଢ଼ି ପିନ୍ଧନ୍ତୁ, ଅଧିକ ସୁନ୍ଦର ଲାଗିବ। ତେବେ ଏଭଳି ଶାଢ଼ି ସହ ସ୍ଲିଭ୍‌ଲେସ୍ ବ୍ଲାଉଜ୍ ପିନ୍ଧନ୍ତୁ, ପତଳା ଲାଗିବା ସହ ସୁନ୍ଦର ଦେଖାଯିବେ।

▶ ସ୍ଲିମ୍ ଏବଂ ଲମ୍ବା ଦେଖାଯିବା ପାଇଁ ଶାଢ଼ିକୁ ଭଲ ଭାବେ ଟାଇଟ୍ କରି ପିନ୍ଧନ୍ତୁ। ଏହା ସହ ଶାଢ଼ିର ପଣତକୁ ଲମ୍ବା ଓ ଖୋଲା ରଖନ୍ତୁ। ଯଦି ଭାଙ୍ଗ କରି ପିନ୍ଧିବାକୁ ଚାହୁଁଛନ୍ତି ତେବେ ପତଳା ଭାଙ୍ଗ କରି ପିନ୍ଧନ୍ତୁ।

▶ ସୂତା ଶାଢ଼ିର ଭାଙ୍ଗକୁ ଠିକ୍ ଭାବରେ ପିନ୍ ଲଗାନ୍ତୁ, ନଚେତ୍ ଏହା ଅଧିକ ଫୁଲା ହୋଇ ରହିବା ଭଳି ଲାଗିବ।

▶ ଶାଢ଼ିର କୁଞ୍ଚକୁ ଠିକ୍ ଭାଙ୍ଗକରି ହାତରେ ଭଲଭାବେ ଟାଇଟ୍ କରି ତଳଆଡକୁ ଲମ୍ବାଇ ଟାଣି ଦିଅନ୍ତୁ। ଏହା ପରେ କୁଞ୍ଚରେ ମଧ ପିନ୍ ଲଗାଇ ପିନ୍ଧନ୍ତୁ। ଏମିତି ହେଲେ ସୂତା ଶାଢ଼ିରେ ବି ସ୍ଲିମ୍ ଓ ସୁନ୍ଦର ଦେଖାଯିବେ।

# ଗରମରେ ଆରାମ



**ଖରାଦିନେ ଅତ୍ୟଧିକ ଗରମରେ ମୁଣ୍ଡବିନ୍ଧା, ବାନ୍ତି କିମ୍ବା ହାଲିଆ ଲାଗିବା ଭଳି ବିଭିନ୍ନ ସମସ୍ୟା ଦେଖାଦେଇଥାଏ। ତେବେ ଏସବୁ ସମସ୍ୟାରୁ ମୁକୁଳିବା ପାଇଁ ହେଲେ ଆପଣାନ୍ତୁ କିଛି ଘରୋଇ ଉପାୟ।**



⏭ଗରମରୁ ରକ୍ଷା ପାଇବା ପାଇଁ ପୁଦିନାର ବ୍ୟବହାର ବେଶ୍ ଫାଇଦା ଆଣିଥାଏ। ପୁଦିନା ସହ ଲେମ୍ବୁର ସରବତ୍ କିମ୍ବା ଅନ୍ୟ ଯେକୌଣସି ଜୁସ୍‌ରେ ପୁଦିନା ମିଶାଇ ପିଅନ୍ତୁ। ଏହା ଶରୀରକୁ ଭିତରୁ ଥଣ୍ଡା ପ୍ରଦାନ କରିବ। ଏହାକୁ ଚଟଣି କରି ବି ଖାଇପାରିବେ।

⏭ଖରାର ପ୍ରକୋପରୁ ଶରୀରକୁ ରକ୍ଷାକରିବା ପାଇଁ ମେଥି ମଧ ବ୍ୟବହାର କରିପାରିବେ। ଏଥିପାଇଁ ମେଥିକୁ ରାତି ସାରା ଭିଜାଇ ସକାଳୁ ଏହାର ପାଣି ପିଅନ୍ତୁ। ଶରୀରର ତାପମାତ୍ରାକୁ ନିୟନ୍ତ୍ରଣ କରିବାରେ ଏହି ପାଣି ବେଶ୍ ସହାୟକ ହୋଇପାରିବ।

⏭ଅତ୍ୟଧିକ ତାପମାତ୍ରା ପ୍ରଭାବରୁ ଶରୀରକୁ ରକ୍ଷାକରିବା ପାଇଁ ପ୍ରତିଦିନ ପିଆଜ ଖାଆନ୍ତୁ। ଏଥିରେ ଆଣ୍ଟି ଇମ୍ଫ୍ଲେମେଟରି ଏବଂ ଆଣ୍ଟି ଏଲର୍ଜିକ ଗୁଣ ରହିଛି। ତେଣୁ ଏହା ଖାଇବା ଫଳରେ ଅଂଶୁଘାତ ସମସ୍ୟାକୁ ଅନେକାଂଶରେ ଏଡ଼ାଇବା ସମ୍ଭବ ହୋଇଥାଏ। ତେବେ ପିଆଜର ପେଷ୍ଟ ତିଆରି କରି କାନର ପଛପଟେ ଏବଂ ଛାତି ଉପରେ ଲଗାଇଲେ ଶରୀରରେ ତାପମାତ୍ରା କିଛିମାତ୍ରାରେ ନିୟନ୍ତ୍ରିତ ହୋଇଥାଏ।

⏭ତେନ୍ତୁଳି ମଧ ଖରା ପ୍ରଭାବରୁ ଶରୀରକୁ ରକ୍ଷା କରିଥାଏ। ଏହାକୁ ଚଟଣିରେ ଖାଇପାରିବେ ଏବଂ ମଥାରେ ଲଗାଇଲେ କେତେକାଂଶରେ ଆରାମ ମିଳିଥାଏ।

# କେମିତି କମାଇବେ ଖର୍ଚ୍ଚ

**ବେଳେବେଳେ ସ୍ୱାମୀଙ୍କର ଖର୍ଚ୍ଚୀ ସ୍ୱଭାବ ଘରର ଆର୍ଥିକ ସ୍ଥିତିକୁ ବିଗାଡ଼ି ଦେଇଥାଏ। ଏଥିପାଇଁ ଅନେକ ସମୟରେ ସୁରୁଖୁରୁରେ ଘର ଚଳାଇବା ସମସ୍ୟା ହୋଇପଡେ ଗୃହିଣୀଙ୍କ ପାଇଁ। ତେବେ ଏଭଳି ଅଭ୍ୟାସ ବଦଳାଇ ଘର ବଜେଟକୁ ସଜାଡ଼ିବାକୁ ହେଲେ କିଛି କଥା ଉପରେ ଧ୍ୟାନ ଦେବାକୁ ହେବ...**



ଘରର ସବୁ ଖର୍ଚ୍ଚ ନିୟନ୍ତ୍ରଣକରି ଆର୍ଥିକ ବୋଝ କମ୍ କରିବା ପାଇଁ ଚେଷ୍ଟା କରିଥାନ୍ତି ଗୃହିଣୀ। ଏମିତିକି ଖର୍ଚ୍ଚକାଟ କରି କିଛି ଅର୍ଥ ସଞ୍ଚୟ କରିବା ମଧ ଜଣେ ସୁଗୃହିଣୀଙ୍କର ଲକ୍ଷଣ ବୋଲି କୁହାଯାଏ। ଏସବୁ ଭିତରେ ଅନେକ ସମୟରେ ସ୍ୱାମୀଙ୍କର ଅନାବଶ୍ୟକ ଶପିଂ, ଅଯଥା ଖର୍ଚ୍ଚ କରିବା ସ୍ୱଭାବ ଚିନ୍ତାରେ ପକାଇଥାଏ। ଖର୍ଚ୍ଚକୁ ନିୟନ୍ତ୍ରଣ ନ କଲେ ପୂରା ପରିବାର ସମସ୍ୟା ଘେରକୁ ଆସିଯିବ। ତେଣୁ ଠିକ୍ ସମୟରେ ସବୁକିଛି ସଜାଡ଼ି ନେବାକୁ ସଚେତନ ରହିଥାନ୍ତି ଗୃହିଣୀ। ଏହି ଦୃଷ୍ଟିରୁ ସ୍ୱାମୀଙ୍କର ଖର୍ଚ୍ଚ ଉପରେ ବି ଅଙ୍କୁଶ ଲଗାଇବାକୁ ଭୁଲନ୍ତି ନାହିଁ। ହେଲେ ଏସବୁ ଶାନ୍ତ ମନରେ ଭାବିଚିନ୍ତି କରିବାକୁ ପଡ଼ିବ। ନଚେତ୍ ଘରର ବଜେଟ ଓଲଟପାଲଟ ହେବା ସହ ସମ୍ପର୍କରେ ଫାଟ ସୃଷ୍ଟି ହେବ। ତେଣୁ ଏଭଳି ପରିସ୍ଥିତିରେ କ'ଣ ସବୁ କରିବେ ଜାଣିରଖନ୍ତୁ।

**ସବୁବେଳେ କୁହନ୍ତୁ ନାହିଁ:** ସୁଯୋଗ ଦେଖି ସ୍ୱାମୀଙ୍କୁ ଖର୍ଚ୍ଚ କମ୍ କରିବା ପାଇଁ ପରାମର୍ଶ ଦିଅନ୍ତୁ। କିନ୍ତୁ ବାରମ୍ବାର ତାଙ୍କୁ ଏପରି କଥା କୁହନ୍ତୁ ନାହିଁ। ଏପରି କରିବା ଫଳରେ ତାଙ୍କୁ ହୁଏତ ଭଲ ଲାଗି ନ ପାରେ। ଫଳରେ ସମ୍ପର୍କରେ ହୁଏତ ଫାଟ ସୃଷ୍ଟି ହୋଇପାରେ। ତେଣୁ ଏସବୁ ବିଷୟରେ କହିବା ପାଇଁ ଉଚିତ ସମୟ ସ୍ଥିର କରନ୍ତୁ। ଯେତେବେଳେ ତାଙ୍କ ମନ ଭଲ ଥିବ ଏବଂ ଅନ୍ୟ କେହି ଉପସ୍ଥିତ ନ ଥିବେ ସେସମୟରେ ତାଙ୍କୁ ଘରର ଆର୍ଥିକ ସ୍ଥିତି ସମ୍ପର୍କରେ ଜଣାଇ ଖର୍ଚ୍ଚ ଉପରେ ନିୟନ୍ତ୍ରଣ କରିବା ନେଇ ପରାମର୍ଶ ଦେଇପାରିବେ।

**ବେଳେବେଳେ ସମର୍ଥନ:** ଖର୍ଚ୍ଚ ବିଷୟରେ କିଛି କଥାବାର୍ତ୍ତା କରିବା ପୂର୍ବରୁ ପ୍ରଥମେ ଘରର ଆର୍ଥିକ ଅବସ୍ଥା ନେଇ ବିଚାରବିମର୍ଶ କରନ୍ତୁ। ପରିବାରର କେଉଁ ସବୁ ଆବଶ୍ୟକତା ପାଇଁ ନିହାତି ଖର୍ଚ୍ଚ କରିବାକୁ ହେବ ସେନେଇ ଉଭୟେ ବିଚାର କରନ୍ତୁ। ଏ କ୍ଷେତ୍ରରେ ଉଭୟଙ୍କର ସହମତି ରହିବା ଦରକାର। ପ୍ରଥମେ ଘରର ଆବଶ୍ୟକତା ପୂରଣ ହେବା ପରେ ହିଁ ଅନ୍ୟ ଖର୍ଚ୍ଚ କରିବା ଦରକାର। ତେଣୁ ଏସବୁ ନେଇ ଭଲଭାବେ କଥାବାର୍ତ୍ତା ହେବା ପରେ ଆପଣ ସ୍ୱାମୀଙ୍କୁ ତାଙ୍କର ଅନ୍ୟ ଖର୍ଚ୍ଚ ନେଇ କହିପାରିବେ। ତା' ଛଡ଼ା ସବୁବେଳେ ଯେ ତାଙ୍କର ଖର୍ଚ୍ଚ ଅଯଥା ହୋଇପାରେ ତା' ନୁହେଁ। ତେଣୁ ବେଳେବେଳେ ତାଙ୍କର ଚିନ୍ତାଧାରାକୁ ସମର୍ଥନ ବି କରିବାକୁ ହେବ।

**ଖର୍ଚ୍ଚର କାରଣ ଜାଣନ୍ତୁ:** କେଉଁ କାରଣ ପାଇଁ ସ୍ୱାମୀ ଅଧିକ ଖର୍ଚ୍ଚ କରୁଛନ୍ତି ସେକଥା ଜାଣିବା ପାଇଁ ଚେଷ୍ଟା କରନ୍ତୁ। ଯଦି କୌଣସି ମହତ ଉଦ୍ଦେଶ୍ୟ ପାଇଁ ସେ କିଛିଟା ଅଧିକ ଖର୍ଚ୍ଚ କରୁଛନ୍ତି ତେବେ ତାଙ୍କୁ ସମର୍ଥନ କରନ୍ତୁ। ସେଭଳି ସ୍ଥିତିରେ ବରଂ ଘରର ଅନ୍ୟ ଖର୍ଚ୍ଚକୁ କମ୍ କରି ଦିଅନ୍ତୁ। ମାତ୍ର ସ୍ୱାମୀଙ୍କୁ ଏ ପରିସ୍ଥିତିରେ ସମର୍ଥନ କରନ୍ତୁ। ଅଯଥାରେ କୌଣସି ଖର୍ଚ୍ଚ କରୁଥିଲେ ତାକୁ କମ୍ କରିବା ପାଇଁ ପରାମର୍ଶ ଦିଅନ୍ତୁ।

**ଶପିଂ ବେଳେ ବୁଝାନ୍ତୁ:** ସ୍ୱାମୀ ଯଦି କୌଣସି ଅନାବଶ୍ୟକ ଖର୍ଚ୍ଚ କରୁଥିବା ଅନୁଭବ କରୁଛନ୍ତି ତେବେ ସବୁଠୁ ଭଲ ହେବ କି ଶପିଂ କରିବା ସମୟରେ ତାଙ୍କୁ ଠିକ୍ ନିଷ୍ପତ୍ତି ନେବାପାଇଁ ପରାମର୍ଶ ଦେବା। କାରଣ ତରବରିଆଭାବେ ଶପିଂ କରିବା ସମୟରେ ଅଯଥାରେ ଅନେକ କିଛି କିଣା ହୋଇଯାଏ। ତେଣୁ ଘର ପାଇଁ କ'ଣ ସବୁ ଆବଶ୍ୟକ ଅଛି ତା'ର ଏକ ତାଲିକା ତିଆରିକରି ସ୍ୱାମୀଙ୍କୁ ଦିଅନ୍ତୁ। ଏହା ସହ ସମୟ ଥିଲେ ନିଜେ ଶପିଂ ପାଇଁ ସାଙ୍ଗରେ ଯାଇ ସବୁ ଜିନିଷକୁ ଭଲଭାବେ ଦେଖି ବିଚାର କରି କିଣିବାରେ ସାହାଯ୍ୟ କରନ୍ତୁ। ଅନେକ ସମୟରେ କିଛି ଜିନିଷ ଉପରେ ଡିସ୍‌କାଉଣ୍ଟ ରହିଥାଏ, କିନ୍ତୁ ଆବଶ୍ୟକ ନ ଥିଲେ କିଛି କିଣନ୍ତୁ ନାହିଁ।



## ସେମାନେ କ'ଣ କରନ୍ତି..

### ଶପିଂ ବେଳେ ସାଙ୍ଗରେ ଯାଏ



ଶପିଂ କରିବାକୁ ସେ ବହୁତ ଭଲପାଆନ୍ତି। ତାଙ୍କର ଏହି ଗୁଣ ମତେ ଆଦୌ ଭଲ ଲାଗେନି। କାହିଁକିନା ବହୁ ଥର ଆବଶ୍ୟକ ନ ଥିଲେ ବି ବିଭିନ୍ନ ପ୍ରକାର ଡ୍ରେସ୍ କିମ୍ବା ଘର ପାଇଁ କିଛି ଜିନିଷ କିଣିଆଣନ୍ତି। ମତେ ଖୁସି ଲାଗେ, କିନ୍ତୁ ମନେହୁଏ ଯେ ସେସବୁ ପାଇଁ ସେ ବହୁତ ଅଧିକ ଖର୍ଚ୍ଚ କରି ଦେଇଛନ୍ତି। ସେଥିପାଇଁ ମୁଁ ସବୁବେଳେ ତାଙ୍କୁ କହେ କି ଯାହା କିଛି ବି କିଣିବା ଦରକାର ପଡ଼ିବ ମତେ ସାଙ୍ଗରେ ନେଇଯିବ। ମୁଁ ପସନ୍ଦ କରି କିଣି ଆଣିବି। ଏହି ମାଧ୍ୟମରେ କିଛିଟା ଖର୍ଚ୍ଚ କମ୍ କରିଥାଏ। ତାଙ୍କୁ ଏକୁଟିଆ କିଛି କିଣିବା ପାଇଁ ଆଦୌ ସୁଯୋଗ ଦିଏନି। *-ସ୍ମିତା ପଟ୍ଟନାୟକ, କର୍ମଜୀବୀ, ଭୁବନେଶ୍ୱର*

### ଦରକାରୀ ଜିନିଷ କିଣିବାକୁ କୁହେ



ମୋ ଦୃଷ୍ଟିରେ ସେ ଅଧିକ ଖର୍ଚ୍ଚ କରନ୍ତି ସତ, କିନ୍ତୁ ମୁଁ କିଛି କହିପାରେନି। କାରଣ ସେ ଘରେ ସମସ୍ତଙ୍କ ପାଇଁ ଚିନ୍ତାକରି ଖର୍ଚ୍ଚ କରନ୍ତି। ତେଣୁ ତାଙ୍କ ଖର୍ଚ୍ଚକୁ ବନ୍ଦ କରିବା ପାଇଁ କେବେ ବି ଚେଷ୍ଟା କରେନି। କିନ୍ତୁ ତାଙ୍କ ମାଧ୍ୟମରେ ସମସ୍ତଙ୍କ ପାଇଁ ଯାହା ବେଶି ଦରକାରୀ ସେଭଳି ଜିନିଷ କିଣିବା ପାଇଁ ପରାମର୍ଶ ଦେଇଥାଏ। ଦରକାର ହେଲେ ତାଙ୍କ ସହ ଶପିଂ କରିବାକୁ ଯାଏ ଓ ନିଜ ପସନ୍ଦରେ କିଛି କିଣିଦେଇଥାଏ। ସେହି ମାଧ୍ୟମରେ ପଇସା ଅଯଥାରେ ଖର୍ଚ୍ଚ କରିବାକୁ କିଛିଟା ରୋକିପାରିଥାଏ।

*-ସଙ୍ଗୀତା ଦାସ, କର୍ମଜୀବୀ, ନୟାପଲ୍ଲୀ ବ୍ରିଟ୍ କଲୋନି, ଭୁବନେଶ୍ୱର*

### କଥାବାର୍ତ୍ତା ହୋଇ ସମାଧାନ କରୁ



ବହୁ ଥର ମତେ ନ କହି ସେ ଜିନିଷ ସବୁ କିଣିଦିଅନ୍ତି। କିନ୍ତୁ କିଛି ଜିନିଷ କିଣିବା ପାଇଁ ମୁଁ ତାଙ୍କୁ ମନାକରେ। କାରଣ ସବୁବେଳେ ସେ ଶୀଘ୍ର ଆଉ ତରବର ହୋଇ କିଣି ଆଣନ୍ତି। ଏଥିପାଇଁ ତାଙ୍କୁ ଯେତେ ଜଗିଲେ ବି କାହାକୁ କିଛି ନ କହି କିଣି ଦିଅନ୍ତି। କିନ୍ତୁ ଏକଥା ସତ କି କୌଣସି ଅଯଥା ଜିନିଷ ସେ କିଣନ୍ତି ନାହିଁ, ଯାହା ପରେ ଦରକାରରେ ଆସେ। ତେଣୁ ତାଙ୍କ ଖର୍ଚ୍ଚକୁ ନେଇ କେବେ ଯୁକ୍ତିତର୍କ କରେନି। କିନ୍ତୁ ଘର ଖର୍ଚ୍ଚ ପାଇଁ ଆବଶ୍ୟକ ଅର୍ଥ କମ୍ ପଡ଼ିଲେ ତାଙ୍କୁ କହିବାକୁ ବାଧ୍ୟ ହୁଏ। ଶେଷରେ ଉଭୟେ କଥାବାର୍ତ୍ତା ହୋଇ ଆର୍ଥିକ ସମସ୍ୟାର ସମାଧାନ କରିଥାଉ।

*-ସୁଚରିତା ସାହୁ, ଗୃହିଣୀ, ଜଗଦଳପୁର, ଛତିଶଗଡ଼*





ସୌନ୍ଦର୍ଯ୍ୟ

# ଖରାଦିନେ ସାଙ୍ଗରେ ନିଅନ୍ତୁ

**ଖରାରେ ବାହାରକୁ ଗଲେ ତ୍ୱଚାର ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେଇଥାଏ। ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ହେଲେ କ'ଣ କରିବେ ଜାଣିରଖନ୍ତୁ।**



⏭ଘରୁ ଯଦି ନିହାତି ବାହାରକୁ ଯିବାକୁ ପଡ଼େ ତା'ହେଲେ ତ୍ୱଚାର ଯତ୍ନନେବାକୁ ଆଦୌ ଭୁଲନ୍ତୁ ନାହିଁ। ଏହା ସହ ବାହାରକୁ ଯିବା ସମୟରେ ହ୍ୟାଣ୍ଡବ୍ୟାଗ୍‌ରେ ନିହାତି ଜରୁରୀ ସାମଗ୍ରୀ ସବୁ ରଖନ୍ତୁ।

⏭ସର୍ବପ୍ରଥମେ ଖରାକୁ ବାହାରିବା ପୂର୍ବରୁ ସନ୍‌ସ୍କ୍ରିନ୍ ଲୋସନ ଲଗାନ୍ତୁ ଏବଂ ହ୍ୟାଣ୍ଡ ବ୍ୟାଗ୍‌ରେ ଏହି ଲୋସନ ସାଙ୍ଗରେ ନେଇ ଯାଆନ୍ତୁ। ଆବଶ୍ୟକ ହେଲେ ପୁଣି ଥରେ ଲଗାଇ ପାରିବେ। ସବୁବେଳେ ୩୦ ରୁ ୫୦ ଏସ୍‌ପିଏଫ୍ ଥିବା ସନ୍‌ସ୍କ୍ରିନ୍ ଲୋସନ ଲଗାନ୍ତୁ। ଖରାରେ ଅଲ୍‌ଟ୍ରା ଭାଓଲେଟ୍ କିରଣର କୁପ୍ରଭାବରୁ ତ୍ୱଚାକୁ ରକ୍ଷା କରିବାରେ ଏହା ସହାୟକ ହୋଇଥାଏ।

⏭ଅତ୍ୟଧିକ ଖରାରେ ବାହାରକୁ ଗଲେ ଆଖିର ବିଭିନ୍ନ ସମସ୍ୟା ଦେଖା ଦେଇପାରେ। ତେଣୁ ବାହାରକୁ ଯିବା ପୂର୍ବରୁ ସନ୍‌ଗ୍ଲାସ୍ ଲଗାନ୍ତୁ। ତେବେ ଭଲ କ୍ୱାଲିଟିର ସନ୍‌ଗ୍ଲାସ୍ ପିନ୍ଧନ୍ତୁ।

⏭ଖରାରେ ଶରୀର ଯେପରି ଡିହାଇଡ୍ରେଟ୍ ନ ହେବ ସେଥିପାଇଁ ସାଙ୍ଗରେ ପାଣି ବୋତଲ ନିଅନ୍ତୁ ଏବଂ ଅଧିକ ପାଣି ପିଅନ୍ତୁ।

⏭ଖରାରେ ଯିବା ସମୟରେ ସ୍କାର୍ଫ, ଛତା କିମ୍ବା କ୍ୟାପ୍ ସାଙ୍ଗରେ ନେଇଯାଆନ୍ତୁ। ସୂର୍ଯ୍ୟକିରଣର ସିଧାସଳଖ ପ୍ରଭାବରୁ ଏହା ତ୍ୱଚାକୁ ରକ୍ଷା କରିପାରିବ।

⏭ଅଧିକ ଫଳ ଖାଆନ୍ତୁ। ଶରୀରକୁ ଏନର୍ଜି ମିଳିବ ଓ ଖରାରେ ଆପଣ ହାଲିଆ ହେବେ ନାହିଁ।



ଖାଦ୍ୟରୁଚି

# କୋଲ୍ଡ କଫି



**ଆବଶ୍ୟକ ସାମଗ୍ରୀ**

କଫି ପାଉଡର- ୪ ବଡ଼ ଚାମଚ, ମିଲ୍କ କ୍ରିମ୍- ଅଧା କପ୍ , କ୍ଷୀର- ୩ ରୁ ୪ କପ୍, ଚିନି- ଆବଶ୍ୟକ ଅନୁସାରେ, ଚକୋଲେଟ୍ ସିରପ୍- ଅଧା କପ୍, ବରଫ- କିଛି ଖଣ୍ଡ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଗ୍ଲାସ୍‌ରେ ଚକୋଲେଟ୍ ସିରପ୍ ଢାଳି ଫ୍ରିଜ୍‌ରେ ରଖିଦିଅନ୍ତୁ। ଏହାପରେ କୋଲ୍ଡ କଫି ତିଆରି କରିବା ନିମନ୍ତେ ଅଳ୍ପ ଉଷୁମ ପାଣିରେ କଫି ଗୁଣ୍ଡକୁ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଏଥିରେ କ୍ଷୀର, ମିଲ୍କ କ୍ରିମ୍, ଚିନି ଓ ବରଫ ଖଣ୍ଡ ମିଶାଇ ଭଲ ଭାବେ ଗ୍ରାଇଣ୍ଡିଂ କରିଦିଅନ୍ତୁ। ମିଶ୍ରଣରୁ ଫେଣ ବାହାରିବା ପର୍ଯ୍ୟନ୍ତ ଗ୍ରାଇଣ୍ଡିଂ କରନ୍ତୁ। ଏବେ ଫ୍ରିଜ୍‌ରୁ ଚକୋଲେଟ୍ ସିରପ୍ ଥିବା ଗ୍ଲାସ୍‌କୁ ବାହାରକରି ସେଥିରେ ଗ୍ରାଇଣ୍ଡିଂ ହୋଇଥିବା ମିଶ୍ରଣକୁ ଢାଳନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା କୋଲ୍ଡ କଫି। ଶେଷରେ ଉପରେ ଅଳ୍ପ ଚକୋଲେଟ୍ ସିରପ୍ ପକାଇ ପିଇବାକୁ ଦିଅନ୍ତୁ। ତେବେ ଚକୋଲେଟ୍ ସିରପ୍ ନ ଥିଲେ ଚକୋଲେଟ୍‌କୁ ମେଲ୍ଟକରି ବ୍ୟବହାର କରିପାରିବେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ମେ ୧୪/୨୦୨୪ Bhubaneswar, Tuesday, May 14/ 2024

# ଶ୍ରାବଣୀ, ପ୍ରଜ୍ଞା, ସ୍ୱାଧୀନଙ୍କୁ ରୌପ୍ୟ




କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଫେଡେରେଶନ କପ୍ ଆଥଲେଟିକ୍ସର ମହିଳା ୨୦୦ ମିଟରରେ ସ୍ୱର୍ଣ୍ଣ ଓ ରୌପ୍ୟ ବିଜୟିନୀ କର୍ନାଟକର ଉନ୍ନଥି ଆୟାପ୍ପା ବୋଲାଣ୍ଡ ଓ ଓଡ଼ିଶାର ଶ୍ରାବଣୀ ନନ୍ଦ। (ଫଟୋ: ବିକାଶ ନାୟକ)

## ଫେଡେରେଶନ କପ୍ ସିନିୟର ଆଥ୍ଲେଟିକ୍ସ

**ଭୁବନେଶ୍ୱର, ୧୩।୫(ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨୭ତମ ଜାତୀୟ ଫେଡେରେଶନ କପ୍ ସିନିୟର ଆଥ୍ଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ଓଡ଼ିଶାକୁ ଗୋଟିଏ ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ପଦକ ମିଳିଛି। ପୁରୁଷ ୨୦୦ ମିଟର ରେସ୍‌ରେ ପ୍ରଥମସ୍ଥାନ ଅଧିକାର କରି ଅନିମେଶ କୁଜୁର ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ତେବେ ସେ ମାତ୍ର ୧୦ ସେକେଣ୍ଡ ପାଇଁ ଜାତୀୟ ରେକର୍ଡ ଭାଙ୍ଗିବାରୁ ବଞ୍ଚିତ ହୋଇଛନ୍ତି। ମହିଳା ୨୦୦ ମିଟରରେ ଶ୍ରାବଣୀ ନନ୍ଦ ଏବଂ ମହିଳା ୧୦୦ ମିଟର ହର୍ଡଲ୍ସରେ ପ୍ରଜ୍ଞା ପ୍ରଶାନ୍ତି ସାହୁ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ପୁରୁଷ ହାଇଜମ୍ପରେ ରୌପ୍ୟ ପଦକ ଅର୍ଜନ କରିଛନ୍ତି ଓଡ଼ିଶାର ସ୍ୱାଧୀନ କୁମାର ମାଝି। ମହିଳା ୨୦୦ ମିଟର ରେସ୍‌ରେ ଶ୍ରାବଣୀ ୨୩.୮୯ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। କର୍ନାଟକର ଉନ୍ନଥି ଆୟାପ୍ପା ବୋଲାଣ୍ଡ ୨୩.୮୫ ସେକେଣ୍ଡ ସହ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ଗୁଜରାଟର ଦିବ୍ୟାନିବା ମହେନ୍ଦ୍ରସିନ୍ (୨୪.୧୪)। ସେହିପରି ମହିଳା ୧୦୦ ମିଟର ହର୍ଡଲ୍ସରେ ଓଡ଼ିଶାର ପ୍ରଜ୍ଞା ୧୩.୪୦ ସେକେଣ୍ଡ ନେଇ ରୌପ୍ୟ ପଦକ ହାସଲ କରିଛନ୍ତି। ତାମିଲନାଡୁର ନିଥ୍ୟା ରାମରାଜ ୧୩.୧୪ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ ପଶ୍ଚିମବଙ୍ଗର ମୌମିତା ମଣ୍ଡଳ ୧୩.୬୪ ସେକେଣ୍ଡ ନେଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଅନୁଗୋଳର ସ୍ୱାଧୀନ ପୁରୁଷ ହାଇଜମ୍ପରେ ୨.୦୯ ମିଟର କ୍ଲିୟର କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। କର୍ନାଟକର ଚେତନ ବି. ୨.୦୯ ମିଟର ସହ ପ୍ରଥମ ଓ ଆନ୍ଧ୍ର ପ୍ରଦେଶର ସେକ୍ ମୋହିଦ୍ଦିନ ୨.୦୫ ମିଟର ସହିତ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଅନ୍ୟତମ ଓଡ଼ିଆ ଖେଳାଳି ନିଖିଲ ଦାସ ୨.୦୫ ମିଟର ଜମ୍ପ କରିଥିଲେ ହେଁ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଛନ୍ତି।






୧୦୦ ମିଟର ହଡଲ୍ସ ଅବସରରେ ପ୍ରଜ୍ଞା ପ୍ରଶାନ୍ତି ସାହୁ। ପଦକ ସହ ସ୍ୱାଧୀନ କୁମାର ମାଝି।

(୧୪.୨୫)ଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ମହିଳା ୮୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି କେ.ଏମ. ଚନ୍ଦା (୨:୦୨.୬୨ ସେକେଣ୍ଡ)। ପଞ୍ଜାବର ଟ୍ୱିଙ୍କିଲ ୨:୦୩.୯୪ ଓ ଅମନଦୀପ କୌର ୨:୦୭.୬୬ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ମହିଳା ଲଙ୍ଗଜମ୍ପରେ କେରଳର ନୟନା ଜେମ୍ସ (୬.୫୩ମି.) ସ୍ୱର୍ଣ୍ଣ, ଉତ୍ତର ପ୍ରଦେଶର ଶାଇଲି ସିଂ (୬.୩୪) ରୌପ୍ୟ ଓ ପଶ୍ଚିମବଙ୍ଗର ମୌମିତା ମଣ୍ଡଳ (୬.୧୮) ବ୍ରୋଞ୍ଜ ହାସଲ କରିଛନ୍ତି। ପୁରୁଷ ବିଭାଗର ଅନ୍ୟ ଇଭେଣ୍ଟ ଗୁଡ଼ିକ ମଧ୍ୟରେ ୮୦୦ ମିଟରରେ ହିମାଚଳ ପ୍ରଦେଶର ଅନିକେଶ ଚୌଧାରୀ (୧:୫୦.୧୬ ସେକେଣ୍ଡ), ହରିୟାଣାର ସୋମନାଥ ଚୌହାନ (୧:୫୦.୧୬) ଓ କେରଳର ମହମ୍ମଦ ଅଫଜଲ ପି. (୧:୫୦.୪୪) ପ୍ରଥମ ୩ ସ୍ଥାନ ଅଧିକାର କରିଛନ୍ତି। ୫୦୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ହିମାଚଳ ପ୍ରଦେଶର ସାୱନ ବରୱାଲ (୧୩.୫୧.୦୧ ସେକେଣ୍ଡ)। ମଧ୍ୟ ପ୍ରଦେଶର ହରମନଜୋତ ସିଂ (୧୩:୫୧.୬୧) ରୌପ୍ୟ ଓ ମହାରାଷ୍ଟ୍ରର କିରନ ମାତ୍ରେ (୧୩:୫୨.୬୨) ବ୍ରୋଞ୍ଜ ପଦକ ଜିତିଛନ୍ତି।

## ଆଭାଙ୍କ ଜାତୀୟ ରେକର୍ଡ

ମହିଳା ଶଟ୍‌ପୁଟ୍ ଥ୍ରୋରେ ନୂଆ ଜାତୀୟ ରେକର୍ଡ ସୃଷ୍ଟି କରିଛନ୍ତି ମହାରାଷ୍ଟ୍ରର ଆଭା ଖଟୁଆ। ସେ ୧୮.୪୧ ମିଟର ଥ୍ରୋ କରି ଏହି କୃତୀତ୍ୱ ଅର୍ଜନ କରିଛନ୍ତି। ପୂର୍ବରୁ ମନପ୍ରୀତ କୌରଙ୍କ ନାମରେ ଜାତୀୟ ରେକର୍ଡ ଦୂରତ୍ୱ ଥିଲା ୧୮.୦୬ ମିଟର। ତେବେ ଆଭା ଅଲିମ୍ପିକ୍ସ କ୍ୱାଲିଫାଇଂ ମାର୍କ ୧୮.୮୦ ମିଟର ସ୍ପର୍ଶ କରିବାରେ ବିଫଳ ହୋଇଛନ୍ତି। ଉତ୍ତର ପ୍ରଦେଶର କିରନ ବାଲିୟାନ ୧୬.୫୪ ଓ ଦିଲ୍ଲୀର ସୃଷ୍ଟି ଭିଗ୍ ୧୫.୮୬ ମିଟର ଥ୍ରୋ କରି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ପୁରୁଷ ଡିସ୍କସ୍ ଥ୍ରୋରେ ହରିୟାଣାର ନିର୍ଭୟ ସିଂ (୫୫.୨୭ ମି.), ପଞ୍ଜାବର ଗଗନଦୀପ ସିଂ (୫୪.୩୮) ଓ ମଣିପୁରର ଓଇନମ ଅଲସନ ସିଂ (୫୨.୦୩ମି.) ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି। ସେହିପରି ପୁରୁଷ ୧୧୦ ମିଟର ହର୍ଡଲ୍ସରେ ତାମିଲନାଡୁର ମନଭୀର ୧୪.୦୩ ଓ ନିଶାନ୍ତରାଜା ଜି. ୧୪.୨୨ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଛନ୍ତି। କେରଳର ସଚିନ ବିନୁ




କଳିଙ୍ଗ ଷ୍ଟାଡିୟମ୍‌ରେ ସୋମବାର ଲଙ୍ଗଜମ୍ପ ଅବସରରେ ଜଣେ ମହିଳା ଆଥଲେଟ।

## ନୀରଜ, କିଶୋର ସିଧାସଳଖ ଫାଇନାଲରେ ପ୍ରତିଦ୍ୱନ୍ଦ୍ୱିତା କରିବେ

ଓଡ଼ିଶାର କିଶୋର ଜେନା ଓ ଭାରତର ତାରକା ଆଥଲେଟ୍ ନୀରଜ ଚୋପ୍ରା ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ସିଧାସଳଖ ଫାଇନାଲରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଫେଡେରେଶନ କପ୍ ଆଥ୍ଲେଟିକ୍ସ ପାଇଁ ଧାର୍ଯ୍ୟ କରାଯାଇଥିବା ସର୍ବନିମ୍ନ କ୍ୱାଲିଫିକେଶନ ମାର୍କ ୭୫ ମିଟରକୁ ଏହି ଦୁଇ ଆଥଲେଟ୍ ସେମାନଙ୍କ କ୍ୟାରିୟରରେ ଅନେକ ଥର ଅତିକ୍ରମ କରିଥିବାରୁ ଆଥଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ପକ୍ଷରୁ ସେମାନଙ୍କୁ ଡାଇରେକ୍ଟ ଏଣ୍ଟ୍ରି ମିଳିଛି। ଗତ ସପ୍ତାହରେ ଦୋହାରେ ଅନୁଷ୍ଠିତ ଡାଇମଣ୍ଡ ଲିଗ୍‌ରେ ନୀରଜ ୮୮.୩୮ ମିଟର ଥ୍ରୋ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଏସିଆନ ଗେମ୍ସ ସିଲ୍‌ଭର ମେଡାଲିଷ୍ଟ କିଶୋର ନିଜ ଡାଇମଣ୍ଡ ଲିଗ୍ ଡେବ୍ୟୁରେ ଶ୍ରେଷ୍ଠ ପ୍ରଦର୍ଶନ କରିପାରି ନ ଥିଲେ ହେଁ ୭୬.୩୧ ମିଟର ଥ୍ରୋ କରିଥିଲେ। ୮୫.୫୦ ମିଟର ଥ୍ରୋ କରି ଅଲିମ୍ପିକ୍ସ ଯୋଗ୍ୟତା ଲକ୍ଷ୍ୟରେ ଥିବା ଡି.ପି. ମନୁଙ୍କୁ ମଧ୍ୟ ସିଧାସଳଖ ଏଣ୍ଟ୍ରି ମିଳିଛି।

## ପଦାର୍ପଣ ଲଢ଼େଇ ବେଳେ ବକ୍ସରଙ୍କ ମୃତ୍ୟୁ

**ଲଣ୍ଡନ, ୧୩।୫:** ଜଣେ ବ୍ରିଟିଶ ବକ୍ସର ତାଙ୍କ ପ୍ରଥମ ପ୍ରଫେସନାଲ ଲଢେଇରେ ପରାସ୍ତ ହେବାପରେ ପ୍ରାଣ ହରାଇଛନ୍ତି। ରବିବାର ସ୍ଥାନୀୟ ହାରୋ ଲିଜର ସେଣ୍ଟରଠାରେ ଏକ ୬ରାଉଣ୍ଡ ବିଶିଷ୍ଟ ମିଡଲୱେଟ୍ ଫାଇଟ୍‌ର ଚତୁର୍ଥ ରାଉଣ୍ଡରେ ପର୍ତ୍ତୁଗିଜ୍ ବକ୍ସର ମାଲାମ ଭାରେଲାଙ୍କ ପଞ୍ଚ୍‌ରେ ସ୍ଥାନୀୟ ପ୍ରତିଦ୍ୱନ୍ଦୀ ଶେରିଫ ଲାୱାଲ ନକ୍‌ଆଉଟ ହୋଇଯାଇଥିଲେ। ରେଫରି ଲି ଏଭ୍ରି ଆଶୁ ଚିକିତ୍ସା ପାଇଁ ସଂକେତ ଦେଇଥିଲେ। ପରେ ୨୯ ବର୍ଷୀୟ ଲାୱାଲଙ୍କୁ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ବ୍ରିଟିଶ ବକ୍ସିଂ ବୋର୍ଡ ଅଫ୍ କଣ୍ଟ୍ରୋଲ ଶେରିଫ ଲାୱାଲଙ୍କ ଦେହାନ୍ତରେ ତାଙ୍କ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛି। ଏହି କଠିନ ସମୟରେ ଗ୍ରେଟ୍‌ବ୍ରିଟେନର ବକ୍ସିଂ ସମୁଦାୟ ସେମାନଙ୍କ ସହ ଅଛନ୍ତି ବୋଲି ବୋର୍ଡ ପକ୍ଷରୁ 'ଏକ୍ସ'ରେ କରାଯାଇଥିବା ପୋଷ୍ଟରେ ଉଲ୍ଲେଖ କରାଯାଇଛି।

## ଶ୍ୟାମନିଖିଲ ଭାରତର ୮୫ତମ ଗ୍ରାଣ୍ଡମାଷ୍ଟର

**ଦୁବାଇ, ୧୩।୫ (ପି.ଟି.)**

ଦୁବାଇ ପୋଲି ମାଷ୍ଟର୍ସ ଚେସ୍ ଟୁର୍ନାମେଣ୍ଟରେ ତୃତୀୟ ତଥା ଫାଇନାଲ ଗ୍ରାଣ୍ଡମାଷ୍ଟର ଶେଷ କରିବା ପରେ ପି.ଶ୍ୟାମନିଖିଲ ଭାରତର ୮୫ତମ ଗ୍ରାଣ୍ଡମାଷ୍ଟର ହୋଇଛନ୍ତି। ଶ୍ୟାମନିଖିଲ ୮ବର୍ଷ ବୟସରେ ଚେସ୍ ଖେଳ ଆରମ୍ଭ କରିଥିଲେ। ଗ୍ରାଣ୍ଡମାଷ୍ଟର ହେବାଲାଗି ତାଙ୍କୁ ୧୨ବର୍ଷ ଅପେକ୍ଷା କରିବାକୁ ପଡ଼ିଥିଲା। ଗ୍ରାଣ୍ଡମାଷ୍ଟର ହେବାକୁ ହେଲେ ୨୫୦୦ ଏଲୋ ରେଟିଂ ପଏଣ୍ଟ ଦରକାର। ୩୧ ବର୍ଷୀୟ ଶ୍ୟାମନିଖିଲ ଏହି ସଫଳତା ହାସଲ କରିଛନ୍ତି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ